

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୦/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, June 10/2024 | Page 16 ₹ 7.00

୫୦ଶ ଭାଗ ୧୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 196 ମୂଲ୍ୟ₹୭/-




**ଗୁରପ୍ରୀତ୍ ଅଧିନାୟକ ମନୋନୀତ**

କାତାର ବିପକ୍ଷ ମ୍ୟାଚ୍ ପାଇଁ ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ଗୁରପ୍ରୀତ୍ ସିଂ ସାନ୍ଧୁ।

୧୪

୧୩

**କମ୍‌ବ୍ୟାକ୍ କରୁଛନ୍ତି ଅମୃତା**

ଦୀର୍ଘ ଦିନ ପରେ ଅଭିନେତ୍ରୀ ଅମୃତା ରାଓ 'ଜଲି ଏଲ୍ଏଲ୍‌ବି ୩' ଫିଲ୍ମ ଜରିଆରେ ବଲିଉଡ୍‌କୁ କମ୍‌ବ୍ୟାକ୍ କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।



# ସହଯୋଗୀଙ୍କ ଭରସାରେ ତୃତୀୟ ପାଳି

## ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ନରେନ୍ଦ୍ର ମୋଦି; ୩୦ କ୍ୟାବିନେଟ, ୫ ସ୍ୱାଧୀନ, ୩୬ ରାଷ୍ଟ୍ରମନ୍ତ୍ରୀ

**କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ରବିବାର ଶପଥ ନେଇଛି । ନରେନ୍ଦ୍ର ମୋଦି ୩ୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ସଦ୍ୟସମାପ୍ତ ନିର୍ବାଚନରେ ଭାଜପା ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିବାରୁ ସହଯୋଗୀଙ୍କ ଉପରେ ଭରସା କରି ସରକାର ଗଠନ କରିଛି। ୨୦୧୪ ଏବଂ ୨୦୧୯ ଅପେକ୍ଷା ୨୦୨୪ରେ ବହୁ ମାପଚୁପ କରି ମୋଦି ନିଜର ୭୨ଜଣିଆ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି। ସେଥିମଧ୍ୟରେ ମୋଦିଙ୍କ ବ୍ୟତୀତ ୩୦ଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ୫ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଏବଂ ୩୬ଜଣ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କ୍ୟାବିନେଟର ନୂଆ ସଦସ୍ୟମାନଙ୍କୁ ଶପଥ ପାଠ କରାଇଛନ୍ତି। ରାଷ୍ଟ୍ରପତି ଭବନ ପରିସରରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ବିଶ୍ୱର ବହୁ ନେତାଙ୍କ ସମେତ ଦେଶର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଛନ୍ତି।**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶପଥପାଠ କରାଉଛନ୍ତି।

**କେନ୍ଦ୍ର କ୍ୟାବିନେଟ୍: ୨୦୧୪, ୨୦୧୯, ୨୦୨୪**

■ କ୍ୟାବିନେଟ୍ ମନ୍ତ୍ରୀ ■ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ■ ରାଷ୍ଟ୍ରମନ୍ତ୍ରୀ

| | କ୍ୟାବିନେଟ୍ ମନ୍ତ୍ରୀ | ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) | ରାଷ୍ଟ୍ରମନ୍ତ୍ରୀ |
|---|---|---|---|
| ୨୦୧୪ ମେ'ରେ ଶପଥ ନେଇଥିଲେ ୪୬ ମନ୍ତ୍ରୀ | ୨୪ | ୧୦ | ୧୨ |
| ୨୦୧୯ ମେ'ରେ ଶପଥ ନେଇଥିଲେ ୫୭ ମନ୍ତ୍ରୀ | ୨୪ | ୯ | ୨୪ |
| ୨୦୨୪ ଜୁନ୍'ରେ ଶପଥ ନେଇଛନ୍ତି ୭୨ ମନ୍ତ୍ରୀ | ୩୧ | ୦୫ | ୩୬ |

ନୂଆଦିଲ୍ଲୀ,୯।୬

ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ନରେନ୍ଦ୍ର ମୋଦି ଲଗାତର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ରବିବାର ସନ୍ଧ୍ୟାରେ ମୋଦି ଏବଂ ତାଙ୍କ ନୂଆ କ୍ୟାବିନେଟର ଅନ୍ୟ ୭୧ ସଦସ୍ୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମନ୍ତ୍ରିମଣ୍ଡଳରେ ଭାଜପାରୁ ୬୧ ଜଣ ଶପଥ ନେଇଥିବାବେଳେ ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକରୁ ୧୧ ଜଣଙ୍କୁ ସୁଯୋଗ ମିଳିଛି। ୫ ବଡ଼ ସହଯୋଗୀ ଦଳକୁ ଗୋଟିଏ ଲେଖାଏ କ୍ୟାବିନେଟ ମନ୍ତ୍ରୀ ପଦ ଦିଆଯାଇଛି। ଏଥର ୬ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନ ମିଳିଛି। ପୂର୍ବ କ୍ୟାବିନେଟର ଅନେକ ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ପୁନର୍ବାର ସୁଯୋଗ ଦେଇଥିବାବେଳେ ଉଭୟ ଅଭିଜ୍ଞ ଓ ଯୁବଙ୍କୁ ଗୁରୁତ୍ୱ ଦେଇ ସନ୍ତୁଳନ ବଜାୟ ରଖିବାକୁ ପ୍ରୟାସ କରିଛନ୍ତି। ସୋମବାର ସନ୍ଧ୍ୟା ୫ଟାରେ ମୋଦି ସରକାରଙ୍କ ତୃତୀୟ ପାଳି କ୍ୟାବିନେଟର ପ୍ରଥମ ବୈଠକ ବସିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃତୀୟ ଥର ଶପଥ ନେଇ କ୍ଷମତା ରାଜନୀତିରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସମକକ୍ଷ ହୋଇଛନ୍ତି। ରାଷ୍ଟ୍ରପତି ଭବନରେ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରବିବାର ସନ୍ଧ୍ୟା ୭ଟା ୧୫ରେ ପ୍ରଥମେ ପ୍ରଧାନମନ୍ତ୍ରୀ ଶପଥ ନେଇଥିଲେ। ମୋଦିଙ୍କ ପରେ ରାଜନାଥ ସିଂ, ଅମିତ ଶାହା, ନୀତିନ ଗଡ଼କରୀ କ୍ରମାନ୍ୱୟରେ ଶପଥ ନେଇଥିଲେ। ପଞ୍ଚମରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଶପଥ ଗ୍ରହଣ କରିଥିଲେ। ତେଣୁ ଅନ୍ୟ ଜଣେ ବରିଷ୍ଠ ନେତାଙ୍କୁ ଭାଜପା ଅଧ୍ୟକ୍ଷ ପଦ ଦିଆଯାଇପାରେ ବୋଲି କୁହାଯାଉଛି। ନଡ୍ଡାଙ୍କ ପରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ନିର୍ମଳା ସୀତାରାମନ୍, ଏସ୍. ଜୟଶଙ୍କର, ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଓ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ (ଜେଡିଏସ୍) ଶପଥ ଗ୍ରହଣ କରିଥିଲେ। ମୋଦି ତାଙ୍କ ପୂର୍ବ କ୍ୟାବିନେଟ ସହଯୋଗୀ ପୀୟୂଷ ଗୋୟଲ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରି ସୁଯୋଗ ଦେଇଛନ୍ତି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚା ଅଧ୍ୟକ୍ଷ ଜିତନରାମ ମାଞ୍ଝି ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏମ୍‌ପି ରାଜୀବ ରଞ୍ଜନ ସିଂ ଓରଫ୍ ଲଲନ୍ ସିଂଙ୍କୁ ମୋଦିଙ୍କ ନୂଆ କ୍ୟାବିନେଟରେ ସୁଯୋଗ ମିଳିଛି। ସେହିପରି ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସହ ପୂର୍ବ କ୍ୟାବିନେଟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିବା ପ୍ରହ୍ଲାଦ ଜୋଶୀ ଏବଂ ଡ. ବୀରେନ୍ଦ୍ର କୁମାର, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର କେ. ରାମ ମୋହନ ନାଇଡୁ ମଧ୍ୟ ଶପଥ ନେଇଛନ୍ତି। ପୂର୍ବତନ ☞ପୃଷ୍ଠା-୪

## ପ୍ରଧାନମନ୍ତ୍ରୀ

**ନରେନ୍ଦ୍ର ଦାମୋଦରଦାସ ମୋଦି**

### କ୍ୟାବିନେଟ୍ ମନ୍ତ୍ରୀ

୧. ରାଜନାଥ ସିଂ
୨. ଅମିତ ଶାହା
୩. ନୀତିନ ଗଡ଼କରୀ
୪. ଜେ.ପି. ନଡ୍ଡା
୫. ଶିବରାଜ ସିଂ ଚୌହାନ
୬. ନିର୍ମଳା ସୀତାରାମନ
୭. ଏସ୍. ଜୟଶଙ୍କର
୮. ମନୋହରଲାଲ ଖଟ୍ଟର
୯. ଏଚ୍.ଡି. କୁମାରସ୍ୱାମୀ
୧୦. ପୀୟୂଷ ଗୋୟଲ
୧୧. ଧର୍ମେନ୍ଦ୍ର ପ୍ରଧାନ
୧୨. ଜିତନରାମ ମାଞ୍ଝି
୧୩. ରାଜୀବ ରଞ୍ଜନ ସିଂ
୧୪. ସର୍ବାନନ୍ଦ ସୋନୋୱାଲ
୧୫. ଡ. ବୀରେନ୍ଦ୍ର କୁମାର
୧୬. କେ. ରାମ ମୋହନ ନାଇଡୁ
୧୭. ପ୍ରହ୍ଲାଦ ଜୋଷୀ
୧୮. ଜୁଏଲ ଓରାମ
୧୯. ଗିରିରାଜ ସିଂ
୨୦. ଅଶ୍ୱିନୀ ବୈଷ୍ଣବ
୨୧. ଜ୍ୟୋତିରାଦିତ୍ୟ ସିନ୍ଧିଆ
୨୨. ଭୂପେନ୍ଦ୍ର ଯାଦବ
୨୩. ଗଜେନ୍ଦ୍ର ସିଂ ଶେଖାୱତ୍
୨୪. ଅନ୍ନପୂର୍ଣ୍ଣା ଦେବୀ
୨୫. କିରେନ୍ ରିଜିଜୁ
୨୬. ହରଦୀପ ସିଂ ପୁରୀ
୨୭. ଡ. ମନସୁଖ ମାଣ୍ଡବ୍ୟ
୨୮. ଜି. କିଷନ ରେଡ୍ଡୀ
୨୯. ଚିରାଗ ପାଶ୍ୱାନ
୩୦. ସି.ଆର୍. ପାଟିଲ

### ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)

୩୧.ରାଓ ଇନ୍ଦରଜିତ ସିଂ
୩୨. ଡ. ଜିତେନ୍ଦ୍ର ସିଂ
୩୩. ଅର୍ଜୁନରାମ ମେଘୱାଲ
୩୪. ପ୍ରତାପ ରାଓ ଗଣପତରାଓ ଯାଦବ
୩୫. ଜୟନ୍ତ ଚୌଧୁରୀ

### ରାଷ୍ଟ୍ର ପାହ୍ୟା

୩୬. ଜିତିନ ପ୍ରସାଦ
୩୭. ଶ୍ରୀପଦ ୟେସୋ ନାଏକ
୩୮. ପଙ୍କଜ ଚୌଧରୀ
୩୯. କ୍ରିଷନ୍ ପାଲ୍ ଗୁର୍ଜର
୪୦. ରାମଦାସ ଅଠାୱଲେ
୪୧. ରାମନାଥ ଠାକୁର
୪୨. ନିତ୍ୟାନନ୍ଦ ରାଏ
୪୩. ଅନୁପ୍ରିୟା ପଟେଲ
୪୪. ଭି. ସୋମନ୍ନା
୪୫. ଚନ୍ଦ୍ରଶେଖର ପ୍ରେମ୍ମାସାନି
୪୬. ସତ୍ୟପାଲ ସିଂ ବଘେଲ
୪୭. ଶୋଭା କରାନ୍ଦଲାଜେ
୪୮. କୀର୍ତ୍ତି ବର୍ଦ୍ଧନ ସିଂ
୪୯. ବି.ଏଲ୍. ବର୍ମା
୫୦. ଶାନ୍ତନୁ ଠାକୁର
୫୧. ସୁରେଶ ଗୋପୀ
୫୨. ଏଲ୍. ମୁରୁଗାନ୍
୫୩. ଅଜୟ ଟମ୍‌ଟା
୫୪. ବନ୍ଦି ସଞ୍ଜୟ କୁମାର
୫୫. କମଲେଶ ପାଶ୍ୱାନ
୫୬. ଭଗୀରଥ ଚୌଧରୀ
୫୭. ସତୀଶ ଚନ୍ଦ୍ର ଦୁବେ
୫୮. ସଞ୍ଜୟ ସେଠ
୫୯. ରବନୀତ ସିଂ ବିଟ୍ଟୁ
୬୦. ଦୁର୍ଗା ଦାସ ଉଇକେ
୬୧. ରକ୍ଷା ଖଡ଼୍‌ସେ
୬୨. ସୁକାନ୍ତ ମଜୁମଦାର
୬୩. ସାବିତ୍ରୀ ଠାକୁର
୬୪. ତୋଖାନ୍ ସାହୁ
୬୫. ରାଜଭୂଷଣ ଚୌଧରୀ
୬୬. ଭୂପତିରାଜୁ ଶ୍ରୀନିବାସ ବର୍ମା
୬୭. ହର୍ଷ ମାଲହୋତ୍ରା
୬୮. ନିମୁବେନ୍ ଜୟନ୍ତୀଭାଇ ବମ୍ଭାନିୟା
୬୯. ମୁରଲୀଧର ମୋହଲ
୭୦. ଜର୍ଜ କୁରିଏନ୍
୭୧. ପବିତ୍ର ମାର୍ଗାରିଥା

## ଟି୨୦ ବିଶ୍ୱକପ: ପାକିସ୍ତାନକୁ ହରାଇଲା ଭାରତ

ବିସ୍ତୃତ ରିପୋର୍ଟ ଖେଳ ପୃଷ୍ଠାରେ

# ଓଡ଼ିଶାରୁ ଧର୍ମେନ୍ଦ୍ର, ଅଶ୍ୱିନୀ, ଜୁଏଲ

ଭୁବନେଶ୍ୱର,୯।୬(ଅନିଲ ଦାସ)



ଧର୍ମେନ୍ଦ୍ର ପ୍ରଧାନ



ଅଶ୍ୱିନୀ ବୈଷ୍ଣବ



ଜୁଏଲ୍ ଓରାମ

ଏନ୍‌ଡିଏ ସରକାରର ତୃତୀୟ ପାଳିରେ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ମନ୍ତ୍ରିମଣ୍ଡଳରେ ଓଡ଼ିଶାରୁ ଏଥର ୩ ଜଣଙ୍କୁ ସ୍ଥାନ ଦେଇଛନ୍ତି। ଏଥିରେ ଅଛନ୍ତି ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଓ ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ। ପୂର୍ବରୁ ମଧ୍ୟ ଏହି ୩ ଜଣ ବିଭିନ୍ନ ସମୟରେ ମୋଦି ସରକାରରେ ମନ୍ତ୍ରୀ ଭାବେ କାମ କରି ସାରିଛନ୍ତି।

ଜୁଏଲ ଓରାମ ୨୦୧୪ ମୋଦି ସରକାର ପ୍ରଥମ ପାଳି କ୍ୟାବିନେଟ୍‌ରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତେବେ ୨୦୧୯ରେ ତାଙ୍କୁ ମନ୍ତ୍ରୀ ପଦ ମିଳି ନ ଥିଲା। ତାଙ୍କ ସ୍ଥାନରେ ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ଗତ ନିର୍ବାଚନରେ ଟୁଡୁଙ୍କୁ ଭାଜପା ଟିକେଟ ଦେଇ ନ ଥିଲା। ଜୁଏଲ ବାଜପେୟୀ ସରକାରରେ ମଧ୍ୟ କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ସୁନ୍ଦରଗଡ଼ରୁ ସେ ଲଗାତର ୩ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ଭାଜପାର ସେ ଅନ୍ୟତମ ପ୍ରମୁଖ ଚେହେରା। ସେ ରାଜ୍ୟ ଭାଜପାର ୨ ଥର ସଭାପତି ମଧ୍ୟ ରହିଛନ୍ତି। ବଣେଇ ବିଧାନସଭାରୁ ଜୁଏଲ ୨ ଥର ଓଡ଼ିଶା ବିଧାନସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ। ପୁଣିଥିରେ ମୋଦି ତାଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି।

ସମ୍ବଲପୁର ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ କ୍ରମାଗତ ତୃତୀୟ ଥର ପାଇଁ ମୋଦି ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୧୪ରେ ସେ ପେଟ୍ରୋଲିୟମ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ତେବେ ୨୦୧୯ରେ ତାଙ୍କୁ ଶିକ୍ଷା ମନ୍ତ୍ରଣାଳୟ ମିଳିଥିଲା। ୨୦୧୪ରେ ସେ ବିହାର ଓ ୨୦୧୯ରେ ମଧ୍ୟପ୍ରଦେଶରୁ ରାଜ୍ୟ ସଭାରୁ ଯାଇଥିଲେ। କିନ୍ତୁ ଏଥର ସେ ସମ୍ବଲପୁରରୁ ଲୋକ ସଭା ନିର୍ବାଚନ ଜିତି ପାର୍ଲାମେଣ୍ଟକୁ ଯାଇଛନ୍ତି। ପୂର୍ବରୁ ଧର୍ମେନ୍ଦ୍ରଙ୍କର ପେଟ୍ରୋଲିୟମ ଏବଂ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଅଭିଜ୍ଞତା ରହିଛି। ଧର୍ମେନ୍ଦ୍ରଙ୍କୁ କେନ୍ଦ୍ରରେ ମନ୍ତ୍ରୀ ପଦ ମିଳିବା ପରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନେଇ ହେଉଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି।

ସେହିପରି ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇଥିବା ଅଶ୍ୱିନୀ ବୈଷ୍ଣବ ☞ପୃଷ୍ଠା-୪

## ରାଜନୀତିରୁ ସନ୍ନ୍ୟାସ ନେଲେ ପାଣ୍ଡିଆନ



କାର୍ତ୍ତିକ ପାଣ୍ଡିଆନ

ଭୁବନେଶ୍ୱର,୯।୬ (ଅନିଲ ଦାସ)

ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଣମାଧ୍ୟମରେ ପ୍ରଶଂସା କରିବାର ୨୪ ଘଣ୍ଟା ନ ପୂରୁଣୁ କାର୍ତ୍ତିକ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ବିଜେଡିର ପରାଜୟ ପାଇଁ ସେ ବିଜେଡି କର୍ମୀଙ୍କ ନିକଟରେ ହାତଯୋଡ଼ି କ୍ଷମା ମାଗିଛନ୍ତି। ରବିବାର ଏକ ଭିଡିଓ ବାର୍ତ୍ତା ଜାରି କରି ପାଣ୍ଡିଆନ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ସେ ଓଡ଼ିଶାବାସୀଙ୍କ ସେବା କରିବାର ସୁଯୋଗ ପାଇଥିଲେ। ତାଙ୍କର ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ସହାୟତା କରିବାକୁ ସେ ରାଜନୀତିକୁ ଆସିଥିଲେ। ସେ ବିଜେଡିର କୌଣସି ପଦରେ ନ ଥିଲେ କିମ୍ବା ନିର୍ବାଚନ ଲଢ଼ୁ ନ ଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଜିଲାପାଳ ଭାବରେ କଠିନ କାର୍ଯ୍ୟ କରିଛନ୍ତି। କରୋନା ସମୟରେ ଓଡ଼ିଶାର ☞ପୃଷ୍ଠା-୪

## ଆତଙ୍କବାଦୀ ଆକ୍ରମଣରୁ ବସ୍ ଦୁର୍ଘଟଣା: ୧୦ ମୃତ



ଜମ୍ମୁ,୯।୬(ପି.ଟି.)

ତୀର୍ଥଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ବସ୍ ଉପରକୁ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଏହା ଖାତରେ ଖସି ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩୩ ଜଣ ଆହତ ହୋଇଛନ୍ତି। ବସ୍‌ଟି ତୀର୍ଥଯାତ୍ରୀମାନଙ୍କୁ ନେଇ ଜମ୍ମୁ-କଶ୍ମୀରର ରେଆସି ଜିଲାର ଶିବ ଖୋରି ମନ୍ଦିରରୁ କଟ୍ରା ଯାଉଥିବାବେଳେ ରବିବାର ସନ୍ଧ୍ୟା ୬ଟା ୧୫ ମିନିଟ ସମୟରେ ପୋନି ଅଞ୍ଚଳର ତେର୍ୟାଥ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୨ ଜଣ ମୁଖାପିନ୍ଧା ଆତଙ୍କବାଦୀ ଡ୍ରାଇଭର ଉପରକୁ ଗୁଳି ଚଳାଇବାରୁ ବସ୍ ଖାତରେ ଖସିପଡ଼ିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଘଟଣାସ୍ଥଳରେ ପୋଲିସ, ସେନା ଏବଂ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ପହଞ୍ଚିଛନ୍ତି। ଆକ୍ରମଣ ସ୍ଥଳ ରେଆସି ଏବଂ ରାଜୌରୀ ଜିଲା ସୀମାରେ ହୋଇଥିବାବେଳେ ପୂର୍ବରୁ ସେଠାରେ ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କରେ ଖବର ପ୍ରକାଶ ପାଇଥିଲା।

# ୧୨କୁ ଘୁଞ୍ଚିଲା ଓଡ଼ିଶା ଶପଥ

- **୧୧ରେ ବିଧାୟକ ଦଳ ବୈଠକ**
- **ଶପଥ ଉତ୍ସବ ପୂର୍ବରୁ ଭୁବନେଶ୍ୱରରେ ମୋଦିଙ୍କ ରୋଡ୍ ଶୋ**
- **ରାଜନାଥ ସିଂ, ଭୂପେନ୍ଦ୍ର ଯାଦବ ପର୍ଯ୍ୟବେକ୍ଷକ ନିଯୁକ୍ତ**

ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ନୂଆ ସରକାରର ଶପଥ ଉତ୍ସବ ଜୁନ୍ ୧୦ ନୁହେଁ ବରଂ ୧୨ ତାରିଖରେ ହେବ। କେନ୍ଦ୍ରରେ ଏନ୍‌ଡିଏ ନେତୃତ୍ୱାଧୀନ ସରକାରର ଶପଥ ଉତ୍ସବ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳ ଭାଗବଣ୍ଟା ଏବଂ ଅନ୍ୟ ରାଜ୍ୟରେ ଭାଜପା ସରକାରର ଶପଥ ଉତ୍ସବ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଏଭଳି ବିଳମ୍ବ ହେଉଥିବା କୁହାଯାଉଛି। ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର ଆସି କହିଥିଲେ, ଓଡ଼ିଶାରେ ନିଶ୍ଚିତ ଭାଜପାର ସରକାର ହେବ। ନୂଆ ସରକାର ଓଡ଼ିଶାରେ ଆସନ୍ତା ୧୨ ତାରିଖରେ ଶପଥ ଗ୍ରହଣ କରିବ। ସେହିକ୍ରମରେ ଶପଥ ଉତ୍ସବ କାର୍ଯ୍ୟକ୍ରମ ଲାଗି ଭାଜପା ପକ୍ଷରୁ ଜନତା ମଇଦାନଠାରେ ପ୍ରାୟ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଲାଣି। ହେଲେ ଦଳ ଶେଷ ମୁହୂର୍ତ୍ତରେ ଶପଥ ଉତ୍ସବ କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦେଇଛି। ଏନେଇ ଭାଜପା ମୁଖପାତ୍ର ଯତୀନ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଭାଜପାର ଯେଉଁ ନୂଆ ସରକାର ଓଡ଼ିଶାରେ ଗଠନ ହେବାକୁ ଯାଉଛି, ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିକ୍ରମେ ସେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ମୋଦି ୩ୟ ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଉଛନ୍ତି। ୧୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଅନ୍ୟ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ରହିଛି। ତେଣୁ ୧୦ ତାରିଖରେ ହେବାକୁ ଥିବା ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ଦୁଇଦିନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୨ରେ ପ୍ରଧାନମନ୍ତ୍ରୀ ଶପଥ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ହେବେ, ସେଦିନ ଭାଜପାର ନୂଆ ସରକାର ଏବଂ ମନ୍ତ୍ରିମଣ୍ଡଳ ଗଠନ ହେବ। ଦୁଇଟି ରାଜ୍ୟରେ ନୂଆ ସରକାରର ଶପଥ ଉତ୍ସବ କାର୍ଯ୍ୟକ୍ରମ ଥିବାରୁ ଏହାକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଯତୀନ କହିଛନ୍ତି।

ସେହିପରି ଶପଥ ଉତ୍ସବ କାର୍ଯ୍ୟକ୍ରମ ଦିନ ରାଜଧାନୀରେ ନରେନ୍ଦ୍ର ମୋଦିଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନୂଆ ଶତ୍ରୁ**

**୫ ଗୁଜରାଟ ଏମ୍‌ପିଙ୍କ ସମ୍ପତ୍ତି ବଢ଼ିଛି ୧୦୦%**

ଗୁଜରାଟରେ ନବ ନିର୍ବାଚିତ ୨୬ ଏମ୍‌ପିଙ୍କ ମଧ୍ୟରୁ ୫ ଜଣଙ୍କ ସମ୍ପତ୍ତି ୫ ବର୍ଷରେ ୧୦୦%ରୁ ଅଧିକ ବଢ଼ିଛି। ଏଡିଆର୍ ରିପୋର୍ଟ ଅନୁଯାୟୀ, ଏହି ୫ ଏମ୍‌ପିଙ୍କ ସମ୍ପତ୍ତି ୧୧୧ରୁ ୨୭୩% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏମ୍‌ପି ମନସୁଖ ବସାୱାଙ୍କ ସମ୍ପତ୍ତି ସର୍ବାଧିକ ୨୭୩% ବଢ଼ିଛି। ଜାମନଗର ଏମ୍‌ପି ପୁନମ ମାଡାମଙ୍କର ସମ୍ପତ୍ତି ୧୦୪ କୋଟି ବଢ଼ିଛି। ସେହିପରି ରାଜ୍ୟର ୨୩ ଜଣ ଏମ୍‌ପି କୋଟିପତି ହୋଇଥିବା ୫ ଜଣ ଏମ୍‌ପିଙ୍କ ବିରୋଧରେ ଆପରାଧିକ ମାମଲା ରହିଛି।



ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଉତ୍ସବବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ, ଜନସେନା ପାର୍ଟି ମୁଖ୍ୟ ପବନ କଲ୍ୟାଣ ଓ ଅନ୍ୟ ଅତିଥିମାନେ।



ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ମଧ୍ୟାହ୍ନରେ ପଡୋଶୀ ରାଷ୍ଟ୍ରର ମୁଖ୍ୟମାନଙ୍କ ଉଦ୍ଦେଶ୍ୟରେ ଭୋଜିର ଆୟୋଜନ କରିଥିଲେ। ଏହି ଅବସରରେ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଙ୍ଘେ, ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ, ସିଚେଲ୍ସ ଉପରାଷ୍ଟ୍ରପତି ଅହମଦ ଅଫିଫ, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଳ ଦହଲ 'ପ୍ରଚଣ୍ଡ' ଏବଂ ଭୁଟାନ ପ୍ରଧାନମନ୍ତ୍ରୀ ଶେରିଂ ଟୋବଗୟ ଉପସ୍ଥିତ।

**ସଂକ୍ଷେପରେ**

## ଗୋଟିଏ ରନ୍‌ୱେରେ ୨ ବିମାନ, ବର୍ତ୍ତିଲେ ଯାତ୍ରୀ

ମୁମ୍ବାଇ,୯।୬

ମୁମ୍ବାଇ ବିମାନବନ୍ଦରରେ ଶନିବାର ଦୁଇଟି ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗୋଟିଏ ରନ୍‌ୱେରୁ ବିମାନଟି ଉଡ଼ାଣ ଆରମ୍ଭ କରୁଥିବାବେଳେ ଅନ୍ୟ ଏକ ବିମାନ ସେହି ରନ୍‌ୱେରେ ଅବତରଣ କରିଥିଲା। ଏହି ଘଟଣାରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।। ମୁମ୍ବାଇ ବିମାନବନ୍ଦରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ଅଫିସର (ଏଟିସିଓ)ଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ଭୋର ସମୟରେ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରରରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଦେବୀ ଅହଲ୍ୟାବାଈ ହୋଲ୍‌କର ଏୟାରପୋର୍ଟରୁ ଆସିଥିବା ଇଣ୍ଡିଗୋ ବିମାନ ୨୭ ନମ୍ବର ବିମାନବନ୍ଦରରେ ଅବତରଣ କରିଥିବାବେଳେ ଥିରୁଭାନନ୍ତପୁରମ୍ ଯିବାକୁ ଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍ ୬୫୭ ସେଠାରେ ଉଡ଼ାଣ ପ୍ରକ୍ରିୟାରେ ରହିଥିଲା। ଗୋଟିଏ ରନ୍‌ୱେରେ ଏକସମୟରେ ୨ ବିମାନର ଉଡ଼ାଣ ଓ ଅବତରଣ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥିଲା।

## ହୁଟି ଆତଙ୍କବାଦୀଙ୍କ ମିଶାଇଲ ମାଡ଼: ୨ ଜାହାଜ ଜଳିଲା

ଲଣ୍ଡନ,୯।୬

ହୁଟି ଆତଙ୍କବାଦୀମାନଙ୍କ ମିଶାଇଲ ମାଡ଼ରେ ୟେମେନ୍‌ର ଆଡେନ୍ ଉପସାଗରରେ ୨ଟି ଜାହାଜରେ ନିଆଁ ଲାଗିଯାଇଛି। ଆଡେନର ଦକ୍ଷିଣ-ପୂର୍ବ ଦିଗରେ ୮୩ ନଟିକାଲ ମାଇଲ ଦୂରରେ ଆଣ୍ଟିଗୁଆ ଏବଂ ବାର୍‌ବୁଡ଼ାର ଦୁଇଟି ମାଲ୍‌ବାହୀ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା ବୋଲି ରବିବାର ବ୍ରିଟିଶ ସୁରକ୍ଷା ସଂସ୍ଥା ଆମ୍ବ୍ରେ କହିଛି। ଫଳରେ ଦୁଇଟି ଯାକ ଜାହାଜରେ ନିଆଁ ଲାଗିଥିବାବେଳେ ତାହାକୁ ପରେ ଲିଭାଯାଇଥିଲା। ଜାହାଜଟି ଆଡେନ୍ ଉପସାଗର ଦେଇ ଦକ୍ଷିଣପଶ୍ଚିମ ଦିଗରେ ଯାଉଥିବାବେଳେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଦ୍ୱିତୀୟ ମିଶାଇଲଟି ଜାହାଜରେ ମାଡ଼ ହୋଇ ନ ଥିଲା। ଆଖପାଖରେ ଥିବା ଛୋଟ ବୋଟ୍‌ଗୁଡ଼ିକରୁ ଜାହାଜ ଉପରକୁ ଗୁଳିମାଡ଼ ହୋଇଥିଲା।

## ୪ ବନ୍ଧକଙ୍କୁ ଉଦ୍ଧାର ପାଇଁ ୨୭୪ ପାଲେଷ୍ଟିନୀୟ ମୃତ

ରାଫାହ, ୯।୬

ଦୀର୍ଘ ୮ ମାସ ଧରି ହମାସ କବ୍‌ଜାରେ ଥିବା ୪ ବନ୍ଧକଙ୍କୁ ଶନିବାର ଇସ୍ରାଏଲୀ ସେନା ଉଦ୍ଧାର କରିଥିଲା। ଇସ୍ରାଏଲ ପ୍ରତିରକ୍ଷା ବାହିନୀ(ଆଇଡିଏଫ୍), ଇସ୍ରାଏଲ ସିକ୍ୟୁରିଟି ଅଥୋରିଟି(ଆଇଏସ୍ଏ) ଏବଂ ଇସ୍ରାଏଲ ପୋଲିସ ପକ୍ଷରୁ ମିଳିତ ଅପରେଶନ କରାଯାଇ ମଧ୍ୟଗାଜାସ୍ଥିତ ନୁସିରାତ ଅଞ୍ଚଳର ୨ଟି ପୃଥକ ସ୍ଥାନରୁ ଏହି ୪ ବନ୍ଧକଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଇସ୍ରାଏଲର ଏହି ଅପରେଶନରେ ଅନେକ ଶିଶୁଙ୍କ ସମେତ ୨୭୪ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ଗାଜାରେ ଥିବା ହମାସର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଏହି ଅପରେଶନରେ ୭୦୦ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ହମାସ କହିଛି।

# ଶପଥ ଉତ୍ସବ ସାକ୍ଷୀ ହେଲେ ୮ ହଜାର ଅତିଥି

ନୂଆଦିଲ୍ଲୀ,୯।୬

ବରିଷ୍ଠ ଭାଜପା ନେତା ନରେନ୍ଦ୍ର ମୋଦି ରବିବାର କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏହି ଶପଥ ଗ୍ରହଣ ଉତ୍ସବରେ ୮,୦୦୦ରୁ ଊର୍ଦ୍ଧ୍ୱ ଅତିଥି ଉପସ୍ଥିତ ରହିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ୭ ପଡୋଶୀ ଦେଶର ନେତାଙ୍କ ସମେତ ବହୁସଂଖ୍ୟାରେ ରାଜନେତା, ବିଜ୍‌ନେସ ଲିଡର, ସେଲିବ୍ରିଟି ଏବଂ ସାଧାରଣ ବର୍ଗର ଲୋକେ। ରାଷ୍ଟ୍ରପତି ଭବନ ନାରଙ୍ଗୀ, ଧଳା ଓ ସବୁଜ ରଙ୍ଗର ଆଲୋକରେ ଉଦ୍ଭାସିତ ହୋଇଥିଲା।

### ଉତ୍ସବରେ ବିଶ୍ୱନେତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ପଡୋଶୀ ଦେଶ ତଥା ଭାରତ ମହାସାଗର ଅଞ୍ଚଳର ଶୀର୍ଷ ନେତାମାନେ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ 'ପ୍ରଚଣ୍ଡ', ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ, ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ, ଭୁଟାନ ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ଟୋବ୍‌ଗେ ଏବଂ ସିଚେଲ୍ସ ଉପରାଷ୍ଟ୍ରପତି ଅହମଦ ଅଫିଫ୍। ହାସିନା ଏବଂ ଅଫିଫ୍ ଶନିବାରଠାରୁ ଆସିଥିବାବେଳେ ଅନ୍ୟମାନେ ରବିବାର ଦିଲ୍ଲୀରେ ପହଞ୍ଚିଥିଲେ। ଭାରତ ଓ ମାଳଦ୍ୱୀପ ସମ୍ପର୍କରେ ଅବନତି ଦେଖାଦେଇଥିବାବେଳେ ମୋଦିଙ୍କ ଶପଥ ଉତ୍ସବରେ ମୁଇଜ୍ଜୁଙ୍କ ଯୋଗଦାନ ବେଶ୍ ଉଲ୍ଲେଖଯୋଗ୍ୟ। ଗତବର୍ଷ ନଭେମ୍ବରରେ ସେ ମାଳଦ୍ୱୀପର ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ଭାରତ ଗସ୍ତରେ ଆସିଛନ୍ତି।

ସୂଚନାଯୋଗ୍ୟ, ୨୦୧୪ରେ ମୋଦି ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାବେଳେ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଗଠନ (ଏସ୍ଏଆର୍‌ସି)ର ନେତାମାନେ ଅତିଥି ହୋଇଥିଲେ। ୨୦୧୯ରେ ମୋଦିଙ୍କ ଦ୍ୱିତୀୟ ପାଳି ସରକାରର ଶପଥ ଉତ୍ସବରେ ବିଆଇଏମ୍ଏସ୍‌ଟିଇସି (ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର୍ ମଲ୍ଟି-ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ) ରାଷ୍ଟ୍ରର ନେତାମାନେ ଅତିଥି ଥିଲେ।

### ସେଲିବ୍ରିଟି ଓ ବିଶିଷ୍ଟ ବ୍ୟକ୍ତି

ପ୍ରଧାନମନ୍ତ୍ରୀଙ୍କ ଶପଥ ଉତ୍ସବରେ ବହୁ ସେଲିବ୍ରିଟି ଓ ବିଶିଷ୍ଟ ବ୍ୟକ୍ତି ଏବଂ ଶିଳ୍ପପତି ସାମିଲ ହୋଇଛନ୍ତି। ସେଲିବ୍ରିଟିଙ୍କ ମଧ୍ୟରେ ଅଛନ୍ତି ବଲିଉଡ୍ ଅଭିନେତା ଶାହରୁଖ ଖାନ୍, ଅକ୍ଷୟ କୁମାର, ଅନିଲ କପୁର, ରଜନୀକାନ୍ତ, ରବିନା ଟଣ୍ଡନ, ଅନୁପମ ଖେର୍ ଏବଂ ବିକ୍ରାନ୍ତ ମାସି। ସେହିପରି ଶିଳ୍ପପତିମାନଙ୍କ ମଧ୍ୟରେ ରହିଛନ୍ତି ମୁକେଶ ଅମ୍ବାନୀ, ଗୌତମ ଆଦାନୀ ଓ ଅନ୍ୟମାନେ। ମୁକେଶଙ୍କ ଦୁଇପୁଅ ଆକାଶ ଓ ଅନନ୍ତଙ୍କ ସମେତ ଜ୍ୱାଇଁ ଆନନ୍ଦ ପିରାମାଲ ଉତ୍ସବରେ ଯୋଗଦେଇଥିବାବେଳେ ଆଦାନୀଙ୍କ ସ୍ତ୍ରୀ ପ୍ରୀତି ଓ ଭାଇ ରାଜେଶ ଆଦାନୀ ମଧ୍ୟ ଉପସ୍ଥିତ ଥିଲେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ରହିଛନ୍ତି, ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ତାଙ୍କ ସ୍ତ୍ରୀ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରତିଭା ପାଟିଲ ପ୍ରମୁଖ। ଏହା ବ୍ୟତୀତ ବିଭିନ୍ନ ଧର୍ମୀୟ ନେତା ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିଲେ।

### କିନ୍ନର, ସଫେଇ କର୍ମଚାରୀ, ଶ୍ରମିକ ଅତିଥି

ଶପଥ ଉତ୍ସବରେ ପଡୋଶୀ ଦେଶର ନେତା, ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନେତାମାନେ କେବଳ ଅତିଥି ହୋଇନାହାନ୍ତି, ଅତି ସାଧାରଣ ବର୍ଗର ଲୋକଙ୍କୁ ମଧ୍ୟ ଅତିଥି ତାଲିକାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି କିନ୍ନର, ସଫେଇ କର୍ମଚାରୀ ଏବଂ ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣରେ ସାମିଲ ଥିବା ଶ୍ରମିକ। ଉତ୍ସବ ପୂର୍ବରୁ ଭାଜପା ଏମ୍‌ପି ତଥା ପୂର୍ବତନ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର କିନ୍ନର ସମ୍ପ୍ରଦାୟର ସଦସ୍ୟମାନଙ୍କୁ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପୂର୍ବତନ ଜଳଶକ୍ତି ମନ୍ତ୍ରୀ ତଥା ଭାଜପା ଏମ୍‌ପି ଗଜେନ୍ଦ୍ର ଶେଖାୱତ ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ 'ସବ୍ କା ସାଥ୍, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ' ଆହ୍ୱାନର ଏହା ଅଂଶବିଶେଷ।



ଶପଥ ଗ୍ରହଣ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ମୋଦି ୩.୦ କ୍ୟାବିନେଟରେ ୩୩ ନୂଆ

ନୂଆଦିଲ୍ଲୀ,୯।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି କ୍ୟାବିନେଟରେ ସାମିଲ ହୋଇଥିବା ୭୧ ଜଣଙ୍କ ମଧ୍ୟରୁ ୩୩ ହେଉଛନ୍ତି ଲୋକ ସଭାକୁ ପ୍ରଥମ ଥର ନିର୍ବାଚିତ ସଦସ୍ୟ। ସେମାନଙ୍କ ମଧ୍ୟରୁ ୬ ଜଣ ପ୍ରତିଷ୍ଠିତ ରାଜନୈତିକ ପରିବାରରୁ ଆସିଛନ୍ତି।

ମୋଦିଙ୍କ କ୍ୟାବିନେଟରେ ସାମିଲ ହୋଇଥିବା ଶିବରାଜ ସିଂ ଚୌହାନ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ। ସେହିପରି ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର ଓ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ଏକଦା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ପ୍ରତିନିଧିତ୍ୱ କରିଥିବା ବିଦିଶା ଆସନରୁ ଶିବରାଜ ଜିତିଛନ୍ତି। ଶିବରାଜ ହେଉଛନ୍ତି ମଧ୍ୟପ୍ରଦେଶକୁ ୫ ଥର ଶାସନ କରିଥିବା ମୁଖ୍ୟମନ୍ତ୍ରୀ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍)ର ପୂର୍ବତନ ପ୍ରଚାରକ ଖଟ୍ଟାର ହରିୟାଣାରେ ୨ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ମୋଦି ସରକାରରେ ପ୍ରଥମ ଥର ମନ୍ତ୍ରୀପଦ ପାଇଥିବା ୭ ଜଣ ହେଉଛନ୍ତି ସହଯୋଗୀ ଦଳର। ସେମାନେ ହେଲେ ଟିଡିପିର କେ. ରାମମୋହନ ନାଇଡୁ ଓ ଚନ୍ଦ୍ରଶେଖର ପେମାସାନି; ଜେଡିୟୁର ଲଲନ ସିଂ, ରାମନାଥ ଠାକୁର, ଆର୍ଏଲ୍‌ଡିର ଜୟନ୍ତ ଚୌଧରୀ, ଏଲ୍‌ଜେପିର ଚିରାଗ ପାଶ୍ୱାନ ଏବଂ ଜେଡିଏସ୍‌ର କୁମାରସ୍ୱାମୀ। ୪୫ ବର୍ଷୀୟ ଆର୍ଏଲ୍‌ଡି ମୁଖ୍ୟ ଜୟନ୍ତ ଭାରତର ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ନାତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜିତ ସିଂଙ୍କ ପୁଅ। ଚିରାଗ ହେଉଛନ୍ତି ବିହାରର ସବୁଠୁ ପ୍ରଭାବଶାଳୀ ନେତା ସ୍ୱର୍ଗତ ରାମବିଳାସ ପାଶ୍ୱାନଙ୍କ ପୁଅ। ଚିରାଗଙ୍କ ନେତୃତ୍ୱରେ ଏଲ୍‌ଜେପି ଏଥର ୫ଟି ଆସନ ଦଖଲ କରିଛି। ଜେଡିୟୁରୁ ଜିତିଥିବା ରାମନାଥ ଠାକୁର ହେଉଛନ୍ତି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସମାଜବାଦୀ ନେତା କର୍ପୂରୀ ଠାକୁରଙ୍କ ପୁଅ। ଲୋକ ସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର କର୍ପୂରୀ ଏବଂ ଚରଣ ସିଂଙ୍କୁ ଭାରତରତ୍ନ ଉପାଧି ଦେଇଥିଲେ।

୧୯୯୫ରେ ଖଲିସ୍ତାନୀ ଆତଙ୍କବାଦୀମାନେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିୟନ୍ତ ସିଂଙ୍କୁ ହତ୍ୟା କରିଥିଲେ। ବିୟନ୍ତଙ୍କ ନାତି ରବନୀତ ସିଂ ବିଟ୍ଟୁ ମୋଦିଙ୍କ ନୂଆ କ୍ୟାବିନେଟ୍‌ରେ ସ୍ଥାନ ପାଇଛନ୍ତି। ବରିଷ୍ଠ ଏନ୍‌ସିପି ନେତା ଏକନାଥ ଖଡ୍‌ସେଙ୍କ ବୋହୂ ରକ୍ଷା ଖଡ୍‌ସେ ମହାରାଷ୍ଟ୍ରରେ ଭାଜପାର ସଂଗଠନକୁ ସୁଦୃଢ଼ କରିବାରେ ବଡ଼ ଭୂମିକା ନେଇଥିଲେ। ୨୬ ବର୍ଷୀୟା ରକ୍ଷାଙ୍କୁ ମୋଦି ସୁଯୋଗ ଦେଇଛନ୍ତି। ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାରରେ ସର୍ବକନିଷ୍ଠ ମନ୍ତ୍ରୀ ଥିବା ଜିତିନ ପ୍ରସାଦ ୧୦ ବର୍ଷ ପରେ କେନ୍ଦ୍ର କ୍ୟାବିନେଟକୁ ଫେରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜିତେନ୍ଦ୍ର ପ୍ରସାଦଙ୍କ ପୁଅ ଜିତିନ୍ ୨୦୨୧ରେ ଭାଜପାରେ ସାମିଲ ହେବା ପରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମନ୍ତ୍ରିମଣ୍ଡଳରେ ତାଙ୍କୁ ସାମିଲ କରାଯାଇଥିଲା।

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବିଶ୍ୱସ୍ତ ବନ୍ଧୁ ତଥା ଲଲନ ସିଂ ନାମରେ ପରିଚିତ ରାଜୀବ ରଞ୍ଜନ ସିଂଙ୍କୁ କ୍ୟାବିନେଟ ମନ୍ତ୍ରୀପଦ ମିଳିଛି। ସେହିପରି କେରଳରେ ଭାଜପାର ଖାତା ଖୋଲିବାରେ ସକ୍ଷମ ହୋଇଥିବା ଅଭିନେତାରୁ ରାଜନେତା ସୁରେଶ ଗୋପୀଙ୍କୁ ମଧ୍ୟ କ୍ୟାବିନେଟରେ ସ୍ଥାନ ମିଳିଛି। ମନ୍ତ୍ରିମଣ୍ଡଳରେ ଭାଜପାରୁ ସାମିଲ ହୋଇଥିବା ଅନ୍ୟ ଫାଷ୍ଟ ଟାଇମରମାନେ ହେଲେ କମଳେଶ ପାଶ୍ୱାନ (ୟୁପି), ସୁକାନ୍ତ ମଜୁମଦାର(ପଶ୍ଚିମବଙ୍ଗ), ଦୁର୍ଗାଦାସ ଉଇକେ(ମଧ୍ୟପ୍ରଦେଶ), ରାଜଭୂଷଣ ଚୌଧରୀ (ବିହାର), ସତୀଶ ଦୁବେ(ବିହାର), ସଞ୍ଜୟ ସେଠ୍(ଝାଡ଼ଖଣ୍ଡ), ସି.ଆର୍. ପାଟିଲ (ଗୁଜରାଟ), ଭଗୀରଥ ଚୌଧରୀ(ରାଜସ୍ଥାନ), ହର୍ଷ ମାଲହୋତ୍ରା (ଦିଲ୍ଲୀ), ଭି. ସୋମନ୍ନା(କର୍ଣ୍ଣାଟକ), ସାବିତ୍ରୀ ଠାକୁର (ମଧ୍ୟପ୍ରଦେଶ)। ପ୍ରତାପରାଓ ଯାଦବ(ମହାରାଷ୍ଟ୍ର), ଜର୍ଜ କୁରିଏନ୍(କେରଳ), କୀର୍ତ୍ତିବର୍ଦ୍ଧନ ସିଂ(ୟୁପି), ତୋଖାନ ସାହୁ (ଛତିଶଗଡ଼), ଭୂପତି ରାଜୁ ଶ୍ରୀନିବାସ ବର୍ମା (ଆନ୍ଧ୍ର), ନିମୁବେନ୍ ବମ୍ଭାନିୟା(ଗୁଜରାଟ), ମୁରଲୀଧର ମୋହୋଲ(ମହାରାଷ୍ଟ୍ର), ପବିତ୍ର ମାର୍ଗେରିଟା(ଆସାମ) ଏବଂ ବନ୍ଦି ସଞ୍ଜୟ କୁମାର (ତେଲଙ୍ଗାନା) ମଧ୍ୟ ପ୍ରଥମ ଥର ପାଇଁ ଲୋକ ସଭା ନିର୍ବାଚନରେ ବିଜୟୀ ହୋଇ କେନ୍ଦ୍ର କ୍ୟାବିନେଟରେ ସୁଯୋଗ ପାଇଛନ୍ତି।

# ଅନୁରାଗ ଠାକୁର ନିରାଶ

ନୂଆ ମନ୍ତ୍ରିମଣ୍ଡଳରୁ ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ଅନୁରାଗ ଠାକୁର ଏବଂ ନାରାୟଣ ରାଣେ ବାଦ୍ ପଡ଼ିଛନ୍ତି। ଇରାନୀ ଉତ୍ତରପ୍ରଦେଶର ଅମେଠି ଆସନରୁ କଂଗ୍ରେସ ପ୍ରାର୍ଥୀ କିଶୋରୀଲାଲ୍ ଶର୍ମାଙ୍କଠାରୁ ୧.୬ ଲକ୍ଷ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ ଇରାନୀ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଥିଲେ। ୨୦୧୯ ନିର୍ବାଚନରେ ସେ ଅମେଠିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପରାଜିତ କରିଥିଲେ। ଏଥର ତାଙ୍କୁ ମନ୍ତ୍ରୀ କରି ରାଜ୍ୟସଭାକୁ ପଠାଇବା ଚର୍ଚ୍ଚା ହେଉଥିବାବେଳେ ସେ ନିରାଶ ହୋଇଛନ୍ତି। ହିମାଚଳ ପ୍ରଦେଶର ହମିରପୁର ଆସନରୁ ଜିତିଥିବା ଅନୁରାଗ ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରି ନାହାନ୍ତି। ମୋଦିଙ୍କ ପୂର୍ବ କ୍ୟାବିନେଟରେ ସେ କ୍ରୀଡ଼ା ଓ ସୂଚନା ପ୍ରସାରଣ ମନ୍ତ୍ରୀ ଥିଲେ। ସେହିପରି ମୋଦି ୨.୦ରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଥିବା ରାଣେ ଏଥର ମହାରାଷ୍ଟ୍ରର ରତ୍ନଗିରି-ସିନ୍ଧୁବର୍ଗ ଆସନରୁ ଜିତିଥିଲେ ମଧ୍ୟ ମନ୍ତ୍ରୀ ହୋଇପାରି ନାହାନ୍ତି।

# କୁଲବିନ୍ଦରଙ୍କ ସମର୍ଥନରେ ବାହାରିଲେ ଚାଷୀ

## କଙ୍ଗନାଙ୍କୁ ଚାପୁଡ଼ା ବିବାଦ

ଚଣ୍ଡିଗଡ଼,୯।୬(ପି.ଟି.)

ବଲିଉଡ୍ ଅଭିନେତ୍ରୀ ତଥା ଭାଜପାର ନବନିର୍ବାଚିତ ଏମ୍‌ପି କଙ୍ଗନା ରାଣାୱତ୍‌ଙ୍କୁ ଚାପୁଡ଼ା ମାରି ସାରା ଦେଶରେ ଚର୍ଚ୍ଚାକୁ ଆସିଥିବା ସିଆଇଏସ୍ଏଫ୍‌ର ମହିଳା କନ୍‌ଷ୍ଟେବଲ କୁଲ୍‌ବିନ୍ଦର କୌରଙ୍କ ସମର୍ଥନରେ ପଞ୍ଜାବର କୃଷକ ସଂଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା ସମେତ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ରବିବାର ମୋହାଲି ଓ ଅନ୍ୟ କେତେକ ସ୍ଥାନରେ ଶୋଭାଯାତ୍ରା କରାଯାଇ ବିଭିନ୍ନ ଥାନାରେ ସ୍ମାରକପତ୍ର ଦିଆଯାଇଛି। ମହିଳା କନ୍‌ଷ୍ଟେବଲ୍‌ଙ୍କ ପ୍ରତି ଯେପରି କୌଣସି ଅନ୍ୟାୟ ନ ହୁଏ, ସେଥିପାଇଁ ଘଟଣାର ନିରପେକ୍ଷ ତଦନ୍ତ ହେବାକୁ କୃଷକ ନେତାମାନେ ଦାବି କରିଛନ୍ତି। ଚାଷୀଙ୍କ ଶୋଭାଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୨୦-୨୧ରେ କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନକୁ ବିରୋଧୀ କରି ଚାଷୀମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବାବେଳେ ସେମାନଙ୍କ ବିରୋଧରେ କଙ୍ଗନା ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ। ଏହି ଘଟଣା କୁଲବିନ୍ଦରଙ୍କୁ କ୍ଷୁବ୍ଧ କରିଥିଲା। ଗତ ଗୁରୁବାର ଚଣ୍ଡିଗଡ଼ ବିମାନବନ୍ଦରରେ କଙ୍ଗନାଙ୍କୁ ଦେଖି ସେ ତାଙ୍କୁ ଚାପୁଡ଼ା ମାରିଥିଲେ। କୁଲବିନ୍ଦରଙ୍କୁ ଚାକିରିରୁ ନିଲମ୍ବନ କରାଯିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏଥିସହ ତାଙ୍କ ବିରୋଧରେ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ଚାଷୀ ଆନ୍ଦୋଳନକୁ ବିରୋଧ କରିଥିବା କଙ୍ଗନାଙ୍କୁ କୃଷକ ନେତାମାନେ କଡ଼ା ସମାଲୋଚନା କରିଛନ୍ତି।

# ପାର୍ଲାମେଣ୍ଟରେ ଏନ୍‌ଇଇଟି ପ୍ରସଙ୍ଗ ଉଠାଇବେ ରାହୁଲ

## ରେଜଲ୍ଟ ବିଭ୍ରାଟ ନେଇ ମୋଦିଙ୍କୁ ସମାଲୋଚନା

ନୂଆଦିଲ୍ଲୀ,୯।୬

ନ୍ୟାଶନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି)ରେ ଅନିୟମିତତା ଅଭିଯୋଗକୁ ନେଇ କଂଗ୍ରେସ ନେତା ତଥା ନବନିର୍ବାଚିତ ଏମ୍‌ପି ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ପାର୍ଲାମେଣ୍ଟରେ ଛାତ୍ରୀଛାତ୍ରଙ୍କ ତରଫରୁ ଏନ୍‌ଇଇଟି ଦୁର୍ନୀତି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ଚଳିତ ବର୍ଷର ଏନ୍‌ଇଇଟି-ୟୁଜି ପରୀକ୍ଷା ରେଜଲ୍ଟକୁ ନେଇ ଦେଶବ୍ୟାପୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଏହି ପରୀକ୍ଷାରେ କେତେଜଣଙ୍କୁ ମାର୍କ ବଢ଼ାଇଦିଆଯାଇଥିବା ଅଭିଯୋଗ ହୋଇଛି। କଂଗ୍ରେସ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ଲିକ୍ ସମସ୍ୟାରୁ ମୁକ୍ତ କରିବ ବୋଲି ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲା। ଏଥିପାଇଁ ଦଳ ଲଢ଼େଇ ଜାରି ରଖିବାକୁ ଏକ ମଜଭୁତ ଯୋଜନା ପ୍ରସ୍ତୁତ କରିଥିବା ରାହୁଲ ଏକ୍ସ'ରେ ଲେଖିଛନ୍ତି। ସେ କହିଛନ୍ତି, ମୋଦି ତୃତୀୟ ପାଳି ସରକାର ଗଠନ କରିବା ପୂର୍ବରୁ ଏନ୍‌ଇଇଟି ପରୀକ୍ଷା ଦୁର୍ନୀତି ଯୋଗୁ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପରୀକ୍ଷାର୍ଥୀ ସର୍ବାଧିକ ନମ୍ବର ରଖି ଶୀର୍ଷସ୍ଥାନ ହାସଲ କରିଛନ୍ତି। ୬୭ ଜଣଙ୍କୁ ପୂରା ନମ୍ବର ଦିଆଯାଇ ନମ୍ବର ୱାନ୍ ର୍‌ୟାଙ୍କରେ ରଖାଯାଇଛି, ଯାହାକି ବାସ୍ତବତା ଦୃଷ୍ଟିରୁ ସମ୍ଭବ ନୁହେଁ।



ରାହୁଲ ଗାନ୍ଧୀ

## ସିବିଆଇ ତଦନ୍ତ, ପୁନଃ ପରୀକ୍ଷା ଦାବି

ନୂଆଦିଲ୍ଲୀ,୯।୬

ଏନ୍‌ଇଇଟି-ୟୁଜି ପରୀକ୍ଷା ଫଳରେ ଅନିୟମିତତାକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଥିବାବେଳେ ଏହାର ସିବିଆଇ ତଦନ୍ତ ଏବଂ ପୁନଃ ପରୀକ୍ଷା ପାଇଁ ଅନେକ ଛାତ୍ରୀଛାତ୍ର ଦାବି କରିଛନ୍ତି। ପରୀକ୍ଷାରେ ୬୭ ଜଣ ଛାତ୍ରୀଛାତ୍ର ୭୨୦ରୁ ୭୨୦ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ର୍‌ୟାଙ୍କ୍ ୱାନ୍‌ରେ ଆସିବା ପ୍ରଥମ ଘଟଣା। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ କ୍ଷତିପୂରଣ ମାର୍କ ଦିଆଯିବା ମଧ୍ୟ ଅନ୍ୟତମ ପ୍ରଥମ ଘଟଣା। ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ବିବାଦ ଘେରକୁ ଆସିଛି। ପୂର୍ବରୁ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଜଣେ କିମ୍ବା ୨ ଜଣ ଟପ୍ପର ହେଉଥିଲେ। ଏଥର ଏକସଙ୍ଗେ ୬୭ ପିଲା ୭୨୦ରୁ ୭୨୦ ନମ୍ବର ରଖି ୯୯.୯୯୭୧୨୯ ପର୍ସେଣ୍ଟାଇଲ୍ ସହ ଟପ୍ପର ହେଲେ କିପରି ବୋଲି ପ୍ରଶ୍ନ ଉଠିଛି। ତେଣୁ ମେ' ୫ରେ ହୋଇଥିବା ଏହି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହେଉଥିବାବେଳେ ଏନ୍‌ଟିଏ ଏହାକୁ ଖଣ୍ଡନ କରିଛି। ରେଜଲ୍ଟ ଅନିୟମିତତାକୁ ନେଇ ନ୍ୟାଶନାଲ ଷ୍ଟୁଡେଣ୍ଟ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍ଏସ୍‌ୟୁଆଇ)ର ସଦସ୍ୟମାନେ ଶନିବାର ଭୋପାଳରେ ଏନ୍‌ଟିଏ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରେଜଲ୍ଟ ବିଭ୍ରାଟକୁ ନେଇ ସୁପ୍ରିମକୋର୍ଟ ସମେତ ବିଭିନ୍ନ ଅଦାଲତରେ ପିଟିଶନ ଦାଏର ହୋଇଛି। ଲୋକ ସଭା ନିର୍ବାଚନ ଫଳ ପ୍ରକାଶ ଦିନ ଏନ୍‌ଇଇଟି ରେଜଲ୍ଟ ବାହାରିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ତରବରରେ ପରୀକ୍ଷା ଫଳ ଘୋଷଣାକୁ ମଧ୍ୟ ଏନ୍‌ଟିଏ ଖଣ୍ଡନ କରିଛି। ତେବେ ଏସବୁର ସିବିଆଇ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଅନେକ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଦାବି କରିଛନ୍ତି।

# ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରୁ ପିଲା ଚୋରି

ବାଲେଶ୍ୱର,୯।୬(ମାନସ ବିଶ୍ୱାଳ)


ସିସିଟିଭିରେ କଏଦ ଶିଶୁପୁତ୍ରକୁ ଚୋରିକରି ନେଉଥିବା ମହିଳା।

■ପୋଲିସର ନିଷ୍କ୍ରିୟତାକୁ ଦାୟୀକଲେ ପ୍ରସୂତିଙ୍କ ପରିବାର

■ଆଶା ଓ ସୁରକ୍ଷା କର୍ମୀ ଅଟକ

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରୁ ପୁଣି ଶିଶୁ ଚୋରି ଅଭିଯୋଗ। ରବିବାର ପୂର୍ବାହ୍ନରେ ଡାକ୍ତରଖାନାର ମା’ ଓ ଶିଶୁ ବିଭାଗରୁ ଏକ ନବଜାତ ଶିଶୁ ଚୋରି ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ୨ ମାସ ମଧ୍ୟରେ ଏହି ଡାକ୍ତରଖାନାରୁ ୨ ନବଜାତ ଶିଶୁ ଚୋରି ହେବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ପ୍ରସୂତିଙ୍କ ପରିବାର ଲୋକେ ଦାୟୀ କରିଥିବା ବେଳେ ଆଶା ଓ ସୁରକ୍ଷା କର୍ମୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ବାଲିଆପାଳ ଥାନା ଅଧୀନ କୁଲାଚଡ଼ ଗାଁର ପୂର୍ଣ୍ଣଚନ୍ଦ୍ର ଦଣ୍ଡପାଟଙ୍କ ସ୍ତ୍ରୀ ଅନିତା ଶନିବାର ବିଳମ୍ବିତ ରାତିରେ ପ୍ରସବ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସାଙ୍ଗରେ ତାଙ୍କ ଶାଶୁ ଓ ସ୍ଥାନୀୟ ଆଶାକର୍ମୀ ସନ୍ଧ୍ୟାରାଣୀ ଜେନା ଥିଲେ। ରାତି ପ୍ରାୟ ୧୨ଟା ବେଳେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ରବିବାର ସକାଳେ ଜଣେ ଅଜଣା ମହିଳା ସେଠାରେ ପହଞ୍ଚି ପିଲାଟିକୁ ଧରିଥିଲେ। ପରେ ଆଶାକର୍ମୀ ସନ୍ଧ୍ୟାରାଣୀଙ୍କ ସହ ବୁଲାବୁଲି ଓ କଥାବାର୍ତ୍ତା କରିଥିଲେ। ଏହାପରେ ଆଶାକର୍ମୀ ଏବଂ ଅନିତାଙ୍କ ଶାଶୁ ୱାର୍ଡରେ ନ ଥିବାବେଳେ ଉକ୍ତ ମହିଳା ଜଣକ ପିଲାଟିକୁ ଡାକ୍ତରଙ୍କ ପାଖକୁ ନେଉଛି କହି ସାଙ୍ଗରେ ନେଇଯାଇଥିଲେ। ପରେ ଆଉ ବେଡ୍‌କୁ ଫେରି ନ ଥିଲେ। ଅନିତାଙ୍କ ଶାଶୁଘର ଲୋକେ ପିଲା ଚୋରି ହୋଇଥିବା ନେଇ ହସ୍ପିଟାଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ହସ୍ପିଟାଲ ସିସି କ୍ୟାମେରା ଯାଞ୍ଚ କରି ଅଜଣା ମହିଳାଙ୍କ ଗତିବିଧିର ଭିଡିଓ ଜବତ କରିଥିବା ବେଳେ ଆଶାକର୍ମୀ ଓ ଡ୍ୟୁଟିରେ ଥିବା ହସ୍ପିଟାଲର ସୁରକ୍ଷାକର୍ମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶଥାଉ କି, ଗତ ଏପ୍ରିଲ ୨ରେ ବାଲିଆପାଳ ଥାନା ଅଧୀନ ଆଠବାଟିଆ ଅଞ୍ଚଳର ସୁଶାନ୍ତ ବାରିକଙ୍କ ସ୍ତ୍ରୀ ଟିଙ୍କିଲି ତାଙ୍କ ନବଜାତ ଶିଶୁପୁତ୍ରକୁ ଧରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଶିଶୁକୁ ଜଣ୍ଡିସ୍ ହୋଇଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟର ମା’ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଏମ୍‌ସିଏଚ୍ ବିଭାଗ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ଏପ୍ରିଲ ୪ ତାରିଖ ଦ୍ୱିପ୍ରହର ସମୟରେ ଶିଶୁଟି ପାଖରୁ ତା’ର ମା’ ଟିକେ ବାହାରକୁ ଆସିଥିବା ବେଳେ ସେହି ବେଡ୍‌ରୁ ତାକୁ କେହି ଉଠାଇ ନେଇ ତା’ ସ୍ଥାନରେ ଏକ ନବଜାତ ଶିଶୁକନ୍ୟା ରଖିଦେଇ ପଳାଇଥିଲେ। ଘଟଣା ଜଣାପଡ଼ିବା ପରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସ୍ଥାନୀୟ ମେଡିସିନ ଦୋକାନ କର୍ମଚାରୀଙ୍କ ସହାୟତା ଓ ସିସିଟିଭି ଫୁଟେଜ୍‌କୁ ଆଧାର କରି ଉକ୍ତ ଶିଶୁପୁତ୍ରକୁ ୨୪ ଘଣ୍ଟା ପରେ ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ପୋଲିସ ଏହି ଘଟଣାରେ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ରବିବାର ପୁଣି ଏଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରସୂତି ବିଭାଗରେ ଥିବା ସମସ୍ତ ମା’ ଏବଂ ପରିବାର ଲୋକଙ୍କୁ ପିଲାଚୋରି ଭୟ ଘାରିଛି। ସେପଟେ ଖୁବ୍‌ଶୀଘ୍ର ଶିଶୁକୁ ଉଦ୍ଧାର କରାଯିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ଏସ୍‌ସିବିରେ ପ୍ରଥମଥର କୋଲାଞ୍ଜିଓସ୍କୋପି, ପୋଏମ୍ ସର୍ଜରି ସଫଳ


ଏସ୍‌ସିବି ମେଡିକାଲରେ ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଟିମ୍।

କଟକ, ୯।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗରେ ଶନିବାର ପ୍ରଥମଥର ପାଇଁ କୋଲାଞ୍ଜିଓସ୍କୋପି ଏବଂ ପୋଏମ୍ ସର୍ଜରି ସଫଳତାର ସହ କରାଯାଇଛି। କଟକ ନୂଆପଡ଼ା ବାଲିସାହି ଅଞ୍ଚଳର ଲକ୍ଷ୍ମୀ ନାୟିଡୁଙ୍କ ପୋଏମ୍ ସର୍ଜରି କରାଯାଇଥିବାବେଳେ କେନ୍ଦୁଝର ଅଞ୍ଚଳର କ୍ଷୀରୋଧାରୀ ଦାସ ଓ ସୋନପୁର ଅଞ୍ଚଳର ସନ୍ତୋଷିନୀ ବାଗ୍‌ଙ୍କର କୋଲାଞ୍ଜିଓସ୍କୋପି ସର୍ଜରି କରାଯାଇଛି। ଏହାପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ପ୍ରାୟ ୧୦ ବର୍ଷ ହେବ ଲକ୍ଷ୍ମୀଙ୍କୁ ଖାଦ୍ୟ ଢୋକିବାରେ ସମସ୍ୟା ହେଉଥିଲା। ଗତ ୨ ସପ୍ତାହ ହେଲା ସେ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ପରେ ଏଠାରେ ତାଙ୍କର ପୋଏମ୍ ସର୍ଜରି କରାଯାଇଛି। ସେହିପରି କ୍ଷୀରୋଧାରୀ ଓ ସନ୍ତୋଷିନୀଙ୍କ ପିତ୍ତନଳିରେ ଷ୍ଟୋନ୍ ହୋଇଥିଲା। ଗତ ୨/୩ ମାସ ହେବ ଚିକିତ୍ସା ପାଇଁ ସେମାନେ ଏସ୍‌ସିବି ମେଡିକାଲ ଆସିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନଙ୍କର କୋଲାଞ୍ଜିଓସ୍କୋପି ସର୍ଜରି କରାଯାଇଛି। ଦିଲ୍ଲୀ ମ୍ୟାକ୍ସ ହସ୍ପିଟାଲର ଡା. ବିକାଶ ସିଙ୍ଗଲା ମୁଖ୍ୟତଃ ଏହି ଅସ୍ତ୍ରୋପଚାର କରିଥିଲେ। ଏଥିରେ ଏସ୍‌ସିବି ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗୀୟ ମୁଖ୍ୟ ଡା. ହରିଭକ୍ତି ସେବା ଦାସଙ୍କ ନେତୃତ୍ୱରେ ଉକ୍ତ ବିଭାଗର ଡା. ପ୍ରଶାନ୍ତ ପରିଡ଼ା, ଆସିଷ୍ଟାଣ୍ଟ ପ୍ରଫେସର ଡା. କୈବଲ୍ୟ ରଞ୍ଜନ ଦାସ, ଡା. ସମୀର ହୋତା, ହେପାଟୋଲୋଜି ବିଭାଗର ଡା. ମାନସ ବେହେରା, ଡା. ସନାତନ ବେହେରା, ଡା. ରାକେଶ କୁମାର ବାରିକ ସାମିଲ ଥିଲେ। ଏହି ଅସ୍ତ୍ରୋପଚାର ଶନିବାର ଅପରାହ୍ନ ୧୨ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଥିଲା। ଏନେଇ ଡା. ହରିଭକ୍ତି ସେବା ଦାସ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏସ୍‌ସିବି ମେଡିକାଲ ଇତିହାସ ରଚିଛି। ଏଠାରେ ପ୍ରଥମଥର ପାଇଁ କୋଲାଞ୍ଜିଓସ୍କୋପି ଓ ପୋଏମ୍ ସର୍ଜରି କରାଯାଇଛି। ଏଥିରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି।

## ତିନିଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

# ରାଜନୀତିରୁ ଅବସର ନେଲେ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର,୯।୬(ଅନିଲ ଦାସ)



ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ଅଚ୍ୟୁତ ସାମନ୍ତ ରବିବାର ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେଇଛନ୍ତି। ସେ ଶନିବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ରାଜନୀତିରୁ ଅବସର ନେଉଥିବା ଜଣାଇଥିଲେ। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ତାଙ୍କୁ ସୁଯୋଗ ଦେଇଥିବାରୁ ସେ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ତେବେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେବା ପରେ ସେ ସମାଜସେବାରେ ସକ୍ରିୟ ରହିବେ ବୋଲି ଅଚ୍ୟୁତ କହିଛନ୍ତି। ଚଳିତ ନିର୍ବାଚନରେ କନ୍ଧମାଳ ସଂସଦୀୟ କ୍ଷେତ୍ରରୁ ଲଢ଼ି ଅଚ୍ୟୁତ ପରାଜିତ ହୋଇଥିଲେ। ସେ ଭାଜପା ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀଙ୍କଠାରୁ ୨୧,୩୭୧ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ଏହି ଅବସରରେ ସେ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ଜନସାଧାରଣଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

# ଜେଇଇ ଆଡ୍‌ଭାନ୍ସଡ: ବେଦ ଲାହୋଟି ସର୍ବଭାରତୀୟ ଟପ୍ପର

ଭୁବନେଶ୍ୱର, ୯।୬(ଅସମାପିକା ସାହୁ)

ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ଆଡ୍‌ଭାନ୍ସଡ ଫଳ ରବିବାର ପ୍ରକାଶ ପାଇଛି। ଚଳିତବର୍ଷ ମୋଟ ୧,୮୦,୨୦୦ ଛାତ୍ରୀଛାତ୍ର ଜେଇଇ ଆଡ୍‌ଭାନ୍ସଡ ପରୀକ୍ଷା ଦେଇଥିବାବେଳେ ୪୮,୨୪୮ଜଣଙ୍କୁ ର୍‍ୟାଙ୍କ୍ ମିଳିଛି। ଏମାନଙ୍କ ମଧ୍ୟରେ ୭,୯୬୪ଜଣ ଛାତ୍ରୀ ରହିଛନ୍ତି। ଏଥର ଆଇଆଇଟି ଦିଲ୍ଲୀ ଜୋନ୍‌ର ବେଦ ଲାହୋଟି ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେ ୩୬୦ରୁ ୩୫୫ ମାର୍କ ରଖିଛନ୍ତି। ଆଇଆଇଟି ମାଡ୍ରାସ ଦ୍ୱାରା ପରିଚାଳିତ ଜେଇଇ ଆଡ୍‌ଭାନ୍ସଡରେ ୩୪୬ ମାର୍କ ସହ ଦ୍ୱିତୀୟରେ ଆଦିତ୍ୟ(ଦିଲ୍ଲୀ ଜୋନ୍) ଏବଂ ୩୩୮ ମାର୍କ ରଖି ତୃତୀୟରେ ଭୋଗପଲ୍ଲୀ ସନ୍ଦେଶ(ମାଡ୍ରାସ ଜୋନ୍) ରହିଛନ୍ତି। ତେବେ ଶ୍ରେଷ୍ଠ ୧୦ରେ ଆଇଆଇଟି ମାଡ୍ରାସର ୪ଜଣ ରହିଛନ୍ତି। ରିଦିମ କେଡିଆ(ଆଇଆଇଟି ରୁର୍‌କି) ୩୩୭ ସହ ଚତୁର୍ଥରେ ଥିବା ବେଳେ ପଞ୍ଚମରେ ପୁଟ୍ଟି କୁଶଲ କୁମାର(ଆଇଆଇଟି ମାଡ୍ରାସ) ୩୩୪, ଷଷ୍ଠରେ ରାଜଦୀପ ମିଶ୍ର(ଆଇଆଇଟି ବମ୍ବେ) ୩୩୩, ସପ୍ତମରେ ଦ୍ୱୀଜା ଧର୍ମେଶକୁମାର ପଟେଲ ୩୩୨, ଅଷ୍ଟମରେ କୋଡୁରୀ ତେଜେଶ୍ୱରୀ(ଆଇଆଇଟି ମାଡ୍ରାସ) ୩୩୧, ଧ୍ରୁବିହେମନ୍ତ ଦୋଶୀ(ଆଇଆଇଟି ବମ୍ବେ) ୩୨୯ ଏବଂ ଦଶମରେ ଆଲ୍ଲାଦାବୋନା ଏସ୍‌ଏସ୍‌ଡିବି ସିଦ୍ଧିକ ସୁହାସ(ଆଇଆଇଟି ମାଡ୍ରାସ) ୩୨୯ ମାର୍କ ରଖିଛନ୍ତି। ସେହିଭଳି ଆଇଆଇଟି ବମ୍ବେ ଜୋନର ଦ୍ୱୀଜା ଧର୍ମେଶକୁମାର ପଟେଲ ଛାତ୍ରୀଙ୍କ ମଧ୍ୟରେ ଟପ୍ପର ହୋଇଛନ୍ତି।

ଆଇଆଇଟି ମାଡ୍ରାସ ଜୋନ୍‌ରୁ ଅଧିକ ପରୀକ୍ଷାର୍ଥୀ ର୍‍ୟାଙ୍କ ପାଇଥିବାବେଳେ ଏହାତଳକୁ ଆଇଆଇଟି ଦିଲ୍ଲୀ, ଆଇଆଇଟି ବମ୍ବେ ଜୋନ୍ ରହିଛି। ଶ୍ରେଷ୍ଠ ୫୦୦ଜଣଙ୍କ ମଧ୍ୟରେ ୧୪୫ଜଣ ଆଇଆଇଟି ମାଡ୍ରାସ ଜୋନ୍‌ର ଥିବାବେଳେ ୧୩୬ଜଣ ଆଇଆଇଟି ବମ୍ବେରୁ ଏବଂ ୧୨୨ଜଣ ଆଇଆଇଟିଦିଲ୍ଲୀ ଜୋନ୍‌ର ରହିଛନ୍ତି। ୭ଜଣ ବିଦେଶୀ ପରୀକ୍ଷାର୍ଥୀ ଓ ୧୭୯ଜଣ ଓସିଆଇ ପରୀକ୍ଷାର୍ଥୀ ର୍‍ୟାଙ୍କ ପାଇଛନ୍ତି। ସୋମବାରରୁ କାଉନ୍‌ସେଲିଂ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।



**ଆଜିର ମନ୍ତବ୍ୟ**

ନରେନ୍ଦ୍ର ମୋଦି ସରକାର ଏକ ନୂତନ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ ରହିବ। ଭାରତ ବିଶ୍ୱ ମଞ୍ଚରେ ପ୍ରତି କ୍ଷେତ୍ରରେ ନେତୃତ୍ୱ ନେବ। **–ଅମିତ୍ ଶାହା, କେନ୍ଦ୍ରମନ୍ତ୍ରୀ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୭ମ ଗୀତାଞ୍ଜଳି ପ୍ରତିଭା ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ଚନ୍ଦନ ମଉଜ, ସ୍ଥାନ: ଗୁଆଝର, ସମୟ: ଅପରାହ୍ନ ୫ଟା।
- ଗୀତଗୋବିନ୍ଦ ଲୋକାର୍ପଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୧୪ତମ ମାର୍ଗି ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଶିବପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ:ରାଧାଦାମୋଦରପୁର(କଣ୍ଟାବନ୍ଧ) ଜମେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୯ଟା।
- ପୁଣ୍ୟଭୂମି ପକ୍ଷରୁ ସୁସ୍ମିତା ରଥଙ୍କ ଗଳ୍ପ ସଙ୍କଳନ ସମ୍ପର୍କ ଭିନ୍ନ ଭିନ୍ନର ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ହରପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ଖୁଣ୍ଟୁଣୀ ବାଲୁଙ୍କେଶ୍ୱର ମନ୍ଦିର ପରିସର, ସମୟ: ରାତି ୯ଟା।

## ପୁରୀ
- ଟେନିସ୍ ଚାମ୍ପିୟନଶିପ, ସ୍ଥାନ: ରୋଟାରୀ କ୍ଲବ ପରିସର, ପୁରୀ, ସମୟ: ସକାଳ ୭ ଟା।
- ଜାତୀୟସ୍ତରୀୟ କଳା ପ୍ରଦର୍ଶନୀ, ସ୍ଥାନ: ରିଜିଓନାଲ ଆର୍ଟ ଗ୍ୟାଲେରୀ ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ସିନିୟର୍ ଜାତୀୟ ହାମରବଲ ପ୍ରତିଯୋଗିତା, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ପୁରୀ, ସମୟ: ଅପରାହ୍ନ ୪ଟା।
- ଅନୁରାଗ ସାହିତ୍ୟ ସଙ୍ଗୋଷ୍ଠି ପକ୍ଷରୁ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଓଡ଼ିଶା ସଙ୍ଗୀତ ପରିଷଦ, ପୁରୀ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାଧିବାସ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ଅପରାହ୍ନ ୫ଟା।
- ଶୀତଳ ଷଷ୍ଠୀ ମହୋତ୍ସବ, ସ୍ଥାନ: ଗୋବିନ୍ଦପୁର ମହୋତ୍ସବ ପଡ଼ିଆ, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ଶୀତଳ ଷଷ୍ଠୀ ବିବାହ ଉତ୍ସବ, ସ୍ଥାନ:ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସର, ଜଟଣୀ ଗାଁ, ହାଟବଜାର, ସମୟ: ରାତି ୮ଟା।

## ବାଲେଶ୍ୱର
- ଆଞ୍ଚଳିକ ବ୍ରାହ୍ମଣ ସମିତିର ବ୍ରହ୍ମଯଜ୍ଞ ସମୀକ୍ଷା ବୈଠକ, ସ୍ଥାନ: ଖଇରା ଶିବ ମନ୍ଦିର, ସମୟ: ଅପରାହ୍ନ ୩ଟା୩୦।
- ସୁନ୍ଦରପୁର ରଜ ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜେବିସିସି ଶିକ୍ଷାକେନ୍ଦ୍ର, ଖଇରା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଶିବ ପାର୍ବତୀଙ୍କ ବିବାହ ଉପଲକ୍ଷେ ମଙ୍ଗଳପାକ, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ସକାଳ ୭ଟା।
- ଆଚର୍ଯ୍ୟାଆଚାର୍ଯ୍ୟ ସାମୂହିକ କର୍ମଶାଳା ଉଦ୍‌ଯାପିତ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦେହୁଡ଼ି ଆନନ୍ଦପୁର, ଧାମନଗର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଆନ୍ତର୍ଜାତିକ ଯୋଗ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ବଡବିଲ, କେନ୍ଦୁଝର ସମୟ: ସକାଳ ୯ ଟା।
- ଆନନ୍ଦପୁର ବିଧାୟକଙ୍କ ବିଭିନ୍ନ ପଞ୍ଚାୟତରେ ବୈଠକ ଏବଂ ସମୀକ୍ଷା, ସ୍ଥାନ: ହାଟଡିହୀ, ସମୟ: ସକାଳ ୯ ଟା।
- ଅଷ୍ଟମପ୍ରହର ନାମ ସଙ୍କୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: ଜଳକଳଙ୍ଗ, ହାଟଡିହୀ,ସମୟ: ଅପରାହ୍ନ ୪ ଟା

## ମୟୂରଭଞ୍ଜ
- ୬୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଚତୁର୍ଥ ଦିବସ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ରାସଗୋବିନ୍ଦପୁର, ସମୟ:ସକାଳ ୮ଟା।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱରତାଲ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନିତୁଆପଦା ଛଉ ପଡ଼ିଆ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର
- ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଯାପନୀ, ସ୍ଥାନ: ଗୋସାଇଁ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- କପିଳେଶ୍ୱର ମହାଦେବଙ୍କ ବିବାହ ଉତ୍ସବ , ସ୍ଥାନ: ସାନ ବଜାର କପିଳେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ଦିବ୍ୟଶକ୍ତି ସାଧନା ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ
- ରାମଚରିତ ମାନସ ପାରାୟଣ, ପ୍ରବଚନ ତୃତୀୟ ଦିନ, ସ୍ଥାନ: ନୂଆଗାଁ ମାନସ ପଡିଆ, ସମୟ: ସକାଳ ୭ଟା, ସନ୍ଧ୍ୟା ୭ଟା।

## ଢେଙ୍କାନାଳ
- ଶ୍ରୀଶ୍ରୀ ଭୋଳେଶ୍ୱରଜୀଉଙ୍କ ବିବାହ ଉତ୍ସବ, ସ୍ଥାନ: ଢେଙ୍କାନାଳ ଭୋଜଦେଇପୁର ଗ୍ରାମ, ସମୟ: ରାତି ୯ଟା।
- ଶ୍ରୀଶ୍ରୀ ନାଗେନାଥଶ୍ୱରଙ୍କ ବିବାହ ଉତ୍ସବ, ସ୍ଥାନ: ଢେଙ୍କାନାଳ ବଡ଼ ନାଗେନାସ୍ଥିତ ନାଗେନାଥଶ୍ୱରଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ବାଦ୍ୟ ସଙ୍ଗୀତ ସମାରୋହ, ସ୍ଥାନ: ଶଙ୍କର ରଙ୍ଗ ମହଲ, ରାଜବାଟି ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ମା' ଭୈରବୀ ପୀଠ, ବିଜିଗୋଳ କଣିହାଁ ଏନଟିପିସି ପମ୍ପ ହାଉସ ନିକଟ, ସମୟ: ସନ୍ଧ୍ୟା ୬ ଟା।

## ଜଗତ୍‌ସିଂହପୁର
- ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପାରାଦୀପଗଡ ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଶୀତଳ ଷଷ୍ଠୀ ଉପଲକ୍ଷେ କଣ୍ଟକେଶ୍ୱର ମହାଦେବ ଓ ମା'ଭବାନୀଙ୍କ ବିବାହ ଉତ୍ସବ, ସ୍ଥାନ: ବାଲିଆ ଲକ୍ଷ୍ମୀ ନାରାୟଣ ମନ୍ଦିର, କୁଜଙ୍ଗ, ସମୟ: ରାତି ୯ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।
- ଶୀତଳଷଷ୍ଠୀ ଉପଲକ୍ଷେ ବିବାହ ଉତ୍ସବ, ସ୍ଥାନ: ଗର୍ତ୍ତେଶ୍ୱର ମହାଦେବ ପୀଠ, ରାଜନଗର, ସମୟ: ଅପରାହ୍ନ ୫ଟା।
- ଶୀତଳଷଷ୍ଠୀ ଉପଲକ୍ଷେ ବିବାହ ଉତ୍ସବ, ସ୍ଥାନ: ଅମ୍ବରେଶ୍ୱର ମହାଦେବ ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ବାର୍ଷିକ ଏନ୍‌ସିସି ପ୍ରଶିକ୍ଷଣ ଶିବିର, ସ୍ଥାନ: ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।
- ଯାଜପୁର ପୋଷ୍ଟାଲ ଡିଭିଜନ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ମୁଖ୍ୟ ଡାକଘର କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ଏଚପିସି ପକ୍ଷରୁ ଲିଗ ଚାମ୍ପିୟନସିପର ଚତୁର୍ଥ ସଂସ୍କରଣ, ସ୍ଥାନ : ଯାଜପୁର ପର୍ଫମେନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ବ୍ୟାସନଗର ମଞ୍ଚ ପକ୍ଷରୁ ଗ୍ରୀଷ୍ମକାଳୀନ କ୍ରୀଡା ଉତ୍ସବ, ସ୍ଥାନ: ଯାଜପୁର ରୋଡ ରାଜୀବ ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବଳରାମପ୍ରସାଦ ଜଗନ୍ନାଥଙ୍କ ଦାରୁ ସ୍ଥଳ, ସମୟ: ସକାଳ ସାଢ଼େ ୭ଟା।
- ସଙ୍କୁଳସ୍ତରୀୟ ସାମୁହିକ ଆଚାର୍ଯ୍ୟା କର୍ମଶାଳାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ସାଢ଼େ ୮ଟା।
- ଶିବ ବିବାହର ପର୍ବ ଅବସରରେ ଶୀତଳ ଷଷ୍ଠୀ ଯାତ୍ରା, ସ୍ଥାନ: ଶରଣକୁଳ ଲଡୁବାବା ମନ୍ଦିର, ସମୟ: ରାତି ୧୧ଟା।
- ଶିବ ବିବାହର ପର୍ବ ଅବସରରେ ଶୀତଳ ଷଷ୍ଠୀ ଯାତ୍ରା, ସ୍ଥାନ: ନୟାଗଡ଼ ସହରର ରାମେଶ୍ୱର, ବିଶ୍ୱନାଥ ଓ ସ୍ୱପ୍ନେଶ୍ୱର ମନ୍ଦିର, ସମୟ: ରାତି ୧୧ଟା।

## ରାୟଗଡ଼ା
- ରଜ ମହୋତ୍ସବ ପାଇଁ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ତ୍ରିପାଠୀ ସାହି, କଲ୍ୟାଣସିଂପୁର, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀ ଗୁଣ୍ଡିଚା ମନ୍ଦିରର କଳସ ସ୍ଥାପନ ପୂଜା, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର, ଗୁଣପୁର, ସମୟ : ସକାଳ ୯ଟା ୩୦ ।

## ନବରଙ୍ଗପୁର
- ସିଦ୍ଧି ବିନାୟକ ମନ୍ଦିର, ସ୍ୱାମୀ ଆୟାପ୍ପା, କାର୍ତ୍ତିକେଶ୍ୱର ମନ୍ଦିର ପୁନଃ ସ୍ୱରଚନା ଓ ନବ ନିର୍ମିତ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ମୋହତ୍ସବର ତୃତୀୟ ଦିବସରେ ଇନ୍ଦ୍ର ଇନ୍ଦ୍ରାଣୀଙ୍କ ପ୍ରାଣ ପ୍ରତିଷ୍ଠା, ପୂଜା ହୋମ, ଶିଖରେ ରତ୍ନ କଳସ ସ୍ଥାପନ, ସ୍ଥାନ: ନବରଙ୍ଗପୁର ରାଜୁ ସାହି, ସମୟ: ପୂର୍ବାହ୍ନ ୧୧ଟା ୫ରୁ ମଧ୍ୟାହ୍ନ ୧୨ଟା ୧୫ ମଧ୍ୟରେ।

## କୋରାପୁଟ
- ଶିବ ବିବାହ ଉତ୍ସବ, ସ୍ଥାନ: ଦାମନଯୋଡ଼ିସ୍ଥିତ ଭେଜାପୁଟ ସିଦ୍ଧେଶ୍ୱର ମହାଦେବ ମନ୍ଦିର, ସମୟ: ଅପରାହ୍ନ ୩ଟାରୁ ଆରମ୍ଭ।
- ଅଦା ଓ ହଳଦୀ କ୍ରୟ ନେଇ କ୍ରେତା ଏବଂ ବିକ୍ରେତା ବୈଠକ, ସ୍ଥାନ: ସେମିଳିଗୁଡ଼ାସ୍ଥିତ ଏମ୍ପରିଆଲ ଇନ୍: ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସୋମନାଥ ବାବାଙ୍କ ବରାତି ଶୋଭାଯାତ୍ରା, ସ୍ଥାନ : ବାଲିବନ୍ଧା, ସମୟ : ରାତି ସାଢ଼େ ୯ଟା ।
- ବାଲୁଙ୍କେଶ୍ୱର ବାବାଙ୍କ ବରାତି, ସ୍ଥାନ : ନନ୍ଦପଡା, ସମୟ: ରାତି ୧୧ଟା ।
- ଲୋକନାଥ ବାବାଙ୍କ ବରାତି, ସ୍ଥାନ : ଝାଡୁଆପଡା, ସମୟ : ରାତି ସାଢ଼େ ୧୧ଟା ।
- ଜାଗେଶ୍ୱର ବାବାଙ୍କ ବରାତି ଶୋଭାଯାତ୍ରା, ସ୍ଥାନ : ମୁଦିପଡା, ସମୟ: ସାଢ଼େ ୧୧ଟା ।
- ଶୀତଳେଶ୍ୱର ବାବାଙ୍କ ବରାତି ଶୋଭାଯାତ୍ରା, ସ୍ଥାନ : ରିଂ ରୋଡ ସ୍ଥିତ ମନ୍ଦିର ସମ୍ମୁଖ, ସମୟ: ରାତି ୭ଟା ।
- ଗୁପ୍ତେଶ୍ୱର ବାବାଙ୍କ ବରାତି, ସ୍ଥାନ : ଠାକୁର ପଡା, ସମୟ : ରାତି ୧୧ଟା ।
- ବୁଢ଼ାରଜା ମହାଦେବଙ୍କ ବରାତି କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା, ସମୟ : ରାତି ୧୧ଟା ।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ଶୀତଳଷଷ୍ଠୀରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ବିବାହ ଉପଲକ୍ଷେ ବରାନୁଗମନ, ପାଣିଗ୍ରହଣ, ସ୍ଥାନ: ଲାଲଟିକ୍ରା/ଏବିଏସ୍‌ଏସ୍ ରୋଡ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା।
- ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କ ବିବାହ ପାଣିଗ୍ରହଣ ସ୍ଥାନ: ସାଗରପଡା, ବଲାଙ୍ଗୀର, ସମୟ: ରାତି ୮ଟା ।

## ସୁବର୍ଣ୍ଣପୁର
- ଶୀତଳ ଷଷ୍ଠୀରେ ଶିବ ପାର୍ବତୀ ବିବାହ, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ବ୍ଲକ ଗୋଧନେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା ଅବସରରେ ଶିବପାର୍ବତୀଙ୍କ ବିବାହ, ସ୍ଥାନ: ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା ଅବସରରେ ବରାନୁଗମନ, ସ୍ଥାନ: ଚନ୍ଦ୍ରଶେଖର ମନ୍ଦିର, ସମୟ: ସନ୍ଧ୍ୟା ୫ଟା।
- ଡୁଙ୍ଗୁରିପାଲି ବ୍ଲକ ଶିବାନନ୍ଦପଡାରେ ଶୀତଳଷଷ୍ଠୀ ଯାତ୍ରା ଅବସରରେ କପାସିରା ଗାଁରୁ ବରାନୁଗମନ, ସ୍ଥାନ: ଶିବାନନ୍ଦ ପଡା, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ରକ୍ତଦାନ ଶିବିର, ସ୍ଥାନ: ନୋବେଲ କ୍ଲବ, ସମୟ: ସକାଳ ୮ଟା।
- ଓଡିଆ ନାଟକ ଫେସ୍‌ଟିଭାଲ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ଶିବ ପାର୍ବତୀ ବିବାହ ଉତ୍ସବ,ସ୍ଥାନ: ସେକ୍ଟର–୫ ସ୍ଥିତ ଗୁଣ୍ଡିଚା ମନ୍ଦିର, ସମୟ: ରାତି ୮ଟା।

## ସୁନ୍ଦରଗଡ଼
- ସିଦ୍ଧେଶ୍ୱର ବାବାଙ୍କ ବରାନୁଗମନ ଓ ବିବାହ ପାଣିଗ୍ରହଣ,ସ୍ଥାନ:ମହାନ୍ତି ପଡା,ସମୟ:ସନ୍ଧ୍ୟା ୭ଟା।

## ବରଗଡ଼
- ଶୀତଳଷଷ୍ଠୀ ମହୋତ୍ସବ, (ପାର୍ବତୀଙ୍କ ହରିଦ୍ରାଧିବାସ), ସ୍ଥାନ: ବରଗଡ଼, ସମୟ: ସକାଳ ୮ଟା।
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଭେଡ଼େନ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ, (ରୁଦ୍ରାଭିଷେକ, ହରିଦ୍ରାଦିବାସ), ସ୍ଥାନ: ସ୍ୱପ୍ନେଶ୍ୱର ମନ୍ଦିର, କଣ୍ଟାପଡ଼ା, ପଦ୍ମପୁର, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ, ଅଳଙ୍କାର ଧାରଣ(ପାଟମୁଦି) ଶୋଭାଯାତ୍ରା, ସ୍ଥାନ: ବରପାଲି, ସମୟ: ଅପରାହ୍ନ ୫ଟା।
- ଶୀତଳଷଷ୍ଠୀ ମହୋତ୍ସବ, (ବର ଆଗମନ), ସ୍ଥାନ: ବରଗଡ଼, ସମୟ: ସନ୍ଧ୍ୟା ୭ଟା।
- ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ, (ବର ଆଗମନ), ସ୍ଥାନ: କଣ୍ଟାଝୁଡ଼ା, ଗାଇସିଲେଟ୍
- ସମୟ: ସନ୍ଧ୍ୟା ୭ଟା।
- ରାମେଶ୍ୱର ବାବାଙ୍କ ଶୀତଳଷଷ୍ଠୀ, (ହଳଦୀ ଲେପନ), ସ୍ଥାନ: ରାମେଶ୍ୱର ମନ୍ଦିର, ପଦ୍ମପୁର, ସମୟ: ରାତି ୮ଟା।

## କଳାହାଣ୍ଡି
- ଶ୍ରୀଶ୍ରୀ ବାଲୁଙ୍କେଶ୍ୱରଙ୍କ ଶୁଭବିବାହ, ଶୀତଳଷଷ୍ଠୀ ଯାତ୍ରା, ସ୍ଥାନ: ଭବାନୀପାଟଣା, ପୁରୁଣାପଡା, ସମୟ: ରାତି ୯ଟା ୧୪।

## ନୂଆପଡ଼ା
- ଭାଗିବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ ଟା।
- ଶୀତଳଷଷ୍ଠୀ ଅବସରରେ ଯୋଗେଶ୍ୱର ବାବାଙ୍କ ବରାତି ଗମନ, ସ୍ଥାନ: ନୂଆପଡ଼ା ବାଲୁଙ୍କେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ଶୀତଳଷଷ୍ଠୀ ଅବସରରେ ବର ସ୍ୱାଗତ ସମାରୋହ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- ଶୀତଳଷଷ୍ଠୀ ଅବସରରେ ବର ସ୍ୱାଗତ ସମାରୋହ, ସ୍ଥାନ: ପତୋରା ଯୋଗେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ ଟା।
- ଶୀତଳଷଷ୍ଠୀ ଅବସରରେ ପାଣିଗ୍ରହଣ ଓ କନ୍ୟା ଆଗମନ, ସ୍ଥାନ: ପତୋରା ଯୋଗେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବୌଦ୍ଧ
- ବୌଦ୍ଧ ସହରସ୍ଥିତ ଜଗନ୍ନାଥଙ୍କ ରଥଯାତ୍ରା ପାଳନ ଅବସରରେ ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ଗୃହ, ବୌଦ୍ଧ, ସମୟ: ଅପରାହ୍ନ ୪ଟା ୩୦ ମିନିଟ।
- ଉମ୍ବୁରୁଗାଡ ସିଦ୍ଧ ତପୋବନ ଆଶ୍ରମରେ ରୁଦ୍ରାଭିଷେକ ଉପଲକ୍ଷେ ସାହାଜପାଲ ଜଗନ୍ନାଥ ମନ୍ଦିରରେ ପ୍ରବଚନ, ସ୍ଥାନ: ସାହାଜପାଲ ଜଗନ୍ନାଥ ମନ୍ଦିର, ବୌଦ୍ଧ ବ୍ଲକ , ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାଅର୍ଚ୍ଚନା ସହ ମହାଆଳତୀ, ସ୍ଥାନ: ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଗ୍ରୀଷ୍ମକାଳୀନ ଶିବିର, ସ୍ଥାନ: ପ୍ରଜାପିତା ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ଶ୍ରୀମଦ୍‌ଭାଗବତ କଥାମୃତ ତୃତୀୟ ସନ୍ଧ୍ୟା, ସ୍ଥାନ: ସହରସ୍ଥିତ ତିବ୍ରିୱାଲ ଧର୍ମଶାଳା, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କ ସାନ୍ନିଧ୍ୟରୁ ଖୁସି ହେବେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ନିଜର କାମଗୁଡିକୁ ସ୍ଥଗିତ ରଖି ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବାପାଇଁ ବାଧ୍ୟ ହୋଇପାରନ୍ତି।

**ବୃଷ** — ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ସ୍ୱଗୃହୀ ଶନିଙ୍କ ପ୍ରଭାବରୁ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ପ୍ରିୟବ୍ୟକ୍ତି ସାହାଯ୍ୟ କରିବେ। ଈର୍ଷା ପରାୟଣ ବ୍ୟକ୍ତି ଆପଣଙ୍କ ପ୍ରଶଂସାକୁ ସହି ନ ପାରି ସମାଲୋଚନା କରିବେ। ବନ୍ଧୁମାନଙ୍କ ସହାୟତା ଲାଭକରି କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

**ମିଥୁନ** — ସମସ୍ୟା ରହିଥିଲେ ମଧ୍ୟ ହାତକୁ ନେଇଥିବା ଗୁରୁତ୍ୱପୂର୍ଣ୍ଣ କାମଟି ବାଧାପ୍ରାପ୍ତ ହେବ ନାହିଁ। ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତୀକ୍ଷା କରିଥିବା ଲୋକଟିଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ। ପଡୋଶୀଙ୍କ ହସ୍ତକ୍ଷେପ ଫଳରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଆତ୍ମୀୟଙ୍କ ସହୃଦୟତାରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ।

**କର୍କଟ** — ମାନସିକ ଓ ଶାରୀରିକ ସୁସ୍ଥତା ରହିଲେ ମଧ୍ୟ ସାମାଜିକ ସ୍ତରରେ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। ଆଜି ଯେଉଁ ଜିନିଷ ପାଇବାକୁ ଅପେକ୍ଷା କରିଛନ୍ତି ତାହା ବିଳମ୍ବରେ ପାଇବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବିଭିନ୍ନ ସମସ୍ୟା ଭିତରେ ଚଳୁଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ।

**ସିଂହ** — ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ଉତ୍ତରା ଫାଲଗୁନୀ ନକ୍ଷତ୍ରର ଅଧିକାଂଶ ସମୟ ବିଚଳିତ ରହିବା କାରଣରୁ ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ବନ୍ଧୁଙ୍କ ଜରିଆରେ ଅପରାହ୍ନେ ଶୁଭ ଖବର ପାଇପାରନ୍ତି।

**କନ୍ୟା** — ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ସହ ଋଣଭାର ପରିଶୋଧ ଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ତୁଳା** — ବିଶେଷ ଅସୁବିଧା ନ ଥିଲେ ମଧ୍ୟ ନିଜ ଲୋକଙ୍କ ଆଚରଣ ଓ ବ୍ୟବହାରର ବିଷମତାକୁ ନେଇ ଚିନ୍ତିତ ରହିପାରନ୍ତି। ଅଯଥା ଅପବ୍ୟୟଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ପରୋକ୍ଷ ଶତ୍ରୁତାଜନିତ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ।

**ବିଛା** — ମନରେ ବହୁତ କଥା ଭରି ରହିଥିଲେ ମଧ୍ୟ ନୀରବତାକୁ ପସନ୍ଦ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ କାମ ପଛକୁ ପକାଇ ଅନ୍ୟମାନଙ୍କ କାମରେ ଅନୁପ୍ରବେଶ କାରଣରୁ ମନ ସର୍ବଦା ବିଚଳିତ ରହିବ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା କଷ୍ଟକର ହୋଇପଡିବ।

**ଧନୁ** — ପ୍ରତ୍ୟେକ କାମରେ ସମସ୍ୟା ଓ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିପାରେ। ଜଣେ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କରିପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟ ହେବ। ସମୟ ଓ ପରିସ୍ଥିତିର ତାଡନାରେ ଆଜି କଠୋର ପରିଶ୍ରମଜନିତ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ମକର** — କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ମନୋବଳ ବୃଦ୍ଧି ପାଇବ। ଶିକ୍ଷା, ଆଲୋଚନା, ଗଠନମୂଳକ କାମ ଓ ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ। ପରିବାରରେ ହଠାତ୍ ପ୍ରତିକ୍ରିୟା ପ୍ରକାଶ କଲେ ଅନର୍ଥ ହୋଇପାରେ। ଅର୍ଥସଂକଟ ହେତୁ କେତେକ କାମ ଅଟକି ରହିଯିବାର ସୂଚନା ରହିଛି।

**କୁମ୍ଭ** — ସମସ୍ୟା ରହିଥିଲେ ମଧ୍ୟ କାମ ଅଟକିବ ନାହିଁ ଏବଂ ଯାହା ଚାହୁଁଛନ୍ତି ତାହା ପାଇବେ। ଆଲୋଚନା, ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ। ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ତ୍ୟାଗ କଲେ କେତେକାଂଶରେ ଉପକୃତ ହେବେ। ଆଜି ସକାଳୁ ସକାଳୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବ।

**ମୀନ** — ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ବନ୍ଧୁବର୍ଗଙ୍କ ସମାଦର ଦିନଟିକୁ ରୁଚିପୂର୍ଣ୍ଣ କରାଇବ। ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ବନ୍ଧୁମାନଙ୍କ ସାହାଯ୍ୟ ସହଯୋଗ ଲାଭ କରି କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

ଆଜି ଜୁନ୍ ୧୦ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ସୋମବାର, ଶିବ ବିବାହ, ମୁକ୍ତିମଣ୍ଡପ ଅନ୍ତର୍ଗତ ଶାସନମାନଙ୍କରେ ଶିବବିବାହ ଉତ୍ସବ, ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଦିବା ଘ.୦୮।୪୧ ଗତେ, ଘ.୧୦।୪୭ ମଧ୍ୟେ, ରାତ୍ରି ଘ.୦୯।୧୪ ଗତେ, ଘ. ୧୦।୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬।୪୯ ମି. ଗତେ, ଘ.୦୮।୨୮ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ସହଯୋଗୀଙ୍କ ଭରସାରେ ...

କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ୍ ୫ ବର୍ଷର ବ୍ୟବଧାନ ପରେ ପୁଣି କ୍ୟାବିନେଟକୁ ଫେରିଛନ୍ତି। ଜୁଏଲଙ୍କ ପରେ ଗିରିରାଜ ସିଂ ଓ ଅଶ୍ୱିନୀ ବୈଷ୍ଣବ ଶପଥ ନେଇଥିଲେ। ଓଡ଼ିଶାରୁ ୨୦ ଭାଜପା ଏମ୍‌ପି ନିର୍ବାଚିତ ହୋଇଥିବାବେଳେ ଧର୍ମେନ୍ଦ୍ର, ଜୁଏଲ୍ ଓ ଅଶ୍ୱିନୀଙ୍କୁ ମିଶାଇ ମାତ୍ର ୩ ଜଣଙ୍କୁ କେନ୍ଦ୍ର କ୍ୟାବିନେଟରେ ସୁଯୋଗ ମିଳିଛି। ଜ୍ୟୋତିରାଦିତ୍ୟ ସିନ୍ଧିଆ, ଭୂପେନ୍ଦ୍ର ଯାଦବ, ଗଜେନ୍ଦ୍ର ସିଂ ଶେଖାୱତ ନିଜ ନିଜ ମନ୍ତ୍ରୀପଦ ବଜାୟ ରଖିଥିବାବେଳେ ରାଷ୍ଟ୍ରମନ୍ତ୍ରୀ ଥିବା ଅନ୍ନପୂର୍ଣ୍ଣା ଦେବୀ କ୍ୟାବିନେଟ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। କ୍ୟାବିନେଟରେ ସାମିଲ ହୋଇଥିବା ଭାଜପାର ଅନ୍ୟ ସଦସ୍ୟମାନେ ହେଲେ ହରଦୀପ ସିଂ ପୁରୀ, ଡ. ମନସୁଖ ମାଣ୍ଡବ୍ୟ ଏବଂ ଜି. କିଷନ ରେଡ୍ଡୀ। ବିହାର ଏନ୍‌ଡିଏର ଅନ୍ୟତମ ପ୍ରମୁଖ ସହଯୋଗୀ ଲୋକ ଜନଶକ୍ତି ପାର୍ଟି ରାମବିଳାସ ମୁଖ୍ୟ ଚିରାଗ ପାଶ୍ୱାନ ମଧ୍ୟ କ୍ୟାବିନେଟ ପାହ୍ୟା ମନ୍ତ୍ରୀପଦ ହାତେଇବାରେ ସଫଳ ହୋଇଛନ୍ତି। ସେହିପରି ଗୁଜରାଟ ଭାଜପା ସଭାପତି ସି.ଆର୍. ପାଟିଲଙ୍କୁ ମଧ୍ୟ ଏଥର କ୍ୟାବିନେଟରେ ସାମିଲ କରାଯାଇଛି। ଅନ୍ୟପକ୍ଷେ ରାଓ ଇନ୍ଦରଜିତ ସିଂ, ଡ. ଜିତେନ୍ଦ୍ର ସିଂ, ଅର୍ଜୁନରାମ ମେଘୱାଲ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପଦ ବଜାୟ ରଖିଥିବାବେଳେ ଏହି ପାହ୍ୟାରେ ସାମିଲ ହୋଇଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନାର ପ୍ରତାପରାଓ ଗଣପତରାଓ ଯାଦବ ଏବଂ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ଅଧ୍ୟକ୍ଷ ଜୟନ୍ତ ଚୌଧରୀ। ଏନ୍‌ଡିଏର ସର୍ବକନିଷ୍ଠ ସହଯୋଗୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ରୁ କେବଳ ପ୍ରଫୁଲ ପଟେଲ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦ ଯଚାଯାଇଥିଲା। କିନ୍ତୁ ପୂର୍ବରୁ ମନମୋହନ ସିଂଙ୍କ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ସରକାର ଅମଳରେ କ୍ୟାବିନେଟ ମନ୍ତ୍ରୀ ହୋଇସାରିଥିବାରୁ ରାଷ୍ଟ୍ରମନ୍ତ୍ରୀ ପଦ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼, ଉପରାଷ୍ଟ୍ରପତି ଜଗଦୀପ ଧନକର, ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ ଏବଂ ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର ସାମିଲ ହୋଇଥିଲେ। ସୁପରଷ୍ଟାର ରଜନୀକାନ୍ତ, ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍, ଶିଳ୍ପପତି ମୁକେଶ ଅମ୍ବାନୀ, ଗୌତମ ଆଦାନୀ ଓ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଏଥିରେ ଯୋଗଦେଇଥିଲେ। କିନ୍ତୁ ଅନେକ ବିରୋଧୀ ନେତା ଏହି ସମାରୋହରେ ସାମିଲ ହୋଇ ନ ଥିଲେ।

### ଓଡ଼ିଶାରୁ ଧର୍ମେନ୍ଦ୍ର, ...

ଏଥର ମଧ୍ୟ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଅଶ୍ୱିନୀ ବୈଷ୍ଣବ ୨୦୧୯ରେ ମୋଦି ସରକାରରେ ରେଳ ସହ ଆଇଟି ବିଭାଗ ଦାୟିତ୍ୱରେ ଥିଲେ। ଅଶ୍ୱିନୀ ଓଡ଼ିଶାରୁ ବିଜେଡି ସମର୍ଥନରେ ୨ଥର ରାଜ୍ୟ ସଭାକୁ ଯାଇଛନ୍ତି। ପୂର୍ବରୁ ପ୍ରଶାସନିକ ଅଧିକାରୀ ଭାବେ ସେ ଓଡ଼ିଶାରେ ସୁପରିଚିତ ରହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ଓଡ଼ିଶାରେ ଭାଜପା ଭଲ ପ୍ରଦର୍ଶନ କରିଛି। ଦଳ ୨୦ଟି ଲୋକ ସଭା ଆସନରେ ବିଜୟୀ ହୋଇଥିବା ବେଳେ ଓଡ଼ିଶାରେ ମଧ୍ୟ ସରକାର ଗଠନ କରିବାରେ ସଫଳ ହୋଇଛି।

### ୧୨କୁ ଘୁଞ୍ଚିଲା ...

ରୋଡ୍ ଶୋ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଜୟଦେବ ବିହାରରୁ ଜନତା ମଇଦାନ ପର୍ଯ୍ୟନ୍ତ ଏହି ରୋଡ୍ ଶୋ ଅନୁଷ୍ଠିତ ହେବ। ରୋଡ୍ ଶୋ କରି ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଭାଜପାରେ ମୁଖ୍ୟମନ୍ତ୍ରୀ କିଏ ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଆସନ୍ତା ୧୧ ତାରିଖରେ ଏନେଇ ନିଷ୍ପତ୍ତି ଚୂଡାନ୍ତ ହୋଇଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଆସନ୍ତା ୧୧ ତାରିଖ ଦିନ ୧୧ଟା ସମୟରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ଭୂପେନ୍ଦ୍ର ଯାଦବଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଭୁବନେଶ୍ୱରରେ ବିଧାୟକ ଦଳ ବୈଠକରେ ଯୋଗଦେବେ। ଶପଥ ଉତ୍ସବ କାର୍ଯ୍ୟକ୍ରମ ଲାଗି ଜନତା ମଇଦାନଠାରେ ସବୁ ପ୍ରକାର ପ୍ରସ୍ତୁତି ଏକ ପ୍ରକାର ଶେଷ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କଠାରୁ ଆରମ୍ଭ କରି ବହୁ କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଥିଲାଗି ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି।

### ରାଜନୀତିରୁ ସନ୍ନ୍ୟାସ...

ପ୍ରତ୍ୟେକ ଜିଲା ବୁଲି ସ୍ୱାସ୍ଥ୍ୟକେନ୍ଦ୍ରର ସମୀକ୍ଷା କରିଥିବା ସେ କହିଛନ୍ତି। ଫନୀ ଓ ଫାଇଲିନ୍ ବାତ୍ୟା ସମୟରେ ସେ ଲୋକଙ୍କ ମୂଲ୍ୟବାନ୍ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ତାଙ୍କ ବିରୋଧରେ ଅପପ୍ରଚାର ଯୋଗୁ ବିଜୁ ଜନତା ଦଳକୁ ପରାଜୟ ଭୋଗିବାକୁ ପଡ଼ିଛି। ଏଥିପାଇଁ ସେ ହାତଯୋଡ଼ି ବିଜେଡି କର୍ମୀମାନଙ୍କୁ କ୍ଷମା ମାଗିଛନ୍ତି। ରାଜନୀତିର ଏହି ଯାତ୍ରାରେ କାହାକୁ ଆଘାତ ଦେଇଥିଲେ ସେ ଦୁଃଖିତ ବୋଲି କହିଛନ୍ତି। ପିଲାଟି ଦିନରୁ ତାଙ୍କର ଆଇଏଏସ୍ ହେବାର ସ୍ୱପ୍ନ ଥିଲା। 'ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆଇଏଏସ୍ ହୋଇଥିଲେ। ଲୋକଙ୍କ ସେବା କରିବା ଉଦ୍ଦେଶ୍ୟ ଥିଲା। ଗୋଟିଏ ଛୋଟିଆ ଗାଁରୁ ସେ ଆସିଥିବା କହିଛନ୍ତି।' ସେ ନବୀନଙ୍କ ଭିଜନ ଓଡ଼ିଶା କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣରେ କାମ କରିଥିଲେ। କ୍ରୀଡ଼ା ବିକାଶ, ମହିଳା ସଶକ୍ତୀକରଣ କ୍ଷେତ୍ରରେ ନବୀନଙ୍କ କାର୍ଯ୍ୟ ଏକ ମାଇଲଷ୍ଟୋନ୍। ଭୋରରୁ ବିଳମ୍ବିତ ରାତିଯାଏ ସେ ଓଡ଼ିଶାର ବିକାଶ କଥା ଚିନ୍ତା କରିଛନ୍ତି। ନବୀନ ବାବୁଙ୍କ ସ୍ୱପ୍ନ ସାକାର କରିବାକୁ ସବୁବେଳେ ଚେଷ୍ଟା କରିଥିବା କହିଛନ୍ତି। ତାଙ୍କ ଶ୍ୱଶୁର ଘର ପରିବାର କେନ୍ଦ୍ରାପଡ଼ା ହୋଇଥିବାରୁ ସେ ଓଡ଼ିଶାର ସେବା କରିବାକୁ ଆସିଥିଲେ। ଚାକିରି ଜୀବନର ୨୪ ବର୍ଷ ପରେ ତାଙ୍କର ପୈତୃକ ସମ୍ପତ୍ତି ଯାହା ଥିଲା ସେତିକି ଅଛି। ତାଙ୍କ ନାମରେ କିମ୍ବା ତାଙ୍କ ସ୍ତ୍ରୀ ନାମରେ ଦେଶ ବିଦେଶରେ କୌଣସି ସମ୍ପତ୍ତି ନାହିଁ ବୋଲି ସେ ସ୍ପଷ୍ଟୀକରଣ ଦେଇଛନ୍ତି। ନିର୍ବାଚନରେ ବିଜେଡିର ପରାଜୟ ହେବା ପରେ ଦଳୀୟ ନେତା ଓ କର୍ମୀମାନଙ୍କୁ ନବୀନ ସାନ୍ତ୍ୱନା ଦେଇଛନ୍ତି। ମାତ୍ର ଦଳର ଏହି ବିପର୍ଯ୍ୟୟକୁ ନବୀନ ଏତେ ସହଜରେ ଗ୍ରହଣ କରିପାରିନାହାନ୍ତି। ବିପର୍ଯ୍ୟୟର କାରଣକୁ ଠିକ୍ ବୁଝିଥିବା ନବୀନ ନିର୍ବାଚନ ଫଳାଫଳ ଆସିବା ଦିନ ହିଁ ପାଣ୍ଡିଆନଙ୍କୁ ଭେଟିବାକୁ ସିଧାସଳଖ ମନା କରିଦେଇଥିଲେ ବୋଲି ଆଲୋଚନା ହେଉଛି। ଏପରିକି ପାଣ୍ଡିଆନଙ୍କୁ ଗଣମାଧ୍ୟମରେ ବିଦାୟକାଳୀନ ପ୍ରଶଂସା କରି ତାଙ୍କୁ ବିଜେଡିରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ଏକ ପ୍ରକାର ନିଷ୍ପତ୍ତି ନେଇଥିଲେ ବୋଲି କୁହାଯାଉଛି।

## ଶେଷ ହେଲା ୟୁରୋପୀୟ ସଂଘର ସଂସଦୀୟ ନିର୍ବାଚନ

**ବ୍ରୁସେଲ୍ସ,୯।୬**

ୟୁରୋପୀୟ ସଂଘ (ଇୟୁ)ର ସଂସଦୀୟ ନିର୍ବାଚନ ରବିବାର ଶେଷ ହୋଇଛି। ୪ ଦିନ ଧରି ମତଦାନ ଚାଲିଥିଲା। ଇୟୁର ୨୭ଟି ସଦସ୍ୟ ରାଷ୍ଟ୍ରର କୋଟିକୋଟି ଭୋଟର ମତଦାନରେ ସାମିଲ ହୋଇଥିଲେ। ଭୋଟରମାନେ ୟୁରୋପୀୟ ପାର୍ଲାମେଣ୍ଟର ୭୨୦ ସଦସ୍ୟଙ୍କୁ ନିର୍ବାଚିତ କରିବେ। ୟୁକ୍ରେନ୍ ଯୁଦ୍ଧ, ଦେଶାନ୍ତର ସମସ୍ୟା, କୃଷକଙ୍କ ଉପରେ ଜଳବାୟୁ ନୀତିର ପ୍ରଭାବ ଓ ଅନ୍ୟାନ୍ୟ ପ୍ରସଙ୍ଗ ଭୋଟରମାନଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

ମୁଖ୍ୟ ସ୍ରୋତରେ ଥିବା ୟୁରୋପୀୟ ସପକ୍ଷବାଦୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ବଜାୟ ରଖିବେ ବୋଲି ସର୍ଭେରେ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି, ହଙ୍ଗେରି ନେତା ଭିକ୍ଟର ଓର୍ବାନ, ନେଦରଲାଣ୍ଡସ୍‌ର ଗୀର୍ଟ ୱିଲ୍ଡର୍ସ ଏବଂ ଫ୍ରାନ୍ସର ମାରିନ୍ ଲେ ପେନ୍‌ଙ୍କ ଦଳଗୁଡ଼ିକ କେତେକ ଆସନ ହାତେଇବା ସମ୍ଭାବନା ରହିଛି। ଫଳରେ ୟୁରୋପକୁ ଆଇନ ପ୍ରଣୟନରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ବିଶ୍ୱର ସର୍ବବୃହତ୍ ଟ୍ରେଡିଂ ବ୍ଲକ୍‌ରେ ନିଷ୍ପତ୍ତି ଗ୍ରହଣରେ ଅଚଳାବସ୍ଥା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ରବିବାର ରାତି ୯ଟାରେ ଭୋଟଗ୍ରହଣ ଶେଷ ହୋଇଛି। ଏହା ପରେ ଗଣତି ଆରମ୍ଭ ହୋଇଥିବାବେଳେ ସୋମବାର ଫଳାଫଳ ଜଣାପଡ଼ିବ।



ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ରବିବାର ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ଶଶିଭୂଷଣ ବେହେରା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

# ନନ୍ଦିନୀଙ୍କ ପାଇଁ ଭାରତବର୍ଷ ଗର୍ବିତ

## ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ

ଭୁବନେଶ୍ୱର,୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ମହିଳା ସଶକ୍ତୀକରଣର ମୂର୍ତ୍ତିମନ୍ତ ପ୍ରତୀକ। ସେ ରାଜନୀତିରେ ଦୃଢ଼ ନିଷ୍ପତ୍ତି ନେଇ ଯଥାସମୟରେ ତାହାକୁ କାର୍ଯ୍ୟକାରୀ କରିପାରୁଥିଲେ। ରାଜନୀତିଠାରୁ ଆରମ୍ଭ କରି ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ସେ ଚିର ଅନୁକରଣୀୟ। ନିର୍ଭୀକତା, ସ୍ପଷ୍ଟବାଦିତା ଓ ସାହସିକତା ରଖିଥିବା ଲୋକମାନେ ହିଁ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତି ପାଖକୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସ୍ୱତଃପ୍ରବୃତ୍ତ ଭାବେ ଆସନ୍ତି। ଓଡ଼ିଶାରେ ସାମ୍ୟବାଦୀ ମାନସିକତା ପ୍ରତିଷ୍ଠା କରିବାରେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ। ଆଜିର ରାଜନୀତିରେ ତାଙ୍କର ପ୍ରାସଙ୍ଗିକତା ବହୁତ ଅଧିକ। କାରଣ ସେ ସାଧାରଣ ଲୋକଙ୍କ ପାଇଁ ରାଜନୀତି କରୁଥିଲେ। ସେ ଥିଲେ ଓଡ଼ିଶାର ଲୌହ ମାନବୀ। ତାଙ୍କ ଭଳି ବ୍ୟକ୍ତିତ୍ୱଙ୍କ ପାଇଁ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ବର୍ଷ ଗର୍ବିତ। ରବିବାର ନନ୍ଦିନୀଙ୍କ ୯୩ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଏଭଳି କହିଛନ୍ତି।

ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଅଫିସ୍ ସାମ୍ନା ନନ୍ଦିନୀ ଶତପଥୀ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଶଶୀଭୂଷଣ ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଏବଂ ନନ୍ଦିନୀପ୍ରେମୀ ଯୋଗଦେଇଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଧନ୍ୟବାଦ ଦେଇଥିବାବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉପସ୍ଥିତ ଥିଲେ। ଅତିଥିଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପରିବାର ସଦସ୍ୟ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ସେହିପରି ସଂସ୍କୃତି ବିଭାଗ, ଉତ୍କଳ ସମ୍ମିଳନୀ, ଟ୍ୱି ଫର୍ ଭୁବନେଶ୍ୱର ଓ ବିଜେଡି ସାଂସ୍କୃତିକ ସମନ୍ୱୟ ପରିଷଦ ପକ୍ଷରୁ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।




ଟ୍ୱି ଫର୍ ଭୁବନେଶ୍ୱର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ଏଥିରେ ଉପସ୍ଥିତ ଅଛନ୍ତି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ଅନ୍ୟମାନେ।




ନନ୍ଦିନୀଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ ପାଇଁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ।







ଉତ୍କଳ ସମ୍ମିଳନୀ ଏବଂ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।




ଭଞ୍ଜନଗରରେ ଆୟୋଜିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।



ଢେଙ୍କାନାଳ ଷ୍ଟାଡିୟମଠାରେ ଥିବା ପ୍ରତିମୂର୍ତ୍ତିରେ ଥିଙ୍କର୍ସ ଫୋରମ ପକ୍ଷରୁ ମାଲ୍ୟାର୍ପଣ।



ଢେଙ୍କାନାଳ କଣ୍ଟାନାଳୀ ବାଇପାସ୍ ସ୍ଥିତ ନନ୍ଦିନୀଦେବୀ ସ୍ୱତନ୍ତ୍ର ଦୃଷ୍ଟିହୀନ ବିଦ୍ୟାଳୟରେ ଜୟନ୍ତୀ।



ଢେଙ୍କାନାଳରେ ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନ ପକ୍ଷରୁ ଷ୍ଟାଡିୟମଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ଯାଜପୁର ଜିଲା ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ୍‌ରେ ବଡ଼ଚଣା ନନ୍ଦିନୀଦେବୀ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।




ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଅତିଥି।



ଭଦ୍ରକସ୍ଥିତ ଧରିତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୯।୬ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡ଼ା ଜିଲାରେ ଜଣେ ମହିଳା ଓ ଜଣେ ପୁରୁଷ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ରେ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଲୋନ୍ ଭାରାଟୁ ତଥା ଘରକୁ ଫେର ଅଭିଯାନ ମାଧ୍ୟମରେ ଶତାଧିକ ମାଓବାଦୀ ସଙ୍ଗଠନ ଛାଡ଼ି ଆତ୍ମସମର୍ପଣ କରୁଛନ୍ତି। ଏହି କ୍ରମରେ ୨ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏମାନେ ହେଲେ ଗଙ୍ଗାଲୁର ମାଓବାଦୀ ଏରିଆ କମିଟି ସକ୍ରିୟ ସଦସ୍ୟ ଭୀମା ମାଡଭି ଓ ତିମେନାର ମାଓବାଦୀ କମିଟି ସକ୍ରିୟ ସଦସ୍ୟା ଲକ୍ଷ୍ମୀ କୁରାମି। ଏମାନେ ଦୀର୍ଘବର୍ଷ ଧରି ଆମୋ ସଙ୍ଗଠନରେ ରହି ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। ତେବେ ସଙ୍ଗଠନରେ ଛୋଟ ମାଓବାଦୀଙ୍କ ଉପରେ ବଡ଼ କ୍ୟାଡର ମାଓବାଦୀମାନେ ଅତ୍ୟାଚାର କରିବା ସହ ସଙ୍ଗଠନର ନୀତି ଆଦର୍ଶରୁ ବାହାରି ନିରୀହ ଲୋକଙ୍କ ଉପରେ ଅତ୍ୟାଚାର କରୁଥିବାରୁ ସେମାନେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

# ଶପଥ ଗ୍ରହଣ ଉତ୍ସବ, ମୋଦିଙ୍କ ରୋଡ୍ ଶୋ' ପାଇଁ ସୁରକ୍ଷା କଡ଼ାକଡ଼ି

## ମୁତୟନ ହେବେ ୭୦ ପ୍ଲାଟୁନରୁ ଊର୍ଦ୍ଧ୍ୱ ଫୋର୍ସ

ଭୁବନେଶ୍ୱର, ୯।୬ (ସତ୍ୟଜିତ୍ ରାଉତ)



ଶପଥ ଗ୍ରହଣ ଉତ୍ସବ ସ୍ଥଳରେ କମିଶନରେଟ୍ ପୋଲିସ ଟିମ୍।

ଆସନ୍ତା ୧୨ ତାରିଖରେ ଭୁବନେଶ୍ୱର ଜନତା ମଇଦାନରେ ଓଡିଶାର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଡ୍ ଶୋ'ରେ ଆସି ଏହି ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଭବ୍ୟ ଆୟୋଜନ କରାଯାଉଥିବାବେଳେ ଜନତା ମଇଦାନ ସହ ଏହା ଚତୁର୍ପାର୍ଶ୍ୱ ଓ ରୋଡ୍ ଶୋ' ଅଞ୍ଚଳକୁ ଆକର୍ଷଣୀୟ ଭାବେ ସଜାଯାଉଛି। ଶପଥ ଗ୍ରହଣ ଉତ୍ସବ ଓ ରୋଡ ଶୋ'କୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାକୁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉଥିବାବେଳେ ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂ ଜନତା ମଇଦାନ ଯାଇ ଅନ୍ୟ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସୁରକ୍ଷା ଦିଗକୁ ନେଇ ବିସ୍ତୃତ ଆଲୋଚନା କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ କେତେଜଣ କେନ୍ଦ୍ର ମନ୍ତ୍ରୀ ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗ ଦେବେ। ଏଥିସହ ଅନେକ ଭିଆଇପି ଓ ଭିଭିଆଇପି ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ସହ କମିଶନରେଟ ପୋଲିସ ଆଲୋଚନା କରି ସୁରକ୍ଷା ଯୋଜନା କରିଛି। ସୁରକ୍ଷା ପାଇଁ ମୋଟ ୭୦ ପ୍ଲାଟୁନ୍‌ରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ମୁତୟନ ହେବେ ବୋଲି ସୂଚନା ମିଳିଛି। ଏହି ଉତ୍ସବ ପାଇଁ ଜୟଦେବ ବିହାରରୁ ଜନତା ମଇଦାନ ଏବଂ ଏହାର ଆଖପାଖ ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ୍ କରାଯିବ। ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ଆଦିକୁ ମଧ୍ୟ ନିୟୋଜିତ କରାଯିବ। ଏଥିସହ କୌଣସି ଅଘଟଣ ଏଡାଇବା ପାଇଁ ଅଗ୍ନିଶମ ବାହିନୀକୁ ମଧ୍ୟ ସଜାଗ ରଖାଯିବ। ତେବେ ଶପଥ ଗ୍ରହଣ ସଭାମଞ୍ଚ ସାମ୍ନାରେ ୩ଟି ଲାଇନ୍‌ରେ ବସିବାର ବ୍ୟବସ୍ଥା କରାଯାଇଛି। ମଞ୍ଚ ସାମ୍ନା ବାମ ପାର୍ଶ୍ୱ ଧାଡ଼ିରେ ୯ଟି ଡିସପ୍ଲେ ଲଗାଯାଇଥିବା ବେଳେ ମଝି ଧାଡ଼ିରେ ୬ଟି ଓ ଡାହାଣ ପାର୍ଶ୍ୱରେ ୯ଟିକୁ ମିଶାଇ ମୋଟ ୨୪ଟି ଡିସପ୍ଲେ ଲଗାଯାଇଛି। ଏଥିସହ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ଲକିଂ ଚେକିଂକୁ ଜୋରଦାର କରାଯାଉଛି।

# ୫ ବାଇକ୍, ଯନ୍ତ୍ରାଂଶ ଜବତ: କବାଡ଼ିଆ ସମେତ ୨ ଗିରଫ



ଗିରଫ ୨ ଅଭିଯୁକ୍ତ ଏବଂ ଜବତ ବାଇକ୍ ଓ ଯନ୍ତ୍ରାଂଶ।

ଭୁବନେଶ୍ୱର, ୯।୬ (ସୂର୍ଯ୍ୟକାନ୍ତ ବେହେରା)

ଜଟଣୀରୁ ବସ୍ କିମ୍ବା ଅଟୋରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଆସୁଥିଲେ। ସେଠାରେ ସୁରକ୍ଷାକର୍ମୀଙ୍କ ଢିଲାପଣର ସୁଯୋଗ ଦେଖି ନକଲି ଚାବି ସାହାଯ୍ୟରେ ବାଇକ ଚୋରି କରି ଛୁ ମାରୁଥିଲେ। ଚୋରି ବାଇକ୍ ମଧ୍ୟରୁ କିଛି ପାଖରେ ରଖି ବ୍ୟବହାର କରୁଥିବାବେଳେ ଆଉ କିଛି କବାଡିଆଙ୍କୁ କମ୍ ଦାମରେ ବିକ୍ରି କରିଦେଉଥିଲେ। ଏହି ର୍ୟାକେଟରେ ସଂପୃକ୍ତ ଥିବା ଜଣେ ପେସାଦାର ଅପରାଧୀଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିବା ସହ ଘଟଣାର ପର୍ଦ୍ଦାଫାଶ କରିଛି। ସେହିପରି ଚୋରି ଗାଡିକୁ କିଣି ପାର୍ଟ ଅଲଗା କରୁଥିବା ଜଣେ କବାଡିଆ ମଧ୍ୟ ଗିରଫ ହୋଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଗାଡି ଚୋରି କରୁଥିବା ଜଟଣୀ ଅଞ୍ଚଳର ଅନସାରି ସାହା (୨୪) ଓ ଏୟାରଫିଲ୍ଡ ଅଞ୍ଚଳରେ କବାଡ଼ିଆ ଦୋକାନ କରିଥିବା ପଶ୍ଚିମବଙ୍ଗର ସେକ୍ ମଞ୍ଜୁର ହୁସେନ। ତେବେ ଅନ୍‌ସାରିଙ୍କଠାରୁ ୫ ଚୋରା ମୋଟରସାଇକେଲ ଓ ସେକଙ୍କଠାରୁ ଗାଡିର ଯନ୍ତ୍ରାଂଶ ଜବତ ହୋଇଛି।

ସୂଚନାନୁସାରେ, ବଡଗଡ ଥାନା ଅଞ୍ଚଳର ମାନସ କୁମାର ମିଶ୍ରଙ୍କର ଦେହ ଖରାପ ଥିବାରୁ ସେ ଚିକିତ୍ସା ପାଇଁ ଜୁନ ୬ରେ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ହସ୍ପିଟାଲ ପାର୍କିଂରେ ବାଇକ୍ ରଖିଥିଲେ। ହସ୍ପିଟାଲରୁ ବାହାରି ପାର୍କିଂସ୍ଥଳକୁ ଆସିବା ପରେ ତାଙ୍କ ଗାଡି ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ ଗାଡି ନ ପାଇବାରୁ ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅନ୍‌ସାରିଙ୍କୁ ଗିରଫ କରିଥିଲା। ଅନସାରି ୧୦ ବାଇକ ଚୋରି କରିବା ସହ ୨ଟି କବାଡିଆଙ୍କୁ ଦେଇଥିବା କହିଥିଲେ। ଏହାପରେ ପୋଲିସ ଅନ୍‌ସାରିଙ୍କ ଘର ଓ କବାଡିଆ ଦୋକାନରେ ଚଢାଉ କରି ଗାଡି, ଇଞ୍ଜିନ ସହ ବିଭିନ୍ନ ଯନ୍ତ୍ରାଂଶ ଜବତ କରିଥିଲା।

# ନିଆଁ ଲାଗି ଜଳିଗଲା ୬ ହଜାର ବସ୍ତା କେନ୍ଦୁପତ୍ର



ଜଣେ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ମାଲକାନଗିରି, ୯।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ନିକଟରେ ଥିବା କେନ୍ଦୁପତ୍ର ଗୋଦାମରେ ନିଆଁ ଲାଗି ୬ହଜାର ବସ୍ତା କେନ୍ଦୁପତ୍ର ଜଳିଯାଇଛି।

ସୂଚନା ଅନୁଯାୟୀ, ଏମ୍‌ଭି-୩ସ୍ଥିତ ଏକ ଘରୋଇ କେନ୍ଦୁପତ୍ର ଗୋଦାମରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ଗୋଦାମ କର୍ମଚାରୀ ଏବଂ ଆଖପାଖ ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଗୋଦାମରେ ହଜାର ହଜାର ବସ୍ତା କେନ୍ଦୁପତ୍ର ଥିବାବେଳେ ପ୍ରାୟ ୬ହଜାର ବସ୍ତା ଜଳିଯାଇଛି। ଖବର ପାଇ ମାଲିକ ଦ୍ରୁତଗତିରେ ଆସୁଥିବା ବେଳେ ସେ ମଧ୍ୟ ସଡ଼କ ଦୁର୍ଘଟଣାରେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ରାତିରୁ ନିଆଁ ଲିଭାଇବା ପାଇଁ ପ୍ରାୟ ୧୨ ଘଣ୍ଟା ଧରି ଦମକଳ ବାହିନୀ ପରିଶ୍ରମ କରିବା ପରେ ନିଆଁ ଆୟତ୍ତ ହୋଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

# ଶୀତଳଷଷ୍ଠୀ ଯାତ୍ରାରେ କିନ୍ନରଙ୍କ ଫ୍ୟାଶନ ଶୋ'

ସମ୍ବଲପୁର, ୯।୬ (ଭବାନୀ ଶଙ୍କର ଭୋଇ)



ରବିବାର ଗଙ୍ଗାଧର ମଣ୍ଡପରେ ଆୟୋଜିତ ଫ୍ୟାଶନ ଶୋ'ରେ ସାମିଲ କିନ୍ନରମାନେ।

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ କିନ୍ନରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ପତରପେଁଡିଠାରୁ ଯୁଗଳ ଦର୍ଶନ ଶୋଭାଯାତ୍ରା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମରେ କିନ୍ନରମାନେ ସାମିଲ ହୋଇଥାନ୍ତି। ରବିବାର ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ କିନ୍ନରମାନଙ୍କୁ ନେଇ ଫ୍ୟାଶନ ଶୋ' (ପିନ୍ଧନପଟା ପ୍ରତିଯୋଗିତା)ର ଆୟୋଜନ କରାଯାଇଥିଲା। ଏଥିରେ ୩୦ରୁ ଅଧିକ କିନ୍ନର ଭାଗନେଇଥିଲେ। ରିଙ୍ଗ୍‌ରୋଡ୍‌ରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କମିଟି ସଭାପତି କିଶୋର ପ୍ରଧାନ, ସମ୍ପାଦକ ଭବେଶ ଚାନ୍ଦ, ବୁଦ୍ଧଦେବ ପଧାନ, ସଞ୍ଜୟ ଠାକୁର, ସୁରେନ୍ଦ୍ର ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ।

ସେହିପରି ଦଳେଇପଡ଼ା ଗୁପ୍ତେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ପ୍ରଥମଥର ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ କିନ୍ନରଙ୍କ ଫ୍ୟାଶନ ଶୋ' ଆୟୋଜନ କରାଯାଇଥିଲା। ଏଥିରେ ୫୦ କିନ୍ନର ସାମିଲ ହୋଇଥିଲେ। କିନ୍ନରମାନେ ପାରମ୍ପରିକ ପୋଷାକ ପିନ୍ଧି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପରିବେଶ ସୁରକ୍ଷା, ସବୁଜ ପରିବେଶ, ଜଳ ସୁରକ୍ଷା, ପ୍ରାଣୀ ସୁରକ୍ଷା, ପ୍ଲାଷ୍ଟିକ୍ ନିଷେଧ ଆଦି ବିଷୟକୁ ନେଇ ପ୍ରତିଯୋଗୀମାନେ ବାର୍ତ୍ତା ଦେଇଥିଲେ। ପ୍ରତିଯୋଗିତାରେ ସମ୍ବଲପୁରୀ ଝଲକ ଦେଖିବାକୁ ମିଳିଥିଲା। ପ୍ରତିଯୋଗିତାରେ ୭ଟି ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ତର୍ପଣ ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ବାବଲୁ ବାଗ, ନୃତ୍ୟଗୁରୁ ଶଶାଙ୍କ ଶେଖର ଦୁବେ, ନାଟ୍ୟ ନିର୍ଦ୍ଦେଶକ ରାମାଶିଷ ତ୍ରିପାଠୀ, ନୃତ୍ୟଗୁରୁ ଅସୀମ କୁମାର ପ୍ରଧାନ, ନାଟ୍ୟକାର ଅତିଶ୍ କୁମାର ଶତପଥୀ ବିଚାରକଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କମିଟି ସଭାପତି ଶତ୍ରୁଘ୍ନ ଲାଲ ଶାହା, ଉପସଭାପତି ଅନୁପ ତରିଆ, ସମ୍ପାଦକ ଶ୍ୟାମସୁନ୍ଦର ଅଗ୍ରୱାଲ, କୋଷାଧକ୍ଷ ରାହୁଲ ଠାକୁର, ସୂର୍ଯ୍ୟକୁମାର ଠାକୁର, ବିଶ୍ୱାମିତ୍ର ବରିହା, ସୋମନାଥ ବେରିହା, ରାଜୀବ ସାହୁ, ପ୍ରକାଶ ପଣ୍ଡା, ପ୍ରତୀକ ଅଗ୍ରୱାଲ, କୁନାଲ ଅଗ୍ରୱାଲ, ଇନ୍ଦ୍ରଜିତ ଡନସନା, ଶିବରାଜ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଉମରକୋଟ ସହରରେ ବୁଲିଲା ଭାଲୁ

ଉମରକୋଟ, ୯।୬ (ସନ୍ତୋଷ ଶତପଥୀ)



ରାସ୍ତାରେ ଭାଲୁ ଯାଉଛି।

ନବରଙ୍ଗପୁର ଜିଲା ଉମରକୋଟ ସହରରେ ଭାଲୁ ବୁଲୁଛି। ରବିବାର ସକାଳ ୫ଟାରେ ଉମରକୋଟ ସହରସ୍ଥିତ ଡଙ୍ଗରିଗୁଡ଼ା କଲୋନୀରେ ଏକ ବିରାଟ ଭାଲୁ ବୁଲୁଥିବା ଦେଖାଯାଇଥିଲା। ଭାଲୁକୁ ଦେଖି ସ୍ଥାନୀୟ ଲୋକେ କବାଟ ବନ୍ଦ କରି ଦୀର୍ଘ ସମୟ ଧରି ଘରୁ ବାହାରି ନ ଥିଲେ। ଏଥିସହ ଉମରକୋଟ ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ଭାଲୁକୁ ଘଉଡ଼ାଇବା ପାଇଁ କୌଣସି ଉଦ୍ୟମ କରାଯାଇ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଭାଲୁଟି କିଛି ସମୟ ପରେ ଦେଖିବାକୁ ମିଳି ନ ଥିଲା। ସେ ନିକଟସ୍ଥ ବାଙ୍ଗୀୟ ଗ୍ରାମ କହୁଡୁଗୁଡ଼ା ଆଡ଼େ ଚାଲିଯାଇଥିବା କେତେଜଣ କହିଥିବାବେଳେ କେଉଁ ବୁଦା ଭିତରେ ଲୁଚିକି ରହିଛି ବୋଲି ଅନ୍ୟ କେତେଜଣ କହିଛନ୍ତି। ଜଙ୍ଗଲ ହ୍ରାସ ଓ ଖାଦ୍ୟ ଅନ୍ୱେଷଣରେ ଉମରକୋଟ ସହରକୁ ଭାଲୁ ପ୍ରବେଶ କରୁଥିବା ମୁଖ୍ୟ କାରଣ ବୋଲି ଜଣାପଡିଛି। ଅନ୍ୟପଟେ ଏବେ ଆମ୍ବ, ପଣସ, ଜାମୁକୋଳି ଗ୍ରାମର ବିଭିନ୍ନ ଗଛରେ ଫଳିଛି। ତାକୁ ଖାଇବାକୁ ଭାଲୁ ସହର ମଧ୍ୟକୁ ପ୍ରବେଶ କରିଛି ବୋଲି ଲୋକେ କହୁଛନ୍ତି। ତେବେ ଉମରକୋଟ ସହରରେ ପ୍ରଥମଥର ପାଇଁ ଭାଲୁ ପ୍ରବେଶ କରିଥିବାରୁ ଲୋକେ ଆତଙ୍କିତ ଅଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଟା ମୃଦଙ୍ଗକୁ ଜଡ଼ା ଗାୟକ**
**ତହିଁ କାଣି ଦାରୀ ନାଚୁଛି**
**ଅବୁଝା ରଜାକୁ କେମ୍ଭେଇ ପାତର**
**ଯାହା ଇଚ୍ଛା ତାହା କରୁଛି।**

ଅଯୋଗ୍ୟଙ୍କ ସମାହାର। କିଏ କାହା କଥା ବୁଝିବାକୁ ନାହିଁ। ରାଜ୍ୟ ଦୁଃଖ ସାଗରରେ ଭାସୁଛି। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଫଟା ରସିକ,**
**ପିକ ଖାଉ ଖାଉ ଗଲା ଓଳିକ।**

ରସିକ ପଣକୁ ଠିକ ମାତ୍ର ଦୃଷ୍ଟିକୋଣ ଖୁବ ନିରସ। ରସିକିଆ ଟୋକାର ରଙ୍ଗଢ଼ଙ୍ଗ ପ୍ରତି ଏଭଳି ଉକ୍ତି ପ୍ରଦାନ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# ଆଉ ୪ଦିନ ଗୁଳୁଗୁଳି

ଭୁବନେଶ୍ୱର, ୯।୬ (ଅସମାପିକା ସାହୁ)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିସାରିଛି। ହେଲେ ରାଜ୍ୟରେ ବିଶେଷକରି ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ତାତିକୁ ଉପକୂଳରେ ଗୁଳୁଗୁଳି କଲବଲ କରୁଛି। ରବିବାର ନୂଆପଡ଼ାରେ ସର୍ବାଧିକ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବଲାଙ୍ଗୀରରେ ୪୧.୫, ବୌଦ୍ଧ ୪୧.୭, ମାଲକାନଗିରି ୪୧.୩ ଓ ଟିଟିଲାଗଡ଼ରେ ୪୧ ଡିଗ୍ରୀ ରହିଥିଲା। ଆସନ୍ତା ୪ଦିନ ଯାଏ ଉଷ୍ମ ଓ ଆର୍ଦ୍ର ସ୍ଥିତି ଲାଗି ରହିବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାକୁ ଉଷ୍ମ ଓ ଆର୍ଦ୍ର ପାଗ ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ଉଷ୍ମ ଓ ଆର୍ଦ୍ର ପାଗ ନେଇ ସତର୍କ କରାଯାଇଛି। ମଙ୍ଗଳବାର ଓ ବୁଧବାର ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ ଓ ନୂଆପଡ଼ାକୁ ହିଟ୍‌ୱେଭ୍ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ କାଳବୈଶାଖୀ ବର୍ଷା ନେଇ ମଧ୍ୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଠାବ

ରାଉରକେଲା, ୯।୬ (ସଙ୍ଗୀତା ଜେନା)

କିଛିଦିନର ବ୍ୟବଧାନ ପରେ ରବିବାର ପୁଣି ଓଡ଼ିଶା-ଝାଡଖଣ୍ଡ ସୀମାନ୍ତରେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ଏଥିରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏନେଇ ସିଆର୍‌ପିଏଫ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ସୀମାନ୍ତ ଟୋଂଟୋ ଥାନା ରେଙ୍ଗଡ଼ାହାତୁ ଓ ତୁମ୍ବାହାକା ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ସୁରକ୍ଷାବଳଙ୍କ କୋମ୍ବିଂ ଅପରେଶନ୍ ଚାଲିଥିବା ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଥିଲା। ଏଥିରେ ୩୦୩ ଓ ୭.୬୨ ର ୪ଟି ରାଇଫଲ୍, ମୋର୍ଟାର, ରିଭଲଭର, ଦେଶୀ ରାଇଫଲ୍, ଡବଲ ବ୍ୟାରେଲ ରାଇଫଲ୍, ପିସ୍ତଲ, ଜୀବନ୍ତ ଗୁଳି, ମାଗାଜିନ୍ ସମେତ ବିପୁଳ ମାରଣାସ୍ତ୍ର ଜବତ କରାଯାଇଥିଲା।

# କାରରୁ ୧.୮୦ ଲକ୍ଷ ଟଙ୍କା, ଦେଶୀ ମଦ ଜବତ, ୨ ଗିରଫ

ଭୁବନେଶ୍ୱର, ୯।୬ (ସତ୍ୟଜିତ୍ ରାଉତ)



ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କା।

ଖାରବେଳନଗର ଥାନା ପୋଲିସ ଶନିବାର ରାତ୍ରିକାଳୀନ ଯାଞ୍ଚ ବେଳେ ଏକ କାର୍‌ରୁ ୧ ଲକ୍ଷ ୮୦ ହଜାର ଟଙ୍କା ଓ ୧୦ ଲିଟର ଦେଶୀ ମଦ ଜବତ କରିଛି। ଏଥିସହ ଉକ୍ତ କାର୍‌ରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ଜଗନ୍ନାଥପଡା ଗ୍ରାମର ଶିବପ୍ରସାଦ ସାହୁ (୨୭) ଓ ମାରୱାଡିପଡା ଗ୍ରାମର ନିରଞ୍ଜନ କେଡିଆ (୪୯)। ରବିବାର କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ବିଳମ୍ବିତ ରାତିରେ ହାଉସିଂ ବୋର୍ଡ ଛକ ନିକଟରେ ନାଇଟ ବ୍ଲକିଂ କରାଯାଇ ଯାନବାହନ ଚେକିଂ କରାଯାଉଥିଲା। ଏହି ସମୟରେ ଅଭିଯୁକ୍ତଦ୍ୱୟ ରେଡକ୍ରସ ଛକରୁ ଯାଉଥିବା ବେଳେ ହାଉସିଂ ବୋର୍ଡ ଛକ ନିକଟରେ ପୋଲିସ ଟିମ୍ ଦ୍ୱାରା ଧରାପଡ଼ିଥିଲେ। ତେବେ ଏତେ ପରିମାଣର ଟଙ୍କା କେଉଁଠୁ ଆଣିଲେ ସେନେଇ ଶିବ ଓ ନିରଞ୍ଜନ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେବେ ଅଭିଯୁକ୍ତଦ୍ୱୟ ଗଞ୍ଜାମ ହିଞ୍ଜିଳିରୁ ଜଣଙ୍କ ପାଖରୁ ଉକ୍ତ ଟଙ୍କା ଆଣିଥିଲେ ବୋଲି ଜଣାପଡିଛି। ଶନିବାର ରାତିରେ ବାପୁଜୀନଗରରେ ରହିବାକୁ ସେମାନେ ଯୋଜନା କରିଥିଲେ। ତାହା ପୂର୍ବରୁ ପୋଲିସ ହାତରେ ଧରାପଡିଯାଇଥିଲେ। ଏନେଇ ଏକ ମାମଲା (ନଂ.୨୬୫/୨୦୨୪) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅଭିଯୁକ୍ତ ନିରଞ୍ଜନଙ୍କ ନାମରେ ବିଭିନ୍ନ ଥାନାରେ ୪ଟି ଆପରାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡିଛି।

**SAMBALPUR UNIVERSITY**

PRIVATE EXAMINATION CELL
Jyotivihar - 768019, Odisha

Notification No. 245/PEC Dt. 30.05.2024

**Admission open for UG and PG courses from date 15.06.2024**

Online Applications are invited for admission-cum-Examination into PG and UG courses under Private Examination Cell of Sambalpur University.
U.G. Course : B.A/B.Comm. (Hons.),
P.G. Courses : PG in Commerce, Economics, English, Education, Hindi, History, IRPM, LLPM, Mathematics, Odia, Political Science, Public Administration and Sanskrit.
**Last date of Online submission of Application : 15th August 2024**
Candidates are advised to visit Website of Private Examination Cell, Sambalpur University (https ://www.pec.suniv.ac.in) for details information of admission procedure.

Sd./- Director,
Private Examination Cell, S.U.

**ସିସିଏସ୍ ଜାତୀୟ କୃଷି ବିପଣନ ଅନୁଷ୍ଠାନ**

NIAM

(କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ)
ବମ୍ଭାଲା, ଟୋଙ୍କ ରୋଡ୍, ଜୟପୁର-୩୦୨୦୩୩, ରାଜସ୍ଥାନ

ଆର୍‌କେଭିୱାଇ - ରଫ୍‌ତାର ଅଧୀନରେ ସିସିଏସ୍ ଏନ୍‌ଆଇଏଏମ୍ ଏଗ୍ରୀ ଇନୋଭେସନ୍ ଏବଂ ଇନ୍‌କ୍ୟୁବେଶନ ସେଣ୍ଟର କୋହର୍ଟ-୧୧ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି

**ଦରଖାସ୍ତ ଆହ୍ୱାନ କରାଯାଉଛି**

| ଷ୍ଟାର୍ଟଅପ୍ ଏଗ୍ରୀ-ବିଜ୍‌ନେସ୍ ଇନ୍‌କ୍ୟୁବେଶନ ପ୍ରୋଗ୍ରାମ୍: (ପ୍ରୋଟୋଟାଇପ୍‌ରୁ ଏମ୍‌ଭିପି) | ଏଗ୍ରିପ୍ରେନ୍ୟୋରଶିପ୍ ଓରିଏଣ୍ଟେଶନ ପ୍ରୋଗ୍ରାମ୍: (ଆଇଡିଆରୁ ପ୍ରୋଟୋଟାଇପ୍) | ଷ୍ଟୁଡେଣ୍ଟ ଓରିଏଣ୍ଟେସନ୍ ପ୍ରୋଗ୍ରାମ୍ |
|---|---|---|
| i. ଏକମାସିଆ ଅନ୍‌ଲାଇନ/ଆବାସିକ ଟ୍ରେନିଂ | i. ଏକମାସିଆ ଅନ୍‌ଲାଇନ/ଆବାସିକ ଟ୍ରେନିଂ | i. ଏକମାସିଆ ଅନ୍‌ଲାଇନ୍/ଆବାସିକ ଟ୍ରେନିଂ |
| ii. ଟ.୨୫ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ | ii. ଟ.୫ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ | ii. ଟ.୪ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ |

ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ:
www.niam-nabi.com
ଇମେଲ୍: nabi@ccsniam.ac.in
ମୋ. +୯୧୯୦୦୧୫୫୬୯୬୫/ ୯୧୬୭୯୬୩୫୫୧

CBC 01375/12/0004/2425

# ମହାପ୍ରଭୁଙ୍କ ବେଶ ପ୍ରଦର୍ଶନୀ ବନ୍ଦ ନେଇ ତଦନ୍ତ ହେବ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)





ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଲାଇଟ କାଢ଼ିଦିଆଯିବା ଘଟଣା ପରେ ଏବେ ଶ୍ରୀଜଗନ୍ନାଥବଲ୍ଲଭ ପାର୍କିଂ ନିକଟସ୍ଥ ଦାରୁଦିଅଁଙ୍କ ବେଶ ପ୍ରଦର୍ଶନୀକୁ ବନ୍ଦ କରିଦିଆଯାଇଛି। ଫଳରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ସମୟରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂଠାରେ ମହାପ୍ରଭୁଙ୍କ ବେଶ, ରଥ ଓ ବିଭିନ୍ନ ସାମଗ୍ରୀକୁ ନେଇ ପ୍ରଦର୍ଶନୀ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ କରିବାକୁ ପୁରୀ ଆସୁଥିବା ଭକ୍ତମାନେ ଉକ୍ତ ପ୍ରଦର୍ଶନୀ ଦେଖି ଖୁସି ହେବା ସହ ସୁଖଦ ଅନୁଭୂତି ନେଇ ଫେରୁଥିଲେ। ତେବେ ଉକ୍ତ ପ୍ରଦର୍ଶନୀକୁ ବନ୍ଦ କରିଦିଆଯାଇଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଗତ ଜାନୁଆରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କରାଯାଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥବଲ୍ଲଭ ପାର୍କିଂ ପରିସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ପ୍ରଦର୍ଶନୀ ଆରମ୍ଭ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ତିନିରଥର କଳାକୃତି, ଶ୍ରୀଜଗନ୍ନାଥଙ୍କ ବିରଳ ରଘୁନାଥ ବେଶ, ନାଗାର୍ଜୁନ ବେଶ ସହ ଅନ୍ୟାନ୍ୟ ୨୫ ପ୍ରକାର ବେଶ ପ୍ରଦର୍ଶିତ ହେଉଥିଲା। ସେହିପରି ମହାପ୍ରଭୁଙ୍କ ଦୈନନ୍ଦିନ ବ୍ୟବହାର ହେଉଥିବା ସାମଗ୍ରୀ, ଅଙ୍ଗବସ୍ତ୍ର, ମହାପ୍ରସାଦ କୁଡୁଆ ଆଦି ମଧ୍ୟ ଶୋଭା ପାଉଥିଲା। ତେବେ ଗତ ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ହଠାତ୍ ଏହି ପ୍ରଦର୍ଶନୀକୁ ବନ୍ଦ କରିଦିଆଯାଇଛି। ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏନେଇ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ କହିଛନ୍ତି, ସୌନ୍ଦର୍ଯ୍ୟକରଣ ନିମନ୍ତେ ବିଜେଡି ସରକାର ଯେତିକି ଟଙ୍କା ଖର୍ଚ୍ଚ କରିଥିଲେ, ସେଥିରେ ସ୍ଥାୟୀ କାମ

**ଭକ୍ତଙ୍କ ଅସନ୍ତୋଷ ପରେ ପୁନଃ ସାଜସଜ୍ଜା କରାଗଲା**

ହୋଇପାରିଥାନ୍ତା। ମାତ୍ର ସରକାର ଟଙ୍କା ଲୁଟ୍ କରିବା ଉଦ୍ଦେଶ୍ୟ ରଖି ଠିକା ସଂସ୍ଥାକୁ ଦାୟିତ୍ୱ ଦେଇ ଅସ୍ଥାୟୀ କାର୍ଯ୍ୟ କରିଥିଲେ। ତେବେ ସରକାର ଯିବା ପରେ ଠିକା ସଂସ୍ଥା ଟଙ୍କା ନ ପାଇବା ଆଶଙ୍କାରେ ଜିନିଷ ଖୋଲି ନେଇଯାଉଛନ୍ତି। ସ୍ଥାୟୀ ଭାବେ କାର୍ଯ୍ୟ ହୋଇଥିଲେ ସୌନ୍ଦର୍ଯ୍ୟକରଣ ବର୍ଷ ବର୍ଷ ଧରି ରହିଥାନ୍ତା। ତେବେ ନୂଆ ସରକାର ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାସ ଦାବି କରିଛନ୍ତି। ସେହିପରି କଂଗ୍ରେସ ନେତା ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, ଭକ୍ତମାନେ ପ୍ରଦର୍ଶନୀ ମାଧ୍ୟମରେ ଠାକୁରଙ୍କ ବିଭିନ୍ନ ବେଶ ଦେଖିବାକୁ ପାଉଥିଲେ। ଏହା ବ୍ୟତୀତ ନୀତିକାନ୍ତି ସମ୍ପର୍କରେ ଜାଣିପାରୁଥିଲେ। ଏପରିକି ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା କରୁଥିବା ଛାତ୍ରୀଛାତ୍ର, ବ୍ୟକ୍ତିବିଶେଷ ଓ ମଠ ମହନ୍ତମାନେ ଆସି ଏଠାରୁ କିଛି ଶିକ୍ଷା ପାଉଥିଲେ। ତେବେ ୪ତାରିଖରେ ବିଜେଡି ସରକାର ଯିବା ପରେ ଏହି ପ୍ରଦର୍ଶନୀ ବନ୍ଦ କରିଦେବାର ମାନେ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ପ୍ରଦର୍ଶନୀ ଖୋଲାଯାଇଥିଲା। ଭକ୍ତମାନେ ପ୍ରଦର୍ଶନୀ ଦେଖି ଖୁସି ହେଉଥିଲେ। ତେବେ ପ୍ରଦର୍ଶନୀ ବନ୍ଦ କରିବା ଠିକ୍ ହୋଇନାହିଁ। ଏଭଳି ଭାବେ ଭକ୍ତଙ୍କ ଭାବାବେଗ ସହ ଖେଳିବା ଉଚିତ୍ ନୁହେଁ। ପ୍ରଦର୍ଶନୀ କାହା ନିର୍ଦ୍ଦେଶରେ ବନ୍ଦ ହେଉଛି, ଉଦ୍ଦେଶ୍ୟ କ'ଣ ଆଦି ସମସ୍ତ ଘଟଣା ଲୋକଲୋଚନକୁ ଆସିବା ଦରକାର। ସମ୍ପୃକ୍ତ ଠିକାସଂସ୍ଥା ଦାୟିତ୍ୱରେ ଥିବା ସୁପରଭାଇଜର କହିଛନ୍ତି, ପ୍ରଦର୍ଶନୀର ଅବଧି ଗତ ଫେବୃଆରୀରେ ଶେଷ ହୋଇଯାଇଥିଲା। ମାତ୍ର ଅବଧିକୁ ଦୁଇଥର ଦେଢମାସ ଲେଖାଏ ବଢାଯାଇଥିଲା। ତେବେ ତାଙ୍କ ସଂସ୍ଥାର କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବା ପରେ ପ୍ରଦର୍ଶନୀ ବନ୍ଦ କରାଯାଉଛି। ସେ ମହାପ୍ରଭୁଙ୍କ ବେଶ ଆଦି ଉଠାଉନାହାନ୍ତି, କେବଳ ଜିନିଷପତ୍ର କାଢୁଛନ୍ତି। ସେ ଜଣେ କର୍ମଚାରୀ ହୋଇଥିବାରୁ ଅଧିକ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ରଥଖଳାରୁ...

# ପାର୍ଶ୍ୱ ଦଣ୍ଡାର ଚଉପଟ କାର୍ଯ୍ୟ ଆରମ୍ଭ



**ପୁରୀ,୯।୬(ଅଜିତ୍ ମହାନ୍ତି):** ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ପାଟଦଣ୍ଡାରୁ ୪ଟି ଦଣ୍ଡାର ଚଉପଟ ଶେଷହୋଇ ପଞ୍ଚମ ଦଣ୍ଡାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ୩ ରଥର ପାର୍ଶ୍ୱଦଣ୍ଡାର ଚଉପଟ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏଥିସହ ୩ ରଥର ୨୦ ଫୁଟିଆ ୨ଟି ଗରଗରାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚାରି ନାହାକା ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୩ ରଥ ଚାଳିକୁ ରଥ ଅମିନ ୨ଟି ଲେଖାଏ ୨୦ ଫୁଟିଆ ଧଉରା କାଠ ଯୋଗାଇଥିବାବେଳେ ରବିବାର ୩ ରଥଚାଳିକୁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ଆଉ ୨ଟି ଲେଖାଏ ନାହାକା କାଠ ଯୋଗାଇଛନ୍ତି। ଉକ୍ତ ନାହାକାଗୁଡ଼ିକର ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ୩ ରଥର କଣଗୁଜରେ ସିଂହ ବିରାଳ ରୂପ ଖୋଦେଇ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଏବଂ ରୂପ ପଲିଶ୍ କାର୍ଯ୍ୟ ଜାରି ରଖିଛନ୍ତି। କରତି ସେବକମାନେ ରବିବାର ଅଧିକ ଲମ୍ବ ଥିବା ୪ଟି ନାହାକା କାଠ ଗଢ଼ିକରି ଯୋଗାଇବା ସହ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି। ପାହି ମହାରଣା ଦୋଳବେଦିଠାରେ ଅଣସର ତଥା ରଥଯାତ୍ରାରେ ସେବାନୀତି ନିମନ୍ତେ କାଠନିର୍ମିତ ସରଂଜାମ ନିର୍ମାଣ କରୁଛନ୍ତି। ଏଥିରେ ତୁମ୍ବ ବିନ୍ଧ କାରିଗର ସହାୟତା କରିବା ସହ ଶ୍ରୀମନ୍ଦିର କର୍ମଚାରୀ ବସନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ଉକ୍ତ ସରଂଜାମ ପ୍ରସ୍ତୁତି ଚାଲିଛି। ଅଣସର ନୀତି ପାଇଁ ସୁଧ ସୁଆରଙ୍କ ନିମନ୍ତେ ୪ଟି ବଡ଼ ପିଢ଼ା ଏବଂ ସେବା ନୀତି ପାଇଁ ସାମନ୍ତ ପୂଜା ପଣ୍ଡା ସେବକଙ୍କ ନିମନ୍ତେ କୁରୁମ ପିଢ଼ା ୪ଟି ନିର୍ମାଣକରି ଫୁଲଚାଙ୍ଗଡ଼ା ଫ୍ରେମ୍ ପ୍ରସ୍ତୁତ ହେଉଛି। ସେହିପରି ଦୋଳବେଦି ନିକଟ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ ରଥର ଦଣ୍ଡା ବାଡ଼ିଆ କଣ୍ଟା ନିର୍ମାଣ ଶେଷ କଳାପରେ ପୋଟଳ ନଦାକଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# 'କ୍ରୀତଦାସ ପ୍ରଥା ବିରୋଧରେ ଲଢୁଥିଲେ ବିର୍ସା'

**ରାଜ୍ୟରେ ଭାଜପା କାର୍ଯ୍ୟାଳୟରେ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର, ୯।୬ (ଅନୁରାଧା ମହାରଣା)

ଇଂରେଜ ଶାସନ, କୁସଂସ୍କାର, ଅନ୍ଧବିଶ୍ୱାସ ଓ କ୍ରୀତଦାସ ପ୍ରଥା ବିରୋଧରେ ଜଣେ ଯୋଦ୍ଧାଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ବିର୍ସା ମୁଣ୍ଡା। ଆଦିବାସୀ ଓ ଜନଜାତିଙ୍କ ପାଇଁ ତାଙ୍କର ଅନ୍ତର ନିରନ୍ତର କାନ୍ଦୁଥିଲା। ବିର୍ସା ମୁଣ୍ଡା ଦେଶର ସଂସ୍କୃତିର ରକ୍ଷକ ଥିଲେ। ଲୋକଙ୍କୁ ଜଳ, ଜଙ୍ଗଲ ଏବଂ ଜମିର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇଥିଲେ। ପାରମ୍ପରିକ ଜମି ଅଧିକାର, ସାଂସ୍କୃତିକ ତଥା ଧାର୍ମିକ ବିଶ୍ୱାସର ସୁରକ୍ଷା ପାଇଁ ସେ ବ୍ରିଟିଶ୍ ଶାସନ ବିରୋଧରେ ନିରନ୍ତର ଯୁଦ୍ଧ କରିଆସିଥିଲେ। ତାଙ୍କ ପୁଣ୍ୟତିଥି ଅବସରରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଏହା କହିଥିଲେ। ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରବା ସହ ମତବ୍ୟକ୍ତ କରିଥିଲେ। ସଭାରେ ପୂର୍ବତନ ରାଜ୍ୟ ସଭାପତି କେଭି ସିଂହଦେଓ, ନିର୍ବାଚନ ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ବିଧାୟକ ରବି ନାୟକ, ନିତ୍ୟାନନ୍ଦ ଗଣ୍ଡ, ମୋହନ ମାଝୀ, ଇରାଶିଷ ଆଚାର୍ଯ୍ୟ, ଫକୀର ନାୟକ ପ୍ରମୁଖ ବିର୍ସାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଖୋ ଖୋ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

ପୁରୀ, ୯।୬(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ଖୋ ଖୋ ଆସୋସିଏଶନ୍, ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଆୟୋଜିତ ତିନିଦିନିଆ ପ୍ରଶିକ୍ଷଣ ଶିବିର ବା କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶାରୀରିକ କ୍ରୀଡ଼ା ଶିକ୍ଷକମାନଙ୍କୁ ଖୋ ଖୋ କ୍ରୀଡ଼ା ପ୍ରଶିକ୍ଷଣ ଓ ବୈଷୟିକ ଶିକ୍ଷା ପ୍ରଦାନ କରାଯାଇଛି। ସେମାନେ ନିଜ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଖୋ ଖୋ ଶିକ୍ଷା ଦେଇପାରିବେ। ଭାରତୀୟ ଖୋ ଖୋ ସଂଘ ଟେକ୍ନିକାଲ କମିଟିର ସଦସ୍ୟ ସଞ୍ଜୀବ କୁମାର, ଅନ୍ତର୍ଜାତୀୟ ଖୋ ଖୋ ପ୍ରଶିକ୍ଷକ ସୁମିତ୍ ଯୋଗଦେଇ କ୍ରୀଡ଼ା ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ସହସମ୍ପାଦକ ଲକ୍ଷ୍ମଣ ନାଥ ଯୋଗଦେଇ ଏଭଳି କର୍ମଶାଳା ବର୍ଷକୁ ଦୁଇ ଥର ହେଲେ ଭଲ ହେବ ବୋଲି କହିଥିଲେ। ସଂଘ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥସାରଥୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କର୍ମଶାଳାରେ ୨୧ଟି ଜିଲା ଓ କିସ୍ ବିଶ୍ୱବିଦ୍ୟାଳୟରୁ ୧୧୩ ଶାରୀରିକ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସମସ୍ତ କ୍ରୀଡ଼ା ଶିକ୍ଷକଙ୍କୁ ପ୍ରମାଣପତ୍ର ଓ ମୋମେଣ୍ଟୋ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି।

# ଆଶା, ଆଶଙ୍କାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ଅସ୍ତରଙ୍ଗ, ୯।୬ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ବିଜେଡି ସରକାର ପତନ ପରେ ମିଶନ ଶକ୍ତି ତଥା ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି। ନୂତନ ଭାଜପା ସରକାର ଆସିଲେ ତାହାର ରୂପରେଖ କିପରି ହେବ ସେ ନେଇ ମଧ୍ୟ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ବିଜେଡି ସରକାର ସମୟରେ ମିଶନ ଶକ୍ତି ଏକ ପ୍ରମୁଖ ଜନପ୍ରିୟ ଯୋଜନା ଭାବେ ପରିଚୟ ଲାଭ କରିଥିଲା। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଶନ ଶକ୍ତି ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଅସ୍ତରଙ୍ଗ ବ୍ଲକରେ ପ୍ରାୟ ୨୦୦ ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ଜୀବିକା ମିଶନ ଯୋଜନାରେ ସାମିଲ କରାଯାଇ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରାଯାଇଛି। ସେହିପରି ସମନ୍ୱିତ ଶିଶୁବିକାଶ ଯୋଜନା ଅଧୀନ ଏସ୍‌ଏଚ୍‌ଜିଗୁଡ଼ିକ ଛତୁଆ ପ୍ରସ୍ତୁତି ସମେତ ମୁକ୍ତା ଯୋଜନାରେ ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିଲେ। ତେବେ ରାଜ୍ୟରେ ନୂତନ ସରକାର ଗଠନ ପରେ ଏଥିରେ କିଛି ପରିବର୍ତ୍ତନ ହେବ କି ନାହିଁ ତାହା ଏକ ପ୍ରଶ୍ନ ପାଲଟିଛି। ମିଶନ ଶକ୍ତିକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଦସ୍ୟମାନେ ଆଶା ଓ ଆଶଙ୍କାରେ ରହିଛନ୍ତି।

# ଏଟିଏମ୍‌ରେ ସହାୟତା ଆଳରେ ଟଙ୍କା ନେଇଗଲେ

ସାକ୍ଷୀଗୋପାଳ,୯।୬(କିଶୋର ମହାପାତ୍ର)

ସାକ୍ଷୀଗୋପାଳରେ ଏଟିଏମ୍‌ରେ ସହାୟତା ବାହାନାରେ ଲୁଟେରାମାନେ ଲୋକଙ୍କ ଏଟିମ୍‌ରୁ ଟଙ୍କା ଉଠାଉ ନେଉଛନ୍ତି। ଫଳରେ ଲୋକେ ବହୁ ହଇରାଣ ହେଉଛନ୍ତି। ନିକଟରେ ସ୍ଥାନୀୟ ବିଶ୍ୱନାଥପୁର ଗ୍ରାମର ଲକ୍ଷ୍ମଣ ମହାପାତ୍ରଙ୍କଠାରୁ ଲୁଟେରାମାନେ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ସତ୍ୟବାଦୀ ପୋଲିସ ସିସି ଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ଲକ୍ଷ୍ମଣ ସାକ୍ଷୀଗୋପାଳ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଯାଇଥିଲେ। ଏଟିଏମ୍ ମଧ୍ୟରେ ପୂର୍ବରୁ ଥିବା ଜଣେ ଯୁବକ ତାଙ୍କୁ ସହାୟତା କରିବାକୁ କହି ଚତୁରତାର ସହିତ ଏଟିଏମ୍ କାର୍ଡ ଓ ପାସ୍‌ୱାର୍ଡ ନେଇ କାର୍ଡ ସ୍ୱାପ୍ କରିଥିଲେ। ଆକାଉଣ୍ଟରୁ ଟଙ୍କା ଉଠାଣ ହୋଇଥିବା ଜାଣିପାରି ଲକ୍ଷ୍ମଣ ସତ୍ୟବାଦୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

# ପାଣି ପାଇପ ବିଛାଇବା ଆଳରେ ରାସ୍ତା ଖନନ

**ମରାମତି ନ ହେବାରୁ ଘଟୁଛି ଦୁର୍ଘଟଣା**



ଖୋଳାଯାଇଥିବା ଗ୍ରାମ୍ୟରାସ୍ତା।

କଣାସ,୯।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ୨୮ଟି ପଞ୍ଚାୟତରେ ମେଗା ପ୍ରକଳ୍ପ ମାଧ୍ୟମରେ ପାନୀୟଜଳ ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି। ତେବେ ପାଇପ ବିଛାଇବା ଆଳରେ ଅନେକ ଗ୍ରାମର ରାସ୍ତାକୁ ଖୋଳାଯାଇଥିବାବେଳେ ମରାମତି କରାଯାଉନାହିଁ। ଫଳରେ ଦୁର୍ଘଟଣା ଘଟୁଛି। ଯାନବାହନ ଓ ଲୋକଙ୍କ ଚଳପ୍ରଚଳରେ ସମସ୍ୟା ଉପୁଜୁଛି। ଆଗକୁ ବର୍ଷାଦିନ ଆସୁଥିବାରୁ ଲୋକେ ଗାଁଦାଣ୍ଡରେ କିପରି ଚଳପ୍ରଚଳ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଦୋଛିଆଁ ପଞ୍ଚାୟତର ଆଳିପଡ଼ା, ନୂଆଗାଁ, କାଦୁଆ ପଞ୍ଚାୟତର ସାହସପୁର, କଉଡ଼ିଖିଣି, ସାହୁପଡ଼ା ପଞ୍ଚାୟତର ସାହୁପଡ଼ା ପ୍ରଭୃତି ଗ୍ରାମ ଖନନ ପରେ ମରାମତି ହୋଇନାହିଁ। ପ୍ରକଳ୍ପର ଠିକାଦାର ତାମିଲନାଡୁର ବାସିନ୍ଦା ହୋଇଥିବାବେଳେ ଏଠାରେ ରହୁ ନ ଥିବାରୁ ଲୋକେ ତାଙ୍କୁ ଅଭିଯୋଗ ଜଣାଇବା ସମ୍ଭବ ହେଉନାହିଁ। ଗ୍ରାମବାସୀ ସରପଞ୍ଚ ଏବଂ ବିଡିଓଙ୍କୁ ଅଭିଯୋଗ ନିରାଶ ହେବା ପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲାପାଳ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି।

# ୧୪ରୁ ଶ୍ରୀକ୍ଷେତ୍ର ରଜ ମହୋତ୍ସବ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ମାର୍କଣ୍ଡେଶ୍ୱର ସାହି ପାଣ୍ଡ ଜାଗା ପକ୍ଷରୁ ୧୦ମ ଶ୍ରୀକ୍ଷେତ୍ର ରଜ ମହୋତ୍ସବ ଜୁନ୍ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜନ ହେବାକୁ ଯାଉଛି। ଏ ନେଇ ରବିବାର ବୁଢ଼ୀମା ତୋଟା କଲ୍ୟାଣୀ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀରେ ରଜ ମହୋତ୍ସବ କମିଟିର ସଭାପତି ଭକ୍ତଚରଣ ଦାସ ଓ ସମ୍ପାଦକ ବିଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିରେ ବରିଷ୍ଠ ସଦସ୍ୟ ସମୀର କୁମାର ସାମନ୍ତରାୟ, ବିଦ୍ୟାଧର ବେହେରା, ଭବେଶ ସ୍ୱାଇଁ, ବାପିନ ଶତପଥୀ, ତ୍ରିଲୋଚନ ପ୍ରଧାନ ଏବଂ ପାଣ୍ଡ ଜାଗା କୋଷାଧ୍ୟକ୍ଷ ଦିଗମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ମହୋତ୍ସବ କମିଟିର କର୍ମକର୍ତ୍ତା କହିଛନ୍ତି, ଆଧୁନିକ ସମାଜରେ ଦିନକୁ ଦିନ ଉତ୍କଳୀୟ ପରମ୍ପରା ତା'ର ସତ୍ତା ହରାଉଥିବା ବେଳେ ମାର୍କଣ୍ଡେଶ୍ୱର ସାହି ପାଣ୍ଡ ଜାଗା ପ୍ରତି ବର୍ଷ ରଜ ମହୋତ୍ସବ କରିଆସୁଛି। ଏହି ଉତ୍ସବ ଜୁନ ୧୪ରୁ ଜୁନ ୧୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ମହିଳା ଓ ଝିଅମାନଙ୍କୁ ନେଇ ପୁଚି, ଖୋଟି, ଦଉଡ଼ି ଡ଼ିଆଁ, ପିଠା ପ୍ରସ୍ତୁତି ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହେବ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀ ରୁକ୍‌ସାନା ଓ ତାଙ୍କ ଟିମ୍ ଆଧୁନିକ ସଙ୍ଗୀତ ପରିବେଷଣ କରିବେ। ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ୟୁଟ୍ୟୁବ କମେଡିଆନ ରାଜୁ ଦାସ ଓରଫ ସାହୁବାବୁ ଓ ତାଙ୍କ ଟିମ୍ କମେଡ଼ି ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିବେ। ସେହି ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ରଜ କୁଇନ ଘୋଷଣା କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରୀଜଗନ୍ନାଥ ଶରଣଂ ନୃତ୍ୟ, ସଙ୍ଗୀତ ସମାରୋହ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

- ଲିଙ୍ଗରାଜ କଳା ନିକେତନର ୩୪ତମ ବାର୍ଷିକ ଉତ୍ସବ
- ପଦ୍ମନାଭ ତ୍ରିପାଠୀଶର୍ମା, ଦୀପ୍ତି ରାଉତରାୟଙ୍କୁ ଗୁରୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନ



କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

ଲିଙ୍ଗରାଜ କଳା ନିକେତନର ୩୪ତମ ବାର୍ଷିକ ଉତ୍ସବ ରବିବାର ପୌରସଦନରେ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀମନ୍ଦିର ସେବାୟତ ଭଗବାନ ସୁଆର, ପଦ୍ମନାଭ ଷ୍ଟୁଡିଓ ପ୍ରା. ଲିଃର ସନାତନ ଦାସ, ରାଜ୍ୟ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ନୃତ୍ୟ ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁମା ଆରତି ରଣବୀର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ପ୍ରତିଷ୍ଠାତା ଅଧ୍ୟକ୍ଷ ଗୁରୁ ଧବଳେଶ୍ୱର ମିଶ୍ର, ଉପସଭାପତି ଗଣେଶ୍ୱର ପ୍ରହରାଜ, ଉପାଧ୍ୟକ୍ଷ ଲୋକନାଥ ମିଶ୍ର ଏବଂ ମୁଖ୍ୟ ପରାମର୍ଶଦାତା ଧୀରେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଳା ନିକେତନର ସମ୍ପାଦକ ଜଗନ୍ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ପଦ୍ମନାଭ ତ୍ରିପାଠୀଶର୍ମା, ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଗୁରୁ ଡ. ଦୀପ୍ତି ରାଉତରାୟଙ୍କୁ ଗୁରୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ନୃତ୍ୟ ଆରତୀ ରଣବୀର ଯୁବ ସମ୍ମାନରେ ଓଡ଼ିଶୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ମୋନାଲିସା ନାଥଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ନୃତ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ବିନ୍ଧ୍ୟଗିରୀ ବାସିନୀ, ଶିବସ୍ତୁତି, ସ୍ଥାୟୀ ନୃତ୍ୟ, ବିକଶିତ ଭାରତ, ଲୋକନୃତ୍ୟ , ପଲ୍ଲୀନୃତ୍ୟ, ଭଜନ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ, ଛାନ୍ଦ, ଗୀତଗୋବିନ୍ଦ, ପଲ୍ଲୀଗୀତ, ଏକକ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଗାୟନ, ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକକ ତବଲା ବାଦକ ପରିବେଷଣ କରାଯାଇଥିଲା। ସିପ୍ରା ମିଶ୍ର, ସୁପ୍ରିୟା ପଲେଇ, ମମତା ଭୋଇ, ଅର୍ଚ୍ଚନା ସାହୁ, କିରଣ ପଟ୍ଟନାୟକ, ଅଭିଲିପ୍ସା ରାଉତରାୟ, ସିମ୍‌ରନ୍ ପରିଡ଼ା, ଭାଗ୍ୟଲକ୍ଷ୍ମୀ ଜେନା, ଗୀତାଞ୍ଜଳି ସ୍ୱାଇଁ, କ୍ରିଷ୍ଣା କାବେରୀ ମହାପାତ୍ର ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ବାଦ୍ୟଯନ୍ତ୍ରରେ ହରିଶ୍ ଚନ୍ଦ୍ର ଦାଶ, ସାରଦା ପ୍ରସନ୍ନ ମିଶ୍ର, ପ୍ରକାଶ କୁମାର ରଥ, ଜଗନ୍ନାଥ ମିଶ୍ର, ବଳରାମ ମହାପାତ୍ର, କ୍ରିଷ୍ଣା କୁମାର ଚାନ୍ଦ, ପ୍ରଶାନ୍ତ କୁମାର ରାଉତ ସହଯୋଗ କରିଥିଲେ। ଉଦ୍‌ଘୋଷକ ବିଶ୍ୱଜିତ୍ ବଳିୟାରସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଗୁରୁ ଅଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏକ ଚିତ୍ରକଳା ପ୍ରଦର୍ଶନୀ ହେବା ସହ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଂକ୍ଷେପରେ**

## ଅସହ୍ୟ ଗୁଳୁଗୁଳି: ଜନଜୀବନ ଅସ୍ତବ୍ୟସ୍ତ

ଅସ୍ତରଙ୍ଗ,୯।୬(ମମତା ଜେନା)

ଅସ୍ତରଙ୍ଗ, କାକଟପୁର ଓ ଏହାର ଆଖପାଖ ଅଞ୍ଚଳରେ ଗତ ୩ ଦିନ ହେବ ଅସହ୍ୟ ଗୁଳୁଗୁଳି ଓ ଗରମରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୪୨ ଡିଗ୍ରୀ ତାତି ହୋଇଥିବାବେଳେ ଅସହ୍ୟ ଗୁଳୁଗୁଳି ଯୋଗୁ ଲୋକେ ଘରୁ ବାହାରି ପାରୁନାହାନ୍ତି। ନିମାପଡ଼ାଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ମୁଖ୍ୟରାସ୍ତା କଡ଼ରୁ ବଡ଼ ବଡ଼ ଗଛ କଟାଯିବା ଫଳରେ ତାହା ସାଧାରଣ ଜୀବନକୁ ପ୍ରଭାବିତ କରିଛି। ଦିନ ମଜୁରିଆ ଓ ଚାଷୀ ମୂଲିଆମାନେ ଅଂଶୁଘାତକୁ ଭୟ କରି ଘରେ ଓ ଗଛ ତଳେ ରହୁଥିବାବେଳେ ଆର୍ଥିକ ଅନଟନ ଭିତରେ ରହୁଛନ୍ତି। କାର୍ଯ୍ୟବ୍ୟସ୍ତତା ଯୋଗୁ କାଁ ଭାଁ ଲୋକେ କେବଳ ଘରୁ ବାହାରି ଦହିପାଣି, ଲେମ୍ବୁ ସର୍ବତ ଓ ଥଣ୍ଡା ପାନୀୟ ପିଇ ନିଜକୁ ଗ୍ରୀଷ୍ମଦାଉରୁ ରକ୍ଷା କରୁଛନ୍ତି। ପାଣିପାଗ ବିଭାଗ ସୂଚନା ମୁତାବକ, ପଶ୍ଚିମ ଓଡ଼ିଶାରେ ମୌସୁମୀ ବାୟୁ ପ୍ରବେଶ କରିସାରିଥିବାବେଳେ ଉପକୂଳ ଓଡ଼ିଶାରେ ଅସହ୍ୟ ଗରମରେ ଲୋକେ ପ୍ରଭାବିତ ହେଉଛନ୍ତି ।

## ଜାତୀୟ ହାମରବଲ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ହାମର୍ ବଲ ଆସୋସିଏଶନ୍ ଅଫ୍ ଇଣ୍ଡିଆ ଏବଂ ହାମର ବଲ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ପ୍ରଥମ ସିନିୟର ଜାତୀୟ ହାମର ବଲ୍ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ କ୍ରୀଡ଼ା ଉତ୍ସବ ରବିବାର ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଜୁଭେନାଇଲ ବୋର୍ଡ ସଦସ୍ୟା ଡ. ଜୟଶ୍ରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ରାଜ୍ୟରୁ ଆସିଥିବା କ୍ରୀଡାବିତ୍‌ମାନେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ହାମର୍ ବଲ ଆସୋସିଏଶନ୍ ଅଫ ଇଣ୍ଡିଆର ସଚିବ ମନିଶ କୁମାର୍ ଶ୍ରୀବାସ୍ତବ ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ଉପସଭାପତି ଆର୍. ମିତ୍ର, ରାଜ୍ୟ ହାମର ବଲ ଆସୋସିଏସନ୍ ଉପସଭାପତି ସୋମନାଥ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ରାଗିଣୀ ମିତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସିଂହାରୀ ଏଣ୍ଟରଟେନ୍‌ମେଣ୍ଟ ତରଫରୁ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଏବଂ ସ୍ଥାନୀୟ କଣ୍ଠଶିଳ୍ପୀ ଦର୍ଶନା କର ଏବଂ ମାନସ ଦାସ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଦର୍ଶନା କରଙ୍କ ରଙ୍ଗବତୀ ସମ୍ବଲପୁରୀ ଗୀତରେ କ୍ରୀଡାବିତ୍‌ମାନେ ନୃତ୍ୟ କରି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସିଂହାରୀ ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିବା ବେଳେ ରାଗିଣୀ ମିତ୍ର ପରିଚାଳନା କରିଥିଲେ।

# ‘ଲେଖନୀ ମାଧ୍ୟମରେ ପରିବର୍ତ୍ତନ ଆଣନ୍ତୁ ସାହିତ୍ୟିକ’

### ରାଜ୍ୟସ୍ତରୀୟ ସାହିତ୍ୟ ଆସର, ପ୍ରତିଭା ସମ୍ମାନ ସମାରୋହ

କୋଣାର୍କ,୯।୬(ଜ୍ୟୋତିରାଜ ମହାନ୍ତି)



ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷରେ କୋଣାର୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ସପ୍ତମ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର, ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ପ୍ରଦୀପ କୁମାର ଛାଟୋଇ ଅଧ୍ୟକ୍ଷତାରେ କରିଥିଲେ। ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ବିଭାଗ ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ତଥା ଲେଖକ ବିରଞ୍ଚି ମିଶ୍ର, ଶିଶୁ ସାହିତ୍ୟିକା ଡ. ପ୍ରତିଭାରାଣୀ ଷଡ଼ଙ୍ଗୀ, ଶିଶୁ ପତ୍ରିକା ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ସାହିତ୍ୟିକ ପଣ୍ଡିତ ନିତ୍ୟାନନ୍ଦ ଶତପଥୀ, ଶିକ୍ଷାବିତ୍ ଶଶଧର ପଣ୍ଡା, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ବିଶିଷ୍ଟ ବ୍ୟଙ୍ଗ କବି ସମ୍ପଦ କୁମାର ରଥ ଓ ଶିକ୍ଷାବିତ୍ ମନମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସୃଜନଶୀଳ ସାହିତ୍ୟର ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଆଧାରରେ ସାହିତ୍ୟିକମାନେ ଲେଖନୀ ଚାଳନା କରି ଏକ ଐତିହ୍ୟ ଓ ସଂସ୍କୃତି ଭିତ୍ତିକ ପରମ୍ପରା ସୃଷ୍ଟି କରିବାକୁ ଅତିଥିମାନେ କହିଥିଲେ। କୋଣାର୍କ ହେଉଛି କଳା ଓ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ। ଏଥିରେ ସାହିତ୍ୟର ଜୀବନ୍ତ ପ୍ରତିଛବିକୁ ଲେଖନୀ ମୁନରେ ପରିପ୍ରକାଶ କରି ଐତିହାସିକ ଓ ପୌରାଣିକ ଗାଥାକୁ ଲୋକଙ୍କ ମଧ୍ୟରେ ସାଂସ୍କୃତିକ ଓ ସାମାଜିକ ପରିବର୍ତ୍ତନ ଆଣିବା ଦିଗରେ ବିଶେଷ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଷଦର ସମ୍ପାଦକ ଭାଗୀରଥି ସ୍ୱାଇଁ ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶତାଧିକ କବି କବିତା ପାଠ କରିଥିଲେ। ମାନସୀ ବେଉରା, ସନ୍ନ୍ୟାସୀ, ପ୍ରତାପ ରଶ୍ମି ନାୟକ ଓ ମନମୋହନ ସ୍ୱାଇଁ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଡ. ପ୍ରତିଭାରାଣୀ ଷଡଙ୍ଗୀଙ୍କ ରଚିତ ‘କୋଣାର୍କକୁ ଚିଠି’ ଓ ଶିଶୁ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ୩୦ରୁ ଊର୍ଦ୍ଧ୍ୱ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଷଦର ସଚ୍ଚିଦାନନ୍ଦ ଗୋଛାୟତ, ବିରଞ୍ଚି ନାରାୟଣ ମିଶ୍ର, ସୁକାନ୍ତ କୁମାର ବିଶ୍ୱାଳ, ମହେଶ୍ୱର ସାମଲ, ଜ୍ଞାନ ରଞ୍ଜନ ବିଶ୍ୱାଳ ଏବଂ ସଙ୍ଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।


ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ରବିବାର ପ୍ରଥମ ସିନିୟର ଜାତୀୟ ହାମର ବଲ୍ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ ।

## ମୁଖ୍ୟ ରାସ୍ତାରେ ବ୍ୟବସାୟୀ, ଯାତାୟାତରେ ସମସ୍ୟା

ଅସ୍ତରଙ୍ଗ,୯।୬(ପ୍ରଦୀପ୍ତ ଦୀକ୍ଷିତ)

### ଘଣ୍ଟାଘଣ୍ଟା ଧରି ରାସ୍ତାରେ ଅଟକୁଛି ଗାଡ଼ି

ଅସ୍ତରଙ୍ଗ ବଜାରରେ ଅନେକ ସମୟରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଅସ୍ତରଙ୍ଗ ପ୍ରମୁଖ ରାସ୍ତା ଗତ କିଛି ବର୍ଷ ଧରି ଫଳ ଓ ପରିବା ବ୍ୟବସାୟୀଙ୍କ କବ୍‌ଜାରେ ରହି ଆସିଥିବାବେଳେ ଏଥିଯୋଗୁ ସାପ୍ତାହିକ ହାଟ ଦିନ ଯାତାୟାତ ବାଧାପ୍ରାପ୍ତ ସହ ଦୁର୍ଘଟଣା ବୃଦ୍ଧି ପାଇବା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ମଙ୍ଗଳବାର ଓ ଶନିବାର ଅସ୍ତରଙ୍ଗ ସାପ୍ତାହିକ ହାଟ ହୋଇଥିବାବେଳେ ଅସ୍ତରଙ୍ଗ ମେଡିକାଲ ଛକଠାରୁ ଗ୍ରାମ୍ୟବ୍ୟାଙ୍କ ପର୍ଯ୍ୟନ୍ତ ଅନେକ ଉଠାବ୍ୟବସାୟୀ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବସିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଫଳରେ ରାସ୍ତା ସଂକୁଚିତ ହୋଇ ଯାତାୟାତ ସମସ୍ୟା ସୃଷ୍ଟି ସହ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ବଜାରରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ବଜାରକୁ ଆସୁଥିବା ଲୋକେ ବାଧ ହୋଇ ୨ ଚକିଆ ଓ ୪ ଚକିଆ ଯାନ ରାସ୍ତା ଉପରେ ପାର୍କିଂ କରି ଦୋକାନ ବଜାରକୁ ଯାଉଥିବାରୁ ବଜାରରେ ଭିଡ଼ ହେଉଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।


ରାସ୍ତାରେ ଗାଡ଼ି ରଖାଯାଇଛି ।

## ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବେଗୁନିଆ,୯।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୫୬/୨୪) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ନାବାଳିକା ଜଣଙ୍କ ଘରେ ଶୋଇଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକ ତାଙ୍କ ଘରେ ପଶି ଦୁର୍ବ୍ୟବହାର କରିଥିଲେ। ନାବାଳିକା ଚିତ୍କାର କରିବାରୁ ଯୁବକ ଜଣଙ୍କ ସେଠାରୁ ପଳାଇଥିଲେ।

## ପିପିଲି ବିକାଶ ମଞ୍ଚ ପକ୍ଷରୁ ଆଶ୍ରିତଙ୍କୁ ସମ୍ବର୍ଦ୍ଧନା

ପିପିଲି,୯।୬(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର):

ପିପିଲି ବିକାଶ ମଞ୍ଚ ପକ୍ଷରୁ ନବ ନିର୍ବାଚିତ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ରବିବାର ପିପିଲିସ୍ଥିତ ଜବାହର ବିଦ୍ୟାପୀଠ ପ୍ରାଙ୍ଗଣରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିକାଶ ମଞ୍ଚ ସଭାପତି ବିକ୍ରମ କେଶରୀ ସିଂ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଟ୍ଟନାୟକ ଯୋଗଦେଇ ମଞ୍ଚର ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରି ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଏଥିସହ ପିପିଲିର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ସଂଗଠନ ୨୦୧୮ ମସିହାରୁ ଏପର୍ଯ୍ୟନ୍ତ ପିପିଲିର ବିଭିନ୍ନ ସମସ୍ୟା ତଥା ପିପିଲି ମେଡିକାଲରେ ଡାକ୍ତର ନିଯୁକ୍ତି, ପିପିଲିରେ ବିଦ୍ୟୁତ୍ ସମସ୍ୟା, ପିପିଲି ବଜାର ପ୍ରବେଶ ପଥରେ ବସ୍ ଚଳାଚଳକୁ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରି ଏହାର ସମାଧାନ କରିଥିବା ନେଇ ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର ସଭାରେ ଉପସ୍ଥାପନ କରି ଆଗାମୀ ଦିନରେ ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନ ଉପଦେଷ୍ଟା ଜବାର ଖାଁ, ଇଂ. ରମେଶ ଚନ୍ଦ୍ର ଶତପଥୀଙ୍କ ସହ ଆଇନଜୀବୀ ରମାକାନ୍ତ ସାହୁ, ପ୍ରଧାନ ଶିକ୍ଷକ ପୀତବାସ ସେଠୀ, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନବ ନିର୍ବାଚିତ ବିଧାୟକ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।


ପିପିଲି ବିକାଶ ମଞ୍ଚ ପକ୍ଷରୁ ଆଶ୍ରିତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଚାଷୀଙ୍କୁ ଠକି କମ୍ପାନୀ ନେଇଗଲା ଧାନ

ବଳଙ୍ଗା,୯।୬(କେଦାରେଶ୍ୱର ନନ୍ଦ)

### ଦେଇଥିବା ଚେକ୍ ବାଉନ୍ସ ହେଇଗଲା

ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଦେଇଥିବା ଲକ୍ଷାଧିକ ଟଙ୍କାର ବ୍ୟାଙ୍କ ଚେକ୍ ବାଉନ୍ସ ହୋଇଯିବା ପରେ ନ୍ୟାୟ ପାଇଁ ବଳଙ୍ଗା ଅଞ୍ଚଳର ଚାଷୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ବଳଙ୍ଗା ପୋଲିସ ତଦନ୍ତ ଆରମ୍ଭ କରିଛି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଓରଳ ଗ୍ରାମର ସୁରେନ୍ଦ୍ର ମହାରଣାଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲା ସ୍ୱାମୀପାଟଣା ଥାନା ମର୍ଜିଖୋଜି ଗ୍ରାମର ଆଶିଷ ସିଂଙ୍କ ସ୍ତ୍ରୀ ଅପର୍ଣ୍ଣା ମହନ୍ତଙ୍କର ଏକ କୃଷିଭିତ୍ତିକ କମ୍ପାନୀ ରହିଛି। ଗତ ୮ ମାସ ତଳେ ଅପର୍ଣ୍ଣା ଓ ଆଶିଷ ସୁରେନ୍ଦ୍ରଙ୍କ ମାଧ୍ୟମରେ ବଳଙ୍ଗା ଅଞ୍ଚଳର ବିଭିନ୍ନ ସ୍ଥାନରେ ଶହେ ଏକର ଜମି ପାଇଁ ଧାନ ବିହନ ଯୋଗାଇଥିଲେ। ବିହନ ଦେବାବେଳେ ଏକର ପିଛା ୨୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଅମଳ ହେବ ଏବଂ କମ୍ପାନୀ ପକ୍ଷରୁ ସମସ୍ତ ସାର, ଔଷଧ ମଧ୍ୟ ଯୋଗାଇ ଦିଆଯିବ। ଧାନ ଅମଳ ପରେ କୁଇଣ୍ଟାଲ ପିଛା ୨୩ ଶହ ଟଙ୍କାରେ କମ୍ପାନୀ ଧାନ କିଣିବେ ବୋଲି କହିଥିଲେ। ତେବେ ଅମଳ ସମୟରେ ଏକର ପିଛା ୪ କୁଇଣ୍ଟାଲରୁ କମ୍ ଧାନ ଅମଳ ହୋଇଥିଲା, ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏଥିରେ ଅପର୍ଣ୍ଣା ଓ ଆଶିଷ ଚାଷୀଙ୍କୁ ଏକର ପିଛା ୨୫ ହଜାର ଟଙ୍କା କମ୍ପାନୀ ପକ୍ଷରୁ କ୍ଷତିପୂରଣ ଦିଆଯିବ ବୋଲି କହି ଚାଷୀଙ୍କଠାରୁ ୨୫ ଟନ ଧାନ ନେଇ ସେମାନଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ବ୍ୟାଙ୍କ ଚେକ୍ ଦେଇଥିଲେ। ପରେ ଚାଷୀମାନେ ଆଶିଷଙ୍କୁ ଟଙ୍କା ପାଇଁ ଯୋଗାଯୋଗ କରିବାରେ ସେ ନେଇଥିବା ଧାନ ଖରାପ ରହିଥିବା ସହ ସେ ଆଉ ଟଙ୍କା ଦେଇପାରିବେନି ବୋଲି କହିଥିଲେ। ପରେ ଚାଷୀମାନେ ଏକାଠି ହୋଇ କେନ୍ଦୁଝର ଯାଇ ଅପର୍ଣ୍ଣା ଓ ଆଶିଷଙ୍କୁ ଦେଖାକରିଥିଲେ। ହେଲେ ସେ ଟଙ୍କା ଦେବାକୁ ମନାକରିବା ସହ ଚାଷୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ କମ୍ପାନୀ ଦେଇଥିବା ଚେକ୍ ଚାଷୀମାନେ ବ୍ୟାଙ୍କରେ ଲଗାଇବାରୁ ତାହା ବାଉନ୍ସ ହୋଇଯାଇଥିଲା।

## ଆକ୍ରମଣରେ ଆହତ ଯୁବକଙ୍କ ମୃତ୍ୟୁ, ଅଭିଯୁକ୍ତ ଗିରଫ

ବାଲୁଗାଁ,୯।୬(ସଂଗ୍ରାମ ପାଇକରାୟ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣରେ ଆହତ ହୋଇ ଚିକିତ୍ସାଧୀନ ଥିବା ସିଙ୍ଗେଶ୍ୱର ଗ୍ରାମର ଚନ୍ଦ୍ରଶେଖର ବେହେରା(୪୧)ଙ୍କ ଶନିବାର ମୃତ୍ୟୁ ଘଟିଛି। ଏହି ଘଟଣାରେ ରବିବାର ବାଲୁଗାଁ ପୋଲିସ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା(୩୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ସିଙ୍ଗେଶ୍ୱର ଗ୍ରାମର ଚନ୍ଦ୍ରଶେଖର ଓ କୃଷ୍ଣଚନ୍ଦ୍ରଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ଗତ ମେ’ ୨୬ରେ ପୂର୍ବ ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ହାତାହାତି ହୋଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କୃଷ୍ଣଚନ୍ଦ୍ର ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ଚନ୍ଦ୍ରଶେଖରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ଏବଂ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୧୯୦/୨୪)ରୁଜୁକରି କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା।

# କୂଅ ସଫାବେଳେ ଯୁବକଙ୍କ ଜୀବନ ଗଲା

ଜଟଣୀ,୯।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ଅରଗୁଲ ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। କୂଅ ସଫା କରିବା ବେଳେ ଜଣେ ଯୁବକ ଶ୍ୱାସରୁଦ୍ଧ ହୋଇ ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଅରଗୁଲ ଗ୍ରାମ ମେଲଣ ପଡ଼ିଆ ସାହିର ସନ୍ତୋଷ କୁମାର ସାହୁ (୩୦)। ସୂଚନା ମୁତାବକ, ରବିବାର ସକାଳେ ସନ୍ତୋଷ ତାଙ୍କ ଘର ପଛପଟେ ଥିବା ଏକ କୂଅ ସଫା କରିବାକୁ ଭିତରକୁ ପଶିଥିଲେ। କିଛି ସମୟ ସଫା କରିବା ପରେ ନିଃଶ୍ୱାସ ନେବାରେ ସମସ୍ୟା ହୋଇଥିଲା। ପରେ ଶ୍ୱାସରୁଦ୍ଧ ହେବା ସହ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ସନ୍ତୋଷଙ୍କୁ କୂଅରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସନ୍ତୋଷଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ବିଜେଡିର ରୁଦ୍ଧଦ୍ୱାର ବୈଠକକୁ ନେଇ ଚର୍ଚ୍ଚା

ଗୋପ,୯।୬(ଭାରତୀ ଭୂଷଣ ଉପାଧ୍ୟାୟ)

### ଗୋପ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆସିପାରେ ଅନାସ୍ଥା

ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କ ପରାଜୟ ପରେ ରବିବାର କୋଣାର୍କସ୍ଥିତ ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ରବିବାର ଜିଲା ବିଜେଡି ଓ ଗୋପ ବ୍ଲକ ବିଜେଡି ପକ୍ଷରୁ ଏହାକୁ ନେଇ ଏକ ମାନସ ମନ୍ଥନ କରାଯାଇଛି। ବୈଠକରେ ଜିଲା ବିଜେଡି ସଭାପତି ଦିବାକର ପାତ୍ର ସଭାପତିତ୍ୱ କରିଥିଲେ। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, କାକଟପୁର ନିର୍ବାଚନମଣ୍ଡଳୀ ନବନିର୍ବାଚିତ ବିଧାୟକ ତୁଷାରକାନ୍ତି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବିଜେଡିର ସୁବ୍ରତ ଛାଟୋଇ, ଦିଲୀପ ନାୟକଙ୍କ ସହିତ ଅନ୍ୟ ନେତୃତ୍ୱମାନେ ଯୋଗ ଦେଇଥିଲେ। ବୈଠକ ଆରମ୍ଭରୁ କେବଳ ଦଳୀୟ ନେତୃତ୍ୱଙ୍କୁ ରହିବା ଲାଗି କୁହାଯାଇଥିବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକକୁ ବାରଣ କରାଯାଇଥିଲା। ଦୀର୍ଘ ୪ ଘଣ୍ଟା ଧରି ରୁଦ୍ଧଦ୍ୱାର ବୈଠକ ହୋଇଥିବାବେଳେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ବିଜୟ ସହ ଭାଜପାରେ ସମୀର ରଞ୍ଜନ ଦାଶଙ୍କ ଯୋଗଦାନକୁ ନେଇ ଏପରି ବୈଠକ ହୋଇଥିବା ଚର୍ଚ୍ଚା ହେଉଛି। ଏପଟେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସମେତ ଆଉ କେତେଜଣ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ବିଜେଡିର ଏପରି ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିବା କୁହାଯାଉଛି। ବୈଠକ ଶେଷରେ ଦଳର ନେତୃତ୍ୱ, କର୍ମୀଙ୍କୁ ନେଇ ଏକାଠି ରହିବା ଲାଗି ଏକ ଶପଥପାଠ ହୋଇଥିଲା। ଏପରି ବୈଠକ ସମ୍ପର୍କରେ ଜିଲା ବିଜେଡି ସଭାପତି ଦିବାକର ପାତ୍ରଙ୍କୁ ପଚାରିବାରେ, ନିମାପଡ଼ା ନିର୍ବାଚନମଣ୍ଡଳୀରେ ଆମ ଦଳର ପରାଜୟ ସମ୍ପର୍କରେ ବୈଠକ ହୋଇଥିବା କହିଥିଲେ। ତେବେ ଅନ୍ୟ ନେତୃତ୍ୱମାନେ ମଧ୍ୟ କେବଳ ଗୋପ ବ୍ଲକର ୩୧ଟି ପଞ୍ଚାୟତର କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିବା କହି ଏହାକୁ ଏଡ଼ାଇ ଯାଇଥିଲେ।


ବୈଠକରେ ବିଜେଡିର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

# ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି):


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସାଧାରଣ ବୈଠକ ରବିବାର ପୁରୀ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସ୍ଥିତି ଓ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଫୋରମ୍ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଅଧ୍ୟକ୍ଷତା କରିଥିଲେ। ଫୋରମ୍ ଉପଦେଷ୍ଟା ତଥା ପୂର୍ବତନ ସ୍ୱତନ୍ତ୍ର ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ମୁଖ୍ୟ ଅତିଥି ଓ ପୂର୍ବତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସନାତନ ମଲ୍ଲିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାଧନା କରି ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ କରି ସୁଛାତ୍ରୀଛାତ୍ର ସୃଷ୍ଟି ସହ ଦେଶର ମାନଦଣ୍ଡକୁ ସୁଦୃଢ଼ କରିପାରିଛନ୍ତି। ଫଳରେ ସେମାନେ ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇପାରିଛନ୍ତି। ଏଣୁ ଶିକ୍ଷା ବିଭାଗର ସମସ୍ତ ବ୍ୟବସ୍ଥାରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଥ ପ୍ରଦର୍ଶକ ଭାବେ ରଖାଗଲେ ଗୁଣାତ୍ମକ ଶିକ୍ଷାଦାନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପୁରୀର ଅଧ୍ୟକ୍ଷ ସନ୍ତୋଷ ପରିଡ଼ା ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ ଯୋଗଦେଇଥିଲେ। ଫୋରମ୍‌ର ସାଧାରଣ ସମ୍ପାଦକ ଈଶ୍ୱରଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଫୋରମ୍ ଭାରତ, ନୂଆଦିଲ୍ଲୀର ସଭାପତି ମହେଶ୍ୱର ସାହୁ, ପୁରୀ ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଦୀପକ କୁମାର ପାଢୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ ପ୍ରମୁଖ ସେମାନଙ୍କ ବାର୍ତ୍ତା ଭିଡିଓ ତଥା ଲେଖା ମାଧ୍ୟମରେ ପ୍ରଦାନ କରିଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମାଜକୁ ଅନନ୍ୟ ଅବଦାନ ତଥା ସଂକ୍ଷିପ୍ତ ଜୀବନାବଳୀ ସମ୍ବଳିତ ଖୁବ୍‌ଶୀଘ୍ର ‘ସାଧନାରୁ ସିଦ୍ଧ’ ନାମକ ଏକ ପୁସ୍ତକ ଓଡ଼ିଆ ଓ ଇଂଲିଶ ଭାଷାରେ ତଥା ଏହାର ଇ-ବୁକ୍ ପ୍ରକାଶିତ ହେବାକୁ ଯାଉଥିବାରୁ ଏହା ସମାଜର ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କ ନିମନ୍ତେ ପ୍ରେରଣାର ଉତ୍ସ ହେବ ବୋଲି ବୈଠକରେ ଅତିଥିମାନେ କହିଥିଲେ। ପରେ ଜିଲାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଫୋରମ୍ ଓଡ଼ିଶାର କର୍ମକର୍ତ୍ତା ମଣ୍ଡଳୀ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

କଟକ ସଦର,୯।୬(ସୁଶାନ୍ତ କୁମାର ଜେନା)

କନ୍ଦରପୁରସ୍ଥିତ ସାଂସ୍କୃତିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ ପକ୍ଷରୁ ନବ ନିର୍ବାଚିତ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। କନ୍ଦରପୁରଠାରେ ପରିଷଦ ସଭାପତି ପ୍ରତିଭା ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଶୋକ ପଟ୍ଟନାୟକ, ମଣ୍ଡଳ କୋର୍ କମିଟି ସଭାପତି ଇଂ. ଅଶୋକ ବିଶ୍ୱାଳ, ପ୍ରଲୋପ ନାରାୟଣ ମହାପାତ୍ର, ଦୈତାରୀ ପ୍ରଧାନ, ଅଭିରାମ ସାହୁ, ରଶ୍ମିକାନ୍ତ ଶତପଥୀ, ଇଂ. ସୁରଜ ବେହେରା, ଅମିୟ ପଟ୍ଟନାୟକ, ବେଣୁଧର ଦାସଙ୍କ ସମେତ ବହୁ ଭାଜପା କର୍ମୀ ଏବଂ ପରିଷଦର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଇଂ. ସେବକ ଶ୍ରୀକାନ୍ତ ଅତିଥି ପରିଚୟ ଓ ସହସମ୍ପାଦକ ପ୍ରଭାତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ୧୯୭୫ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ, ସମ୍ବର୍ଦ୍ଧନା ଉତ୍ସବ

ମାହାଙ୍ଗା,୯।୬(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୃତାଙ୍ଗ ହାଇସ୍କୁଲର ୧୯୭୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଗୋବର୍ଦ୍ଧନେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଭାସ୍କର ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ମିଶ୍ର, ଦୁର୍ଯ୍ୟୋଧନ ସାହୁ, ଡମ୍ବରୁଧର ନାୟକ, ଚିତ୍ତରଞ୍ଜନ ମହାପାତ୍ର, କିଶୋର ମହାପାତ୍ର, ମାଧବାନନ୍ଦ ଦାଶ ଓ କାହ୍ନୁଚରଣ ପରିଡ଼ା ପ୍ରମୁଖ ଯୋଗଦେଇ ପୁରୁଣା ଦିନର ଅଭୁଲା ସ୍ମୃତି ସମ୍ପର୍କରେ ଆଲୋଚନା କରିବା ସହ ବିଦ୍ୟାଳୟର କିପରି ଅଧିକ ବିକାଶ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ଶିକ୍ଷକ ରଙ୍ଗାଧର ନାୟକ, ଦାମୋଦର ଦାଶ ଓ ମାଧବ ଚନ୍ଦ୍ର ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଗୀତା ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦିବଂଗତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

### ମାଟ୍ରିକ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଆଠଗଡ,୯।୬(ସତ୍ୟ ପ୍ରସାଦ ରଥ)

ମାଟ୍ରିକ୍ ପରୀକ୍ଷାରେ ଆଠଗଡ଼ ବ୍ଲକରେ ଟପ୍ପର ହୋଇଥିବା ଏନ୍‌ଏସି ଅନ୍ତର୍ଗତ କନ୍ତୋଲ ଗ୍ରାମର ଜଗନ୍ନାଥ ବେହେରା ଓ ପୁଷ୍ପଲତା ଝିଅ ଦିବ୍ୟାନନ୍ଦଙ୍କୁ କଟକ ଜିଲା କ୍ୱାନ-କି-ଡୋ ଆସୋସିଏଶନ, ଆଠଗଡ଼ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ଦିବ୍ୟାନନ୍ଦଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆସୋସିଏଶନର ସଭାପତି ରୁଦ୍ରଚରଣ ମହାନ୍ତି, ଉପ ସଭାପତି ଶ୍ୟାମପ୍ରସାଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶ୍ରୀତମ ଶତପଥୀ, ମୁଖ୍ୟ ପ୍ରଶିକ୍ଷକ ସନ୍ତୋଷ କୁମାର ବେହେରା, ସମ୍ପାଦକ ବଦ୍ରି ନାରାୟଣ ବାହିନୀପତି, କୋଷାଧ୍ୟକ୍ଷ ରାହୁଲ କୁମାର ଜେନା, ସହସମ୍ପାଦକ ବିଶ୍ୱମ୍ଭର ରାଉତ, ସଭ୍ୟ ଅଭିଜିତ ପରିଡ଼ା,ଚନ୍ଦନ ରାଉତ ଉପସ୍ଥିତ ଥିଲେ।

# ସମସ୍ୟାଘେରରେ ଖୁଣ୍ଟୁଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

- ୬ ମାସ ହେବ ଡାକ୍ତର ନାହାନ୍ତି
- ରାତିରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ
- ଗୋରୁ ନଷ୍ଟ କରୁଛନ୍ତି ଗଛ, ପାଚେରିରେ ଲୁଗା ଶୁଖୁଛି

ଖୁଣ୍ଟୁଣୀ,୯।୬(ସଚ୍ଚିଦାନନ୍ଦ ପଣ୍ଡା)



୫୫ ନମ୍ବର ଜାତୀୟ ରାଜପଥ ଓ ୬୫ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଖୁଣ୍ଟୁଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମସ୍ୟା ରହିଛି। ଏଠାରେ ଗତ ଜାନୁଆରୀ ମାସରୁ ଡାକ୍ତର ନାହାନ୍ତି। ଫଳରେ ବିଭିନ୍ନ ସ୍ଥାନରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଠାରେ ଡାକ୍ତର ନିଯୁକ୍ତି ପାଇଁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖୁଣ୍ଟୁଣୀ ସମେତ କଣ୍ଡରେଇ, ରାଧାକିଶୋରପୁର, ଡାଳଭାଗ, ଭୋଗରା, ରାଧାକୃଷ୍ଣପୁର, ଘଣ୍ଟିଖାଲ, କୁଲାଇଲୋ ଆଦି ପଞ୍ଚାୟତର ଲୋକମାନେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ପ୍ରତିଦିନ ଏଠାକୁ ପ୍ରାୟ ୧୫୦ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ ଏଠାରେ ଡାକ୍ତର ନାହାନ୍ତି। ସେଠାରେ ଥିବା ଫାର୍ମାସିଷ୍ଟ ଦିଲ୍ଲୀପ କୁମାର ସାହୁ ଯେତିକି ସମ୍ଭବ ଚିକିତ୍ସାସେବା ଯୋଗାଇ ଦେଉଛନ୍ତି। ବିଶେଷକରି ୨୦୦୦ ମସିହା ପରଠାରୁ ଏପର୍ଯ୍ୟନ୍ତ ଏଠାରେ ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଡାକ୍ତରଖାନାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ଅନୁଦାନର ଆୟବ୍ୟୟ ହିସାବ ହୋଇପାରୁ ନ ଥିବା ଫାର୍ମାସିଷ୍ଟ ସାହୁ କହିଛନ୍ତି। ରୋଗୀ କଲ୍ୟାଣ ସମିତି ବୈଠକ ୨ବର୍ଷ ଧରି ହୋଇପାରିନାହିଁ। ପାଚେରି ଓ ଗେଟ୍ ନ ଥିବାରୁ ଗୋରୁ ଡାକ୍ତରଖାନା ଭିତରେ ପଶି ବିଭିନ୍ନ ଗଛ ନଷ୍ଟ କରୁଛନ୍ତି। ରାତି ୮ଟା ପରେ ଏହି ଡାକ୍ତରଖାନା ପରିସର ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଯାଉଛି। ଏପରି କି ଡାକ୍ତରଖାନା ପାଚେରି ଉପରେ ସ୍ଥାନୀୟ ମହିଳାମାନେ ଲୁଗା ଶୁଖାଉଛନ୍ତି। ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟି ଓ ଖୁଣ୍ଟୁଣୀ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ହେଲେ ଏପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଡାକ୍ତର ନ ଥିବାରୁ ଗୁରୁତର ରୋଗୀମାନେ ଏଠାକୁ ଆସି ନିରାଶ ହୋଇ ଫେରିବା ପରେ ବାଧହୋଇ ସ୍ଥାନୀୟ ଘରୋଇ କ୍ଲିନିକ୍‌କୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ଗ୍ରାମ୍ୟ କମିଟି ସଭ୍ୟ ରଜନୀକାନ୍ତ ଜେନା ଓ ସମ୍ପାଦକ ଦିଲୀପ ସେଠ୍ କହିଛନ୍ତି। ଏ ନେଇ ବିଲୁଆଗଡା ଗ୍ରାମର ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି, ଶରୀର ଅସୁସ୍ଥ ହେବାରୁ ଖୁଣ୍ଟୁଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲି। ହେଲେ ସେଠାରେ ଡାକ୍ତର ନ ଥିବାରୁ ନିରାଶ ହୋଇ ଫେରିବାକୁ ପଡିଲା। ଏ ସମ୍ପର୍କରେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦିଲୀପ ଦାସ କହିଛନ୍ତି, ଆବଶ୍ୟକ ଡାକ୍ତର ନ ଥିବାରୁ ଜିଲାରେ ଅନେକ ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲିପଡିଛି। ଆସନ୍ତା ଜୁଲାଇରେ ନୂତନ ଡାକ୍ତର ନିଯୁକ୍ତି ହେବାର ଅଛି। ନୂତନ ସରକାର ଖୁବ୍‌ଶୀଘ୍ର ଡାକ୍ତର ନିଯୁକ୍ତି କରିବେ ବୋଲି ଆମେ ଆଶା କରୁଛୁ।



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ନିଖିଳ ଉତ୍କଳ କଳାନିକେତନ ପକ୍ଷରୁ ଅନୁଷ୍ଠିତ ସପ୍ତମ ଷ୍ଟାର୍ କଲ୍‌ଚରାଲ ଫେଷ୍ଟିଭାଲର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ରାଉରକେଲା ନଟରାଜ ନୃତ୍ୟ ପରିଷଦ ପକ୍ଷରୁ ମଞ୍ଚସ୍ଥ ନାଟକ 'ସମ୍ବୋଧନ'ର ଏକ ଦୃଶ୍ୟ।

## 'ଅପସଂସ୍କୃତି ରୋକିବାକୁ ଉଦ୍ୟମ ଜରୁରୀ'

**ସପ୍ତମ ଷ୍ଟାର କଲଚରାଲ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା**

କଟକ,୯।୬ (କାର୍ତ୍ତିକ ସାହୁ)

ଅପସଂସ୍କୃତି କବଳରେ ଆଜିର ସମାଜ ଅଣନିଶ୍ୱାସୀ ହୋଇପଡୁଥିବାରୁ ନୈତିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଛି। ଏହି ଅପସଂସ୍କୃତି ରୋକିବାକୁ ଉଦ୍ୟମ ଜରୁରୀ। ନ ହେଲେ ଭବିଷ୍ୟତରେ ସମାଜ ଧ୍ୱଂସ ପାଇଯିବ। ନିଖିଳ ଉତ୍କଳ କଳା ନିକେତନ ଆନୁକୂଲ୍ୟରେ କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଅନୁଷ୍ଠିତ ସପ୍ତମ ଷ୍ଟାର୍ କଲ୍‌ଚରାଲ୍ ଫେଷ୍ଟିଭାଲରେ ଏହି ମତପ୍ରକାଶ ପାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକର ନବ ନିର୍ବାଚିତ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସମ୍ମାନିତ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ, ସମ୍ମାନିତ ବକ୍ତା ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ମହମ୍ମଦ ନିଜାମ ଓ ଛବି ଦାସ ଯୋଗଦେଇଥିଲେ। ନାଟକ, ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ବିଶ୍ୱମ୍ଭର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ କମିଟି ନିର୍ଦ୍ଦେଶିକା ଭାଗ୍ୟବତୀ ସାହୁ, କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ମଧୁସ୍ମିତା ସାହୁ, ଉପସଭାପତି ବିଜୟଲକ୍ଷ୍ମୀ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## 'ଗୋପାଳ ଥିଲେ ଶକ୍ତିଶାଳୀ ଗୀତି ନାଟ୍ୟକାର'



ଗାନ୍ଧୀଭବନରେ କବି ଗୋପାଳ ଦାଶଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୯।୬ (କାର୍ତ୍ତିକ ସାହୁ)

କବି ଗୋପାଳ ଦାଶଙ୍କ ୧୪୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ କଟକ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାବନ୍ଧିକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ କହିଛନ୍ତି, କବି ଗୋପାଳ ଦାଶ ଥିଲେ ଜଣେ ସଫଳ ତଥା ଶକ୍ତିଶାଳୀ ଗୀତି ନାଟ୍ୟକାର। ମୁଖ୍ୟବକ୍ତା ପ୍ରାବନ୍ଧିକ ଜଗଦାନନ୍ଦ ଜେନା କହିଛନ୍ତି, ଗୋପାଳ ଦାଶଙ୍କ ଗୀତିନାଟ୍ୟ ଓଡ଼ିଆ ସାହିତ୍ୟରେ ଅନବଦ୍ୟ କୃତି। ଶ୍ୱେତ ବସନ୍ତ, ଚନ୍ଦ୍ରହାସ, ବାଲ୍ୟ ବିନୋଦ ଓ ଅରକାସୁର ବଧ ଆଦି ସଫଳ ଗୀତିନାଟ୍ୟ ରଚନା କରି ଲୋକମାନଙ୍କର ସେ ଆଦରଣୀୟ ହୋଇପାରିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ୍ ଡ. ଶ୍ରୀଧର ସାମଲ କହିଛନ୍ତି, ଗୋପାଳ ଦାଶ ନିଜ ପ୍ରଚେଷ୍ଟା ବଳରେ ଓଡ଼ିଆ ଏବଂ ସଂସ୍କୃତ ଭାଷାରେ ଦକ୍ଷତା ଅର୍ଜନ କରିପାରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ନିରଞ୍ଜନ ମେକାପ କହିଛନ୍ତି, ଗୋପାଳ ଦାଶ ନାଟ୍ୟକଳା ପ୍ରତି ଆକୃଷ୍ଟ ହେବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାଙ୍କ ରଚିତ ଗୀତିନାଟ୍ୟକୁ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଛନ୍ତି। ସମ୍ମାନିତ ଅତିଥି ଅମର କୁମାର ରାଉତ କହିଛନ୍ତି, ଗୋପାଳ ଦାଶଙ୍କ କୃତି ନିକଟରେ ବହୁ ପ୍ରବାଦପୁରୁଷ ଗୀତି ନାଟ୍ୟକାରମାନେ ଅନେକ ମାତ୍ରାରେ ଋଣୀ। ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ଓ କାହ୍ନା ଦାଶ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଉପସ୍ଥିତ ଥିଲେ।

## ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସାଧାରଣ ବୈଠକ ରବିବାର ପୁରୀ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସ୍ଥିତି ଓ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଫୋରମ୍ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସ୍ୱତନ୍ତ୍ର ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ମୁଖ୍ୟ ଅତିଥି, ପୂର୍ବତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସନାତନ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସୁଛାତ୍ରୀଛାତ୍ର ସୃଷ୍ଟି ସହ ଦେଶର ମାନଦଣ୍ଡକୁ ସୁଦୃଢ଼ କରିପାରିଛନ୍ତି। ଫଳରେ ସେମାନେ ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇପାରିଛନ୍ତି। ଏଣୁ ଶିକ୍ଷା ବିଭାଗର ସମସ୍ତ ବ୍ୟବସ୍ଥାରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପଥ ପ୍ରଦର୍ଶକ ଭାବେ ରଖାଗଲେ ଗୁଣାତ୍ମକ ଶିକ୍ଷାଦାନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପୁରୀର ଅଧ୍ୟକ୍ଷ ସନ୍ତୋଷ ପରିଡ଼ା ଯୋଗଦେଇଥିଲେ। ଫୋରମ୍‌ର ସାଧାରଣ ସମ୍ପାଦକ ଈଶ୍ୱରଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ଫୋରମ୍ ଭାରତ, ନୂଆଦିଲ୍ଲୀର ସଭାପତି ମହେଶ୍ୱର ସାହୁ, ପୁରୀ ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଦୀପକ ପାଢ଼ୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥା ପ୍ରମୁଖ ସେମାନଙ୍କ ବାର୍ତ୍ତା ଭିଡିଓ ତଥା ଲେଖା ମାଧ୍ୟମରେ ପ୍ରଦାନ କରିଥିଲେ। ଏଥିରେ ଜିଲାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଫୋରମ୍ ଓଡ଼ିଶାର କର୍ମକର୍ତ୍ତା ମଣ୍ଡଳୀ ଆଲୋଚନା କରିଥିଲେ।

## ଘୋଷଯାତ୍ରାରୁ ମାଉସୀମା' ମନ୍ଦିରରେ ଭଜନ, ପ୍ରବଚନ



ପ୍ରସ୍ତୁତି ବୈଠକରେ ଶ୍ରୀଜଗନ୍ନାଥ ସେବା ସଂସ୍ଥାର ସଦସ୍ୟ ଓ ଅନ୍ୟମାନେ।

**ଶ୍ରୀଜଗନ୍ନାଥ ସେବା ସଂସ୍ଥାର ପ୍ରସ୍ତୁତି ବୈଠକ**

ଆଠଗଡ,୯।୬(ସତ୍ୟ ପ୍ରସାଦ ରଥ)

ଆଠଗଡର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ସେବାସଂସ୍ଥାର ବାର୍ଷିକ ଉତ୍ସବ ଉପଲକ୍ଷେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ତଥା ସେବାସଂସ୍ଥାର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ କୁମାର ତରାଇ ସଭାପତିତ୍ୱ କରିଥିଲେ। ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାଠାରୁ ବାହୁଡ଼ାଯାତ୍ରା ଅବସରରେ ସେବା ସଂସ୍ଥା ପକ୍ଷରୁ ମାଉସୀ ମା' ମନ୍ଦିରଠାରେ ଆଠଦିନ ବ୍ୟାପୀ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ପ୍ରସିଦ୍ଧ କଳାକାର ଓ ପ୍ରବଚକମାନେ ଯୋଗଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଘୋଷଯାତ୍ରାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ଓ ଅଧରପଣାର ବ୍ୟବସ୍ଥା କରାଯିବ। ଏ ସମସ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ମାଉସୀ ମା' ମନ୍ଦିର ନିକଟସ୍ଥ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ କରାଯିବ। ସେଠାରେ ଭକ୍ତମାନଙ୍କ ଠାରୁ ଦାନ ଗ୍ରହଣ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା।

ବୈଠକରେ ସେବା ସଂସ୍ଥାର ସମ୍ପାଦକ ପାର୍ଥସାରଥି ପଟ୍ଟନାୟକ, ଉପସଭାପତି ଜଗଦାନନ୍ଦ ତ୍ରିପାଠୀ, ସହସମ୍ପାଦକ ଅଜୟ ଦାସ, କୋଷାଧ୍ୟକ୍ଷ ମହେଶ ପ୍ରସାଦ ବାରିକଙ୍କ ସମେତ ପରିଚାଳନା କମିଟି ସଦସ୍ୟ ରାଧାନାଥ ଦାସ, ବିରଞ୍ଚି ନାରାୟଣ ବେଜ, ବିପନ ପଟ୍ଟନାୟକ, ସୁନୀଲ ମହାରଣା, ସୁବାସ ରାଉତ, ଶ୍ରୀନିବାସ ଦାସ, ମନୋରଞ୍ଜନ ମହାନ୍ତି, ପୀତାମ୍ବର ତ୍ରିପାଠୀ, ଅନୁପ ତ୍ରିପାଠୀ, ରାଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ରୁ ରଜ ମହୋତ୍ସବ

କଟକ,୯।୬ (କାର୍ତ୍ତିକ ସାହୁ)

ସାଂସ୍କୃତିକ ଅନୁଷ୍ଠାନ ସୁରମନ୍ଦିର ପକ୍ଷରୁ ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ରଜ ମହୋତ୍ସବ ପାଳନ କରାଯିବ। କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବରେ ଯୁବପିଢ଼ିଙ୍କୁ ଅଧିକରୁ ଅଧିକ ସାମିଲ କରାଯିବାର ପ୍ରୟାସ କରାଯାଇଛି। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ରଜପର୍ବର ପ୍ରଚାର ପ୍ରସାର ଲକ୍ଷ୍ୟରେ ଲୋକସଂସ୍କୃତିକୁ ଆଧାର କରି ବର୍ଣ୍ଣାଢ଼୍ୟ ନୃତ୍ୟ, ସଙ୍ଗୀତ ଓ ଅଭିନୟ ବିଚିତ୍ରା ଆୟୋଜନ କରାଯାଇଛି। ଏଥିସହ ଚିତା, ଝୋଟି, ମୁରୁଜ, ପୁଚିଖେଳ, ଦୋଳିଖେଳ, ପୋଡ଼ପିଠା ଓ ଅନ୍ୟାନ୍ୟ ପିଠା ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଚଳିତବର୍ଷ ସୁମିତ୍ରା ଜେନାଙ୍କୁ ଓଡ଼ିଆଣୀ ସମ୍ମାନ, ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ, ଡ. ଶ୍ରୀନିବାସ ଘଟୁଆରୀଙ୍କୁ ଉଷାରାଣୀ ସମ୍ମାନ ପ୍ରଦାନ ନିମନ୍ତେ ଚୟନ କରାଯାଇଛି। ରାଜ୍ୟ ସଂସ୍କୃତି ବିଭାଗ, ଜିଲା ସାଂସ୍କୃତିକ ପରିଷଦ ଏବଂ ଭାରତ ସରକାରଙ୍କ ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଅଭିନେତ୍ରୀ ପ୍ରତିଭା ପଣ୍ଡା, ଓଡ଼ିଶା ଡ୍ୟାନ୍ସ ଏକାଡେମୀରୁ ଦୀପ୍ତି ରଞ୍ଜନ ଓ ହିମାଂଶୁଙ୍କ ସମେତ ଭୁବନେଶ୍ୱର ପ୍ରଜ୍ଞା ନୃତ୍ୟାୟନର କଳାକାରମାନେ ଯୋଗଦେବେ ବୋଲି ଓସିଏ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦିକା ଗୁରୁ ଡ. ଜ୍ୟୋତ୍ସ୍ନା ସାହୁ ସୂଚନା ଦେଇଛନ୍ତି। ଏଥିରେ ସିନେ ନିର୍ଦ୍ଦେଶକ ଚଣ୍ଡୀ ପରିଜା, କଳାବିକାଶ କେନ୍ଦ୍ରର ଉପସଭାପତି ରାଧାମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଋଷିକୁଲ୍ୟା ପରିଷଦର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ମନୋନୀତ କର୍ମକର୍ତ୍ତା।

କଟକ,୯।୬(କାର୍ତ୍ତିକ ସାହୁ)

ଋଷିକୁଲ୍ୟା ପରିଷଦର ୨୭ତମ ବାର୍ଷିକ ଉତ୍ସବ ସିଡିଏ ସେକ୍ଟର-୮ସ୍ଥିତ ଜନଶିକ୍ଷଣ ସଂସ୍ଥାନଠାରେ ରବିବାର ପାଳିତ ହୋଇଯାଇଛି। ପରିଷଦର ସଭାପତି ଏମ୍. ଅକ୍ଷୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଗୌର ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ରଥ ଓ ଏସ୍. ସୁଧାକର ରାଓ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ କୋରା ପ୍ରସାଦ ପାଢ଼ୀ ବିବରଣୀ ପାଠ ଓ ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ମିଶ୍ର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପରିଷଦର ଦିବଂଗତ ସଭ୍ୟ ରବୀନ୍ଦ୍ର କୁମାର ପଟ୍ଟନାୟକ ଓ ରଞ୍ଜନ କୁମାର ପୃଷ୍ଟିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଆସନ୍ତା ଦୁଇବର୍ଷ ପାଇଁ ପରିଷଦର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବେ ଏମ୍. ଅକ୍ଷୟ, ଉପସଭାପତି ଗୌର ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ରଥ, ହରିହର ପାଣିଗ୍ରାହୀ, ବିଶ୍ୱଜିତ୍ ମିଶ୍ର, ସାଧାରଣ ସମ୍ପାଦକ କୋରା ପ୍ରସାଦ ପାଢ଼ୀ, ଯୁଗ୍ମ ସମ୍ପାଦକ ଡା. ସଂଯୁକ୍ତା ପାଢ଼ୀ, ପ୍ରତାପ କୁମାର ମିଶ୍ର, ଲତା ପଟ୍ଟନାୟକ, ଚନ୍ଦନ ତ୍ରିପାଠୀ, ରୀତା ପାଢ଼ୀ ମନୋନୀତ ହୋଇଥିଲେ। ସେହିପରି କୋଷାଧ୍ୟକ୍ଷ ଭାବେ କୃଷ୍ଣଚନ୍ଦ୍ର ସୁବୁଦ୍ଧି, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରଶ୍ମି ପଟ୍ଟନାୟକ, ଏନ୍. ଭେନୁଗୋପାଳ, ଆର. ପି. ନାୟକ, ପ୍ରଶାନ୍ତ ପାତ୍ର, ଦେବାଶିଷ ରାଜଗୁରୁ, ନୀଳାମ୍ବର ମହାପାତ୍ର ମନୋନୀତ ହୋଇଥିଲେ। ଏସ୍. ସୁଧାକର ରାଓ ଧନ୍ୟବାଦ ଦେଇଥିଲେ।

## ମାନସ ଚୌଧୁରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି

କଟକ ସଦର,୯।୬(ସୁଶାନ୍ତ କୁମାର ଜେନା)




କଟକ ସଦର ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**ପିସିସି ସଭାପତି, ପ୍ରଭାରୀଙ୍କ କୁଶପୁତ୍ତଳିକା ଦାହ**

କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କୁ ଶୁକ୍ରବାର ଦଳରୁ ନିଲମ୍ବନ କରାଯାଇଛି। ତୁରନ୍ତ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ରବିବାର କଟକ ସଦର ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ୪୨ ମୌଜାସ୍ଥିତ ଦଧିବାମନପୁରଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଘଟଣାକୁ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ସଭାରେ ଛାତ୍ରନେତା ସାଇ ରାଜଲକ୍ଷ୍ମୀଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର କର୍ମକର୍ତ୍ତା ଯୋଗଦେଇଥିଲେ। ରାଜ୍ୟରେ ଚଳିତ ନିର୍ବାଚନରେ କଂଗ୍ରେସର ପରାଜୟ ପାଇଁ ଶରତ ପଟ୍ଟନାୟକ ଏବଂ ଅଜୟ କୁମାରଙ୍କୁ ଦାୟୀ କରି ସେମାନଙ୍କ ଇସ୍ତଫା ଦାବି କରାଯାଇଥିଲା। ଯଥାଶୀଘ୍ର ମାନସଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ପିସିସି ସଭାପତିଙ୍କୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସଭାରେ ପୂର୍ବତନ ଛାତ୍ରନେତା କାବୁଲା ଭୋଇ, ରାଜଶ୍ରୀ ପ୍ରିୟଦର୍ଶିନୀ, ରାଜେଶ କୁମାର, ସାଇ ଶୁଭମ୍, ଯୁବ କଂଗ୍ରେସ ନେତା ଅନିଲ ଦାସ, ମିହିର ଦାସ, ଚିରଞ୍ଜୀବୀ ମହାନ୍ତି, ଦିଲୀପ କୁମାର ସାମଲ, ସରୋଜ କୁମାର ପ୍ରଧାନ, ଦୀପ୍ତିରଞ୍ଜନ ଲେଙ୍କାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦଳ ବିରୋଧୀ କାର୍ଯ୍ୟ ପାଇଁ ଏଆଇସିସି ଅନୁମୋଦନକ୍ରମେ ପିସିସି ସଭାପତି ପଟ୍ଟନାୟକ ଦଳରୁ ମାନସଙ୍କୁ ନିଲମ୍ବନ କରିଛନ୍ତି।

# ଆରମ୍ଭ ହୋଇପାରିଲାନି ଏକାଧିକ ପ୍ରକଳ୍ପ

## ୩୦ରେ ସରିବ ସ୍ମାର୍ଟସିଟି ପ୍ରକଳ୍ପ

ଭୁବନେଶ୍ୱର, ୯।୬ (ବନ୍ଦନା ସେଠୀ)

୨୦୧୫ରେ କେନ୍ଦ୍ର ସରକାରଙ୍କ ଦ୍ୱାରା '୧୦୦ ସ୍ମାର୍ଟସିଟି ମିଶନ୍' ଆରମ୍ଭ ହୋଇଥିଲା। ଏହା ଅନ୍ତର୍ଗତ ଓଡ଼ିଶାର ଦୁଇଟି ପ୍ରମୁଖ ସହର ଭୁବନେଶ୍ୱର ଏବଂ ରାଉରକେଲାର ବ୍ୟାପକ ଉନ୍ନତି କରାଯିବା ସହ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ୨୦୨୩ ମାର୍ଚ୍ଚ ସୁଦ୍ଧା ସ୍ମାର୍ଟସିଟି ପ୍ରକଳ୍ପ ସରିବା ନେଇ ପ୍ରଥମେ ଧାର୍ଯ୍ୟ ହୋଇଥିବାବେଳେ ପରେ ଏହାକୁ ୧ବର୍ଷ ଅର୍ଥାତ୍ ୨୦୨୪ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ ମେ' ୧ରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଚିଫ୍ ସେକ୍ରେଟାରି, ପ୍ରିନ୍ସିପାଲ ସେକ୍ରେଟାରି (ଅର୍ବାନ ଡେଭଲପ୍‌ମେଣ୍ଟ) ଏବଂ ୧୦୦ଟି ସ୍ମାର୍ଟସିଟିର ସିଇଓଙ୍କୁ ଚିଠି କରାଯାଇଥିଲା। ଏହି ୧ବର୍ଷ ମଧ୍ୟରେ କୌଣସି ଅତିରିକ୍ତ ମୂଲ୍ୟ ବିନା ପୂର୍ବରୁ ଅନୁମୋଦିତ ଆର୍ଥିକ ଆବଣ୍ଟନ ମଧ୍ୟରେ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ଯେଉଁସବୁ ପ୍ରକଳ୍ପ ଚାଲୁ ରହିଛି ବା ହେବାକୁ ବାକି ଅଛି, ଏହି ସମୟ ମଧ୍ୟରେ ସେ ସବୁକୁ ସାରିବାକୁ ଚିଠିରେ ଉଲ୍ଲେଖ ରହିଥିଲା। କେତେକ ସହରରେ ନିର୍ଦ୍ଧାରିତ ସମୟରେ କାମ ବା ପ୍ରକଳ୍ପ ସରି ନ ଥିବାରୁ ଏପରି ପଦକ୍ଷେପ ନିଆଯାଇଥିବା ସ୍ମାର୍ଟସିଟି ମିଶନର ନିର୍ଦ୍ଦେଶକ କୁନାଲ କୁମାର କହିଥିଲେ। ତେବେ ଏହି ବର୍ଷକ ମଧ୍ୟରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ବାକି ପଡିଥିବା ପ୍ରକଳ୍ପ ସରିପାରି ନାହିଁ। ସହରରେ ମୋ ବସ୍, ମୋ ସାଇକେଲ, ଭୁବନେଶ୍ୱରର ସବୁ ସ୍ଥାନରେ ୱାଇଫାଇ ସୁବିଧା, ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା, ମଲ୍ଟିଲେଭଲ୍ କାର ପାର୍କିଂ ସିଷ୍ଟମ, ସ୍ମାର୍ଟ ଜନପଥ, ସ୍ମାର୍ଟ କିଓସ୍କ, ଲେକ୍ ନ୍ୟୁଟ୍ରାଲ୍, ସୋସିଆଲ ଇକ୍ୱିଟି ସେଣ୍ଟର (ପ୍ରୋଜେକ୍ଟ କୁଟୁମ୍ବ) ଭଳି ମୋଟ୍ ୩୫ଟି ପ୍ରକଳ୍ପ କରିବାକୁ ବିଏସ୍‌ସିଏଲ୍ ଦାୟିତ୍ୱ ନେଇଥିଲା। ଆଉ କିଛିଦିନ ମଧ୍ୟରେ ସ୍ମାର୍ଟସିଟିର ପ୍ରକଳ୍ପ ଅବଧି ସରିବାକୁ ଥିବାବେଳେ ୮ବର୍ଷ ମଧ୍ୟରେ ନିର୍ଦ୍ଧାରିତ ପ୍ରକଳ୍ପ ମଧ୍ୟରୁ ମାତ୍ର ୨୮ଟି ପ୍ରକଳ୍ପ ଉପରେ ସ୍ମାର୍ଟସିଟି କାର୍ଯ୍ୟ କରିଛି। ସେଥିମଧ୍ୟରୁ ୨୬ଟି ପ୍ରକଳ୍ପ ସମ୍ପର୍କରେ ବିଏସ୍‌ସିଏଲ୍ ୱେବ୍‌ସାଇଟ୍‌ରେ ଉଲ୍ଲେଖ ଥିବାବେଳେ ସେଥିରୁ ଏକାଧିକ ପ୍ରକଳ୍ପ ନେଇ ଇଟା ଖଣ୍ଡିଏ ମଧ୍ୟ ପଡିନାହିଁ। ଏବେ ପ୍ରୋଜେକ୍ଟ କୁଟୁମ୍ବ ସମ୍ପୂର୍ଣ୍ଣ ହୋଇପାରି ନ ଥିବାବେଳେ ସତ୍ୟନଗର ଅନ୍ତର୍ଗତ ଡ୍ରେନ୍ ନଂ. ୧୦ରେ ହେବାକୁ ଥିବା ଲେକ୍ ନ୍ୟୁଟ୍ରାଲ୍ ଆଗକୁ ବଢି ପାରୁନି। ସେହିପରି ପ୍ରୋଜେକ୍ଟ ସମ୍ମାନ, ରେଲୱେ ଷ୍ଟେଶନ ମଲ୍ଟିମୋଡାଲ ହବ୍, ମ୍ୟୁଜିୟମ୍ ଅଫ୍ ଅର୍ବାନ ହିଷ୍ଟ୍ରି ଭଳି କେତେକ ପ୍ରକଳ୍ପ ବନ୍ଦ ହୋଇଯାଇଥିବା ସୂଚନା ମିଳିଛି।

ହାତକୁ ନିଆଯାଇଥିବା ୨୮ଟି ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱର ଉଟ୍ ମି ଜରିଆରେ ଦିନକୁ ୫୦ ଏମ୍‌ବି ମାଗଣା ୱାଇଫାଇ ସେବା ମିଳିବ ବୋଲି କୁହାଯାଇଥିଲା। ମାତ୍ର କିଛିଦିନ ପରେ ଏହା ବନ୍ଦ ହୋଇଯାଇଛି। ସେହିପରି ସହରବାସୀଙ୍କୁ ସ୍ମାର୍ଟ ସେବା ପ୍ରଦାନ କରିବା ପାଇଁ ୫କୋଟି ଟଙ୍କା ବିନିମୟରେ ସହରର ବିଭିନ୍ନ ସ୍ଥାନରେ ସ୍ମାର୍ଟ କିଓସ୍କ ସ୍ଥାପନ କରାଯାଇଥିଲା। ଟ୍ରେଡ୍ ଲାଇସେନ୍ସ ଆବେଦନ, ଅଭିଯୋଗ ପଞ୍ଜୀକରଣ, ଜନ୍ମମୃତ୍ୟୁ ଓ ବିବାହ ପ୍ରମାଣପତ୍ର ପାଇଁ ଆବେଦନ ସହ ପାଣି, ଫୋନ ଓ ବିଦ୍ୟୁତ୍ ବିଲ ପଇଠ, କମନ ପେମେଣ୍ଟ କାର୍ଡ ରିଚାର୍ଜ, ମୋ' ବସ ଟିକେଟ କିଣିବା, ପ୍ରିଣ୍ଟ ଆଉଟ କାଢିବା, ମୋବାଇଲ ଚାର୍ଜ ଓ ରିଚାର୍ଜ କରିବା ଭଳି ବିଭିନ୍ନ ପ୍ରକାରର ସେବା ହାତପାଆନ୍ତାରେ ଯୋଗାଇଦେବାକୁ ସ୍ମାର୍ଟ ସିଟି ସ୍ୱପ୍ନ ଦେଖାଇଥିଲା। ୫୦୦ କୋଟି ଟଙ୍କାର 'ସ୍ମାର୍ଟ ସଲ୍ୟୁଶନ ପ୍ରକଳ୍ପ' ଅଧୀନରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। ୭୫ଟି କିଓସ୍କ (୫୦ଟି ଇନ୍‌ଡୋର୍ ଓ ୨୫ଟି ଆଉଟ୍‌ଡୋର୍) କାର୍ଯ୍ୟକ୍ଷମ କରିବାକୁ ଯୋଜନା ଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ସେହିପରି ଅନେକ କିଓସ୍କ ଏବେ ଅଚଳ ହୋଇପଡିଛି। ଅପରପକ୍ଷେ ପରିବେଶ ସୁରକ୍ଷା ସହ ସାଇକେଲର ଆଦର ବଢାଇବାକୁ ବିଏସ୍‌ସିଏଲ୍ ମୋ' ସାଇକେଲ ଯୋଜନା କରିଥିଲା। ଗୋଟିଏ ସାଇକେଲ୍‌କୁ ୨୫ହଜାର ଟଙ୍କା ହିସାବରେ ୨୦୦୦ ସାଇକେଲ କିଣିବାରେ ୫କୋଟି ଟଙ୍କା ଖର୍ଚ୍ଚ କରିଥିଲା। ମାତ୍ର ଏହାର ଜନାଦୃତ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ମୋ ସାଇକେଲଗୁଡିକ ମଧ୍ୟରୁ ଅଧିକ ଅଚଳାବସ୍ଥାରେ ପଡି ରହିଛି। ସହରର ରାଜମହଲ ଛକ ଏବଂ ଶହୀଦନଗରଠାରେ ୨ଟି ମଲ୍ଟିଲେଭଲ କାର ପାର୍କିଂ ନିର୍ମାଣ କରାଯାଇଛି। ମାତ୍ର ଏଠାରେ ଅଧିକ ପାର୍କିଂ ଫି' ନିଆଯାଉଥିବା ଅଭିଯୋଗ କରି ଅଧିକାଂଶ ଲୋକ ରାସ୍ତା କଡ଼ କିମ୍ବା ଦୋକାନ ଆଗରେ ଗାଡ଼ି ପାର୍କିଂ କରୁଛନ୍ତି।

> ସ୍ମାର୍ଟସିଟି ଜିଏମ୍ ପୁରନ୍ଦର ନନ୍ଦ କହିଛନ୍ତି, କିଛିଟା କାରଣ ପାଇଁ ଲେକ୍ ପ୍ରକଳ୍ପକୁ ପ୍ରତ୍ୟାଖାନ କରାଯାଇଥିଲା। ମାତ୍ର ଆମେ ପୁର୍ନବାର ସେଥିପାଇଁ ଆବେଦନ କରିଥିଲୁ। ପୂର୍ବରୁ ଯେତିକି ଟଙ୍କା ମିଳିଥିଲା, ସେଥିରେ କାମ ଚାଲୁଛି। ଲେକ୍ ନ୍ୟୁଟ୍ରାଲ୍ କାମ ପାଇଁ ଆହୁରି ପ୍ରାୟ ୬ମାସ ସମୟ ଲାଗିବ। ସେଥିପାଇଁ ଆମେ ସମୟ ମାଗିଛୁ। ସେଠାରେ ଥିବା ବସ୍ତିକୁ ହଟାଇବା ପରେ କାମ ଆଗକୁ ବଢିବ। ଯେତେ ଶୀଘ୍ର ଜାଗା ଖାଲି ହେବ, କାମ ସରିବ। ଜୁନ୍ ପର୍ଯ୍ୟନ୍ତ ବାକି ରହିଥିବା ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେପରି କିଛି କ୍ଲିଅର୍ କଟ୍ ଅର୍ଡର ଆସିନି। ସେହିପରି ସମସ୍ତ ପ୍ରକଳ୍ପ ସରିଯାଇ ଥିବାବେଳେ ଆଉ କୌଣସି ପ୍ରକଳ୍ପ ଚାଲୁ ରହିନାହିଁ ବୋଲି ସେ କହିଛନ୍ତି।

# ଆଶଙ୍କାରେ ଲେକ୍ ନ୍ୟୁଟ୍ରାଲ୍

## କେନ୍ଦ୍ରର ପ୍ରତ୍ୟାଖ୍ୟାନ ପରେ ଦୋଷ ଲୁଚାଉଛି ସ୍ମାର୍ଟସିଟି



ସତ୍ୟନଗରସ୍ଥିତ ଡ୍ରେନ୍ ନଂ. ୧୦ରେ ଲେକ୍ ନ୍ୟୁଟ୍ରାଲ ପ୍ରକଳ୍ପ ପାଇଁ ୨୦୧୭ରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୋଟ୍ ୩୮ ଏକର ଅଞ୍ଚଳରେ ପ୍ରକଳ୍ପ କରିବାକୁ ଯୋଜନା ଥିଲା। ଏଥିପାଇଁ ୬୩କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିବାବେଳେ ୨ବର୍ଷର ସମୟ ଅବଧି ରଖାଯାଇଥିଲା। ମାତ୍ର ଅବଧି ପୂରଣ ହେବାର ୪ବର୍ଷ ବିତିବାକୁ ବସିଥିବାବେଳେ ଲେକ୍ କାମ ସରିପାରୁ ନାହିଁ। ଅପରପକ୍ଷେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ଲାନ୍ ଦାଖଲ କରିବାରେ ବିଫଳ ହେବାରୁ କେନ୍ଦ୍ରର ନୋଟିସ୍ ଅଫ୍ ଡିସିସନ୍ (ନୋଡ୍) ପାଇବାରେ ପ୍ରକଳ୍ପ ବିଫଳ ହୋଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟରେ ଦାଖଲ ହୋଇଥିବା ପ୍ରାୟ ୭୯କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ବିକାଶ ପାଇଁ ସର୍ବଶେଷ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଛି। ସେହିପରି ପ୍ରଶାସନିକ ଉଦାସୀନତା ଏବଂ ଏହାର ଡିଜାଇନ୍‌ରେ ବାରମ୍ବାର ପରିବର୍ତ୍ତନ କରିବା ପ୍ରକଳ୍ପ ପ୍ରତ୍ୟାଖାନ ହେବାର ଅନ୍ୟତମ କାରଣ ବୋଲି ଜଣାପଡିଛି। ଏହାଦ୍ୱାରା ସ୍ମାର୍ଟସିଟିକୁ ପ୍ରାୟ ୧୫୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡିଥିବା ସ୍ମାର୍ଟସିଟିର ଜଣେ କର୍ମଚାରୀ କହିଛନ୍ତି। ଅପରପକ୍ଷେ ବର୍ଷବର୍ଷ ଧରି ଗୋଟିଏ ପ୍ରକଳ୍ପର ଡିଜାଇନ୍ ପ୍ରସ୍ତୁତ କରି ନ ପାରିବା ଏବଂ ଏହାଦ୍ୱାରା ପ୍ରକଳ୍ପ ବନ୍ଦ ହେବା ନେଇ ସ୍ମାର୍ଟସିଟିକୁ ସମାଲୋଚନାର ଶୀକାର ହେବାକୁ ପଡିଛି। ତେଣୁ ତରବରିଆ ଭାବେ ନିଜର ଦୋଷ ଲୁଚାଇବାକୁ ଏବେ ବିଭାଗ ଚେଷ୍ଟା ଆରମ୍ଭ କରିଛି। କେନ୍ଦ୍ରର ଅନୁମୋଦନ ନ ମିଳିଲେ ମଧ୍ୟ ପୂର୍ବରୁ ଯେତିକି ଟଙ୍କା ମିଳିଛି ସେଥିରେ ଲେକ୍ ନ୍ୟୁଟ୍ରଲ୍‌ର କିଛି ଅଂଶ କାମ କରିବାକୁ ସ୍ମାର୍ଟସିଟି ଅଣ୍ଟା ଭିଡିଛି। ଲେକ୍ ନ୍ୟୁଟ୍ରାଲକୁ ୩ଜୋନ୍‌ରେ ଭାଗ କରି ଜୋନ୍-୧ ଅନ୍ତର୍ଗତ ପ୍ରାୟ ୧୫୦ ମିଟର ସୌନ୍ଦର୍ଯ୍ୟକରଣ ପାଇଁ କାମ କରାଯାଉଛି। ଏଥିପାଇଁ ୯କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ତେବେ ଜମି ଅଧିଗ୍ରହଣ ହୋଇ ନ ଥିବାରୁ କାମ ସେପରି ଅଧାପନ୍ତରିଆ ହୋଇ ପଡି ରହିଛି। ହାତରେ ଆଉମାତ୍ର ଦିନ କେଇଟା ଥିବାବେଳେ ଜମିଅଧିଗ୍ରହଣ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଣୁ ରାଜଧାନୀବାସୀଙ୍କୁ ସହର ଭିତରେ ପ୍ରାକୃତିକ ହ୍ରଦର ସୌନ୍ଦର୍ଯ୍ୟ ଉପଭୋଗ କରାଇବାକୁ ଦେଖାଇଥିବା ସ୍ୱପ୍ନ ଏକ ପ୍ରକାର ଧୂଳିସାତ୍ ହୋଇଯାଇଛି।

# କୂଅ ସଫାବେଳେ ଯୁବକ ମୃତ

ଜଟଣୀ,୯।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ଅରଗୁଲ୍ ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। କୂଅ ସଫା କରିବା ବେଳେ ଜଣେ ଯୁବକ ଶ୍ୱାସରୁଦ୍ଧ ହୋଇ ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଅରଗୁଲ୍ ଗ୍ରାମ ମେଲଣ ପଡ଼ିଆ ସାହିର ସନ୍ତୋଷ କୁମାର ସାହୁ (୩୦)। ସୂଚନା ମୁତାବକ, ରବିବାର ସକାଳେ ସନ୍ତୋଷ ତାଙ୍କ ଘର ପଛପଟେ ଥିବା ଏକ କୂଅ ସଫା କରିବାକୁ ଭିତରକୁ ପଶିଥିଲେ। କିଛି ସମୟ ସଫା କରିବା ପରେ ନିଃଶ୍ୱାସ ନେବାରେ ସମସ୍ୟା ହୋଇଥିଲା। ପରେ ଶ୍ୱାସରୁଦ୍ଧ ହେବା ସହ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ସନ୍ତୋଷଙ୍କୁ କୂଅରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସନ୍ତୋଷଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ବିମୋହିତ କଲା 'ପଦଧ୍ୱନି'



ଭୁବନେଶ୍ୱର, ୯।୬ (ବନ୍ଦନା ସେଠୀ)

ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ 'ପଦଧ୍ୱନି' ରବିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର ୧୫୦ରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରି ନୃତ୍ୟ ପରିବେଷଣ କରିଥିଲେ। ଓଡିଶୀ, ଭାରତନାଟ୍ୟମ, କଥକ, ସମ୍ବଲପୁରୀ, ଘୁମୁରା, ସେମିକ୍ଲାସିକାଲ ନୃତ୍ୟରେ ଉପସ୍ଥିତ ଦର୍ଶକ ବିମୋହିତ ହୋଇଥିଲେ। ମହୋତ୍ସବକୁ ଦୁଇଟି ସୋପାନରେ ବିଭକ୍ତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଅତିଥି ରୂପେ ନୃତ୍ୟଗୁରୁ ମୋନାଲିସା ସାମନ୍ତରାୟ, ବାଦ୍ୟଗୁରୁ ତାରେଣୀ ପ୍ରସାଦ ଦାସ, ସଙ୍ଗୀତ ଗୁରୁ ଦିବ୍ୟ ପ୍ରକାଶ ପଟ୍ଟନାୟକ ଯୋଗଦେଇଥିଲେ। ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ତ୍ରିଲୋଚନ ବରାଳ, ନୃତ୍ୟଗୁରୁ ଅରୂପା ଗାୟତ୍ରୀ ପଣ୍ଡା ଓ ସଙ୍ଗୀତଗୁରୁ ମନୋଜ କୁମାର, ମାଟି ଅନୁଷ୍ଠାନର ଆୟୋଜିକା ଜ୍ୟୋତିର୍ମୟୀ ପ୍ରମୁଖ ଉପସ୍ଥିତ ଥିଲେ। ଏକାଡେମୀ ତରଫରୁ ସମସ୍ତ କଳାକାରଙ୍କୁ 'ପଦଧ୍ୱନି ନୃତ୍ୟ ମାଧୁର୍ଯ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସନ୍ତୋଷ କୁମାର ମହାପାତ୍ର ଓ ସୁଶ୍ରୀ ଶର୍ମିଷ୍ଠା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷଦେବ ଓଝା ଉପସ୍ଥାପନା କରିଥିବାବେଳେ ଜ୍ୟୋତିର୍ମୟୀ ସୂପକାର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ତ୍ରୀ ସହ କଥା ହେବାରୁ ଯୁବକଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,୯।୬ (ସୂର୍ଯ୍ୟକାନ୍ତ ବେହେରା) : ବିରୋଧ ସତ୍ତ୍ୱେ ଜଣେ ବିବାହିତ ମହିଳାଙ୍କ ସହ ରାସ୍ତାରେ ଲୁଚାଛପାରେ ଗପିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ମହିଳାଙ୍କ ସ୍ୱାମୀ ଦେଖିନେବାରୁ ସମ୍ପୃକ୍ତ ଯୁବକଙ୍କୁ ରାସ୍ତାରେ ଗାଳିଗୁଲଜ କରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି। ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଅକ୍ଷୟ ଗିରି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କର୍ଣାଟକର ଚେତନା ଶର୍ମା(୩୫)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଶନିବାର ପୂର୍ବାହ୍ନରେ କିଟ୍ ରୋଡ୍‌ରେ ଥିବା ଏକ ରେସିଡେନ୍ସି ସମ୍ମୁଖରେ ଅକ୍ଷୟ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କ ସହିତ କଥା ହେଉଥିବା ଦେଖିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଚେତନା ଏକ ଧାରୁଆ ଅସ୍ତ୍ରରେ ଅକ୍ଷୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଅକ୍ଷୟଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ବାଣୀବିହାର ଓଡ଼ିଆ ବିଭାଗ ୧୯୮୯ ବ୍ୟାଚ୍ ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ



ଭୁବନେଶ୍ୱର, ୯।୬ (ବନ୍ଦନା ସେଠୀ)

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୧୯୮୯ ବ୍ୟାଚ୍ ପୁରାତନ ଛାତ୍ର ସଂସଦ ପକ୍ଷରୁ ରବିବାର ଏକ ସାରସ୍ୱତ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପରିବର୍ତ୍ତିତ ପ୍ରେକ୍ଷାପଟରେ ଓଡ଼ିଆ ଭାଷା, ସାହିତ୍ୟ, ଶିକ୍ଷାର ଉପଯୋଗିତା, ସମକାଳର ସାହିତ୍ୟିକ ଧାରା ଓ ଓଡ଼ିଆ ଭାଷାର ଭବିଷ୍ୟତ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡ. କୁଳମଣି ଓଝାଙ୍କ ସଂଯୋଜନାରେ ଗୀତ କବିତାର ଯୁଗଳବନ୍ଦୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ପ୍ରାକ୍‌ସୂଚନା ପ୍ରଦାନ କରିଥିଲେ। ଡ. ଅନାଦି ବରାଳ, ଡ. ବିଶ୍ୱଜିତ୍ ବେଉରା, ଡ. ସଚ୍ଚିକାନ୍ତ ଜେନା, ଡ. କୁଳମଣି ଓଝା, ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, ସତ୍ୟରଞ୍ଜନ ମିଶ୍ର, ରାଜକିଶୋର ସାହୁ, ବିଜୟ କୁମାର ପ୍ରଧାନ, ନିତ୍ୟାନନ୍ଦ ମହାନ୍ତି, ଡ. ସୁଶାନ୍ତ କୁମାର ଜେନାଙ୍କ ସମେତ ବହୁ ପୁରାତନ ସହପାଠୀ ସମ୍ମିଳିତ ହେବା ସଙ୍ଗେସଙ୍ଗେ କବିତା ଆବୃତ୍ତି ଓ ସଙ୍ଗୀତ ପରିବେଷଣ କରିଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ଡ. ଅନାଦି ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ଅଭିଲେଖାଗାର ଗବେଷଣା କ୍ଷେତ୍ରରେ ନୂତନ ସମ୍ଭାବନା ଆଣିଦେବ

ଭୁବନେଶ୍ୱର,୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରଠାରେ ରବିବାର ଅନ୍ତର୍ଜାତୀୟ ଅଭିଲେଖାଗାର ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସାଇବର ଆର୍କାଇଭ୍‌ସ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଐତିହାସିକା ସୋମା ଚାନ୍ଦ କହିଲେ, ସାଇବର ଅଭିଲେଖାଗାରର ସଂରକ୍ଷଣ ପଦ୍ଧତି, ଅନୁକୂଳ ପାଠକୀୟ ପରିବେଶ, ତଥ୍ୟପ୍ରାପ୍ତିର ସହଜ ମାଧ୍ୟମ। ଏହା ନିଶ୍ଚିତ ଭାବରେ ଗବେଷଣା କ୍ଷେତ୍ରରେ ନୂତନ ସମ୍ଭାବନା ଆଣିଦେବ। ଉତ୍ତର ପିଢ଼ି ଯେପରି ଯୁକ୍ତିସଙ୍ଗତ ନିରପେକ୍ଷ ତଥ୍ୟନିଷ୍ଠ ଗବେଷଣା ଦ୍ୱାରା ଜ୍ଞାନର ପରିସୀମା ବିସ୍ତୃତ କରିପାରିବେ, ତାହା ସାଇବର ଅଭିଲେଖାଗାରର ଲକ୍ଷ୍ୟ। ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ କହିଲେ, ଆମ ମସ୍ତିଷ୍କ ହେଉଛି ଏକ ବଡ଼ ଅଭିଲେଖାଗାର। ବର୍ତ୍ତମାନ ସମୟରେ ଇ-ଆର୍କାଇଭ୍‌ସ ମାଧ୍ୟମରେ ଓଡ଼ିଶା ରାଜ୍ୟ ଅଭିଲେଖାଗାର ସମସ୍ତ ଗବେଷକଙ୍କୁ ତଥ୍ୟ ଉପଲବ୍ଧ କରାଇବା ନିମନ୍ତେ କାର୍ଯ୍ୟ କରୁଛି। ସମ୍ମାନିତ ଅତିଥି ଭାବେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ ସାଇବର ଆର୍କାଇଭ୍‌ସର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ପ୍ରାରମ୍ଭିକ ଭାଷଣରେ ପ୍ରତି ନାଗରିକଙ୍କୁ ଜଣେ ଜଣେ ଅଭିଲେଖବିତ୍ ହେବା ପାଇଁ ଆହ୍ୱାନ ଦେଇଥିଲେ। ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ଡ. ଅଶୋକ କୁମାର ପଟ୍ଟନାୟକ, ଡ. ନିବେଦିତା ମହାନ୍ତି, ଡ. ଅନାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଐତିହାସିକା ସୋମା ଚାନ୍ଦ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓ ଅନ୍ୟମାନେ।

# 'କ୍ରୀତଦାସ ପ୍ରଥା ବିରୋଧରେ ଲଢୁଥିଲେ ବିର୍ସା'

## ରାଜ୍ୟ ଭାଜପା କାର୍ଯ୍ୟାଳୟରେ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୯।୬(ଅନୁରାଧା ମହାରଣା)

ଇଂରେଜ ଶାସନ, କୁସଂସ୍କାର, ଅନ୍ଧବିଶ୍ୱାସ ଓ କ୍ରୀତଦାସ ପ୍ରଥା ବିରୋଧରେ ଜଣେ ଯୋଦ୍ଧାଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ବିର୍ସା ମୁଣ୍ଡା। ଆଦିବାସୀ ଓ ଜନଜାତିଙ୍କ ପାଇଁ ତାଙ୍କର ଅନ୍ତର ନିରନ୍ତର କାନ୍ଦୁଥିଲା। ବିର୍ସା ମୁଣ୍ଡା ଦେଶର ସଂସ୍କୃତିର ରକ୍ଷକ ଥିଲେ। ଲୋକଙ୍କୁ ଜଳ, ଜଙ୍ଗଲ ଏବଂ ଜମିର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇଥିଲେ। ପାରମ୍ପରିକ ଜମି ଅଧିକାର, ସାଂସ୍କୃତିକ ତଥା ଧାର୍ମିକ ବିଶ୍ୱାସର ସୁରକ୍ଷା ପାଇଁ ସେ ବ୍ରିଟିଶ୍ ଶାସନ ବିରୋଧରେ ନିରନ୍ତର ଯୁଦ୍ଧ କରିଆସିଥିଲେ। ତାଙ୍କ ପୁଣ୍ୟତିଥି ଅବସରରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଏହା କହିଥିଲେ। ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରି ସେ କହିଲେ, ବିର୍ସା ମୁଣ୍ଡା ୧୮୫୭ ମସିହା ନଭେମ୍ବର ୧୫ରେ ଝାଡ଼ଖଣ୍ଡର ରାଞ୍ଚି ଜିଲାର ଉଲିହାଟୁ ଗାଁରେ ମୁଣ୍ଡା ଜନଜାତିରେ ଜନ୍ମ ଗ୍ରହଣ କରିଥିଲେ। ଦୁର୍ଭିକ୍ଷ ଏବଂ ମହାମାରୀ ପରେ ଜନତାଙ୍କ ଉପରୁ କର ଛାଡ଼ ପାଇଁ ଆନ୍ଦୋଳନ କରିବା ସହ ଦେଶରେ ଇଂରେଜ ଶାସନ କାଳରେ ଝାଡ଼ଖଣ୍ଡର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକାଠି କରି ବିପ୍ଳବ ଆରମ୍ଭ କରିଥିଲେ। ୨୫ବର୍ଷ ବୟସରେ ହିଁ ସେ ବ୍ରିଟିଶ ସହିତ ଲଢ଼ିଥିଲେ। ଖୁଣ୍ଟି ପୋଲିସ ଷ୍ଟେଶନ ଉପରେ ଆକ୍ରମଣଠାରୁ ଆରମ୍ଭ କରି ଟାଙ୍ଗୀ ନଦୀ ଉପକୂଳରେ ବ୍ରିଟିଶ୍ ସୈନ୍ୟଙ୍କ ସହ ଲଢ଼ି ବୀରତ୍ୱ ପ୍ରଦର୍ଶନ କରିଥିଲେ। ୧୯୦୦ ମସିହା ଜୁନ୍ ୯ରେ ତାଙ୍କର ମୃତ୍ୟୁ ହୋଇଥିଲା। ସଭାରେ ପୂର୍ବତନ ରାଜ୍ୟ ସଭାପତି କେଭି ସିଂହଦେଓ, ନିର୍ବାଚନ ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ବିଧାୟକ ରବି ନାୟକ, ନିତ୍ୟାନନ୍ଦ ଗଣ୍ଡ, ମୋହନ ମାଝୀ, ଇରାଶିଷ ଆଚାର୍ଯ୍ୟ, ଫକୀର ନାୟକ ପ୍ରମୁଖ ବିର୍ସାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥି ପାଳନ ଅବସରରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ସହ ଅନ୍ୟ ନେତୃବୃନ୍ଦ।

## ସଂକ୍ଷେପରେ

### ଆକ୍ରମଣରେ ଆହତ ଯୁବକଙ୍କ ମୃତ୍ୟୁ, ଅଭିଯୁକ୍ତ ଗିରଫ

ବାଲୁଗାଁ,୯।୬(ସଂଗ୍ରାମ ପାଇକରାୟ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣରେ ଆହତ ହୋଇ ଚିକିତ୍ସାଧୀନ ଥିବା ସିଙ୍ଗେଶ୍ୱର ଗ୍ରାମର ଚନ୍ଦ୍ରଶେଖର ବେହେରା(୪୧)ଙ୍କ ଶନିବାର ମୃତ୍ୟୁ ଘଟିଛି। ଏହି ଘଟଣାରେ ରବିବାର ବାଲୁଗାଁ ପୋଲିସ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା(୩୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ସିଙ୍ଗେଶ୍ୱର ଗ୍ରାମର ଚନ୍ଦ୍ରଶେଖର ଓ କୃଷ୍ଣଚନ୍ଦ୍ରଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ଗତ ମେ' ୨୬ରେ ପୂର୍ବ ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ହାତାହାତି ହୋଇଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ କୃଷ୍ଣଚନ୍ଦ୍ର ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ଚନ୍ଦ୍ରଶେଖରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ଏବଂ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୧୯୦/୨୪)ରୁଜୁକରି କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା।

### ଆଜିଠୁ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୯।୬(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଦେବଦମ୍ପତିଙ୍କ ବିବାହ ଉପଲକ୍ଷେ ଗ୍ରାମର ଆରାଧ୍ୟ ଠାକୁର ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସର ରବିବାରଠାରୁ ଚଳଚଞ୍ଚଳ ହୋଇଉଠିଛି। ସୋମବାରଠାରୁ ବାବାଙ୍କ ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ବିଧିବଦ୍ଧ ଭାବେ ଆୟୋଜିତ ହେବ। ଯଜ୍ଞବେଦିରେ ଶୁଭ ଅଧିବାସ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ସେହିପରି ପରମ୍ପରା ଅନୁସାରେ ଗ୍ରାମର ବିଭିନ୍ନ ମନ୍ଦିରରେ ପୂଜା ପାଉଥିବା ରଘୁନାଥ, ଗୋପାଳଜୀଉ, ଗୋପୀନାଥ ଏବଂ ରାଧାକାନ୍ତ ଦେବଙ୍କ ଚଳନ୍ତି ପ୍ରତିମା ଅତିଥି ଠାକୁରଭାବେ ଏଠାକୁ ଆସି ପୂଜା ପାଇବେ। ସୋମବାର ସନ୍ଧ୍ୟାରେ 'ଶୀତଳଷଷ୍ଠୀ ମହୋତ୍ସବ ସମ୍ପର୍କ-୨୦୨୪' ଉଦ୍‌ଘାଟିତ ହେବ। ଦର୍ଶକଙ୍କ ପାଇଁ ଗ୍ରାମର ପୁରାତନ ପରମ୍ପରା, ସଂସ୍କୃତି, ଐତିହ୍ୟ ଓ କଳାକୁ ନେଇ ଅନେକ ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ।

### ପୁରୁଣା ସ୍ମୃତି ମନେପକାଇଲେ

ଭୁବନେଶ୍ୱର, ୯।୬ (ବନ୍ଦନା ସେଠୀ)

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୧୯୮୯ ବ୍ୟାଚ୍ ପୁରାତନ ଛାତ୍ର ସଂସଦ ପକ୍ଷରୁ ରବିବାର ଏକ ସାରସ୍ୱତ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପରିବର୍ତ୍ତିତ ପ୍ରେକ୍ଷାପଟରେ ଓଡ଼ିଆ ଭାଷା, ସାହିତ୍ୟ, ଶିକ୍ଷାର ଉପଯୋଗିତା, ସମକାଳର ସାହିତ୍ୟିକ ଧାରା ଓ ଓଡ଼ିଆ ଭାଷାର ଭବିଷ୍ୟତ' ସମ୍ପର୍କରେ ଚର୍ଚ୍ଚା କରାଯାଇଥିଲା।

# କ୍ରୀଡ଼ା ଭିତ୍ତିଭୂମି ଅଭାବ, ଯୁବପିଢ଼ି ନିରାଶ

ଖୋର୍ଦ୍ଧା,୯।୬(ପ୍ରଭାତ ପାଣିଗ୍ରାହୀ)

- ଖୋର୍ଦ୍ଧାରେ ନାହିଁ ଉନ୍ନତମାନର ଷ୍ଟାଡିୟମ
- ପିଏନ୍ କଲେଜ, ଖୋର୍ଦ୍ଧା ଷ୍ଟାଡିୟମରେ ଅନାବନା ଗଛଲତା

କ୍ରୀଡ଼ାର ଅନ୍ତୁଡ଼ିଶାଳ ଭାବେ ପରିଚିତ ଖୋର୍ଦ୍ଧା। ଅତୀତରେ ଏଠାରୁ ବହୁ ଖେଳାଳି ରାଜ୍ୟ ତଥା ଜାତୀୟ ସ୍ତରରେ ଦକ୍ଷତା ପ୍ରଦର୍ଶନ ସହ ଗୌରବ ହାସଲ କରିଛନ୍ତି। ତେବେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ କ୍ରୀଡ଼ାରୁ ଯୁବପିଢ଼ି ମୁହଁ ଫେରାଇବାରେ ଲାଗିଛନ୍ତି। ଖେଳାଳିଙ୍କ ଅଭ୍ୟାସ ପାଇଁ ଏଠାରେ ଉନ୍ନତମାନର ଷ୍ଟାଡିୟମ ନାହିଁ। ଜିଲା ପ୍ରଶାସନର ଅବହେଳା ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏଥିରେ ବାଧକ ସାଜିଛି।

ବିଜେବି ହାଇସ୍କୁଲକୁ ଲାଗି ରହିଛି ଖୋର୍ଦ୍ଧା(ଜିଲା ସ୍ତରୀୟ) ଷ୍ଟାଡିୟମ। ଅତୀତରେ ଏଠାରେ ସର୍ବଭାରତୀୟ ସ୍ତରୀୟ ଫୁଟ୍‌ବଲ ଏବଂ କ୍ରିକେଟ ମ୍ୟାଚ୍ ହେଉଥିଲା। ଏବେ ଉକ୍ତ ଷ୍ଟାଡିୟମ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଷ୍ଟାଡିୟମ ଭିତରେ ଅନାବନା ଗଛଲତା ମାଡ଼ିଗଲାଣି। ଘାସ ଉପରେ ଛୋଟ କଣ୍ଟା ଗଛ ଉଠିବାରୁ ଖେଳାଳିମାନେ ଅଭ୍ୟାସ ବେଳେ ହଇରାଣ ହେଉଛନ୍ତି। ବର୍ଷା ହେଲେ ଚାରିଆଡେ ପାଣି ଜମି ରହୁଛି। ଜଳ ନିଷ୍କାସନ ଲାଗି କୌଣସି ବ୍ୟବସ୍ଥା ନାହିଁ। ଷ୍ଟାଡିୟମର ଅବ୍ୟବସ୍ଥା ଯୋଗୁ ଖେଳାଳି ଅଭ୍ୟାସ ନ କରିପାରି ନିରାଶ ହୋଇ ଫେରୁଛନ୍ତି। ସେହିପରି ବିଜେବି ହାଇସ୍କୁଲ ଖେଳପଡ଼ିଆ ଏକ ଘରୋଇ ସଂସ୍ଥା ଅଧୀନରେ ରହିଛି। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖେଳପଡିଆରେ କ୍ରିକେଟ ମ୍ୟାଚ ହେଉଛି। ତେବେ ବିଦ୍ୟାଳୟର ପିଲାଙ୍କୁ ଖେଳିବାକୁ ଦିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବିଜେବି ହାଇସ୍କୁଲ ପଡିଆକୁ ଲାଗି ଇନ୍‌ଡୋର ହଲ୍ ରହିଛି। ନିର୍ମାଣ ସରିଛି, ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ଏହି ସ୍ପୋର୍ଟସ ହଲ୍ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗତ ଫନୀ ବାତ୍ୟାରେ ବହୁ କ୍ଷତି ହୋଇଥିଲା। ଏହା ପରଠାରୁ ମରାମତି ହୋଇନାହିଁ। ତେଣୁ ହଲ୍‌ଟି ପିଲାଙ୍କ କୌଣସି କାମରେ ଲାଗୁନାହିଁ। ପିଏନ୍ କଲେଜ ପରିସରରେ ଏକ ମିନି ଷ୍ଟାଡିୟମ ରହିଛି। କଲେଜ ପିଲାଙ୍କ କ୍ରୀଡାର ଭିତ୍ତିଭୂମିର ବିକାଶ ଲାଗି ଏହି ଷ୍ଟାଡିୟମର ଯୋଜନା କରାଯାଇଥିଲା। ତେବେ ଏହା ମଧ୍ୟ ସେହି ଦୁରାବସ୍ଥା ଦେଇ ଗତି କରୁଛି।

ଏନେଇ କ୍ରୀଡ଼ାବିତ୍ ଉପେନ୍ଦ୍ର ନାଥ ଦାସ କହିଛନ୍ତି, ଖୋର୍ଦ୍ଧାର ବହୁ ଖେଳାଳି ଓଡ଼ିଶା ତଥା ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଏ ମାଟି ପାଇଁ ଗୌରବ ଆଣିଛନ୍ତି। ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ହେଲେ ପୁରୁଷ ଏବଂ ମହିଳା ଆଥଲେଟ୍‌ଙ୍କ କ୍ରୀଡାର ବିକାଶ ଦିଗରେ ସହାୟକ ହେବ। ଆଗାମୀ ଦିନରେ ଅଧିକରୁ ଅଧିକ ଖେଳାଳି ଉନ୍ନତମାନର ପ୍ରଶିକ୍ଷଣପ୍ରାପ୍ତ କରିପାରିବେ। ସେହିପରି ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଖୋର୍ଦ୍ଧା ସହରରେ ୧୦କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ଚାଲିଛି। ବିଧାୟକ ପାଣ୍ଠିରୁ ଗତବର୍ଷ ପିଏନ୍ କଲେଜରେ ମିନି ଷ୍ଟାଡିୟମ ନିର୍ମାଣ ଲାଗି ୩୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ବିଜେବି ହାଇସ୍କୁଲ ଖେଳପଡ଼ିଆର ପୁନରୁଦ୍ଧାର ପାଇଁ ମଧ୍ୟ ଅତୀତରେ ୩୦ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଅନ୍ୟପଟେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରା କହିଛନ୍ତି।

# କୂଅ ସଫାବେଳେ ଯୁବକ ମୃତ



ଅଗ୍ନିଶମ କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ କୂଅରୁ ସନ୍ତୋଷଙ୍କୁ ଉଦ୍ଧାର କରୁଛନ୍ତି।

ଜଟଣୀ,୯।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ଅରଗୁଲ୍ଲ ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। କୂଅ ସଫା କରିବା ବେଳେ ଜଣେ ଯୁବକ ଶ୍ୱାସରୁଦ୍ଧ ହୋଇ ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଅରଗୁଲ୍ଲ ଗ୍ରାମ ମେଳଣ ପଡ଼ିଆ ସାହିର ସନ୍ତୋଷ କୁମାର ସାହୁ (୩୦)। ସୂଚନା ମୁତାବକ, ରବିବାର ସକାଳେ ସନ୍ତୋଷ ତାଙ୍କ ଘର ପଛପଟେ ଥିବା ଏକ କୂଅ ସଫା କରିବାକୁ ଭିତରକୁ ପଶିଥିଲେ। କିଛି ସମୟ ସଫା କରିବା ପରେ ନିଃଶ୍ୱାସ ନେବାରେ ସମସ୍ୟା ହୋଇଥିଲା। ପରେ ଶ୍ୱାସରୁଦ୍ଧ ହେବା ସହ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ସନ୍ତୋଷଙ୍କୁ କୂଅରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସନ୍ତୋଷଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ୨୫ଜଣଙ୍କୁ ଏକତା ରାଷ୍ଟ୍ରୀୟ ଯୁବ ସମ୍ମାନ


ଅନ୍ତର୍ଜାତୀୟ ଆଦିବାସୀ ସାଂସ୍କୃତିକ ଯୁବ ମହୋତ୍ସବର ଦ୍ୱିତୀୟ ଦିବସରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ସାମାଜିକ କର୍ମୀ।

ବାଣପୁର ୯।୬(ଦିଲୀପ ସ୍ୱାଇଁ)

**ଅନ୍ତର୍ଜାତୀୟ ଆଦିବାସୀ ସାଂସ୍କୃତିକ ଯୁବ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

ବାଣପୁର ଐତିହାସିକ ପଲଟଣ ପଡିଆରେ ଏକତା ପରିଷଦ ଟ୍ରଷ୍ଟ ଓ ପ୍ରୋଜେକ୍ଟ ପଏଣ୍ଟ ପକ୍ଷରୁ ଅନୁଷ୍ଠିତ ଅନ୍ତର୍ଜାତୀୟ ଆଦିବାସୀ ସାଂସ୍କୃତିକ ଯୁବ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ଏକତା ପରିଷଦ ଟ୍ରଷ୍ଟର ୨୦ବର୍ଷ ପୂର୍ତ୍ତି ଅବସରରେ ୨୫ଜଣ ସାମାଜିକକର୍ମୀଙ୍କୁ ଏକତା ରାଷ୍ଟ୍ରୀୟ ଯୁବ ସମ୍ମାନ ଓ ୨୦ଜଣ ସାମାଜିକ କର୍ମୀଙ୍କୁ ଏକତା ସେବା ସମ୍ମାନ ପ୍ରଦାନ କରାଯାଇଛି। ଏଥିସହ ଯୁବଶକ୍ତିର ନେତୃତ୍ୱରେ ପ୍ରକୃତିର ସନ୍ତୁଳନ ଓ ମାନବିକ ମୂଲ୍ୟବୋଧର ସାଂସ୍କୃତିକ ପରିଚୟ ସମୃଦ୍ଧି କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ଉକ୍ତ ସଭାରେ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ସାମାଜିକକର୍ମୀ ଗୌତମ ବଂଦୋପାଧ୍ୟାୟ, ମୁଖ୍ୟ ଅତିଥି ଡ.ବିଦ୍ୟୁପ୍ରଭା ରଥ, ଡ.ବିଶ୍ୱମୋହନ ଜେନା, ବାଣପୁର ନଗରପାଳ ମିଟୁ ନାୟକ, ଚନ୍ଦ୍ର ଶେଖର ଦାସ, ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଅବସରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ସାମାଜିକକର୍ମୀ ପୂର୍ଣ୍ଣ ଚନ୍ଦ୍ର ନାୟକ, ଦଶପଲ୍ଲାର ପୂର୍ବତନ ବିଧାୟକ ରାମକୃଷ୍ଣ ମହାନ୍ତିଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ସାମାଜିକ କର୍ମୀମାନେ ଉପସ୍ଥିତ ଥିଲେ। ଏକତା ପରିଷଦ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟିଙ୍କ ନେତୃତ୍ୱରେ ଆଗାମୀ ଦିନରେ ରାଷ୍ଟ୍ରୀୟ ସ୍ତରରେ ଯୁବ ନେତୃତ୍ୱରେ ସଙ୍ଗଠିତ କରିବା ପ୍ରକ୍ରିୟା ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସନ୍ଧ୍ୟାରେ ଓଡ଼ିଶାର ଲୋକ କଳା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ବାଣପୁର ପଲଟଣ ପଡ଼ିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆଦିବାସୀ ସାଂସ୍କୃତିକ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ : ଜଣେ ଚିକିତ୍ସିତ

ବେଗୁନିଆ,୯।୬(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ-ସାରୁଆ ମଧ୍ୟବର୍ତ୍ତୀ ଶଙ୍ଖ ନିକଟରେ ଗତ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ବୋଲଗଡ଼ ଥାନା ଅନ୍ତର୍ଗତ ମାଳିସାହି ଗ୍ରାମର ଏକଲବ୍ୟ ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ବେଳେ ଅଶ୍ୱିନୀ ପ୍ରଧାନ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରୁ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିଲେ। ସେ ଏବେ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ବାଘମାରୀ ଥାନାରୁ ମିଳିଥିବା ସୂଚନା ଅନୁସାରେ, ଦୁଇଜଣଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ବୋଲି ରବିବାର ଖବର ପ୍ରକାଶ ପାଇଥିଲା। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖ ପ୍ରକାଶ କରିବା ସହ ଅଶ୍ୱିନୀଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ।

### ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବେଗୁନିଆ,୯।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୫୬/୨୪) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ନାବାଳିକା ଜଣଙ୍କ ଘରେ ଶୋଇଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକ ତାଙ୍କ ଘରେ ପଶି ଦୁର୍ବ୍ୟବହାର କରିଥିଲେ। ନାବାଳିକା ଚିତ୍କାର କରିବାରୁ ଯୁବକ ଜଣଙ୍କ ସେଠାରୁ ପଳାଇଥିଲେ।

### କୁଶପଲ୍ଲାରେ ଶୀତଳଷଷ୍ଠୀ ମହୋତ୍ସବ

ବେଗୁନିଆ,୯।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିକଟ କୁଶପଲ୍ଲା ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମା'ଜାଗେଶ୍ୱରୀ ମନ୍ଦିର ପରିସରରେ ରବିବାରଠାରୁ ତିନି ଦିନ ବ୍ୟାପି ଶୀତଳଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବକୁ ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ରାତିରେ ଏକ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା।

# ନଥିପତ୍ରର ସୁରକ୍ଷା ଜରୁରୀ

ଖୋର୍ଦ୍ଧା,୯।୬(ପ୍ରଭାତ ପାଣିଗ୍ରାହୀ)

ଅନ୍ତର୍ଜାତୀୟ ଅଭିଲେଖାଗାର ଦିବସ ଅବସରରେ ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ପ୍ରାଚୀନ ନଥିପତ୍ରର ପ୍ରଦର୍ଶନୀ ହୋଇଯାଇଛି। ଐତିହ୍ୟ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ଚିତ୍ରଶିଳ୍ପୀ ପ୍ରେମାନନ୍ଦ ସୁବୁଦ୍ଧି ମୁଖ୍ୟବକ୍ତା, ମାନସ ରଞ୍ଜନ ଲାଲା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ସଂଗ୍ରହଶାଳାରେ ପୁରୀ ଓ ଖୋର୍ଦ୍ଧାର ବିଭିନ୍ନ ମଠ ମନ୍ଦିର, ଇଂରେଜ ରାଜତ୍ୱକାଳୀନ ରେକର୍ଡ, ସେଟଲମେଣ୍ଟ ରିପୋର୍ଟ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ବ୍ୟକ୍ତିଗତ ନଥି ଓ ତାମ୍ରଲେଖ ପ୍ରଦର୍ଶିତ ହୋଇଛି। ରାଜ୍ୟ ସରକାର ପ୍ରତି ଜିଲାରେ ଏକ ଅଭିଲେଖାଗାର ସ୍ଥାପନ କରିବେ ବୋଲି ଘୋଷଣା କରିଥିଲେ ମଧ୍ୟ ଅଦ୍ୟାବଧି ତାହା ହୋଇପାରିନାହିଁ। ଖୋର୍ଦ୍ଧା କଚେରିରେ ଥିବା ବହୁ ରେକର୍ଡ ରାଜ୍ୟ ଅଭିଲେଖାଗାରକୁ ସ୍ଥାନାନ୍ତର ହୋଇଯାଇଛି। ଅବଶିଷ୍ଟ ନଥିପତ୍ରର ସୁରକ୍ଷା ହେବା ନିହାତି ଆବଶ୍ୟକ। ଏଠାରେ ପାଇକ ବିଦ୍ରୋହକାଳୀନ ରେକର୍ଡ ସମୂହ ସଂରକ୍ଷିତ ହୋଇ ରହିଲେ ଗବେଷକ ଓ ଛାତ୍ରମାନେ ଏହାର ଅଧ୍ୟୟନ ପାଇଁ ସୁବିଧା ପାଇପାରିବେ ବୋଲି ମତପ୍ରକାଶ ପାଇଥିଲା। ଅଚିନ୍ତ୍ୟାନ୍ ଦାସ ଧନ୍ୟବାଦ ଦେଇଥିଲେ।

# ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ନବନିର୍ବାଚିତ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟମାନେ।

ବେଗୁନିଆ,୯।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ରବିବାର ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ୨୧ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଧାୟକ ସାହୁଙ୍କୁ ବେଗୁନିଆ ପୋଷ୍ଟ ଅଫିସ୍ ଛକଠାରୁ କର୍ମୀମାନେ ସ୍ୱାଗତକରି ପଦଯାତ୍ରାରେ ଯାଇ କଲ୍ୟାଣମଣ୍ଡପ ପରିସରରେ ପହଞ୍ଚିଥିଲେ। ବିପୁଳ ଭୋଟରେ ବିଜୟଲାଭ କରାଇଥିବାରୁ ବିଧାୟକ ସାହୁ ସ୍ଥାନୀୟ ନେତୃବୃନ୍ଦ ଓ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଦଳମତ ନିର୍ବିଶେଷରେ ସେବା ମନୋଭାବ ନେଇ ସେ କାର୍ଯ୍ୟ କରିବେ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଘରେ ପଶି ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୯।୬ (ସୂର୍ଯ୍ୟକାନ୍ତ ବେହେରା)

ରାତି ଅଧରେ ଜଣେ ମହିଳାଙ୍କ ଘରେ ପଶି ଟଙ୍କା ଓ ମୋବାଇଲ ଫୋନ୍ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସ୍ଥାନୀୟ ଅଞ୍ଚଳର ମଦନ ରେଡ୍ଡୀ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଚୋରି ଟଙ୍କାରୁ ମାତ୍ର ୫ ହଜାର ଜବତ ହୋଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ମହିଳା ସତ୍ୟନଗର-୪ ଅନ୍ତର୍ଗତ ଫ୍ଲାଟ୍ ନଂ.୬୦୪ରେ ପରିବାର ସହ ରୁହନ୍ତି। ମେ ୨୬ ରାତିରେ ଗ୍ରୀଷ୍ମ ପ୍ରବାହ ଯୋଗୁ ମହିଳା ଏବଂ ପରିବାର ସଦସ୍ୟ ଘର ଖୋଲା ରଖି ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ଓ ତାଙ୍କର ଜଣେ ସହଯୋଗୀ ଘର ଭିତରେ ପଶି ୩ଟି ମୋବାଇଲ ଫୋନ ଏବଂ ୩୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଚୋରି ମୋବାଇଲ ମଧ୍ୟରୁ ୨ଟିକୁ ଦୁଇ ହଜାର ଟଙ୍କାରେ ଜଣକୁ ବିକ୍ରି କରିଦେଇଥିବା ବେଳେ ଚୋରି ଟଙ୍କାରୁ ୨୫ ହଜାର ବ୍ୟକ୍ତିଗତ କାମରେ ଖର୍ଚ୍ଚ କରିଦେଇଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଭରତପୁର ଥାନାରେ ୩ଟି ଓ ମଞ୍ଚେଶ୍ୱର ଥାନାରେ ଗୋଟିଏ ମାମଲା ରହିଛି।

# ଭାରତ ବିକାଶ ପରିଷଦର ପ୍ରାନ୍ତୀୟ କାର୍ଯ୍ୟଶାଳା


ଭାରତ ବିକାଶ ପରିଷଦର ପ୍ରାନ୍ତୀୟ କାର୍ଯ୍ୟଶାଳାରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା,୯।୬(ପ୍ରଭାତ ପାଣିଗ୍ରାହୀ)

ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ ପକ୍ଷରୁ ରବିବାର ଏକ ଏକଦିବସୀୟ କାର୍ଯ୍ୟଶାଳା ଭୁବନେଶ୍ୱରସ୍ଥିତ ସ୍ଥାନୀୟ ଭାରତୀୟ ବିଦ୍ୟା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟଶାଳାରେ ବହୁ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ ସହ ବନ୍ଦେ ମାତରମ ସଙ୍ଗୀତ ଗାନ କରାଯାଇ କାର୍ଯ୍ୟଶାଳାର ଶୁଭାରମ୍ଭ ହୋଇଥିଲା। ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତର ସଭାପତି ସତ୍ୟବାଦୀ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ପୃଷ୍ଠପୋଷକ ଅଜୟ ଦାଶ ସଙ୍ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଭାରତ ବିକାଶ ପରିଷଦର ଲକ୍ଷ୍ୟ, ସଙ୍ଗଠନ ସଂରଚନା, ମୂଳରେଖା ଓ ଆଚରଣ ବ୍ୟବସ୍ଥା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। କ୍ଷେତ୍ରୀୟ ସଂଯୁକ୍ତ ମହାସଚିବ ନୂତନ ପଦାଧିକାରୀଙ୍କ ଶପଥ ପାଠ କରାଇଥିଲେ। ରାଜ୍ୟ ଅର୍ଥ ସଚିବ ନରସିଂହ ମିଶ୍ର ଆଗାମୀ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିଥିବା ବେଳେ କ୍ଷେତ୍ରୀୟ ଅର୍ଥ ସଚିବ ଚାର୍ଟାର୍ଡ ଆକାଉଣ୍ଟସ ଆନନ୍ଦ ପ୍ରସାଦ ଶାଖାର ଆର୍ଥିକ ପରିଚାଳନା ଓ ହିସାବ ସମ୍ବନ୍ଧରେ କହିଥିଲେ। ରାଜ୍ୟ ଉପସଭାପତି ଶ୍ରୀଧର ସାହୁ ସୁସମ୍ପର୍କ ସ୍ଥାପନକରି ସଙ୍ଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଉପସଭାପତି ସଚ୍ଚିଦାନନ୍ଦ ନାୟକ ପରିବେଶ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ମହିଳା ବାଳବିକାଶ କ୍ଷେତ୍ରୀୟ ସଚିବ ସୁପ୍ରୀତି ରଥ ମହିଳା ଓ ଯୁବକମାନଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ମାସିକ ପତ୍ରିକା 'ସଂପ୍ରୀତି'ର ଜୁନ୍ ମାସର ସଂସ୍କରଣ ଉନ୍ମୋଚିତ ହୋଇଥିଲା। ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ ଉକ୍ତ କାର୍ଯ୍ୟଶାଳାର ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାଜ୍ୟ ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳାଇ ଧନ୍ୟବାଦ ଦେଇଥିଲେ। ରାଜ୍ୟ ମିଡିଆ ପ୍ରଭାରୀ ନୀହାର ରଞ୍ଜନ ସ୍ୱାଇଁ ଓ ନୃସିଂହନାଥ ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନବଦୁର୍ଗାଙ୍କ ମହାମେଳନ ଉତ୍ସବ

ବାଣପୁର,୯।୬(ଦିଲୀପ ସ୍ୱାଇଁ)


ମେଳଣ ପଡ଼ିଆରେ ବିରାଜମାନ ୯ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ନିକଟ ପଙ୍କାଳ ଏବଂ ମହତ୍‌ପଲ୍ଲା ଗ୍ରାମର ଆରାଧ୍ୟା ମା' ଖିଲାମୁଣ୍ଡାଙ୍କ ପୀଠରେ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଅନ୍ତିମ ଦିବସରେ ନବଦୁର୍ଗାଙ୍କ ମହାମେଳନ ମହୋତ୍ସବ ହୋଇଯାଇଛି। ଗତ ଗୁରୁବାର ଅଙ୍କୁରାରୋପଣ ହୋଇଥିବା ବେଳେ ଶୁକ୍ରବାର କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ ହୋଇଥିଲା। ଶନିବାର ପ୍ରାତଃରୁ ସୂର୍ଯ୍ୟ ପୂଜା, ଶାଳା ପୂଜା ସହ ଯଜ୍ଞ ଆରମ୍ଭ ହୋଇ ରବିବାର ଅପରାହ୍ନରେ ପୂର୍ଣ୍ଣାହୁତି ଓ ଦେବୀମାନଙ୍କ ମେଳନ ହୋଇଥିଲା। ମା' ଖିଲାମୁଣ୍ଡାଙ୍କ ନିମନ୍ତ୍ରଣ ପାଇ ଆଖପାଖ ଅଞ୍ଚଳର ୯ ଦେବୀ ମା'ଖିଲାମୁଣ୍ଡା ବିଜେ ପଙ୍କାଳ, ମା'ଶୂଳିଆ ଦେବୀ ବିଜେ ଓଡ଼ଗାଁ, ମା'ଆଙ୍କୁଲେଇ ବିଜେ ଗମ୍ଭାରୀମୁଣ୍ଡା, ମା'ବ୍ରାହ୍ମଣୀ ଦେବୀ ବିଜେ ଗମ୍ଭାରୀମୁଣ୍ଡା, ମା' ବ୍ରାହ୍ମଣୀ ଦେବୀ ବିଜେ କରଡ଼ାପଲ୍ଲୀ, ମା'ବ୍ରାହ୍ମଣୀ ଦେବୀ ବିଜେ ଝରିଆଟାଙ୍ଗୀ, ମା' ଉତ୍ତରାୟଣୀ ବିଜେ ବିଞ୍ଝଲା, ମା' ବୁଢ଼ୀମା ବିଜେ ରାହାଣବେଲୀ, ମା'ବ୍ରାହ୍ମଣୀଦେବୀ ବିଜେ ତୋଟା ପ୍ରମୁଖ ବିଜେ ପ୍ରତିମା ସୁସଜ୍ଜିତ ବିମାନ ସହ ଶୋଭାଯାତ୍ରାରେ ସ୍ଥାନୀୟ ମେଳନ ପଡ଼ିଆରେ ପହଞ୍ଚିଥିଲେ। ହରିବୋଲ, ହୁଳହୁଳି, ଘଣ୍ଟ, କାହାଳି, ବାଜା ସହ ଦେବୀଙ୍କ ନୀତିକାନ୍ତି ପୂଜାର୍ଚ୍ଚନା କରାଯିବା ସହ ଅପରାହ୍ନରେ ସମସ୍ତ ବିଜେ ପ୍ରତିମାଙ୍କ ମହାମେଳନ ପର୍ବ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପଙ୍କାଳ ଓ ମହତ୍‌ପଲ୍ଲା ଗ୍ରାମବାସୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଏଟିଏମ୍‌ରେ ସହାୟତା ବାହାନାରେ ଲୋକଙ୍କଠୁ ଟଙ୍କା ଲୁଟ୍

ସାକ୍ଷୀଗୋପାଳ,୯।୬ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସାକ୍ଷୀଗୋପାଳରେ ଏଟିଏମ୍‌ରେ ସହାୟତା ବାହାନାରେ ଲୁଟେରାମାନେ ଲୋକଙ୍କ ଏଟିଏମ୍‌ରୁ ଟଙ୍କା ଉଠାଉ ନେଉଛନ୍ତି। ଫଳରେ ଲୋକେ ବହୁ ହଇରାଣ ହେଉଛନ୍ତି। ନିକଟରେ ସ୍ଥାନୀୟ ବିଶ୍ୱନାଥପୁର ଗ୍ରାମର ଲକ୍ଷ୍ମଣ ମହାପାତ୍ରଙ୍କଠାରୁ ଲୁଟେରାମାନେ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ସତ୍ୟବାଦୀ ପୋଲିସ ସିସିଟିଭି ଯାଞ୍ଚକରି ତଦନ୍ତ ଆରମ୍ଭ କରିଛି। ଲକ୍ଷ୍ମଣ ସାକ୍ଷୀଗୋପାଳ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଯାଇଥିଲେ। ଏଟିଏମ୍ ମଧ୍ୟରେ ପୂର୍ବରୁ ଥିବା ଜଣେ ଯୁବକ ତାଙ୍କୁ ସହାୟତା କରିବାକୁ କହି ଚତୁରତାର ସହ ଏଟିଏମ୍ କାର୍ଡ ଓ ପାସ୍‌ୱାର୍ଡ ନେଇ କାର୍ଡ ସ୍ୱାପ୍ କରିଥିଲେ। ଆକାଉଣ୍ଟରୁ ଟଙ୍କା ଉଠାଣ ହୋଇଥିବା ଜାଣିପାରି ଲକ୍ଷ୍ମଣ ଏ ସମ୍ପର୍କରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସାକ୍ଷୀଗୋପାଳ ଶାଖା ପରିଚାଳକଙ୍କ ନିକଟରେ ଅଭିଯୋଗ କରି ସତ୍ୟବାଦୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

### ଆଶା, ଆଶଙ୍କାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ଅସ୍ତରଙ୍ଗ, ୯।୬ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ବିଜେଡି ସରକାର ପତନ ପରେ ମିଶନ ଶକ୍ତି ତଥା ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି। ନୂତନ ଭାଜପା ସରକାର ଆସିଲେ ତାହାର ରୂପରେଖ କିପରି ହେବ ସେ ନେଇ ମଧ୍ୟ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ବିଜେଡି ସରକାର ସମୟରେ ମିଶନ ଶକ୍ତି ଏକ ପ୍ରମୁଖ ଜନପ୍ରିୟ ଯୋଜନା ଭାବେ ପରିଚିତି ଲାଭ କରିଥିଲା। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଶନ ଶକ୍ତି ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଅସ୍ତରଙ୍ଗ ବ୍ଲକରେ ପ୍ରାୟ ୨୦୦ ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ଜୀବିକା ମିଶନ ଯୋଜନାରେ ସାମିଲ କରାଯାଇ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରାଯାଇଛି। ସେହିପରି ସମନ୍ୱିତ ଶିଶୁବିକାଶ ଯୋଜନା ଅଧୀନ ଏସ୍‌ଏଚ୍‌ଜିଗୁଡ଼ିକ ଛତୁଆ ପ୍ରସ୍ତୁତି ସମେତ ମୁକ୍ତା ଯୋଜନାରେ ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିଲେ। ତେବେ ରାଜ୍ୟରେ ନୂତନ ସରକାର ଗଠନ ପରେ ଏଥିରେ କିଛି ପରିବର୍ତ୍ତନ ହେବ କି ନାହିଁ ତାହା ଏକ ପ୍ରଶ୍ନ ପାଲଟିଛି। ମିଶନ ଶକ୍ତିକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଦସ୍ୟମାନେ ଆଶା ଓ ଆଶଙ୍କାରେ ରହିଛନ୍ତି।

### ପାଳଗଦା ପୋଡ଼ିଗଲା

ବଳଙ୍ଗା,୯।୬(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଦଳଭାଣପୁର ଉଳକୋଳି ସାହିରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ପାଳଗଦା ପୋଡ଼ିଯାଇଛି। ଏ ସମ୍ପର୍କରେ ଖବରପାଇ ପିପିଲି ଓ ନିମାପଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ଗ୍ରାମର ଧଡ଼ିଆ ଜେନା ଛତୁଚାଷ କରି ଜୀବିକା ନିର୍ବାହ କରିଆସୁଥିଲେ। ସେ ତାଙ୍କ ବାରିପଟେ ପାଳଗଦା କରି ରଖିଥିଲେ। ଏହି ପାଳଗଦାରେ ଶନିବାର ରାତିରେ କେହି ନିଆଁ ଲଗାଇ ଦେଇଥିବାବେଳେ ଗ୍ରାମବାସୀ ତାହା ଦେଖି ନିଆଁକୁ



ଲିଭାଇଥିଲେ। ତେବେ ପୁନର୍ବାର ରବିବାର ସନ୍ଧ୍ୟା ୭ଟାରେ ସେହି ପାଳଗଦାରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଦେଖି ଲିଭାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଏନେଇ ଗ୍ରାମବାସୀ ସ୍ଥାନୀୟ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗର ୫ଟି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୨ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। କୌଣସି ଦୁର୍ବୃତ୍ତ ଜାଣିଶୁଣି ନିଆଁ ଲଗାଇ ଦେଇଥିବା ଧଡ଼ିଆ କହିଛନ୍ତି। ଏନେଇ ସେ ସୋମବାର ବଳଙ୍ଗା ଥାନାରେ ଅଭିଯୋଗ କରିବେ ବୋଲି ଜଣାପଡ଼ିଛି। ପୋଡ଼ିଯାଇଥିବା ପାଳଗଦାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି।

# ମହାପ୍ରଭୁଙ୍କ ବେଶ ପ୍ରଦର୍ଶନୀ ବନ୍ଦ ନେଇ ତଦନ୍ତ ହେବ

**ଭକ୍ତଙ୍କ ଅସନ୍ତୋଷ ପରେ ପୁନଃ ସାଜସଜ୍ଜା କରାଗଲା**






ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଲାଇଟ କାଢ଼ିଦିଆଯିବା ଘଟଣା ପରେ ଏବେ ଶ୍ରୀଜଗନ୍ନାଥବଲ୍ଲଭ ପାର୍କ ନିକଟସ୍ଥ ଦାରୁଦିଅଁଙ୍କ ବେଶ ପ୍ରଦର୍ଶନୀକୁ ବନ୍ଦ କରିଦିଆଯାଇଛି। ଫଳରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ସମୟରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କଠାରେ ମହାପ୍ରଭୁଙ୍କ ବେଶ, ରଥ ଓ ବିଭିନ୍ନ ସାମଗ୍ରୀକୁ ନେଇ ପ୍ରଦର୍ଶନୀ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ କରିବାକୁ ପୁରୀ ଆସୁଥିବା ଭକ୍ତମାନେ ଉକ୍ତ ପ୍ରଦର୍ଶନୀ ଦେଖି ଖୁସି ହେବା ସହ ସୁଖଦ ଅନୁଭୂତି ନେଇ ଫେରୁଥିଲେ। ତେବେ ଉକ୍ତ ପ୍ରଦର୍ଶନୀକୁ ବନ୍ଦ କରିଦିଆଯାଇଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଗତ ଜାନୁଆରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କରାଯାଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥବଲ୍ଲଭ ପାର୍କ ପରିସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ପ୍ରଦର୍ଶନୀ ଆରମ୍ଭ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ତିନିରଥର କଳାକୃତି, ଶ୍ରୀଜଗନ୍ନାଥଙ୍କ ବିରଳ ରଘୁନାଥ ବେଶ, ନାଗାର୍ଜ୍ଜୁନ ବେଶ ସହ ଅନ୍ୟାନ୍ୟ ୨୫ ପ୍ରକାର ବେଶ ପ୍ରଦର୍ଶିତ ହେଉଥିଲା। ସେହିପରି ମହାପ୍ରଭୁଙ୍କ ଦୈନନ୍ଦିନ ବ୍ୟବହାର ହେଉଥିବା ସାମଗ୍ରୀ, ଅଙ୍ଗବସ୍ତ୍ର, ମହାପ୍ରସାଦ କୁଡୁଆ ଆଦି ମଧ୍ୟ ଶୋଭା ପାଉଥିଲା। ତେବେ ଗତ ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ହଠାତ୍ ଏହି ପ୍ରଦର୍ଶନୀକୁ ବନ୍ଦ କରିଦିଆଯାଇଛି, ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏନେଇ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ କହିଛନ୍ତି, ସୌନ୍ଦର୍ଯ୍ୟକରଣ ନିମନ୍ତେ ବିଜେଡି ସରକାର ଯେତିକି ଟଙ୍କା ଖର୍ଚ୍ଚ କରିଥିଲେ, ସେଥିରେ ସ୍ଥାୟୀ କାମ ହୋଇପାରିଥାନ୍ତା। ମାତ୍ର ସରକାର ଟଙ୍କା ଲୁଟ୍ କରିବା ଉଦ୍ଦେଶ୍ୟ ରଖି ଠିକା ସଂସ୍ଥାକୁ ଦାୟିତ୍ୱ ଦେଇ ଅସ୍ଥାୟୀ କାର୍ଯ୍ୟ କରିଥିଲେ। ତେବେ ସରକାର ଯିବା ପରେ ଠିକା ସଂସ୍ଥା ଟଙ୍କା ନ ପାଇବା ଆଶଙ୍କାରେ ଜିନିଷ ଖୋଲି ନେଇଯାଉଛନ୍ତି। ସ୍ଥାୟୀ ଭାବେ କାର୍ଯ୍ୟ ହୋଇଥିଲେ ସୌନ୍ଦର୍ଯ୍ୟକରଣ ବର୍ଷ ବର୍ଷ ଧରି ରହିଥାନ୍ତା। ତେବେ ନୂଆ ସରକାର ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାସ ଦାବି କରିଛନ୍ତି। ସେହିପରି କଂଗ୍ରେସ ନେତା ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, ଭକ୍ତମାନେ ପ୍ରଦର୍ଶନୀ ମାଧ୍ୟମରେ ଠାକୁରଙ୍କ ବିଭିନ୍ନ ବେଶ ଦେଖିବାକୁ ପାଉଥିଲେ। ଏହା ବ୍ୟତୀତ ନୀତିକାନ୍ତି ସମ୍ପର୍କରେ ଜାଣିପାରୁଥିଲେ। ଏପରିକି ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା କରୁଥିବା ଛାତ୍ରୀଛାତ୍ର, ବ୍ୟକ୍ତିବିଶେଷ ଓ ମଠ ମହନ୍ତମାନେ ଆସି ଏଠାରୁ କିଛି ଶିକ୍ଷା ପାଉଥିଲେ। ତେବେ ୪ତାରିଖରେ ବିଜେଡି ସରକାର ଯିବା ପରେ ଏହି ପ୍ରଦର୍ଶନୀ ବନ୍ଦ କରିଦେବାର ମାନେ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ପ୍ରଦର୍ଶନୀ ଖୋଲାଯାଇଥିଲା। ଭକ୍ତମାନେ ପ୍ରଦର୍ଶନୀ ଦେଖି ଖୁସି ହେଉଥିଲେ। ତେବେ ପ୍ରଦର୍ଶନୀ ବନ୍ଦ କରିବା ଠିକ୍ ହୋଇନାହିଁ। ଏଭଳି ଭାବେ ଭକ୍ତଙ୍କ ଭାବାବେଗ ସହ ଖେଳିବା ଉଚିତ୍ ନୁହେଁ। ପ୍ରଦର୍ଶନୀ କାହା ନିର୍ଦ୍ଦେଶରେ ବନ୍ଦ ହେଉଛି, ଉଦ୍ଦେଶ୍ୟ କ'ଣ ଆଦି ସମସ୍ତ ଘଟଣା ଲୋକଲୋଚନକୁ ଆସିବା ଦରକାର। ସମ୍ପୃକ୍ତ ଠିକାସଂସ୍ଥା ଦାୟିତ୍ୱରେ ଥିବା ସୁପରଭାଇଜର କହିଛନ୍ତି, ପ୍ରଦର୍ଶନୀର ଅବଧି ଗତ ଫେବୃଆରୀରେ ଶେଷ ହୋଇଯାଇଥିଲା। ମାତ୍ର ଅବଧିକୁ ଦୁଇଥର ଦେଢ଼ମାସ ଲେଖାଏ ବଢ଼ାଯାଇଥିଲା। ତେବେ ତାଙ୍କ ସଂସ୍ଥାର କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବା ପରେ ପ୍ରଦର୍ଶନୀ ବନ୍ଦ କରାଯାଉଛି। ସେ ମହାପ୍ରଭୁଙ୍କ ବେଶ ଆଦି ଉଠାଉନାହାନ୍ତି, କେବଳ ଜିନିଷପତ୍ର କାଢୁଛନ୍ତି। ସେ ଜଣେ କର୍ମଚାରୀ ହୋଇଥିବାରୁ ଅଧିକ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ପ୍ରଦର୍ଶନୀକୁ ପୁନଃ ସାଜସଜା କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ରଥଖଳାରୁ...

### ପାର୍ଶ୍ୱ ଦଣ୍ଡାର ଚଉପଟ କାର୍ଯ୍ୟ ଆରମ୍ଭ

ପୁରୀ,୯।୬(ଅଜିତ୍ ମହାନ୍ତି)

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ପାଟଦଣ୍ଡାରୁ ୪ଟି ଦଣ୍ଡାର ଚଉପଟ ଶେଷହୋଇ ପଞ୍ଚମ ଦଣ୍ଡାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ୩ ରଥର ପାର୍ଶ୍ୱଦଣ୍ଡାର ଚଉପଟ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏଥିସହ ୩ ରଥର ୨୦ ଫୁଟିଆ ୨ଟି ଗରଗରାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚାରି ନାହାକା ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୩ ରଥ ଚାଳିକୁ ରଥ ଅମିନ ୨ଟି ଲେଖାଏ ୨୦ ଫୁଟିଆ ଧଉରା କାଠ ଯୋଗାଇଥିବାବେଳେ ରବିବାର ୩ ରଥଚାଳିକୁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ଆଉ ୨ଟି ଲେଖାଏ ନାହାକା କାଠ ଯୋଗାଇଛନ୍ତି। ଉକ୍ତ ନାହାକାଗୁଡ଼ିକର ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ୩ ରଥର କଣଗୁଜରେ ସିଂହ ବିରାଳ ରୂପ ଖୋଦେଇ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଏବଂ ରୂପ ପଲିଶ୍ କାର୍ଯ୍ୟ ଜାରି ରଖିଛନ୍ତି। କରତି ସେବକମାନେ ରବିବାର ଅଧିକ ଲମ୍ୱ ଥିବା ୪ଟି ନାହାକା କାଠ ଗଡ଼କରି ଯୋଗାଇବା ସହ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି। ପାହି ମହାରଣା ଦୋଳବେଦିଠାରେ ଅଣସର ତଥା ରଥଯାତ୍ରାରେ ସେବାନୀତି ନିମନ୍ତେ କାଠନିର୍ମିତ ସରଂଯାମ ନିର୍ମାଣ କରୁଛନ୍ତି। ଏଥିରେ ତୁମ୍ୱ ବିନ୍ଧ କାରିଗର ସହାୟତା କରିବା ସହ ଶ୍ରୀମନ୍ଦିର କର୍ମଚାରୀ ବସନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ଉକ୍ତ ସରଂଯାମ ପ୍ରସ୍ତୁତି ଚାଲିଛି। ଅଣସର ନୀତି ପାଇଁ ସୁଧ ସୁଆରଙ୍କ ନିମନ୍ତେ ୪ଟି ବଡ଼ ପିଢ଼ା ଏବଂ ସେବା ନୀତି ପାଇଁ ସାମନ୍ତ ପୂଜା ପଣ୍ଡା ସେବକଙ୍କ ନିମନ୍ତେ କୁରୁମ ପିଢ଼ା ୪ଟି ନିର୍ମାଣକରି ଫୁଲଚାଙ୍ଗଡ଼ା ଫ୍ରେମ୍ ପ୍ରସ୍ତୁତ ହେଉଛି। ସେହିପରି ଦୋଳବେଦି ନିକଟ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ ରଥର ଦଣ୍ଡା ବାଡ଼ିଆ କଣ୍ଟା ନିର୍ମାଣ ଶେଷ କଲାପରେ ପୋଟଳ ନଦାକଣ୍ଟା ନିର୍ମାଣ ଜାରି ରଖିଛନ୍ତି।



# ଖୋ ଖୋ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପୁରୀ, ୯।୬(ଅଜିତ୍ କୁମାର ମହାନ୍ତି):

ଓଡ଼ିଶା ଖୋ ଖୋ ଆସୋସିଏଶନ୍, ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଆୟୋଜିତ ତିନିଦିନିଆ ପ୍ରଶିକ୍ଷଣ ଶିବିର ବା କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶାରୀରିକ କ୍ରୀଡ଼ା ଶିକ୍ଷକମାନଙ୍କୁ ଖୋ ଖୋ କ୍ରୀଡ଼ା ପ୍ରଶିକ୍ଷଣ ଓ ବୈଷୟିକ ଶିକ୍ଷା ପ୍ରଦାନ କରାଯାଇଛି। ସେମାନେ ନିଜ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଖୋ ଖୋ ଶିକ୍ଷା ଦେଇପାରିବେ। ଭାରତୀୟ ଖୋ ଖୋ ସଂଘ ଟେକ୍ନିକାଲ କମିଟିର ସଦସ୍ୟ ସଞ୍ଜୀବ କୁମାର, ଅନ୍ତର୍ଜାତୀୟ ଖୋ ଖୋ ପ୍ରଶିକ୍ଷକ ସୁମିତ୍ ଯୋଗଦେଇ କ୍ରୀଡ଼ା ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ସହସମ୍ପାଦକ ଲକ୍ଷ୍ମଣ ନାଥ ଯୋଗଦେଇ ଏଭଳି କର୍ମଶାଳା ବର୍ଷକୁ ଦୁଇ ଥର ହେଲେ ଭଲ ହେବ ବୋଲି କହିଥିଲେ। ସଂଘ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥସାରଥୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କର୍ମଶାଳାରେ ୨୧ଟି ଜିଲା ଓ କିଛି ବିଶ୍ୱବିଦ୍ୟାଳୟରୁ ୧୧୩ ଶାରୀରିକ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସମସ୍ତ କ୍ରୀଡ଼ା ଶିକ୍ଷକଙ୍କୁ ପ୍ରମାଣପତ୍ର ଓ ମୋମେଣ୍ଟୋ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି।

### ପୂର୍ବ ଶତ୍ରୁତାରୁ ମାଛ ପୋଖରୀରେ ବିଷ ପକାଇଲେ ବାପଘର ଲୋକେ

ଯୋଗେଶ୍ୱରପୁର,୯।୬(ରଶ୍ମିରଞ୍ଜନ ସାହୁ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଝିଅର ବାପଘର ଲୋକେ ମାଛଚାଷ ପୋଖରୀରେ ବିଷ ପକାଇଥିବାରୁ ଅନେକ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଗୋପ ବ୍ଲକ ଅଧୀନ ଈଶାଣପୁର ପଞ୍ଚାୟତ ଅଧୀନ ମହନୀପୁର ଗ୍ରାମରେ ଘଟିଛି। ଏନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ରୋଜାସ୍ମିନୀ ପରିଡ଼ାଙ୍କ ସ୍ୱାମୀ ଋଣ କରି ତାଙ୍କ ପୋଖରୀରେ ବିଭିନ୍ନ କିସମର ମାଛଚାଷ କରୁଥିଲେ। ପୂର୍ବ ଶତ୍ରୁତାକୁ ନେଇ ରୋଜାସ୍ମିନୀଙ୍କ ବାପା ଯୁଧିଷ୍ଠିର ଦଳାଇ ଓ ଭାଇ ସଞ୍ଜୟ ଦଳାଇଙ୍କ ସହ ପାଟିତୁଣ୍ଡ ହୋଇଥିବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପୁନଶ୍ଚ ରୋଜାସ୍ମିନୀଙ୍କ ବାପା ଓ ଭାଇଙ୍କ ସହ ପାଟିତୁଣ୍ଡ ହେବାରୁ ସେମାନେ ମାଛ ପୋଖରୀରେ ବିଷ ପକାଇବେ ବୋଲି ଧମକ ଦେଇଥିଲେ। ତେବେ ରବିବାର ସକାଳୁ ରୋଜାସ୍ମିନୀଙ୍କ ପରିବାର ଲୋକ ଓ ସ୍ଥାନୀୟ ଲୋକେ ପୋଖରୀରେ ମାଛ ମରି ଭାସୁଥିବା ଦେଖିଥିଲେ। ଏନେଇ ରୋଜାସ୍ମିନୀ ଫାଣ୍ଡିରେ ବାପା ଓ ଭାଇଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

### ପାଣି ପାଇପ୍ ବିଛାଇବା ଆଳରେ ଗାଁ ରାସ୍ତା ଖନନ

**ମରାମତି ନ ହେବାରୁ ଘଟୁଛି ଦୁର୍ଘଟଣା**

କଣାସ,୯।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ୨୮ଟି ପଞ୍ଚାୟତରେ ମେଗା ପ୍ରକଳ୍ପ ମାଧ୍ୟମରେ ପାନୀୟଜଳ ଯୋଗାଇଦେବାକୁ ପଦକ୍ଷେପ ନିଆଯାଉଛି। ତେବେ ପାଇପ ବିଛାଇବା ଆଳରେ ଅନେକ ଗ୍ରାମର ରାସ୍ତାକୁ ଖୋଳାଯାଇଥିବାବେଳେ ମରାମତି କରାଯାଉନାହିଁ। ଫଳରେ ଦୁର୍ଘଟଣା ଘଟୁଛି। ଯାନବାହନ ଓ ଲୋକଙ୍କ ଚଳପ୍ରଚଳରେ ସମସ୍ୟା ଉପୁଜୁଛି। ଆଗକୁ ବର୍ଷାଦିନ ଆସୁଥିବାରୁ ଲୋକେ ଗାଁଦାଣ୍ଡରେ କିପରି ଚଳପ୍ରଚଳ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଦୋଛିଆଁ ପଞ୍ଚାୟତର ଆଳିପଡ଼ା, ନୂଆଗାଁ, କାଦୁଆ ପଞ୍ଚାୟତର ସାହସପୁର, କଉଡ଼ିଖଣି, ସାହୁପଡ଼ା ପଞ୍ଚାୟତର ସାହୁପଡ଼ା ପ୍ରଭୃତି ଗ୍ରାମ ଖନନ ପରେ ମରାମତି ହୋଇନାହିଁ। ପ୍ରକଳ୍ପର ଠିକାଦାର ତାମିଲନାଡୁର ବାସିନ୍ଦା ହୋଇଥିବାବେଳେ ଏଠାରେ ରହୁ ନ ଥିବାରୁ ଲୋକେ ତାଙ୍କୁ ଅଭିଯୋଗ ଜଣାଇବା ସମ୍ଭବ ହେଉନାହିଁ। ଗ୍ରାମବାସୀ ସରପଞ୍ଚ ଏବଂ ବିଡିଓଙ୍କୁ ଅଭିଯୋଗ କରି ନିରାଶ ହେବା ପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲାପାଳ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି।



ଖୋଳାଯାଇଥିବା ଗ୍ରାମ୍ୟରାସ୍ତା ।

# ୧୪ରୁ ଶ୍ରୀକ୍ଷେତ୍ର ରଜ ମହୋତ୍ସବ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ମାର୍କଣ୍ଡେଶ୍ୱର ସାହି ପାଣ୍ଡ ଜାଗା ପକ୍ଷରୁ ୧୦ମ ଶ୍ରୀକ୍ଷେତ୍ର ରଜ ମହୋତ୍ସବ ଜୁନ୍ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜନ ହେବାକୁ ଯାଉଛି। ଏ ନେଇ ରବିବାର ବୁଢ଼ୀମା ତୋଟା କଲ୍ୟାଣୀ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀରେ ରଜ ମହୋତ୍ସବ କମିଟିର ସଭାପତି ଭକ୍ତଚରଣ ଦାସ ଓ ସମ୍ପାଦକ ବିଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିରେ ବରିଷ୍ଠ ସଦସ୍ୟ ସମୀର କୁମାର ସାମନ୍ତରାୟ, ବିଦ୍ୟାଧର ବେହେରା, ଭବେଶ ସ୍ୱାଇଁ, ବାପିନ ଶତପଥୀ, ତ୍ରିଲୋଚନ ପ୍ରଧାନ ଏବଂ ପାଣ୍ଡ ଜାଗା କୋଷାଧ୍ୟକ୍ଷ ଦିଗମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ମହୋତ୍ସବ କମିଟିର କର୍ମକର୍ତ୍ତା କହିଛନ୍ତି, ଆଧୁନିକ ସମାଜରେ ଦିନକୁ ଦିନ ଉତ୍କଳୀୟ ପରମ୍ପରା ତା'ର ସତ୍ତା ହରାଉଥିବା ବେଳେ ମାର୍କଣ୍ଡେଶ୍ୱର ସାହି ପାଣ୍ଡ ଜାଗା ପ୍ରତି ବର୍ଷ ରଜ ମହୋତ୍ସବ କରିଆସୁଛି। ଏହି ଉତ୍ସବ ଜୁନ ୧୪ରୁ ଜୁନ ୧୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ମହିଳା ଓ ଝିଅମାନଙ୍କୁ ନେଇ ପୁଚି, ଖୋଟି, ଦଉଡ଼ି ଡିଆଁ, ପିଠା ପ୍ରସ୍ତୁତି ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହେବ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀ ରୁକ୍‌ସାନା ଓ ତାଙ୍କ ଟିମ୍ ଆଧୁନିକ ସଙ୍ଗୀତ ପରିବେଷଣ କରିବେ। ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ୟୁଟ୍ୟୁବ କମେଡିଆନ ରାଜୁ ଦାସ ଓରଫ ସାହୁବାବୁ ଓ ତାଙ୍କ ଟିମ୍ କମେଡ଼ି ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିବେ। ସେହି ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ରଜ କୁଇନ ଘୋଷଣା କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




ଖବରଦାତା ସମ୍ମିଳନୀରେ ଶ୍ରୀକ୍ଷେତ୍ର ରଜ ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି ।

# ଶ୍ରୀଜଗନ୍ନାଥ ଶରଣଂ ନୃତ୍ୟ, ସଙ୍ଗୀତ ସମାରୋହ

- ଲିଙ୍ଗରାଜ କଳା ନିକେତନର ୩୪ତମ ବାର୍ଷିକ ଉତ୍ସବ
- ପଦ୍ମନାଭ ତ୍ରିପାଠୀଶର୍ମା, ଦୀପ୍ତି ରାଉତରାୟଙ୍କୁ ଗୁରୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)




ଉତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି ।

ଲିଙ୍ଗରାଜ କଳା ନିକେତନର ୩୪ତମ ବାର୍ଷିକ ଉତ୍ସବ ରବିବାର ପୌରସଦନରେ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀମନ୍ଦିର ସେବାୟତ ଭଗବାନ ସୁଆର, ପଦ୍ମନାଭ ଷ୍ଟୁଡିଓ ପ୍ରା. ଲିଃର ସନାତନ ଦାସ, ରାଜ୍ୟ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ନୃତ୍ୟ ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁମା ଆରତି ରଣବୀର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ପ୍ରତିଷ୍ଠାତା ଅଧ୍ୟକ୍ଷ ଗୁରୁ ଧବଳେଶ୍ୱର ମିଶ୍ର, ଉପସଭାପତି ଗଣେଶ୍ୱର ପ୍ରହରାଜ, ଉପାଧ୍ୟକ୍ଷ ଲୋକନାଥ ମିଶ୍ର ଏବଂ ମୁଖ୍ୟ ପରାମର୍ଶଦାତା ଧୀରେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଳା ନିକେତନର ସମ୍ପାଦକ ଜଗନ୍ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ପଦ୍ମନାଭ ତ୍ରିପାଠୀଶର୍ମା, ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଗୁରୁ ଡ. ଦୀପ୍ତି ରାଉତରାୟଙ୍କୁ ଗୁରୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ନୃତ୍ୟ ଆରତୀ ରଣବୀର ଯୁବ ସମ୍ମାନରେ ଓଡ଼ିଶୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ମୋନାଲିସା ନାଥଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ନୃତ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ବିନ୍ଧ୍ୟଗିରୀ ବାସିନୀ, ଶିବସ୍ତୁତି, ସ୍ଥାୟୀ ନୃତ୍ୟ, ବିକଶିତ ଭାରତ, ଲୋକନୃତ୍ୟ , ପଲ୍ଲୀନୃତ୍ୟ, ଭଜନ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ, ଛାନ୍ଦ, ଗୀତଗୋବିନ୍ଦ, ପଲ୍ଲୀଗୀତ, ଏକକ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଗାୟନ, ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକକ ତବଲା ବାଦକ ପରିବେଷଣ କରାଯାଇଥିଲା। ସିପ୍ରା ମିଶ୍ର, ସୁପ୍ରିୟା ପଲେଇ, ମମତା ଭୋଇ, ଅର୍ଚ୍ଚନା ସାହୁ, କିରଣ ପଟ୍ଟନାୟକ, ଅଭିଲିପ୍ସା ରାଉତରାୟ, ସିମ୍‌ରନ୍ ପରିଡ଼ା, ଭାଗ୍ୟଲକ୍ଷ୍ମୀ ଜେନା, ଗୀତାଞ୍ଜଳି ସ୍ୱାଇଁ, କ୍ରିଷ୍ଣା କାବେରୀ ମହାପାତ୍ର ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ବାଦ୍ୟଯନ୍ତ୍ରରେ ହରିଶ୍ ଚନ୍ଦ୍ର ଦାଶ, ସାରଦା ପ୍ରସନ୍ନ ମିଶ୍ର, ପ୍ରକାଶ କୁମାର ରଥ, ଜଗନ୍ନାଥ ମିଶ୍ର, ବଳରାମ ମହାପାତ୍ର, କ୍ରିଷ୍ଣା କୁମାର ଚାନ୍ଦ, ପ୍ରଶାନ୍ତ କୁମାର ରାଉତ ସହଯୋଗ କରିଥିଲେ। ଉଦ୍‌ଘୋଷକ ବିଶ୍ୱଜିତ୍ ବଳିୟାରସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଗୁରୁ ଅଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏକ ଚିତ୍ରକଳା ପ୍ରଦର୍ଶନୀ ହେବା ସହ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୯।୦୬।୨୦୨୪

| | |
|---|---|
| ୬,୧୬, ୦୦୦ ଟଙ୍କା | |
| ସୁନା | ୧୫୦ ମିଲି ଗ୍ରାମ୍ |
| ରୁପା | ୪୭.୭୫୦ ଗ୍ରାମ୍ |

# ଭଲ କାହାଣୀକୁ ବାସ୍ତବ ରୂପ ଦେଲେ ଦର୍ଶକ ପସନ୍ଦ କରିବେ

## ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ ଉଦ୍‌ଯାପିତ

### ଶେଷଦିନର ଆକର୍ଷଣ ଅମିତ ରାଏଙ୍କ ମାଷ୍ଟର କ୍ଲାସ

ଭୁବନେଶ୍ୱର,୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

'ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ' ରବିବାର ସୂଚନା ଭବନଠାରେ ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱର ଫିଲ୍ମ ସର୍କଲ ବ୍ୟାନରରେ ଏହି ଉତ୍ସବ ୩ଦିନ ଧରି ଚାଲିଥିଲା। ଶେଷ ଦିନରେ ବଲିଉଡ୍‌ର ଖ୍ୟାତନାମା ନିର୍ଦ୍ଦେଶକ ଅମିତ ରାଏଙ୍କ ମାଷ୍ଟର କ୍ଲାସ ପ୍ରମୁଖ ଆକର୍ଷଣ ଥିଲା। ସେ ଚିତ୍ରନାଟ୍ୟ ରଚନା ଉପରେ ଆବଶ୍ୟକ ପ୍ରଶିକ୍ଷଣ ଓ ପରାମର୍ଶ ଦେଇଥିଲେ।



ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଲେଖିକା ଡ. ପ୍ରତିଭା ରାୟଙ୍କ ସହ ଅନ୍ୟ ଅତିଥିମାନେ।

ସେ କହିଥିଲେ, ଗୋଟିଏ ଫିଲ୍ମ ସଫଳ ହେବାର ଏକ ମୁଖ୍ୟ ଆଧାର ହେଉଛି କାହାଣୀ। ଭଲ କାହାଣୀ ସାଧାରଣ ଦର୍ଶକଙ୍କ ମନକୁ ଛୁଇଁଥାଏ। ତେଣୁ ଭଲ କାହାଣୀ ଖୋଜି ତାକୁ ବାସ୍ତବ ରୂପ ଦେଲେ ହିଁ ଦର୍ଶକମାନେ ଫିଲ୍ମ ପ୍ରତି ଆକର୍ଷିତ ହେବେ ଓ ପସନ୍ଦ କରିବେ।

ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଲେଖିକା ଡ. ପ୍ରତିଭା ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ, ସାହିତ୍ୟକୁ ନେଇ ଅନେକ ଚଳଚ୍ଚିତ୍ର ତିଆରି ହୋଇଛି। ସାହିତ୍ୟକୁ ନେଇ ଯେତେବେଳେ ସିନେମା ନିର୍ମାଣ କରାଯାଏ, ସେତେବେଳେ ସେ ଚଳଚ୍ଚିତ୍ର କାଳଜୟୀ ହୋଇଥାଏ। ତେଣୁ ଫିଲ୍ମ ତିଆରି ବେଳେ କାହାଣୀ ଉପରେ ବିଶେଷ ଗୁରୁତ୍ୱ ଦିଆଗଲେ ସେ ଚଳଚ୍ଚିତ୍ର ବଳିଷ୍ଠ ହୋଇଥାଏ। ଉତ୍ସବର ଶେଷଦିନରେ ୫ଟି ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର 'ଶୂନ୍ୟ ସ୍ୱରୂପ', 'ଶଳା ବୁଢ଼ାର ବଦଲା', 'ଶେଷ ଦୃଷ୍ଟି', 'ମୋକ୍ଷ' ଏବଂ 'ମଲାଜହ୍ନ' ପ୍ରଦର୍ଶିତ ହୋଇଥିଲା। ଉତ୍ସବର ଆବାହକ ସଞ୍ଜୟ ପଟ୍ଟନାୟକ ଧନ୍ୟବାଦ ଦେଇ ଏଭଳି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜନ କରିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ। ଆୟୋଜକଙ୍କ ମଧ୍ୟରେ ସୁକାନ୍ତ ରଥ, ସୁବାସ ସାହୁ, ଅଶୋକ ପାଲିତ୍ ଏବଂ ସଞ୍ଜୀୟ ମହଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାପ କାମୁଡ଼ାରେ ମହିଳା ମୃତ

ନିମାପଡ଼ା,୯।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଅରିଷଣ୍ଡ ପଞ୍ଚାୟତର ବାମଦେଇପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଲ୍ୟାଣୀ ଦେଠୀ(୩୮)। ସୂଚନା ମୁତାବକ, କଲ୍ୟାଣୀ ରବିବାର ମଧ୍ୟାହ୍ନରେ ନିଜ ଘରେ ଶୋଇଥିବାବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ କଲ୍ୟାଣୀଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କରିଛନ୍ତି। ସ୍ଥାନୀୟ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଯିବ ବୋଲି ଜଣାପଡ଼ିଛି। ତେବେ ସାପ କାମୁଡ଼ାରେ କଲ୍ୟାଣୀଙ୍କ ମୃତ୍ୟୁ ଘଟିଥିବା ମୃତାଙ୍କ ସ୍ୱାମୀ ପ୍ରତାପ ଦେଠୀ ଓ କେତେଜଣ ଗ୍ରାମବାସୀ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ିବ ବୋଲି ପୋଲିସ କହିଛି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ମୃତାଙ୍କ ପରିବାରବର୍ଗଙ୍କୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।


ଶୀତଳଷଷ୍ଠୀ ଓ ଶିବ ବିବାହ ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ସହ ବାହାରେ ହୋଇଥିବା ସାଜସଜ୍ଜା।

# ଶ୍ରୀଲିଙ୍ଗରାଜଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୯।୬
(ସୁବାସଚନ୍ଦ୍ର ପ୍ରଧାନ)

ସୋମବାର ପବିତ୍ର ଶୀତଳଷଷ୍ଠୀ ଉପଲକ୍ଷେ ରବିବାର ରାତିରେ ପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ମା'ପାର୍ବତୀଙ୍କ ମଙ୍ଗଳକୃତ୍ୟ ବିଧିମୁତାବକ ଅନୁଷ୍ଠିତ ହୋଇଯାଇଛି। ଦୈନିକ ନୀତି ସନ୍ଧ୍ୟାଧୂପରେ ଅଷ୍ଟଚଣ୍ଡୀ ଏବଂ ଅଷ୍ଟଶମ୍ଭୁଙ୍କୁ ଭୋଗ କରାଯାଇଥଲା। ୧୬ଟି ଖେଚୁଡ଼ି ହାଣ୍ଡିକୁ ପୂଜା କରାଯାଇଥିଲା। ପରେ ଠାକୁରାଣୀ ସନ୍ଧ୍ୟା ଧୂପ ସରିଥିଲା। ଏହା ପରେ ମନ୍ଦିରରେ ଥିବା ଅଷ୍ଟଶମ୍ଭୁଙ୍କୁ ଭୋଗ ସମର୍ପଣ କରାଯାଇଥିଲା। ସେବାୟତମାନେ ଅଷ୍ଟଶମ୍ଭୁଙ୍କୁ ସମର୍ପଣ କରିବାକୁ ଶୋଭାଯାତ୍ରାରେ



ବାହାରିଥିଲେ। ପାଳିଆ ବଡୁ ସେବାୟତ ଅଷ୍ଟଚଣ୍ଡୀଙ୍କ ପାଖରେ ଫୁଲ, ଚନ୍ଦନ ଦେଇସାରିବା ପରେ ପତ୍ରୀ ସେବକ ପର୍ବ ଯାତ୍ରା ବିଶୋୟୀଙ୍କ ସହିତ ନେଇଥିବା ଚରୁଅନ୍ନକୁ ପୂଜାପଣ୍ଡା ସେବାୟତଙ୍କୁ ଦେଇଥିଲେ। ପୂଜାପଣ୍ଡା ସେବାୟତ ଉକ୍ତ ଖେଚୁଡ଼ି ହାଣ୍ଡିକୁ ଠାକୁରାଣୀଙ୍କୁ ସମର୍ପଣ କରିସାରିବା ପରେ ମନ୍ତ୍ର ମାଧ୍ୟମରେ ଶ୍ରୀଜୀଉଙ୍କ ବିବାହ ଉତ୍ସବରେ ଯୋଗଦେବା ଲାଗି ନିମନ୍ତ୍ରଣ କରିଥିଲେ। ସମର୍ପଣ ସରିବା ପରେ ମନ୍ଦିରରେ ବଡ଼ସିଂହାର କରାଯାଇ ପହଡ଼ ପଡ଼ିଥିଲା।

# ନିଶା ପାଇଁ ଟଙ୍କା ନ ଦେବାରୁ ପଡ଼ୋଶୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୬
(ସୂର୍ଯ୍ୟକାନ୍ତ ବେହେରା)

ନିଶାସେବନ ପାଇଁ ଟଙ୍କା ନ ଦେବାରୁ ପଡୋଶୀଙ୍କୁ ଲାଠିରେ ଆକ୍ରମଣ। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୋଗ ପରେ ସ୍ଥାନୀୟ ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି' ସେ ହେଲେ ବୋଲଗଡ ଥାନା ଅଞ୍ଚଳର ମହେଶ୍ୱର ବାଘ। ସୂଚନାନୁସାରେ, ଅଭିଯୋଗକାରୀ ବିଜୟ କୁମାର ବାରିକ ବମିଖାଲ ଅନ୍ତର୍ଗତ ଭୁଆସୁଣୀ ମନ୍ଦିର ନିକଟରେ ରହୁଥିବା ବେଳେ ଅଭିଯୁକ୍ତ ହେଉଛନ୍ତି ପଡୋଶୀ। ଗତ ୪ ତାରିଖ ବିଳମ୍ବିତ ରାତିରେ ବିଜୟ ତାଙ୍କ ଘର ବାହାରେ ବସିଥିବାବେଳେ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ଆସି ଆହୁରି ଅଧିକ ନିଶା ସେବନ ଲାଗି ତାଙ୍କୁ ଟଙ୍କା ମାଗିଥିଲେ। ବିଜୟ ଟଙ୍କା ଦେବା ଲାଗି ମନା କରିବାରୁ ଅଭିଯୁକ୍ତ ଉତ୍ତ୍ୟକ୍ତ ହୋଇ ଏକ ଲାଠି ସାହାଯ୍ୟରେ ହଠାତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ବିଜୟଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର ଆଘାତ ଲାଗିବା ସହିତ ସେ ସେଠାରେ ଗୁରୁତର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ମାମଲାର ତଦନ୍ତ କରି ବୋଲଗଡ ଅନ୍ତର୍ଗତ ଖାଲିକୋଟ ଗ୍ରାମରେ ଚଡାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦିବ୍ୟା


@ ମାମିନା


@ ମାନସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଦିନକରେ ୩୭ ଗାଡ଼ି ଜବତ

ଭୁବନେଶ୍ୱର,୯।୬
(ସୂର୍ଯ୍ୟକାନ୍ତ ବେହେରା)

କମିଶନରେଟ ପୋଲିସ ପକ୍ଷରୁ ସେଫ୍ ସିଟି ଡ୍ରାଇଭ୍ ଜାରି ରହିଛି। ଏହି ଅଭିଯାନରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ତରଫରୁ ବିଭିନ୍ନ ଥାନା ଅଞ୍ଚଳରେ ମଦ୍ୟପାନ କରି ଗାଡି ଚାଳନା ଭଳି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଓ ଆଇନ ଉଲ୍ଲଂଘନ ବିରୋଧରେ କଡାକଡି ଚେକିଂ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ରବିବାର ଆଇନ ଉଲ୍ଲଂଘନ କରିଥିବା ୧୧ ଜଣଙ୍କ ନାମରେ ସ୍ଥାନୀୟ ଥାନାରେ ମାମଲା ରୁଜୁ କରାଯାଇଥିବା ବେଳେ ଅନ୍ୟ ୨୬ଜଣଙ୍କୁ ପିଆର୍ ଦିଆଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମୋଟ ୧୦ଟି ଚାରିଚକିଆ, ୨୫ଟି ଦୁଇଚକିଆ ଏବଂ ୨ଟି ତିନିଚକିଆ ଯାନ ଜବତ କରାଯାଇଛି। ଏହାସହ ଓଡିଶା ମୋଟରଯାନ ଆଇନ ଏବଂ ଓଡିଶା ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ, ଉଲ୍ଲଂଘନକାରୀଙ୍କ ନିକଟରୁ ମୋଟ ୩୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି।

# 'ଅଭିଲେଖର ସତ୍ୟତା ଇତିହାସକୁ ଜୀବନ୍ତ କରେ'

## ଅନ୍ତର୍ଜାତୀୟ ଅଭିଲେଖାଗାର ଦିବସ

ଭୁବନେଶ୍ୱର,୯।୬(ଶର୍ମିଷ୍ଠା ପାଣିଗ୍ରାହୀ)




ଭାରତୀୟ ଜାତୀୟ ଅଭିଲେଖାଗାରର ଭୁବନେଶ୍ୱରସ୍ଥିତ ପୂର୍ବାଞ୍ଚଳ ଶାଖାରେ ରବିବାର ଅନ୍ତର୍ଜାତୀୟ ଅଭିଲେଖାଗାର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଗବେଷକ ତଥା ଓଡ଼ିଶା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଯୋଗଦେଇ 'ଅଭିଲେଖ ଚିନ୍ତନର ପରୀକ୍ଷଣରେ ଅତୀତ ଓ ସତ୍ୟ' ଶୀର୍ଷକ ଉପରେ ମତ ରଖିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଅଭିଲେଖଗୁଡ଼ିକର ଆବଶ୍ୟକତା ଓ ତଦନୁଯାୟୀ ଏହାର ସତ୍ୟତାକୁ ଉପଯୁକ୍ତ ପ୍ରୟୋଗ କରି ଇତିହାସକୁ ଅଧିକ ଜୀବନ୍ତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଇତିହାସ ସହିତ ଅନୁଷ୍ଠାନ ତଥା ସାଧାରଣ ଜୀବନଶୈଳୀ ଓ ଶୃଙ୍ଖଳିତ ଐତିହାସିକ ତଥ୍ୟକୁ ଆଧାର କରି ଭବିଷ୍ୟତର ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ର ଅଧକ୍ଷତା କରି କହିଲେ, ଅଭିଲେଖାଗାରଗୁଡ଼ିକରେ ଉପଲବ୍ଧ ଦସ୍ତାବିଜ୍‌କୁ ଉପଯୁକ୍ତ ଅନୁସନ୍ଧାନ ଓ ଅଧ୍ୟୟନ କଲେ ଅନେକ ନୂତନ ତଥ୍ୟର ପରିଚୟ ଲୋକଲୋଚନକୁ ଆସିପାରିବ। ଏହି ଅବସରରେ ଡ. ମିଶ୍ର ନୂଆଦିଲ୍ଲୀସ୍ଥିତ ଜାତୀୟ ଅଭିଲେଖାଗାରର ମହାନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରେରିତ ଶପଥପାଠ କରାଇଥିଲେ। ରାମଚନ୍ଦ୍ର କରଣ ସ୍ୱାଗତ ଭାଷଣ ଦେଇ ଦିବସର ଆବଶ୍ୟକତା ଉପରେ ସମ୍ୟକ୍ ଧାରଣା ଦେଇଥିଲେ। ଜୟନ୍ତୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଓଡ଼ିଶାର ବହୁ ଗବେଷକ, ଐତିହାସିକ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରାଧ୍ୟାପକ, ଛାତ୍ରୀ ଛାତ୍ର ଉପସ୍ଥିତ ରହି ଗବେଷଣାରେ ଉତ୍ସର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

# କଟକ ସଦର ବ୍ଲକ ସମସ୍ତ କାର୍ଯ୍ୟର ବିଲ୍ ସାମୟିକ ବନ୍ଦ

କଟକ ସଦର,୯।୬
(ସୁଶାନ୍ତ କୁମାର ଜେନା)

ନିର୍ବାଚନ ପରେ ଭାଜପା ରାଜ୍ୟରେ ସରକାର ଗଢ଼ିବା ପାଇଁ ଯାଉଛି। ତେଣୁ କଟକ ସଦର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୧୧ କୋଟି ୫୦ ଲକ୍ଷ ଟଙ୍କାର କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଇଥିଲା। ଅଧିକାଂଶ କାର୍ଯ୍ୟ ନିର୍ବାଚନ ପୂର୍ବରୁ ଶେଷ ହୋଇଥିଲେ ସୁଦ୍ଧା ବିଡିଓ ରୁମାନା ଜାଫ୍ରି ଚୂଡ଼ାନ୍ତ ବିଲ୍ ନ କରିବା ପାଇଁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ନବ ନିର୍ବାଚିତ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟରେ ଷ୍ଟାଫ୍‌ମାନେ ସ୍ୱାଗତ କରିବା ପରେ କିଛି ପୁରୁଣା କାର୍ଯ୍ୟର ସମୀକ୍ଷା କରାଯିବ। ତା'ପରେ ବିଲ୍ କରାଯିବ। ତେଣୁ ଛାୟା ଠିକାଦାରଙ୍କ ମଧ୍ୟରେ ଛନକା ପଶିଯାଇଛି। ବିଭାଗୀୟ କାର୍ଯ୍ୟ ହୋଇଥିବାରୁ ମୁହଁ ଖୋଲିବା ପାଇଁ ଆଉ କାହାର ସୁଯୋଗ ନାହିଁ। ଏନେଇ ବିଡିଓ ଜାଫ୍ରିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ପୁରୀ: ରବିବାର ଛୁଟିଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଯୋଗୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରାସ୍ତାରେ ଏକ ଆମ୍ବୁଲାନ୍ସ ଫସି ରହିଛି। (ଫଟୋ-ଯଜ୍ଞେଶ୍ୱର)

# ଦୁର୍ଘଟଣାରେ ଡାହାଣ ଗୋଡ଼ ହରାଇଲେ ଛାତ୍ର

କଣାସ, ୯।୬(ବିଭୂତି ଭୂଷଣ ତ୍ରିପାଠୀ)

- କାର୍ଯ୍ୟାନୁଷ୍ଠାନ ଦାବିରେ ୩ ଘଣ୍ଟା ରାସ୍ତାରୋକୋ
- ହାଇୱା ଜବତ ସହ ଥାନାରେ ଡ୍ରାଇଭର ଅଟକ

ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ କୋଟକଣା ଛକଠାରେ ରବିବାର ଏକ ଟିପ୍ପ ବୋଝେଇ ହାଇୱା (ନଂ. ଓଡି ୦୨ଏଏଫ୍ ୭୫୪୭) ଧକ୍କାରେ ଜଣେ ଛାତ୍ର ଗୁରୁତର ଆହତ ହୋଇ ଡାହାଣ ଗୋଡ଼ ହରାଇଛନ୍ତି। ଏହାକୁ କେନ୍ଦ୍ରକରି ସ୍ଥାନୀୟ ଲୋକେ କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରାୟ ୩ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିବାରୁ ଯାତ୍ରୀଙ୍କୁ ହଇରାଣ ହେବାକୁ ପଡ଼ିଥିଲା।

ସୂଚନା ଅନୁଯାୟୀ, ଉକ୍ତ ଟିପ୍ପ ବୋଝେଇ ହାଇୱା ଖୋର୍ଦ୍ଧା ଜିଲାର ନିରାକାରପୁର ଆଡୁ ନୂଆଜଗନ୍ନାଥ ସଡ଼କରେ ପୁରୀ ଅଭିମୁଖେ ଯାଉଥିଲା। ଏହି ସମୟରେ କୋଟଣା ଛକ ନିକଟରେ କଣାସ ଥାନା ଅଧୀନ ମନ୍ଦିଗୋଦା ଗ୍ରାମର ଗବା ନାମକ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଗାଡ଼ିଟି ଧକ୍କା ଦେଇଥିଲା। ଫଳରେ ଛାତ୍ରଜଣକ ଗାଡ଼ିର ଆଗଚକା ତଳେ ପଡ଼ିଯାଇଥିଲେ। ତାଙ୍କ ଡାହାଣ ଗୋଡ଼ ଉପରେ ଗାଡ଼ିର ଚକା ମାଡ଼ିଯିବାରୁ ଗୋଡ଼ଟି ନଷ୍ଟ ହୋଇଯାଇଛି। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପୁରୀ ନିଆଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ଏସ୍ଆଇ ବୀରେନ୍ଦ୍ର କୁମାର ଭୋଇ, ଏଏସ୍ଆଇ ଜିତେନ୍ଦ୍ର କୁମାର ଗୁମାନସିଂହ ଏବଂ ଗଡ଼ିଶାଗୋଦା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ଡ୍ରାଇଭର ଏସ୍. ସ୍ୱାଇଁଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।


ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଛାତ୍ର।

# ମୋଦିଙ୍କ ନୂଆ ମନ୍ତ୍ରିମଣ୍ଡଳ



## ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି

## କ୍ୟାବିନେଟ୍ ମନ୍ତ୍ରୀ



ରାଜନାଥ ସିଂ
ଅମିତ ଶାହା
ନୀତୀନ ଗଡ଼କରୀ
ଜେ.ପି. ନଡ୍ଡା
ଶିବରାଜ ସିଂ ଚୌହାନ
ନିର୍ମଳା ସୀତାରାମନ
ଏସ୍. ଜୟଶଙ୍କର



ମନୋହରଲାଲ ଖଟ୍ଟର
ଏଚ୍.ଡି. କୁମାରସ୍ୱାମୀ
ପୀୟୁଷ ଗୋୟଲ
ଧର୍ମେନ୍ଦ୍ର ପ୍ରଧାନ
ଜିତନରାମ ମାଞ୍ଝି
ରାଜୀବ ରଞ୍ଜନ ସିଂ
ସର୍ବାନନ୍ଦ ସୋନୋୱାଲ



ଡ. ବୀରେନ୍ଦ୍ର କୁମାର
ରାମ ମୋହନ ନାଇଡୁ
ପ୍ରହ୍ଲାଦ ଯୋଷୀ
ଜୁଏଲ ଓରାମ
ଗିରିରାଜ ସିଂ
ଅଶ୍ୱିନୀ ବୈଷ୍ଣବ
ଜ୍ୟୋତିରାଦିତ୍ୟ ସିନ୍ଧିଆ
ଭୂପେନ୍ଦ୍ର ଯାଦବ



ଗଜେନ୍ଦ୍ର ସିଂ ଶେଖାୱତ୍
ଅନ୍ନପୂର୍ଣ୍ଣା ଦେବୀ
କିରେନ୍ ରିଜିଜୁ
ହରଦୀପ ସିଂ ପୁରୀ
ଡ. ମନସୁଖ ମାଣ୍ଡବ୍ୟ
ଜି. କିଷନ ରେଡ୍ଡୀ
ଚିରାଗ ପାଶ୍ୱାନ
ସି.ଆର୍. ପାଟିଲ

## ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)



ଜୟନ୍ତ ଚୌଧୁରୀ



ଡ. ଜିତେନ୍ଦ୍ର ସିଂ



ରାଓ ଇନ୍ଦରଜିତ ସିଂ



ଅର୍ଜୁନରାମ ମେଘୱାଲ



ପ୍ରତାପ ରାଓ ଯାଦବ

## ରାଷ୍ଟ୍ରମନ୍ତ୍ରୀ



ଜିତିନ ପ୍ରସାଦ
ଶ୍ରୀପଦ ୟେସୋ ନାଏକ
ପଙ୍କଜ ଚୌଧରୀ
କ୍ରିଷନ୍ ପାଲ୍
ରାମଦାସ ଅଠାୱାଲେ
ରାମନାଥ ଠାକୁର
ନିତ୍ୟାନନ୍ଦ ରାଏ



ଅନୁପ୍ରିୟା ପଟେଲ
ଭି. ସୋମନ୍ନା
ଚନ୍ଦ୍ରଶେଖର ପେମ୍ମାସାନି
ସତ୍ୟପାଲ ସିଂ ବଘେଲ
ଶୋଭା କରାନ୍ଦଲାଜେ
କୀର୍ତ୍ତି ବର୍ଦ୍ଧନ ସିଂ
ବି.ଏଲ୍. ବର୍ମା



ଶାନ୍ତନୁ ଠାକୁର
ସୁରେଶ ଗୋପୀ
ଏଲ୍. ମୁରୁଗାନ୍
ଅଜୟ ଟମ୍ଟା
ବନ୍ଦି ସଞ୍ଜୟ କୁମାର
କମଲେଶ ପାଶ୍ୱାନ
ଭଗୀରଥ ଚୌଧରୀ



ସତୀଶ ଚନ୍ଦ୍ର ଦୁବେ
ସଞ୍ଜୟ ସେଠ
ରବନୀତ ସିଂ ବିଟ୍ଟୁ
ଦୁର୍ଗା ଦାସ ଉଇକେ
ରକ୍ଷା ଖଡ଼ସେ
ସୁକାନ୍ତ ମଜୁମଦାର
ସାବିତ୍ରୀ ଠାକୁର



ତୋଖାନ୍ ସାହୁ
ରାଜଭୂଷଣ ଚୌଧରୀ
ଭୂପତିରାଜୁ ଶ୍ରୀନିବାସ ବର୍ମା
ହର୍ଷ ମାଲହୋତ୍ରା
ନିମୁବେନ୍ ଜୟନ୍ତୀଭାଇ ବାମ୍ଭାନିୟା
ମୁରଲୀଧର ମୋହଲ
ଜର୍ଜ କୁରିଏନ
ପବିତ୍ର ମାର୍ଗାରିଟା

# 'ବିଜେଡିର ୨୫ ବିଧାୟକ ଯୋଗାଯୋଗରେ ଅଛନ୍ତି'

ଖୋର୍ଦ୍ଧା/କଟକ,୯।୬(ପ୍ରଭାତ ପାଣିଗ୍ରାହୀ/ଶିଳ୍ପା ପ୍ରିୟଦର୍ଶିନୀ)


ଘୋଡ଼ାଗାଡ଼ିରେ ଜେଲରୁ ଫେରୁଛନ୍ତି ପ୍ରଶାନ୍ତ ଜଗଦ୍ଦେବ।

■ ଜାମିନ ପାଇ ଜେଲରୁ ବାହାରିଲେ ପ୍ରଶାନ୍ତ ଜଗଦ୍ଦେବ

■ ଘୋଡ଼ାଗାଡ଼ିରେ ଶୋଭାଯାତ୍ରାରେ ସହର ପରିକ୍ରମା କଲେ

ଇଭିଏମ୍ ଭଙ୍ଗାରୁଜା ମାମଲାରେ ଅନ୍ତରୀଣ ଜାମିନ ପାଇବା ପରେ ଖୋର୍ଦ୍ଧାର ନବନିର୍ବାଚିତ ଭାଜପା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ରବିବାର ଜେଲରୁ ମୁକୁଳିଛନ୍ତି। ଏହାପରେ ତାଙ୍କୁ ବହୁ ନେତା ଓ କର୍ମୀ ଫୁଲମାଳ ପିନ୍ଧାଇ ଶୁଭେଚ୍ଛା ଜଣାଇଥିଲେ। ପ୍ରଶାନ୍ତ ଘୋଡ଼ାଗାଡ଼ିରେ ଶୋଭାଯାତ୍ରାରେ ବାହାରି ପୁରୁଣା ମେଡିକାଲ ରୋଡ୍, ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ୍ ଛକ, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଭାଜପା କାର୍ଯ୍ୟାଳୟରେ ପହଞ୍ଚି କର୍ମୀ, ନେତାଙ୍କୁ ଭେଟିଥିଲେ। ଏହି ଅବସରରେ ପ୍ରଶାନ୍ତ କହିଛନ୍ତି, ଦେବକୀଙ୍କ ଅଷ୍ଟମ ଗର୍ଭରୁ ଶ୍ରୀକୃଷ୍ଣ ଜେଲ ଭିତରେ ଜନ୍ମ ନେଇଥିଲେ। ମୁଁ ଜେଲରେ ରହି ନିର୍ବାଚନ ଜିତିଥିବା ବେଳେ ଏବେ ଜେଲ ଭିତରୁ ବିଜୟ ଉତ୍ସବ ଆରମ୍ଭ କରିଛି। ଶ୍ରୀକୃଷ୍ଣ କଂସ ବଧ କରିବା ଭଳି ଓଡ଼ିଶାବାସୀ ସେହି କଂସମାନଙ୍କୁ ଉଚିତ ଜବାବ ଦେଇଛନ୍ତି। ଆଜିଠାରୁ ରାଜ୍ୟ ରାଜନୀତିରେ ନୂତନ ଯୁଗ ଆରମ୍ଭ ହେଲା। ନବୀନ ପଟ୍ଟନାୟକଙ୍କ ଯୁଗ ସରିଲା, ଏଥର ଭାଜପା ସରକାର। ବିଜେଡିର ୨୦ରୁ ୨୫ ବିଧାୟକ ଭାଜପାରେ ସାମିଲ ହେବା ପାଇଁ ଆଗ୍ରହୀ ଅଛନ୍ତି। କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ବିଜେଡିର ବହୁ ନେତା ଆସି ଭେଟିଛନ୍ତି। ବିଜେଡିର ପତନ ଆରମ୍ଭ ହେଲା, ୬ ମାସ ମଧ୍ୟରେ ମାଟିରେ ମିଶିଯିବ ବୋଲି ପ୍ରଶାନ୍ତ କହିଛନ୍ତି। ତାଙ୍କର ମନ୍ତ୍ରୀ ହେବା ପାଇଁ କୌଣସି ଲାଳସା ନାହିଁ। ସେ ପାଇକପୁଅ। ପାଇକଙ୍କ ରକ୍ତ ତାଙ୍କ ଦେହରେ ବହୁଛି। ଜଣେ ସୈନିକ ଭାବେ ଲୋକଙ୍କ ପାଇଁ ଲଢ଼ିବେ ବୋଲି ସେ କହିଛନ୍ତି। ସେହିପରି ଇଭିଏମ୍ ଭଙ୍ଗାରୁଜା ଅଭିଯୋଗରେ ସେ ଜେଲ ଯିବା ଘଟଣାରେ କହିଛନ୍ତି, ଜେଲ ଯିବା ତାଙ୍କ ପାଇଁ ସାଧାରଣ କଥା। ଲଢ଼େଇ କରି ଆଗକୁ ଆସିଛନ୍ତି। ତାଙ୍କୁ ମିଛରେ ଫସାଇ ଦିଆଯାଇଛି ବୋଲି ସେ କହିଛନ୍ତି। ତେବେ ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ତାଙ୍କର ପ୍ରାଥମିକତା ରହିବ ବୋଲି ପ୍ରଶାନ୍ତ କହିଛନ୍ତି।

ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଭାଜପା ଜିଲା ସଭାପତି ରଶ୍ମି ମହାପାତ୍ର, ବରିଷ୍ଠ ନେତା ନିକୁଞ୍ଜ ପଟ୍ଟନାୟକ, ନାରୀନେତ୍ରୀ ବାସନ୍ତୀ ମହାପାତ୍ର, ନଗର ମଣ୍ଡଳ ସଭାପତି ଦେବ ଆଚାର୍ଯ୍ୟ, ଦୀପକ ହୋତାଙ୍କ ସମେତ ଶତାଧିକ ମହିଳା, ପୁରୁଷ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ନଂ. ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଅଭିଯୋଗରେ ପ୍ରଶାନ୍ତଙ୍କୁ ପୋଲିସ ଗିରଫ କରି ଖୋର୍ଦ୍ଧା ଜେଲକୁ ପଠାଇଥିଲା। ୨୮ ତାରିଖ ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବାକୁ ସେ କୋର୍ଟରେ ଆବେଦନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଜେଲ ପରିସରରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ତାଙ୍କର ଅଧିକ ଚିକିତ୍ସା ପାଇଁ ୨୯ ତାରିଖ ଭୋର୍ ୪ଟାରେ ତାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ କଡ଼ା ସୁରକ୍ଷା ବଳୟ ଭିତରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ପରେ ତାଙ୍କ ଶରୀରରେ ମଧୁମେହର ପରିମାଣ ଅଧିକ ରହିଥିବା ଜଣାପଡ଼ିଥିଲା। ସେହିଦିନଠାରୁ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ରବିବାର ସକାଳେ ପ୍ରଶାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରିପୋର୍ଟ ଠିକ୍ ଆସିବା ପରେ ତାଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଛି। ପ୍ରଶାନ୍ତଙ୍କୁ ଔଷଧ ଖାଇବା ପାଇଁ କୁହାଯିବା ସହ ଏକମାସ ପରେ ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଲାଗି ପରାମର୍ଶ ଦିଆଯାଇଥିବା ଏସ୍‌ସିବି ମେଡିକାଲ ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଛନ୍ତି। ପୁତୁରାଙ୍କ ଶୁଦ୍ଧିକ୍ରିୟା, ଭାଜପା ଶପଥ ଗ୍ରହଣ ଉତ୍ସବରେ ଯୋଗଦାନ ପାଇଁ ରବିବାରଠାରୁ ପ୍ରଶାନ୍ତଙ୍କୁ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ୩ ଦିନ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଆସନ୍ତା ୧୨ ତାରିଖରେ ପ୍ରଶାନ୍ତଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି।

## ଶୋଭାଯାତ୍ରା ବେଳେ ବୁଲିଲା ଖଣ୍ଡା

ନବନିର୍ବାଚିତ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଜେଲରୁ ମୁକୁଳିବା ପରେ ଶତାଧିକ କର୍ମୀ, ନେତାଙ୍କ ସହ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ବହୁ ଦଳୀୟ କର୍ମୀ ହାତରେ ଖଣ୍ଡା ଧରି ବୁଲାଇଥିଲେ। ପୋଲିସ ଉପସ୍ଥିତିରେ କିପରି ଖଣ୍ଡା ବୁଲାଇଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନିର୍ବାଚନୀ ଶତ୍ରୁତାରୁ ଘର ପୋଡ଼ିଦେଲେ



କଳିଙ୍ଗନଗର,୯।୬(ଶୁଭାଶିଷ ରାଉତ)

ରାଜନୈତିକ ଶତ୍ରୁତାରୁ ଶନିବାର ରାତିରେ ଯାଜପୁର ଜିଲା ଯଖପୁରା ଥାନା ମନୋହରପୁର ଗାଁର ମୁରଲୀଧର ବାରିକଙ୍କ ଘରକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଫଳରେ ତାଙ୍କ ୩ ବଖରା ଘର ଜଳିପୋଡ଼ି ପାଉଁଶ ହୋଇଛି। ଘରେ ଥିବା ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ଦାନଗଦି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

ମୁରଲୀଧରଙ୍କ ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧୨ଟା୩୦ରେ ତାଙ୍କ ଘରେ ବାପା, ମା, ସ୍ତ୍ରୀ ଓ ପିଲାମାନେ ଶୋଇଥିଲେ। ହଠାତ୍ ପାଟି ଶୁଣି ତାଙ୍କ ମା' ବାହାରକୁ ଆସି ଦେଖିବାରୁ ୨-୩ଜଣ ଦୁର୍ବୃତ୍ତ ଦୌଡ଼ି ପଳାଇଲେ ଓ ଘର ହୁତୁହୁତୁ ହୋଇ ଜଳୁଥିଲା। ଫଳରେ ତାଙ୍କ ମା' ଭୟଭୀତ ହୋଇ ପାଟି କରିବାରୁ ସମସ୍ତେ ଉଠି ବାହାରକୁ ପଳାଇ ଆସିଥିଲେ। ପରେ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ମୁରଲୀଙ୍କ ଅଭିଯୋଗ ଯେ ସେ ଭାଜପାକୁ ଭୋଟ ଦେବାରୁ ରାଗ ରଖି ବିଜେଡି କର୍ମୀ ତାଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ତେବେ ଠିକ ସମୟରେ ତାଙ୍କ ମା' ଉଠି ନ ଥିଲେ ପିଲାମାନଙ୍କ ଜୀବନ ଯାଇଥାନ୍ତା ବୋଲି ସେ କହିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ନଂ.୧୧୦।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଯଥାଶୀଘ୍ର ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ସ୍ମୃତିରଞ୍ଜନ ଯେନା ଦାବି କରିଛନ୍ତି।

### କଂଗ୍ରେସର ବିଧାୟକ ଦଳ ନେତା ଚୟନ ପ୍ରସଙ୍ଗ

# ଏଯାଏ ରିପୋର୍ଟ ଦାଖଲ କରିନାହାନ୍ତି ପର୍ଯ୍ୟବେକ୍ଷକ

ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ କଂଗ୍ରେସ ଓଡ଼ିଶାରେ ୧୪ଟି ବିଧାନସଭା ଆସନରେ ବିଜୟୀ ହୋଇଛି। ୨୦୧୯ ତୁଳନାରେ ଏଥର କଂଗ୍ରେସ ୫ଟି ଅଧିକ ବିଧାନସଭା ଆସନ ପାଇଛି। ତେଣୁ ଦଳ ଗତଥର ଅପେକ୍ଷା ଅଧିକ ଆସନ ପାଇଥିବା କାରଣରୁ ବେଶୀ ଉତ୍ସାହିତ ରହିଛି। ହେଲେ ଏଥର ବିଧାୟକ ଦଳ ନେତା କିଏ ହେବେ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏପରିସ୍ଥଳେ ପିସିସି ସଭାପତି ଶରତ ପଟ୍ଟନାୟକ ନୂଆଦିଲ୍ଲୀଠାରେ ଡେରା ପକାଇ ରହିଛନ୍ତି। ସିଡବ୍ଲୁସି ବୈଠକରେ ଯୋଗଦେବା ଲାଗି ଶରତ ଦିଲ୍ଲୀ ଗସ୍ତ କରିଥିବା ବେଳେ ଦଳର ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ନିର୍ଦ୍ଦେଶକ୍ରମେ ଅଧିକ ଗୋଟିଏ ଦିନ ସେ ଦିଲ୍ଲୀରେ ରହିଥିବା ଜଣାପଡ଼ିଛି। ସୋମବାର ସେ ଦଳର ହାଇକମାଣ୍ଡଙ୍କ ସହିତ ଓଡ଼ିଶାରେ କଂଗ୍ରେସର ପରବର୍ତ୍ତୀ ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଅନ୍ୟପଟେ ଗତ ସପ୍ତାହରେ ଅଜୟ କୁମାର ଏବଂ ଓଡ଼ିଶାର ବିଧାୟକ ଦଳ ନେତା ଚୟନ ଲାଗି ପର୍ଯ୍ୟବେକ୍ଷକ ଭାବେ ଆସିଥିବା ତେଲଙ୍ଗାନା ଉପ ମୁଖ୍ୟମନ୍ତ୍ରୀ ବିଜୟୀ ବିଧାୟକମାନଙ୍କ ସହିତ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ସେମାନଙ୍କ ସହ ଆଲୋଚନା ପରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଉକ୍ତ ରିପୋର୍ଟ ଏ ପର୍ଯ୍ୟନ୍ତ ହାଇକମାଣ୍ଡଙ୍କ ନିକଟରେ ଉପସ୍ଥାପିତ କରାଯାଇନାହିଁ। କେନ୍ଦ୍ରରେ ଇଣ୍ଡିଆ ମେଣ୍ଟ ବୈଠକ କାର୍ଯ୍ୟକ୍ରମ ଚାଲିଥିବା କାରଣରୁ ଉକ୍ତ କାର୍ଯ୍ୟରେ ବିଳମ୍ବ ହେବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଆଉ କିଛିଦିନ ମଧ୍ୟରେ ରିପୋର୍ଟ ଦାଖଲ କରାଯିବା ସହିତ ବିଧାୟକ ଦଳ ନେତା କିଏ ହେବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ପିସିସି ସଭାପତି କହିଛନ୍ତି। ତେବେ ଏଥର ବିଧାୟକ ଦଳ ନେତା କାହାକୁ କରାଯିବ ବୋଲି ପଚାରିବାରୁ ପିସିସି ସଭାପତି କହିଛନ୍ତି ଯେ, ବରିଷ୍ଠତା ଦୃଷ୍ଟିରୁ ତାରା ପ୍ରସାଦ ବାହିନୀପତି ଆଗରେ ରହିବେ। ହେଲେ ଦଳ କାହାକୁ ଏହି ପଦରେ ବସାଇବ ସେ ବିଷୟରେ ପର୍ଯ୍ୟବେକ୍ଷକ ଭାବେ ଆସିଥିବା ନେତା ହିଁ ଚୂଡ଼ାନ୍ତ କରିବେ। କାରଣ ସେ ପ୍ରତ୍ୟେକଙ୍କ ସହ ଜଣ ଜଣ କରି ଆଲୋଚନା କରିଛନ୍ତି। ତାଙ୍କ ରିପୋର୍ଟ ଆଧାରରେ ହିଁ ବିଧାୟକ ଦଳ ନେତା ବଛାହେବେ ବୋଲି ଶରତ କହିଛନ୍ତି।


ସମର୍ଥକଙ୍କ ଗହଣରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ଯାଉଛନ୍ତି।

# ପ୍ରାର୍ଥୀ ଘୋଷଣାରେ ବିଳମ୍ବ ପଛରେ ପକାଇଲା

ଭଦ୍ରକ,୯।୬(ସନାତନ ରାଉତ)

## ଭଣ୍ଡାରିପୋଖରୀରେ ଭାଜପାର ପ୍ରଦର୍ଶନ ନୈରାଶ୍ୟଜନକ

ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ପ୍ରଦର୍ଶନ ନୈରାଶ୍ୟଜନକ ହୋଇଛି। ସାରା ଓଡ଼ିଶାରେ ପରିବର୍ତ୍ତନ ହୋଇଥିବା ବେଳେ ଭଣ୍ଡାରିପୋଖରୀରେ ଭାଜପା ତୃତୀୟ ସ୍ଥାନକୁ ଖସିବା ସହ ୨୦୧୯ ନିର୍ବାଚନ ଅପେକ୍ଷା କମ୍ ଭୋଟ ପାଇଛି। ଏହି ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ପ୍ରାର୍ଥୀ ଘୋଷଣାରେ ଅହେତୁକ ବିଳମ୍ବ ଯୋଗୁ ଏପରି ସ୍ଥିତି ହୋଇଥିବା ଚର୍ଚ୍ଚା ହେଉଛି। ଜିଲାର ଭଦ୍ରକ ଓ ଧାମନଗରରେ ଭାଜପା ବିଜୟ ହାସଲ କରିଥିବା ବେଳେ ଚାନ୍ଦବାଲିରେ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହୋଇଛି। କିନ୍ତୁ ବାସୁଦେବପୁର ଓ ଭଣ୍ଡାରିପୋଖରୀ ଆସନରେ ଦଳ ତୃତୀୟ ସ୍ଥାନରେ ରହିଛି।

୨୦୧୯ ନିର୍ବାଚନରେ ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ଲଢ଼ି ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ୭୦,୧୮୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କୁ ୬୧,୩୨୧ ଭୋଟ ମିଳିଥିବା ବେଳେ ଭାଜପା ପ୍ରାର୍ଥୀ ବଦ୍ରିନାରାୟଣ ଧଳ ୩୯,୧୪୧ ଭୋଟ୍ ପାଇ ତୃତୀୟ ସ୍ଥାନରେ ଥିଲେ। ଏଥର ବିଜେଡି ନେତା ସୁଧାଂଶୁ ନାୟକ ଭାଜପାରେ ସାମିଲ ହୋଇଥିବାରୁ ବଦ୍ରିନାରାୟଣଙ୍କ ସ୍ଥାନରେ ସୁଧାଂଶୁଙ୍କୁ ଦଳୀୟ ଟିକେଟ ମିଳିଥିଲା। ବନ୍ତରେ ସୁଧାଂଶୁଙ୍କ ସ୍ତ୍ରୀ ରେବତୀ ନାୟକ ଦୁଇଥର ବ୍ଲକ ଅଧ୍ୟକ୍ଷା ରହିଥିବା ବେଳେ ବ୍ଲକର ବିଜେଡି ସଙ୍ଗଠନ ତାଙ୍କ ଅକ୍ତିଆରରେ ରହିଥିଲା। ସେ ଭାଜପାରେ ସାମିଲ ହେବା ପରେ ବ୍ଲକର ପ୍ରତି ପଞ୍ଚାୟତରେ ତାଙ୍କର ନିଜସ୍ୱ ସଙ୍ଗଠନ ରହିଛି ବୋଲି ଚର୍ଚ୍ଚା ହେଉଥିଲା। ସୁଧାଂଶୁଙ୍କ ସହ ଅଧିକାଂଶ ପଞ୍ଚାୟତର ବିଜେଡିର ଆଗଧାଡ଼ିର କର୍ମୀଙ୍କ ସହ ପରୋକ୍ଷରେ ଯୋଗାଯୋଗ ରହିଥିବାରୁ ସେମାନେ ଭାଜପାରେ ସାମିଲ ହେବେ ବୋଲି ଆଶା କରାଯାଇଥିଲା। କିନ୍ତୁ ଦଳୀୟ ପ୍ରାର୍ଥୀ ଘୋଷଣାରେ ବିଳମ୍ବ କାରଣରୁ ଏହି ଆକଳନ ଭୁଲ୍ ପ୍ରମାଣିତ ହୋଇଥିଲା। ଏଥର ନିର୍ବାଚନରେ ବିଜେଡି ପ୍ରାର୍ଥୀ ବଦଳ କରି ପ୍ରଫୁଲ୍ଲଙ୍କ ସ୍ଥାନରେ ଭଦ୍ରକର ପୂର୍ବତନ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସର ପ୍ରାର୍ଥୀ ଅପରିବର୍ତ୍ତିତ ରହିଥିଲା। ସଞ୍ଜୀବଙ୍କୁ ୭୨,୪୪୭ ଖଣ୍ଡ ଭୋଟ ଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନଙ୍କୁ ୭୦,୮୯୬ ଭୋଟ ମିଳିଥିଲା। ଭାଜପା ପ୍ରାର୍ଥୀ ସୁଧାଂଶୁ ୩୮,୯୫୨ ଖଣ୍ଡ ଭୋଟ ପାଇଥିଲେ। ଗତ ନିର୍ବାଚନ ଅପେକ୍ଷା ବିଜେଡି ଓ କଂଗ୍ରେସର ଭୋଟ ବଢ଼ିଥିବା ବେଳେ ଭାଜପାର ଭୋଟ ହାର କମିଯାଇଛି।

# ଅମାନତ ହରାଇଲେ ୨ ଜାତୀୟ ଦଳର ପ୍ରାର୍ଥୀ

ଘସିପୁରା,୯।୬(ନିରଞ୍ଜନ ସାହୁ)

## ଘସିପୁରା ବିଧାନସଭା କ୍ଷେତ୍ର

କେନ୍ଦୁଝର ଜିଲା ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୨୪ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୨ ଜାତୀୟସ୍ତରର ରାଜନୈତିକ ଦଳର ପ୍ରାର୍ଥୀମାନେ ଅମାନତ ହରାଇଛନ୍ତି। ଚଳିତ ନିର୍ବାଚନରେ ୧, ୮୯, ୧୪୩ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ। ମାତ୍ର କଂଗ୍ରେସ ଓ ଭାଜପା ଅପେକ୍ଷାକୃତ କମ୍ ଭୋଟ ହାସଲ କରି ଏଭଳି ପରିଣାମ ଭୋଗିଛନ୍ତି। କଂଗ୍ରେସକୁ ୨,୮୦୭ ଖଣ୍ଡ ଭୋଟ ମିଳିଥିବାବେଳେ ଭାଜପାକୁ ମାତ୍ର ୨୩, ୮୧୩ ଖଣ୍ଡ ଭୋଟ ମିଳିଛି। ମତଦାନ ହୋଇଥିବା ଭୋଟର ଏକ ଷଷ୍ଠାଂଶ ମିଳି ନ ଥିଲେ ସେମାନଙ୍କୁ ଅମାନତ ହରାଇବାକୁ ପଡିଥାଏ। ଏହିକ୍ରମରେ ଘସିପୁରା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ଭାଜପା ଅମାନତ ହରାଇ ଚର୍ଚ୍ଚାକୁ ଆସିଛନ୍ତି। ସୂଚନାଯୋଗ୍ୟଯେ ଏଠାରୁ ବଦ୍ରୀନାରାୟଣ ପାତ୍ର ବିଜୟୀ ହୋଇଛନ୍ତି।

# ରବୀନ୍ଦ୍ର ମଲ୍ଲିକ କଟକ ଜିଲାର ଆଡହକ ସଭାପତି

ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)

କଟକ ଜିଲା କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ ତଥା କ୍ରିୟାଶୀଳ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ କଟକ ଜିଲା କଂଗ୍ରେସ କମିଟିର ଆଡହକ ସଭାପତି ଭାବେ ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରଦେଶ କଂଗ୍ରେସର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏନେଇ ସ୍ପଷ୍ଟ କରିଛନ୍ତି। ରବୀନ୍ଦ୍ର ମଲିକ ଆଗାମୀ ଦିନରେ ନୂତନ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବେ ବୋଲି ଶରତ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି।

# ପରାଜୟ ପାଇଁ ନିଜକୁ ଦାୟୀ କଲେ ପ୍ରଣବ

ଧର୍ମଶାଳା,୯।୬(ବଟକୃଷ୍ଣ ପରିଡ଼ା)

## ଧର୍ମଶାଳା ବିଜେଡିର ସମୀକ୍ଷା ବୈଠକ

ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ୪,୧୮୧ ଖଣ୍ଡ ଭୋଟରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କଠାରୁ ପରାଜିତ ହୋଇଛନ୍ତି। ପରାଜୟର ୫ଦିନ ପରେ ରବିବାର ବିଜେଡି ପକ୍ଷରୁ ଜାରକାସ୍ଥିତ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଣବ ଯୋଗଦେଇ ଦଳର ପରାଜୟ ଉପରେ ସମୀକ୍ଷା କରିଛନ୍ତି। ପରାଜୟ ପାଇଁ ପ୍ରଣବ ନିଜକୁ ଦାୟୀ କରିଛନ୍ତି। ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ସମସ୍ତ ଭୋଟରଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଆଗାମୀ ଦିନରେ ବିଜେଡି କର୍ମୀ ଏକ ହୋଇ କାମ କରିବା ସହ ବିରୋଧୀ ଦଳଭାବେ ଲୋକଙ୍କ ସୁଖଦୁଃଖରେ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ୫୪ ପଞ୍ଚାୟତର ସଭାପତି, ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ଓ ଆଗଧାଡ଼ିର କର୍ମୀ ଯୋଗଦେଇ ପରାଜୟ ସମ୍ପର୍କରେ ମତରଖିଥିଲେ। ବୈଠକରେ କୁମାରୀ ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, କୁମାରୀ ସରପଞ୍ଚଙ୍କ ପ୍ରତିନିଧି ପ୍ରଭୁରଞ୍ଜନ ସାମଲ, ଗଡ଼ମଧୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ମମତା ଦଣ୍ଡପାଟ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ଉତ୍କଳମଣି ଦାସ, ଅବନିନ୍ଦ୍ର ଜେନା ଓ ସଞ୍ଜୀବ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।


ସମୀକ୍ଷା ବୈଠକରେ ଯୋଗ ଦେଇଥିବା ନେତା ଓ କର୍ମୀ।

# ସୋଫିଆଙ୍କ ବିରୋଧରେ ସ୍ୱର ତେଜିଲା

■ ଦେଶବିରୋଧୀ ସ୍ଲୋଗାନ ପାଇଁ କାର୍ଯ୍ୟାନୁଷ୍ଠାନ ଦାବି କଲେ ଭାଜପା ଯୁବମୋର୍ଚ୍ଚା, ହିନ୍ଦୁସେନା

କଟକ, ୯।୬(ଶିଳ୍ପା ପ୍ରିୟଦର୍ଶିନୀ)


ଲାଲ୍‌ବାଗ୍ ଥାନା ନିକଟରେ ହିନ୍ଦୁ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ନବନିର୍ବାଚିତ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ବିରୋଧରେ ଭାଜପା ଯୁବମୋର୍ଚ୍ଚା କଟକନଗର ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। ଏଥିସହ ସୋଫିଆଙ୍କ ବିରୋଧରେ ଲାଲବାଗ ଥାନାରେ ଲିଖିତ ଅଭିଯୋଗପତ୍ର ଦିଆଯାଇଛି। ସେଥିରେ ଦର୍ଶାଯାଇଛି, କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୩ ନମ୍ବର ୱାର୍ଡରେ ଶନିବାର କଂଗ୍ରେସର ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଛୋଟ ପିଲାଙ୍କୁ ସାମିଲ କରାଯିବା ସହ ପାକିସ୍ତାନ ଜିନ୍ଦାବାଦ୍ ନାରା ଦିଆଯାଇଥିଲା। ଏହା ଅତ୍ୟନ୍ତ ଅଶୋଭନୀୟ ଓ ନିନ୍ଦନୀୟ ଘଟଣା। ତୁରନ୍ତ ଏହି ଘଟଣାର ତଦନ୍ତ କରାଯିବା ସହ ସୋଫିଆ ବିଧାୟିକା ଭାବେ ଶପଥ ନେବା ପୂର୍ବରୁ ତାଙ୍କୁ ବହିଷ୍କାର କରିବା ପାଇଁ ଭାଜପା ଯୁବମୋର୍ଚ୍ଚା ଦାବି କରିଛି। ଏହାକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଲାଲ୍‌ବାଗ ଥାନା ସମ୍ମୁଖରେ ସୋଫିଆଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିସହ ଥାନାରେ ଜୋନ୍-୩ ଏସିପି ପ୍ରଦୀପ କୁମାର ରାଉତଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଛି। ଏନେଇ ଭାଜପା ଯୁବମୋର୍ଚ୍ଚା କଟକ ନଗର ସଭାପତି ହରିଚନ୍ଦନ ନାୟକ କହିଛନ୍ତି, ସୋଫିଆ ବିଧାନସଭାରେ ଦାବି ଉପସ୍ଥାପନା କରିବା ପୂର୍ବରୁ କଟକରେ ଏଭଳି ସ୍ଥିତି ଉପୁଜିଲାଣି। ଶୋଭାଯାତ୍ରାରେ ଛୋଟ ପିଲାଙ୍କୁ ସାମିଲ କରାଯିବା ସହ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦିଆଯିବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାସ୍ତାରେ ଧାରଣା ଦିଆଯିବ ବୋଲି ନାୟକ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ଯୁବମୋର୍ଚ୍ଚା କଟକ ନଗରର କର୍ମୀମାନେ ଉପସ୍ଥିତ ଥିଲେ।

ସେହିପରି ଉକ୍ତ ଘଟଣାକୁ ହିନ୍ଦୁସେନା ପକ୍ଷରୁ ବିରୋଧ କରାଯାଇ ରବିବାର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ପଦଯାତ୍ରା ବାହାରି ଲାଲ୍‌ବାଗ ଥାନା ସମ୍ମୁଖରେ ପହଞ୍ଚିଥିଲା। ପରେ ଥାନାରେ ଏସିପି ରାଉତଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଥିଲା। ଏନେଇ ହିନ୍ଦୁସେନା ରାଜ୍ୟ ସଭାପତି ଦେବାଶିଷ ରାଉତ କହିଛନ୍ତି, ଶୋଭାଯାତ୍ରାରେ କର୍ମୀମାନେ ଦେଶଦ୍ରୋହ ସ୍ଲୋଗାନ ଦେଉଛନ୍ତି। ଏ ସମ୍ପର୍କିତ ଭିଡିଓ ଭାଇରାଲ ହେବାରେ ଲାଗିଛି।

କଟକ ପାଇଁ ଏହା ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଲାଲବାଗ ଥାନା ସମ୍ମୁଖରେ ବିକ୍ଷୋଭ କରିବୁ। ଫଳରେ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପୋଲିସ ପ୍ରଶାସନ ଦାୟୀ ରହିବ ବୋଲି ରାଉତ କହିଛନ୍ତି। ଏହି ଶୋଭାଯାତ୍ରାରେ ହିନ୍ଦୁସେନାର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଘଟଣାର ତଦନ୍ତ କରାଯିବ ବୋଲି ଏସିପି ରାଉତ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ସୋଫିଆ କହିଛନ୍ତି, ଉକ୍ତ ଭିଡିଓକୁ ଏଡିଟ୍ କରି ଜାଣିଶୁଣି ଭାଇରାଲ କରାଯାଉଛି। ସିଏମ୍‌ସିର ୧୩ ନମ୍ବର ୱାର୍ଡ ବାସିନ୍ଦା ଶୋଭାଯାତ୍ରା ଆୟୋଜନ କରିଥିଲେ। ଶୋଭାଯାତ୍ରା ନେଇ ୱାର୍ଡର ମୁଖ୍ୟ ଏକ ଭିଡିଓ ଜାରି କରି ଏହାକୁ ଏଡିଟ୍ କରାଯାଇ ଅପପ୍ରଚାର କରାଯାଉଥିବା ସତ୍ୟ ସାମ୍ନାକୁ ଆଣିଛନ୍ତି।

# ସାଟେଲାଇଟ୍ ଆଧାରିତ ଟୋଲ୍ ଆଦାୟ ପ୍ରୟାସ

ଭୁବନେଶ୍ୱର,୯।୬(ଅନୁରାଧା ମହାରଣା)



ଜାତୀୟ ରାଜପଥ ବ୍ୟବହାରକାରୀଙ୍କ ପାଇଁ ଟୋଲିଂ ସେବାକୁ ସରଳ କରିବା ସହ କାର୍ଯ୍ୟର ଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ଇଣ୍ଡିଆନ ହାଇୱେ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (ଆଇଏଚ୍ଏମ୍ସିଏଲ୍), ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଆଇ) ଦ୍ୱାରା ପ୍ରୋତ୍ସାହିତ କମ୍ପାନୀ ଜିଏନଏସ୍ଏସ୍ ପ୍ରୟାସ ଆରମ୍ଭ କରିଛି। ବର୍ତ୍ତମାନ କାର୍ଯ୍ୟ କରୁଥିବା ଫାସଟ୍ୟାଗ୍ ଇକୋସିଷ୍ଟମ ମଧ୍ୟରେ ଏନଏଚଏଆଇ ଜିଏନ୍ଏସ୍ଏସ୍ ଆଧାରିତ ଇଲେକ୍ଟ୍ରୋନିକ ଟୋଲ କଲେକ୍ସନ ସିଷ୍ଟମ ଲାଗୁ କରିବାକୁ ଯୋଜନା କରାଯାଉଛି। ପ୍ରଥମରେ ଉଭୟ ଆରଏଫଆଇଡି ଆଧାରିତ ଇଟିସି ଏବଂ ଜିଏନଏସ୍ଏସ୍ ଆଧାରିତ ଇଟିସି ଏକ ହାଇବ୍ରିଡ ମଡେଲ ବ୍ୟବହାର କରି ଏକାଠି କାର୍ଯ୍ୟ କରିବେ। ଜିଏନ୍ଏସ୍ଏସ୍ ଗାଡ଼ି ଟୋଲ ପ୍ଲାଜାରେ ଉପଲବ୍ଧ ହେବ। ଜିଏନ୍ଏସଏସ ଆଧାରିତ ଇଟିସି ବ୍ୟବହାର କରୁଥିବା ଯାନଗୁଡ଼ିକ ସହଜରେ ଟୋଲ ଦେଇ ପାରିବେ। ଏହି ପ୍ରକିୟା ସଫଳ ହେଲେ ସମସ୍ତ ଗାଡ଼ି ଜିଏନଏସ୍ଏସ୍‌ରେ ପରିଣତ ହେବ। ଭାରତରେ ଗ୍ଲୋବାଲ ନେଭିଗେଶନ ସାଟେଲାଇଟ ସିଷ୍ଟମ (ଜିଏନ୍ଏସ୍ଏସ୍) ଆଧାରିତ ଇଲେକ୍ଟ୍ରୋନିକ ଟୋଲ କଲେକ୍ସନ (ଇଟିସି)ର କାର୍ଯ୍ୟାନ୍ୱୟନ ପାଇଁ ଏହା ଆଧାର ହୋଇପାରେ। ଏନେଇ ଆଗ୍ରହୀ କମ୍ପାନୀଗୁଡିକ ସେମାନଙ୍କ ସୁଚିନ୍ତିତ ପରାମର୍ଶ ଜୁଲାଇ ୨୨ରେ ଟେଣ୍ଡର @ihmcl.comକୁ ପଠାଇବେ ବୋଲି ସୂଚନା ରହିଛି। ଭାରତରେ ଜିଏନଏସ୍ଏସ୍ ଆଧାରିତ ଇଲେକ୍ଟ୍ରୋନିକ ଟୋଲ ସଂଗ୍ରହର ପ୍ରୟୋଗ ଜାତୀୟ ରାଜପଥରେ ଯାନବାହନ ଚଳାଚଳକୁ ସହଜ କରିବ। ରାଜପଥ ବ୍ୟବହାରକାରୀଙ୍କୁ ଅନେକ ସୁବିଧା ଯୋଗାଇବା ପାଇଁ ଯୋଜନା କରାଯାଇଛି। ଉପଭୋକ୍ତାମାନେ କେବଳ ଜାତୀୟ ରାଜପଥରେ ଯାତ୍ରା କରୁଥିବା ଦୂରତା ପାଇଁ ଦେୟ ଦେଉଥିବାବେଳେ ଜିଏନ୍ଏନ୍ଏସ୍ ଆଧାରିତ ଇଲେକ୍ଟ୍ରୋନିକ ଟୋଲ ସଂଗ୍ରହ ମଧ୍ୟ ଟୋଲ ସଂଗ୍ରହରେ ଅଧିକ ଦକ୍ଷତା ଆଣିବ। ଏହ ଟିକସ ଫାଙ୍କି ପଳାଇଯାଉଥିବା ଗାଡିକୁ ଚିହ୍ନଟ କରିବାରେ ସହାୟକ ହେବ।

## ସୋନିର ନୂତନ ଉତ୍ପାଦ

ଭୁବନେଶ୍ୱର,୯।୬

ସୋନି ଇଣ୍ଡିଆର ନୂତନ ଉତ୍ପାଦ ତଥା ୟୁଏଲଟି ପାୱାର ସାଉଣ୍ଡ ସିରିଜର ଓ୍ୱାୟାରଲେସ୍ ସ୍ପିକର ଓ ନଏଜ କ୍ୟାନସେଲେଶନ ସାଉଣ୍ଡବାରକୁ ନିକଟରେ ଉନ୍ମୋଚନ କରାଯାଇଛି। ଏପରିକି ଏହି ନୂଆ ବର୍ଗମାଳାରେ ୟୁଏଲ୍ଟି ଟାୱାର୧୦, ୟୁଏଲ୍ଟି ଫିଲ୍ଡ ୭ ଓ ୟୁଏଲ୍ଟି ଫିଲ୍ଡ ୧ ଓ୍ୱାୟାରଲେସ ସ୍ପିକର୍ ଓ ନଏଜ କ୍ୟାନସେଲେଶନ୍ ହେଡଫୋନ ୟୁଏଲ୍ଟି ୱେର ଆଦି ରହିଛି। ୟୁଏଲଟି ବଟନ ସମେତ ଏହି ସିରିଜର ସମସ୍ତ ଉତ୍ପାଦ ଗୋଟିଏ କିମ୍ବା ଦୁଇଟି ସାଉଣ୍ଡ ମୋଡ ପ୍ରଦାନ କରୁଛି। ସେହିଭଳି ୟୁଏଲ୍ଟି ପାୱାର ୧୦ ସହିତ ଏକ ଓ୍ୱାୟାରଲେସ୍ ମାଇକ ମଧ୍ୟ ଆସୁଛି। ଟିଭିରେ ମଧ୍ୟ ଏହି ସ୍ପିକରକୁ ଯୋଡ଼ାଯାଇପାରିବ। ଏପରିକି ୟୁଏଲଟି ପାୱାର ସାଉଣ୍ଡରେ ଉଲ୍ଲେଖନୀୟ ବେସ୍ ରହିଛି। ୟୁଏଲ୍ଟି ୧ର ବେସ୍ ହୃଦୟକୁ ଝୁମାଇବ ଏବଂ ୟୁଏଲଟି ୨ ଶକ୍ତିଶାଳୀ ବିଟ୍ ପ୍ରଦାନ କରିବ। ୩୬୦ ଡିଗ୍ରୀ ପାର୍ଟି ସାଉଣ୍ଡ ଓ ୩୬୦ ଡିଗ୍ରୀ ପାର୍ଟି ଲାଇଟ ଘରର କୋଣ ଅନୁକୋଣରେ ଶବ୍ଦ ପହଞ୍ଚାଇବ।

## ଆଇଆଇଏଫ୍‌ସିଏଲ୍ ସହ ପିଏନ୍‌ବିର ବୁଝାମଣା




ଭୁବନେଶ୍ୱର,୯।୬

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଏବଂ ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଫାଇନାନ୍ସ କମ୍ପାନୀ ଲିମିଟେଡ(ଆଇଆଇଏଫ୍‌ସିଏଲ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାର କାରବାର ବୃଦ୍ଧି ସହିତ ଆଇଆଇଏଫସିଏଲ୍‌ର ପ୍ରକଳ୍ପଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପିଏନବି ସହ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ଦ୍ୱାରକାସ୍ଥିତ ପିଏନବିର କର୍ପୋରେଟ କାର୍ଯ୍ୟାଳୟଠାରେ ଏକ ଏମ୍ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିଏନବିର ଏମଡି ତଥା ସିଇଓ ଅତୁଲ କୁମାର ଗୋଏଲ ଏବଂ ଆଇଆଇଏଫସିଏଲର ଏମଡି ଡ. ପି. ଆର ଜୟଶଙ୍କର ଉଭୟ ପିଏନବି ଏବଂ ଆଇଆଇଏଫସିଏଲର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏମ୍ଓୟୁ ସ୍ୱାକ୍ଷର କରିଥିଲେ।

# ଲକ୍ଷ୍ୟ ଦ୍ୱିଗୁଣିତ କରିବାକୁ ପ୍ରୟାସ



ଭୁବନେଶ୍ୱର,୯।୬

ଆଭିଭା ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଅଭିଯାନ 'ଏଜେନ୍ସି ଚ୍ୟାନେଲ ବୃଦ୍ଧି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦେଶବ୍ୟାପୀ ଏଜେନ୍ସି ଚ୍ୟାନେଲ ବୃଦ୍ଧି ଲାଗି କମ୍ପାନୀ ଆବଶ୍ୟକ ପଦକ୍ଷେପ ଆରମ୍ଭ କରିଛି। ଫଳରେ କମ୍ପାନୀ ଏଜେନ୍ସି ଆଧାରକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛି।

ଏହି ଅଭିଯାନ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ ବା ଆଇଆର୍‌ଡିଏଆଇ ଇଣ୍ଡିଆର ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଦୃଷ୍ଟିକୋଣ ସହ ସମାନ। ବିଶେଷକରି ନିଯୁକ୍ତି ପ୍ରକ୍ରିୟାକୁ ବିବିଧ କରିବା ଉପରେ ଧ୍ୟାନଦେଇ ଆଭିଭା ଇଣ୍ଡିଆ ଆର୍ଥିକ ଯୋଜନା ପରାମର୍ଶଦାତାର ଏକ ସୁଦୃଢ଼ ନେଟ୍‌ୱର୍କ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି; ଯାହା କେବଳ ବୀମା କଭରେଜ ବୃଦ୍ଧି ନୁହେଁ ବରଂ ଗ୍ରାହକଙ୍କୁ ସାମଗ୍ରିକ ମାର୍ଗଦର୍ଶନରେ ସହାୟକ ହେବ।

ଏ ସମ୍ପର୍କରେ ଆଭିଭା ଇଣ୍ଡିଆର ଏମ୍‌ଡି ତଥା ସିଇଓ ଅସିତ ରଥ କହିଛନ୍ତି, ଆମେ ସାରା ଭାରତରେ ଏକ ଉନ୍ନତ ଗୋଷ୍ଠୀ ସୃଷ୍ଟି କରିବା ସହିତ ବ୍ୟବସାୟକୁ ସୁଦୃଢ଼ କରିବୁ। ଏପରିକି ଏହି ଅଭିଯାନ ଜରିଆରେ ଆମେ ଆମର ଲକ୍ଷ୍ୟକୁ ଦ୍ୱିଗୁଣିତ କରିବାକୁ ପ୍ରୟାସ କରିବୁ। ଏଥିପାଇଁ ଆମର ଏଜେନ୍ସି ନେଟ୍‌ୱର୍କର ବିସ୍ତାର ସହ ୨୦୪୭ ସୁଦ୍ଧା ବୀମାକୁ ସଭିଙ୍କ ପାଖରେ ପହଁଚାଇବା ପାଇଁ ଆଇଆର୍‌ଡିଏଆଇ ମିଶନରେ ଯୋଗ ଦେଇଛୁ।

ସେହିଭଳି କମ୍ପାନୀ ସହିତ ଜୀବନ ଗଠନ ଅଭିଯାନ କେବଳ ବୀମା ବିତରକଙ୍କ ଜରିଆରେ ବୀମା ପରାମର୍ଶକୁ ବିକଶିତ କରିବାକୁ ଆଶା ରଖିଛୁ। ଏପରିକି ଲୋକଙ୍କ ଶାରୀରିକ ସୁସ୍ଥତା ଜରିଆରେ ସେମାନଙ୍କ ଜୀବନର ଅନିଶ୍ଚିତତାରୁ ସୁରକ୍ଷା ଦେବା ଲାଗି ଆମ ନେଟ୍‌ୱର୍କକୁ ବିସ୍ତାର କରୁଛୁ। ସେହିପରି ଆଭିଭା ଭୁବନେଶ୍ୱରରୁ ଦେଶବ୍ୟାପୀ ନିଯୁକ୍ତି ଅଭିଯାନ ଆରମ୍ଭ କରିଥିଲାବେଳେ ଓଡ଼ିଶାରେ କମ୍ପାନୀର ଉପସ୍ଥିତି ଓ ସେବା କ୍ଷମତାର ଯଥେଷ୍ଟ ବୃଦ୍ଧି ହେବା ସହ ଦେଶର ସାମଗ୍ରିକ ସଫଳତା ପାଇଁ ମଧ୍ୟ ସହାୟକ ହୋଇପାରିବ। ଏହା ବ୍ୟତୀତ ଉପଦେଷ୍ଟା ଓ ଗ୍ରାହକଙ୍କ ବଢୁଥିବା ଚାହିଦା ସହ ନେଟ୍‌ୱର୍କୁ ଉନ୍ନତ କରିବାକୁ କମ୍ପାନି ତା'ର ଉପସ୍ଥିତି ବିସ୍ତାର ମଧ କରୁଛି।

# ଟିପିସିଓଡିଏଲ୍‌ର ସ୍ମାର୍ଟ ଗ୍ରୀନ୍ ଅଭିଯାନ

ଭୁବନେଶ୍ୱର,୯।୬ (ଅଭୟ ଦାଶ)



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପରିସରରେ ବିଶ୍ୱ ପରିବେଶ ଦିବସ ଏବଂ ଟାଟାର ସ୍ଥାୟିତ୍ୱ ମାସ ନିକଟରେ ପାଳିତ ହୋଇଯାଇଛି। ଏପରିକି ଚଳିତ ବର୍ଷର ବିଷୟବସ୍ତୁ 'ସ୍ମାର୍ଟ ଲାଇଫ୍' ପରିବେଶ ପାଇଁ ସ୍ମାର୍ଟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉପରେ କମ୍ପାନୀ ଗୁରୁତ୍ୱ ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସ୍ମାର୍ଟ ଗ୍ରୀନ୍ ଅଭିଯାନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି।

ଅପରପକ୍ଷରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ(ୟୁଏନ୍ଇପି)ର ଅଭିଯାନ ଜେନେରେଶନ ରେଷ୍ଟୋରେଶନ ସହ ଯୋଡ଼ି ହୋଇ ପରିବେଶ ସ୍ଥାୟିତ୍ୱ ପାଇଁ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ଅବସରରେ ସେ କହିଛନ୍ତି, ସ୍ଥାୟିତ୍ୱ ଆମ ପରିଚାଳନାର କେନ୍ଦ୍ରରେ ରହିଛି, ଆମକୁ ସ୍ଥାୟିତ୍ୱ ପାଇଁ ସ୍ୱର ଉତ୍ତୋଳନ କରିବାକୁ ହେବ ଏବଂ କମ୍ପାନୀ ବାହାରେ ମଧ୍ୟ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ସେହିଭଳି ଦୀର୍ଘସ୍ଥାୟିତ୍ୱ ଅଭ୍ୟାସ ବିଷୟରେ ତୃଣମୂଳସ୍ତରର ସମସ୍ତ କର୍ମଚାରୀଙ୍କୁ ଶିକ୍ଷିତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥିଲାବେଳେ ସ୍ମାର୍ଟ ଗ୍ରୀନ୍ ଅଭିଯାନ ଅଧୀନରେ ୧୬ଟି ଇଭି କାର୍‌କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏହି ଯାନଗୁଡ଼ିକ କମ୍ପାନୀର କାର୍ବନ ଫୁଟପ୍ରିଣ୍ଟ ହ୍ରାସ ସହ ବାର୍ଷିକ ୫୩.୮ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ। ଏହି ତ୍ରୈମାସରେ ଅତିରିକ୍ତ ୧୪ଟି ଇଭି କାର୍‌ର ଶୁଭାରମ୍ଭ କରାଯିବ। ଆଇଏସଓ ୧୪୦୦୧ପ୍ରମାଣିତ କମ୍ପାନୀ ଭାବେ ସୁରକ୍ଷିତ ବ୍ୟାଟେରି ନିଷ୍କାସନ ଏବଂ ଏସ୍ଏଫ୬ ଗ୍ୟାସ ବ୍ୟବହାର ହ୍ରାସ କରିବା ସମେତ ଏହାର ପରିଚାଳନାର ସମସ୍ତ ଦିଗରେ ସ୍ଥାୟିତ୍ୱ ଅନ୍ତର୍ଭୁକ୍ତ କରିବା ପାଇଁ ଟିପିସିଓଡିଏଲର ଦାୟିତ୍ୱ ଉପରେ ସିଂହ ଗୁରୁତ୍ୱାରୋପ କରିଥିଲେ। ସେହିପରି କମ୍ପାନିର ବରିଷ୍ଠ ନେତୃତ୍ୱ ଦଳ ଟାଟା ସ୍ଥାୟିତ୍ୱ ମାସ ୨୦୨୪ ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ।

# ଏସିଆନ ପେଣ୍ଟ୍‌ସର ନୂତନ ଯୋଜନା

ଭୁବନେଶ୍ୱର,୯।୬

ଭାରତର ଅଗ୍ରଣୀ ପେଣ୍ଟ ଆଣ୍ଡ ଡେକୋର କମ୍ପାନୀ 'ଏସିଆନ ପେଣ୍ଟସ୍'ର ନୂତନ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୫ରୁ ୧୪ ବର୍ଷ ବୟସର ଯୁବ କ୍ରିକେଟ ଉତ୍ସାହୀଙ୍କ ପାଇଁ 'କ୍ରିକେଟ ସ୍କଲାରଶିପ ପାୱାରଡ ବାଇ ନିଓଭାରତ'ର ଶୁଭାରମ୍ଭ ହୋଇଛି। ସେହିଭଳି କମ୍ପାନୀର ଏହି ପ୍ରୟାସ ତା'ର ବ୍ରାଣ୍ଡ ଉଦ୍ଦେଶ୍ୟ 'ହରଘର ଖେଲେଗା, ହରଘର ଖିଲେଗା'କୁ ପ୍ରତିଫଳିତ କରୁଛି,ଯାହା ପ୍ରତ୍ୟେକ ପରିବାରରେ ପ୍ରଗତି ଓ ଅଭିବୃଦ୍ଧି ନିମନ୍ତେ ସୁଯୋଗ ଯୋଗାଇଦେବାର ଆନ୍ତରିକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଅପରପକ୍ଷରେ କମ୍ପାନୀର ବ୍ରାଣ୍ଡ୍ ଆମ୍ବାସାଡର ବିରାଟ କୋହଲିଙ୍କୁ ନେଇ ଏକ ପ୍ରଚାର ଅଭିଯାନ ଆରମ୍ଭ ସହିତ ଏସିଆନ ପେଣ୍ଟସ ଉଭୟ ପିତାମାତା ଓ ପିଲାମାନଙ୍କୁ ଏହି ସୁଯୋଗର ସଦ୍‌ବ୍ୟବହାର କରିବା ଏବଂ କ୍ରିକେଟ ସ୍କଲାରଶିପ ନିମନ୍ତେ ନାମ ଅନ୍ତର୍ଭୁକ୍ତ କରାଇବାକୁ ପ୍ରେରଣା ଦେବା ଲକ୍ଷ୍ୟ ରଖୁଛି। ସେହିପରି କମ୍ପାନୀର ଏହି ପ୍ରୟାସ ଭାରତର ଟିୟର ୨ ଓ ୩ ବଜାରଗୁଡିକରେ ଆକାଂକ୍ଷୀ ଭାରତୀୟଙ୍କୁ ସଶକ୍ତ କରିବା ନିମନ୍ତେ ନିଓଭାରତ ଲକ୍ଷ୍ୟର ଅଂଶ ବିଶେଷ ହୋଇଥିଲାବେଳେ ଏହା ଉଦୀୟମାନ କ୍ରିକେଟ ପ୍ରତିଭା ଅନ୍ୱେଷଣ ଏବଂ ସେମାନଙ୍କର ପରିପୋଷଣ ସହିତ ସେମାନଙ୍କୁ ସେମାନଙ୍କର କୁଶଳତାକୁ ଅଧିକ ପରିପୁଷ୍ଟ କରିବା ଏବଂ ସେମାନଙ୍କର ଆଗ୍ରହକୁ ନେଇ ଆଗକୁ ବଢ଼ିବା ପାଇଁ ଲକ୍ଷ୍ୟ ରଖିଛି। ନିଓଭାରତ ସମର୍ଥନ ଦ୍ୱାରା ପରିଚାଳିତ ଏହି କ୍ରିକେଟ ସ୍କଲାରଶିପ ଅଧୀନରେ ୧୦୦ ଉଦୀୟମାନ ଯୁବ ବର୍ଗଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କାର ସ୍କଲାରଶିପ ପ୍ରଦାନ କରାଯିବ। ଏକ ବୃତ୍ତିଗତ ଖେଳ ସେଟ୍ ଅପ୍‌ରେ ପ୍ରଦର୍ଶନ କରାଯାଉଥିବା କୁଶଳତା ଆଧାରରେ ଦୁଇଜଣ ପ୍ରାକ୍ତନ କ୍ରିକେଟରଙ୍କ ଦ୍ୱାରା ଆବେଦନପତ୍ରଗୁଡିକର ମୂଲ୍ୟାୟନ କରାଯିବ। ଏହି କ୍ରିକେଟ ସ୍କଲାରଶିପ ନିମନ୍ତେ ଆବେଦନ ୨୦୨୪ ଜୁନ୍ ୩୦ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିଛି, ଯାହା ନିଓଭାରତ ଏସିଆନ ପେଣ୍ଟ ଓ ୱେବ୍‌ସାଇଟ- https://www.asianpaints.com/products/paints-and-textures/interior-walls/plain-finishes/neobharat-latex-interior-paint.htmlରେ ସୁଯୋଗ ନିଆଯାଇପାରିବ।

ଏ ସମ୍ପର୍କରେ ଏସିଆନ ପେଣ୍ଟସ୍‌ର ଏମ୍‌ଡି ତଥା ସିଇଓ ଅମିତ ସିଙ୍ଗ୍‌ଲେ କହିଛନ୍ତି, ଆମର ଉଦ୍ଦେଶ୍ୟ ହେଉଛି,ଜନସାଧାରଣଙ୍କୁ ଏକ ସୁନ୍ଦର ଘର ଗଢ଼ିବାରେ ସହାୟତା କରି ସେମାନଙ୍କ ପାଇଁ ଆନନ୍ଦ ଆଣିଦେବା। ଏପରିକି ନିଓଭାରତ ସହିତ ଆମେ 'ପ୍ରଗତିଶୀଳ ଭାରତ'ର 'ଆକାଂକ୍ଷାଗୁଡ଼ିକୁ' ପରିପୋଷଣକରି ଏହି ବର୍ଗକୁ ଅଧିକ ଲୋକାଭିମୁଖୀ କରୁଛୁ। ନିଓଭାରତ ସମର୍ଥନରେ ଶୁଭାରମ୍ଭ କରାଯାଇଥିବା ଏହି କ୍ରିକେଟ ସ୍କଲାରଶିପ ପରିବର୍ତ୍ତନ ଓ ପ୍ରଗତିରେ ଏକ ରୂପାନ୍ତରଣକାରୀ ହେବା ନିମନ୍ତେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଜେଲିଓର ଅଲ୍ ନ୍ୟୁ ଗ୍ରାସି ସିରିଜ୍

ଭୁବନେଶ୍ୱର,୯।୬

ଦେଶର ପ୍ରମୁଖ ଇଲେକ୍ଟ୍ରି ଭେଇକିଲ ବା ଇଭି ଟୁହ୍ୱିଲର ଷ୍ଟାର୍ଟଅପ ଜେଲିଓ ଇ-ବାଇକ୍ସର ଅଲ୍ ନ୍ୟୁ ଗ୍ରାସି ସିରିଜ୍‌ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଜେଲିଓ ଇ-ବାଇକ୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ କୁନାଲ ଆର୍ଯ୍ୟା କହିଛନ୍ତି, ଇଭି ବଜାରରେ ଆମେ ଆମର ନୂଆ ସିରିଜ୍‌ର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଲୋ-ସ୍ପିଡ୍ ଇଲେକ୍‌ଟ୍ରିକ ସ୍କୁଟରଗୁଡ଼ିକର ବ୍ୟବହାରିକତା, ସୁଲଭତା ଓ ପରିବେଶ ଲାଭ କାରଣରୁ ପ୍ରାଧାନ୍ୟ ବିସ୍ତାର କରିଥାନ୍ତି। ସେହିଭଳି ସହରାଞ୍ଚଳ ଉପଭୋକ୍ତାମାନେ ବର୍ଦ୍ଧିତ ରୂପେ ସୁଲଭ ଓ ସ୍ଥାୟୀ ଯାତାୟାତ ବିକଳ୍ପର ସନ୍ଧାନ କରୁଛନ୍ତି ଏବଂ ଲୋ-ସ୍ପିଡ୍ ଇଭିଗୁଡିକ ସେମାନଙ୍କ ପାଇଁ ଏକ ଉପଯୁକ୍ତ ସମାଧାନ ପାଲଟିଛି। ଏପରିକି ଡାଇନାମିକ ବିଏଲ୍‌ଡିସି ମୋଟରଠାରୁ ଆରମ୍ଭକରି ଆଡ୍‌ଭାନ୍ସଡ ବ୍ରେକିଂ ସିଷ୍ଟମ ପର୍ଯ୍ୟନ୍ତ ଆମ ସ୍କୁଟରଗୁଡିକର ପ୍ରତ୍ୟେକ ଉପାଦାନକୁ ସର୍ବୋଚ୍ଚମାନ ଓ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ ଯତ୍ନର ସହ ଚୟନ ଓ ପରୀକ୍ଷଣ କରାଯାଇଛି।

ଫୁର୍‌ସତ୍

# ୯୬ ବର୍ଷୀୟା ପ୍ରେମିକାଙ୍କୁ ବିବାହ କଲେ ୧୦୦ ବର୍ଷୀୟ

ପ୍ୟାରିସ



ବୟସର କୌଣସି ସୀମା କିମ୍ବା ପ୍ରତିବନ୍ଧକ ନ ଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୁଦ୍ଧ କରିଥିବା ଆମେରିକାର ପୂର୍ବତନ ସୈନିକ ହରୋଲ୍ଡ ଟେରେନ୍ସ ୧୦୦ ବର୍ଷ ବୟସରେ ଏହାକୁ ସତ୍ୟ ପ୍ରମାଣ କରି ଦେଖାଇଛନ୍ତି। ସେ ତାଙ୍କ ୯୬ ବର୍ଷୀୟା ପ୍ରେମିକା ଜିନ୍ ସ୍ୱର୍ଲିନଙ୍କୁ ବିବାହ କରିଛନ୍ତି। ଗତ ୩ ବର୍ଷ ଧରି ଉଭୟ ଟେରେନ୍ସ ଓ ସ୍ୱର୍ଲିନ ପରସ୍ପରକୁ ପ୍ରେମ କରି ଆସୁଥିଲେ।

ଫ୍ରାନ୍ସର ନର୍ମାଣ୍ଡି ସ୍ଥିତ ଡି-ଡେ ବେଳାଭୂମିର 'ଟାଉନ୍ ହଲ୍'ରେ ଶନିବାର ଉଭୟ ଟେରେନ୍ସ ଏବଂ ସ୍ୱର୍ଲିନ ବିବାହ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ସମୟରେ ୧୯୪୪ ଜୁନ୍ ୬ରେ ଏଠାରେ ଭୟଙ୍କର ଯୁଦ୍ଧ ହୋଇଥିଲା, ଯାହା ୟୁରୋପକୁ ଏଡଲଫ୍ ହିଟ୍‌ଲରଙ୍କ ଅତ୍ୟାଚାରରୁ ମୁକ୍ତ କରିବାରେ ସାହାଯ୍ୟ କରିଥିଲା।

ଟେରେନ୍ସ ଏବଂ ସ୍ୱର୍ଲିନଙ୍କ ବିବାହରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ବ୍ରିଟେନ ରାଜା ଚାର୍ଲ୍ସ-ତୃତୀୟ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଓ ଏହିପରି ଅନେକ ବିଶିଷ୍ଟ ଅତିଥି ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ କିଛି ଅତିଥି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ପୋଷାକ ପିନ୍ଧିଥିଲେ। ଏହି ଅବସରରେ ସ୍ୱର୍ଲିନ୍ ଗୋଲାପି ରଙ୍ଗର ଗାଉନ୍ ପିନ୍ଧିଥିବାବେଳେ ଟେରେନ୍ସ ହାଲୁକା ନୀଳ ରଙ୍ଗର ସୁଟ୍ ପିନ୍ଧିଥିଲେ। ସ୍ୱର୍ଲିନଙ୍କୁ ବିବାହ କରିବା ପରେ ଟେରେନ୍ସ ଏହାକୁ ତାଙ୍କ ଜୀବନର ସର୍ବୋତ୍ତମ ଦିନ ବୋଲି କହିଛନ୍ତି। ସେହିପରି ଏହି ଅବସରରେ ପ୍ରେମ କେବଳ ଯୁବକମାନଙ୍କ ପାଇଁ ନୁହେଁ ବରଂ ବୟସ୍କମାନଙ୍କ ପାଇଁ ମଧ ହୋଇଥିବା ସ୍ୱର୍ଲିନ୍ କହିଛନ୍ତି। ଠିକ୍ ଜୀବନସାଥୀ ପାଇବା ପାଇଁ ତାଙ୍କୁ ୯୬ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିଥିବା ସ୍ୱର୍ଲିନ କହିଛନ୍ତି। ସୂଚନାଯୋଗ୍ୟ ଉଭୟ ଟେରେନ୍ସ ଓ ସ୍ୱର୍ଲିନ ଆମେରିକାର ଫ୍ଲୋରିଡା ପ୍ରଦେଶର ବୋକାରେଟନ୍ ସହରରେ ବସବାସ କରନ୍ତି।

# ମହିଳାଙ୍କୁ ଜୀବିତ ଗିଳିଲା ୧୬ ଫୁଟ୍ ଲମ୍ବା ଅଜଗର

**ଜାକର୍ତ୍ତା:** ଇଣ୍ଡୋନେସିଆରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ୪୫ ବର୍ଷୀୟା ମହିଳାଙ୍କୁ ଏକ ୧୬ ଫୁଟ୍ ଲମ୍ବର ବିଶାଳ ଅଜଗର ସମ୍ପୂର୍ଣ୍ଣ ଗିଳିଦେଇଛି। ୩ ଦିନ ପରେ ଉକ୍ତ ଅଜଗରଟିର ପେଟ କଟାଯିବାରୁ ସମ୍ପୃକ୍ତ ମହିଳାଙ୍କ ମୃତଦେହ ମିଳିଥିବା ଜଣାପଡ଼ିଛି। ଦକ୍ଷିଣ ସୁଲାବେସି ପ୍ରଦେଶର କଲେମ୍‌ପାଙ୍ଗ ଗ୍ରାମର ନିବାସୀ ଫରିଦା ନାମ୍ନୀ ଜଣେ ମହିଳା ଗୁରୁବାର ରାତିରୁ ନିଖୋଜ ଥିଲେ। ୪ ଜଣ ସନ୍ତାନଙ୍କ ମା' ଫରିଦା ଘରକୁ ନ ଫେରିବାରୁ ତାଙ୍କ ସ୍ୱାମୀ ଓ ଗ୍ରାମବାସୀ ଖୋଜାଖୋଜି ଆରମ୍ଭ କରିଥିଲେ। ଗ୍ରାମଠାରୁ କିଛି ଦୂରରେ ଖୋଜାଖୋଜି ସମୟରେ ଫରିଦାଙ୍କର କେତେକ ସରଞ୍ଜାମ ମିଳିଥିଲା। ଏହା ନିକଟରେ ଏକ ବୁଦା ମଧ୍ୟରୁ ଗୋଟିଏ ୧୬ ଫୁଟ୍ ଲମ୍ବର ଅଜଗରକୁ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଉକ୍ତ ଅଜଗରଟିର ପେଟ ଫୁଲି ରହିଥିବାରୁ ଗ୍ରାମବାସୀଙ୍କୁ ସନ୍ଦେହ ହୋଇଥିଲା। ଗ୍ରାମର ମୁଖିଆଙ୍କ ନିର୍ଦ୍ଦେଶକ୍ରମେ ଅଜଗରଟିର ପେଟ କାଟିବାକୁ ସମସ୍ତେ ସହମତି ପ୍ରକାଶ କରିଥିଲେ। ପେଟ କାଟିବା ପରେ ବସ୍ତ୍ର ସହ ଫରିଦାଙ୍କ ମୃତଦେବ ଅଜଗରର ଶରୀର ମଧ୍ୟରୁ ମିଳିଥିଲା।



# କମ୍‌ବ୍ୟାକ୍ କରୁଛନ୍ତି ଅମୃତା

ମୁମ୍ବାଇ



ଅଭିନେତ୍ରୀ ଅମୃତା ରାଓଙ୍କୁ ପୁଣିଥରେ ବଡ଼ ପରଦାରେ ଦେଖିବାକୁ ମିଳିବ। ଦୀର୍ଘ ସମୟ ପରେ ତାଙ୍କୁ ଅକ୍ଷୟ କୁମାର ଏବଂ ଅର୍ଶଦ ୱାର୍ସିଙ୍କ ଅଭିନୀତ ଚଳଚ୍ଚିତ୍ର 'ଜଲି ଏଲ୍‌ଏଲ୍‌ବି ୩'ରେ ଦେଖିବାକୁ ମିଳିବ। ସେ ଏବେ ଏହି ଫିଲ୍ମର ଶୁଟିଂ ଜାରି ରଖିଛନ୍ତି। ସୁଭାଷ କପୁରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ଶୁଟିଂ ଗତ ମାସରୁ ଆରମ୍ଭ ହୋଇଛି। ଏହି ଫିଲ୍ମରେ ଉଭୟ ଅକ୍ଷୟ ଏବଂ ଅର୍ଶଦଙ୍କ ସହ ଅମୃତା ମଧ ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

ରିପୋର୍ଟ ମୁତାବକ ଅମୃତା 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମରେ ଅର୍ଶଦଙ୍କ ସ୍ତ୍ରୀ ଚରିତ୍ରରେ ନଜର ଆସିବେ। ଏହି ଚଳଚ୍ଚିତ୍ର ଏହାର ପୂର୍ବ ଭାଗର କାହାଣୀକୁ ଜାରି ରଖିବ। ସେହିପରି ଏହି ଫିଲ୍ମର ଶୁଟିଂ ଜାରି ରହିଥିବା ବେଳେ ଅମୃତା ଏଥିରେ ଯୋଗ ଦେଉଥିବା ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ତେବେ ଏନେଇ ଅଭିନେତ୍ରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ। ରାଜସ୍ଥାନର ଏକ ଦୁର୍ଗମ ଅଞ୍ଚଳରେ ଏହି ଫିଲ୍ମର ଶୁଟିଂ ଗତ ମାସରେ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ସେହିପରି ଏବେ ମୁମ୍ବାଇରେ ଏହି ଚଳଚ୍ଚିତ୍ରର ଶୁଟିଂ ଚାଲିଛି। ଏହାପରେ ଦିଲ୍ଲୀରେ ମଧ୍ୟ ଫିଲ୍ମର କିଛି ଦୃଶ୍ୟର ଶୁଟିଂ କରାଯିବ। ଆସନ୍ତା ବର୍ଷ ଏହି ଚଳଚ୍ଚିତ୍ର ରିଲିଜ୍ ହେବା ନେଇ ଆକଳନ କରାଯାଉଛି।ତେବେ ମାସେ ପୂର୍ବରୁ ଏହି ଚଳଚ୍ଚିତ୍ରକୁ ନେଇ ବିବାଦ ଦେଖାଦେଇଥିଲା। ଅଜମେର କୋର୍ଟରେ 'ଜଲି ଏଲ୍‌ଏଲ୍‌ବି ୩' ବିରୋଧରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ଫିଲ୍ମରେ ବିଚାରବିଭାଗୀୟ ସମ୍ମାନକୁ ଖରାପ କରିବା ପାଇଁ ଉଦ୍ୟମ କରାଯାଉଥିବା ସହ ଆଇନଜୀବୀ ଓ ବିଚାରପତିମାନଙ୍କୁ ମଧ ପରିହାସ କରାଯାଉଥିବା ଅଭିଯୋଗ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଟି୨୦ ବିଶ୍ୱକପ

(ଆଜିର ମ୍ୟାଚ)
**ଦକ୍ଷିଣ ଆଫ୍ରିକା**
**ବନାମ ବାଂଲାଦେଶ**
**ସ୍ଥାନ: ନ୍ୟୁୟର୍କ**
**ସମୟ: ରାତି ୮ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଆଶୀର୍ବାଦ, ଅରସଦଙ୍କ ଶତକ

**ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)**

କଳାହାଣ୍ଡି କପ୍ କ୍ରିକେଟ ସୁପର ଲିଗ୍‌ର ୪ଟି ମ୍ୟାଚ କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ବିଶିଷ୍ଟ ପ୍ରତିଯୋଗିତାରେ ଇକୋର୍ସା, ରେଷ୍ଟ ଅଫ୍ ଓଡ଼ିଶା-ସି, ଭୁବନେଶ୍ୱର-ଏ ଓ ବାଲେଶ୍ୱର ଦଳ ବିଜୟ ହାସଲ କରିଛି।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ୯୨ ରନରେ ନୟାଗଡ଼କୁ ପରାସ୍ତ କରିଛି। ଗିରିଜା

**କଳାହାଣ୍ଡି କପ୍ ସୁପର ଲିଗ୍**

ରାଉତଙ୍କ ଶତକ ସହାୟତାରେ ଇକୋର୍ସା ୨୫୧ ରନକରି ଅଲ୍‌ଆଉଟ ହୋଇଥିବାବେଳେ ନୟାଗଡ଼ ୧୫୯ ରନରେ ସମସ୍ତ ଉଇକେଟ ହରାଇଥିଲା। ଗିରିଜା ୧୩୪ ରନ କରିଥିଲେ। ଇକୋର୍ସା ବୋଲରଙ୍କ ମଧ୍ୟରେ ଅଭିଷେକ ଯାଦବ ୪ଟି ଓ ଜୟନ୍ତ ବେହେରା ୩ଟି ଉଇକେଟ ନେଇ ନୟାଗଡ଼ର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସନ୍‌ସାଇନ୍ ପଡ଼ିଆରେ ଆୟୋଜିତ ମ୍ୟାଚରେ ରେଷ୍ଟ ଅଫ୍ ଓଡ଼ିଶା-ସି ୬ ଉଇକେଟରେ କଟକ-ଏ'କୁ ହରାଇ ଦେଇଛି। ସୌଭାଗ୍ୟ ମିଶ୍ରଙ୍କ ଅର୍ଦ୍ଧଶତକ


ଆଶୀର୍ବାଦ ସ୍ୱାଇଁ


ଅରସଦ କିଶୋର


ଶେଖର ମାଝି

ସତ୍ତ୍ୱେ କଟକ-ଏ ୧୭୪ ରନରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ଦେବବ୍ରତ ପ୍ରଧାନ ଓ ମିଳନ ସାମଲ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରେଷ୍ଟ ଅଫ୍ ଓଡ଼ିଶା ନିର୍ଦ୍ଧାରିତ ୯୦ ଓଭରରେ ୪ ଉଇକେଟ ହରାଇ ୪୦୨ ରନ କରିଥିଲା। ଆଶୀର୍ବାଦ ସ୍ୱାଇଁ (୧୧୯) ଓ ଅରସଦ କିଶୋର (୧୧୦) ଶତକ ହାସଲ କରିଥିଲେ।

ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଭୁବନେଶ୍ୱର-ଏ ୨ ଉଇକେଟରେ ଭଦ୍ରକକୁ ହରାଇ ଦେଇଛି। ଭଦ୍ରକ ମାତ୍ର ୭୧ ରନରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ସୁମନ ଦାସ ଓ ସ୍ୱୟମ ରାଉତରାୟ ୫ ଉଇକେଟ ଲେଖାଏ ନେଇଥିଲେ। ଭୁବନେଶ୍ୱର-ଏ ପୂରା ୯୦ ଓଭର ଖେଳି ୮ ଉଇକେଟ ହରାଇ ୩୬୧ ରନ କରିଥିଲା। ଶାନ୍ତନୁ ମିଶ୍ର ୧୦୪ ଓ ସନ୍ଦୀପ ପଟ୍ଟନାୟକ ୯୩ ରନ କରିଥିଲେ। ଡ୍ରିମ୍ସ ଷ୍ଟାଡିୟମରେ ବାଲେଶ୍ୱର ୯ ରନରେ ରେଷ୍ଟ ଅଫ୍ ଓଡ଼ିଶା-ଡି'କୁ ପରାସ୍ତ କରିଛି। ଗୁରୁଦିପନ ଜେନାଙ୍କ ୭୦ ରନ ସହାୟତାରେ ବାଲେଶ୍ୱର ୧୮୬ ରନ କରିଥିଲା। ବିପକ୍ଷ ଦଳର ସେକ୍ ଆଖାରୁଦ୍ଦିନ ୪ ଉଇକେଟ ନେଇଥିଲେ। ରେଷ୍ଟ ଅଫ୍ ଓଡ଼ିଶା-ଡି ଆର୍ଯ୍ୟଶ୍ରୀ ଭଞ୍ଜଙ୍କ ୬୪ ରନ ସତ୍ତ୍ୱେ ୧୭୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଶେଖର ମାଝି ୪ ଉଇକେଟ ନେଇଥିଲେ।

# ସ୍କୁଲ୍ସ ଓପନ ଚେସ୍: ନଳିନୀ ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୯।୬(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩ୟ ସନ୍ତୋଷ ସିଂ ମେମୋରିଆଲ ସ୍କୁଲ୍ସ ଓପନ ଚେସ୍ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ କେଦାରଗୌରୀ ସେଣ୍ଟ ଜାଭିଅର ସ୍କୁଲର ନମସ୍ୟ ନଳିନୀ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଓମ୍ ସ୍ୱରୂପ ପାଢ଼ୀ, ତ୍ରିଦେବ ତୀର୍ଥଙ୍କର, ସ୍ୱସ୍ତିକ୍ ପଟ୍ଟନାୟକ, ଆଦିତ୍ୟ ପ୍ରଧାନ ୪ ପଏଣ୍ଟ, ଆୟାଭନ୍ତ ମହାନ୍ତି ୩.୫ ଏବଂ ଆୟୁଷ୍ମାନ୍ ବେହେରା, ରୁଦ୍ର ପ୍ରତାପ ମିଶ୍ର, ସ୍ୱସ୍ତିକ୍ ବେହେରା ଓ ରୁଦ୍ରାଂଶୁ ଦାଶ ୩ ପଏଣ୍ଟ ଲେଖାଏ ପାଇ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ୨ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଚନ୍ଦ୍ରଶେଖର ମିଶ୍ର ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ ଥିଲେ।

# ଗୁରପ୍ରୀତ ଭାରତୀୟ ଦଳର ଅଧିନାୟକ

**ଦୋହା, ୯।୬ (ପି.ଟି.)**

ଭାରତ ଆସନ୍ତା ମଙ୍ଗଳବାର କାତାର ବିପକ୍ଷ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଏଠାରେ ଖେଳିବ। ମ୍ୟାଚ୍‌ଟି ସ୍ଥାନୀୟ ଜସିମ ବିନ୍-ହମଦ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମ ପସନ୍ଦ ଗୋଲ୍‌କିପର ଗୁରପ୍ରୀତ ସିଂ ସାନ୍ଧୁ ଏହି ମ୍ୟାଚ୍ ପାଇଁ ଭାରତୀୟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ହେଲେ ଭାରତକୁ କୌଣସିମତେ ଏହି ମ୍ୟାଚ୍ ଜିତିବାକୁ ହେବ। ମ୍ୟାଚ୍ ଖେଳିବା ପାଇଁ ଗତ ଶନିବାର ରାତିରେ ଭାରତୀୟ ଦଳ ଏଠାରେ ପହଞ୍ଚିଛି। ଯଦି ଭାରତ ଏଥିରେ ବିଜୟୀ ହୁଏ ତେବେ ପ୍ରଥମଥର ପାଇଁ ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡକୁ ଉନ୍ନୀତ ହେବ।

ମୁଖ୍ୟ କୋଚ୍ ଇଗର ଷ୍ଟିମାକ ଆଗାମୀ ମ୍ୟାଚ୍ ପାଇଁ ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରି ସାରିଛନ୍ତି। ଭାରତୀୟ ଦଳର ପୂର୍ବତନ ଅଧିନାୟକ ସୁନୀଲ ଛେତ୍ରୀ ଗତ ଗୁରୁବାର କୁଏଟ ବିପକ୍ଷ ମ୍ୟାଚ୍ ଖେଳିବାପରେ ଅନ୍ତର୍ଜାତୀୟ ଫୁଟ୍‌ବଲରୁ ଅବସର ଘୋଷଣା କରିଛନ୍ତି। ଛେତ୍ରୀଙ୍କ ବ୍ୟତୀତ ଡିଫେଣ୍ଡର ଆମି ରାନାୱାଡେ, ଲାଲଚୁଙ୍ଗନୁଙ୍ଗା ଓ ଶୁଭାଶିଷ ବୋଷ୍ ଭାରତୀୟ ଦଳରେ

**କାତାର ବିପକ୍ଷ ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ**


ଗୁରପ୍ରୀତ ସିଂ ସାନ୍ଧୁ

ସାମିଲ ନାହାନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ଅନୁରୋଧ କରିଥିବାରୁ ବୋଷ୍‌ଙ୍କୁ ରିଲିଜ୍ କରାଯାଇଛି। ରାନାୱାଡେ ଓ ଲାଲଚୁଙ୍ଗନୁଙ୍ଗାଙ୍କ ସମ୍ପର୍କରେ ଷ୍ଟିମାକ୍ କହିଛନ୍ତି ଯେ, ଦୁହେଁ ଆମ ସହ ଥିଲେ ମୁଁ ଖୁସି ହୋଇଥାନ୍ତି। ମାତ୍ର ଭବିଷ୍ୟତକୁ ଦୃଷ୍ଟିରେ ରଖି ଆମେ ସେମାନଙ୍କ ଖେଳର ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନେଇ କାର୍ଯ୍ୟ କରୁଛୁ। ଦଳରୁ ରିଲିଜ୍ କରିବା ପୂର୍ବରୁ ଆମେ ସେମାନଙ୍କ ସହ କଥା ହୋଇଛୁ। ଆସନ୍ତା ସିଜନ ପାଇଁ ସେମାନଙ୍କୁ ଖେଳରେ ଉନ୍ନତି ଆଣିବାକୁ ପଡ଼ିବ। ମିଳିଥିବା ସମୟର ସଦୁପଯୋଗ କରି ସେମାନେ ଅଧିକ ଶକ୍ତିଶାଳୀଭାବେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଷ୍ଟିମାକ୍ ଆଶା ପ୍ରକାଶ କରିଛନ୍ତି।

ଛେତ୍ରୀଙ୍କ ଅବସର ପରେ ୩୨ ବର୍ଷୀୟ ଗୁରପ୍ରୀତ୍ ସବୁଠାରୁ ଅଭିଜ୍ଞ ଏବଂ ଭାରତ ପକ୍ଷରୁ ଦୀର୍ଘ ସମୟ ଖେଳିଥିବା ଖେଳାଳି। ସେ ଏପର୍ଯ୍ୟନ୍ତ ୭୧ଟି ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଛନ୍ତି। "ସୁନୀଲଙ୍କ ସହ ଗୁରପ୍ରୀତ୍ ଓ ସନ୍ଦେଶ (ଜିଙ୍ଗାନ) ଗତ ୫ ବର୍ଷ ଧରି ଆମ ଅଧିନାୟକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ତେଣୁ ବର୍ତ୍ତମାନ ସେ ନିର୍ବିବାଦୀୟ ପସନ୍ଦ ହୋଇଛନ୍ତି" ବୋଲି ଷ୍ଟିମାକ୍ କହିଛନ୍ତି। ଅତୀତରେ ବ୍ୟକ୍ତିଗତ କାରଣ ପାଇଁ ହେଉ କିମ୍ବା ଆହତ ସମସ୍ୟା ଛେତ୍ରୀ ଯେତେବେଳେ ଅନୁପସ୍ଥିତ ଥାଆନ୍ତି ସାମୟିକ ସମୟ ପାଇଁ ସାନ୍ଧୁ ଦଳର ନେତୃତ୍ୱ ନେଇଥାନ୍ତି। ଆସନ୍ତା ମ୍ୟାଚ୍‌ରେ ଭାରତର ପ୍ରତିଦ୍ୱନ୍ଦ୍ୱୀ କାତାର ଗ୍ରୁପ୍ ଟପ୍ପର ଭାବେ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇସାରିଛି। ତେଣୁ ଭାରତ ବିପକ୍ଷ ମ୍ୟାଚ୍ ପାଇଁ ଏହି ଦଳ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଛି। ମନୋନୀତ ୨୯ ଖେଳାଳିଙ୍କ ମଧ୍ୟରୁ ୨୧ ଜଣଙ୍କ ବୟସ ୨୪ ବର୍ଷରୁ କମ୍।

**ପ୍ରୋ ଲିଗ୍ ହକି**

## ଭାରତୀୟ ମହିଳା ଦଳର ଅଷ୍ଟମ ପରାଜୟ

**ଲଣ୍ଡନ,୯।୬ (ପି.ଟି.)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତୀୟ ମହିଳା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ରବିବାର ଗ୍ରେଟ୍ ବ୍ରିଟେନ୍ ନିକଟରୁ ୨-୩ରେ ହାରିବା ସହ ଭାରତ କ୍ରମାଗତ ଅଷ୍ଟମ ପରାଜୟ ବରଣ କରିଛି। ଭାରତ ପ୍ରଥମ ୨ କ୍ୱାର୍ଟରରେ ଦୁଇଟି ଗୋଲ ସ୍କୋରକରି ଆଗୁଆ ରହିଥିଲେ ମଧ୍ୟ ଅନ୍ତିମ ୪ ମିନିଟ୍‌ରେ ୨ଟି ଗୋଲ ଖାଇଥିଲା। ଗ୍ରେସ୍ ବାଲ୍ଡସନ୍ ୫୬ ଓ ୫୮ତମ ମିନିଟ୍‌ରେ ଡବଲ୍ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ଲାଲ୍‌ରେମସିଆମି ୧୪ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରର ୧୬ ତମ ମିନିଟ୍‌ରେ ୱାଟସନ୍ ଚାର୍ଲୋଟ୍ ଏକ ଗୋଲ୍ ଦେଇଥିଲେ। ମ୍ୟାଚ୍ ୧-୧ ସ୍ଥିତିରେ ରହିଥିବା ବେଳେ ୨୩ତମ ମିନିଟ୍‌ରେ ନବନୀତ କୌର ଏକ ଗୋଲ ଦେଇଥିଲେ। ଭାରତ ୨-୧ରେ ଆଗୁଆ ରହିଥିବା ବେଳେ ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଅନ୍ତିମ କ୍ୱାର୍ଟରରେ ଗ୍ରେସ୍ ବାଲ୍ଡସନ ଦୁଇଟି ଗୋଲସ୍କୋର କରି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ମ୍ୟାଚ୍‌ରେ ଅମ୍ପାୟରଙ୍କ ନିଷ୍ପତ୍ତି ଅତ୍ୟନ୍ତ ସାଧାରଣ ରହିଥିବା ବେଳେ କୋଚ୍ ହରେନ୍ଦ୍ର ସିଂ ଅସନ୍ତୋଷ ପ୍ରକାଶ କରିଥିଲେ।

# ପ୍ରଥମ ଭାରତୀୟ ଭାବେ ୟୁଏଫ୍‌ସିରେ ଜିତିଲେ ପୂଜା

**କେଣ୍ଟୁକି,୯।୬(ପି.ଟି.)**

ଭାରତର ପୂଜା ତୋମାର ପ୍ରଥମ ମହିଳା ଭାବେ ଅଲ୍ଟିମେଟ୍ ଫାଇଟିଂ ଚାମ୍ପିୟନଶିପ୍(ୟୁଏଫ୍‌ସି)ର ଏକ ମ୍ୟାଚ୍ ଜିତି ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ୟୁଏଫ୍‌ସି ପଦାର୍ପଣରେ ବ୍ରାଜିଲର ରାୟାନେ ଡୋସ୍ ସାଣ୍ଟୋସଙ୍କୁ ୩୦-୨୭, ୨୭-୩୦ ଓ ୨୯-୨୮ରେ ହରାଇଥିଲେ। ୫୨ କିଗ୍ରା ବର୍ଗରେ ବିଜୟୀ ହୋଇଥିବା ପୂଜା ଏହି ବିଜୟକୁ ସମସ୍ତ ଭାରତୀୟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ୟୁଏଫ୍‌ସି ସର୍କିଟ୍‌ରେ ସାଇକ୍ଲୋନ୍ ନାମରେ ପରିଚିତା ପୂଜା ୨୦୨୩ ଅକ୍ଟୋବରରେ ଯୋଗଦେଇଥିଲେ। ପୂର୍ବରୁ ଭାରତୀୟଙ୍କ ମଧ୍ୟରେ ଅଂଶୁଲ ଜୁବଲି ଓ ଭାରତ କଣ୍ଠାରେ ୟୁଏଫ୍‌ସିର ଅଂଶ ରହିଛନ୍ତି। କାନାଡ଼ାରେ ରହୁଥିବା ଭାରତୀୟ ଅର୍ଜନ ସିଂ ଭୁଲର ମଧ୍ୟ ଏହାର ଅଂଶବିଶେଷ ରହିଛନ୍ତି। ଦୀର୍ଘଦିନ ଧରି ପରିଶ୍ରମ କରିଥିବା ବେଳେ ଏହି ବିଜୟ ବେଶ୍ ସନ୍ତୁଷ୍ଟି ପ୍ରଦାନ କରିଛି ବୋଲି କହିଛନ୍ତି ପୂଜା। ଉତ୍ତର ପ୍ରଦେଶର ମୁଜାଫର ନଗରସ୍ଥିତ ବୋଧନାର ବାସିନ୍ଦା ପୂଜା ବିଜୟ ପଛରେ ତାଙ୍କ ମା'ଙ୍କ ଭୂମିକା ଥିବା କହିଛନ୍ତି। ଏ ପର୍ଯ୍ୟନ୍ତ ଯାତ୍ରାରେ ମା'ଙ୍କ ଅକୁଣ୍ଠ ସମର୍ଥନ ମିଳିଥିବା ସେ କହିଛନ୍ତି। ଏହି ମ୍ୟାଚ୍‌ରେ ନିଜର ଶତପ୍ରତିଶତ ଦେଇପାରି ନ ଥିଲେ ମଧ୍ୟ ଆଗାମୀ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି।


ଅଲ୍ଟିମେଟ୍ ଫାଇଟିଂ ଲଢ଼େଇ ଅବସରରେ ବ୍ରାଜିଲର ରାୟାନେ ଡୋସ୍ ସାଣ୍ଟୋସ ଓ ଭାରତର ପୂଜା ତୋମାର।

# ନାଗାଲଙ୍କୁ ଅଲିମ୍ପିକ ଯୋଗ୍ୟତା

**ହିଲ୍‌ବ୍ରୋନ୍, ୯।୬ (ପି.ଟି.):** ସୁଇଜଲାଣ୍ଡର ଆଲେକ୍‌ଜାଣ୍ଡର ରିଚାର୍ଡଙ୍କୁ ୬-୧, ୬-୭ (୭-୫), ୬-୩ରେ ପରାସ୍ତ କରି ଭାରତର ଶୀର୍ଷ ର୍‌ୟାଙ୍କିଙ୍ଗପ୍ରାପ୍ତ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ହିଲ୍ ବ୍ରୋନର ନେକାରାକପ୍ ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟ ଜିତିଛନ୍ତି। ଏହି ଟାଇଟଲ ସଫଳତା ଯୋଗୁ ସେ ଆସନ୍ତା ଏଟିପି ର୍‌ୟାଙ୍କିଙ୍ଗ ତାଲିକାର ଟପ୍ ୮୦ରେ ପ୍ରବେଶ କରିବ। ଏହାଦ୍ୱାରା ସେ ଆସନ୍ତା ମାସରେ ହେବାକୁଥିବା ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏ ନେଇ ବିଧିବଦ୍ଧ ଘୋଷଣା ସୋମବାର ହେବ। ତୃତୀୟ ସିଡ୍ ନାଗାଲଙ୍କୁ ଏହି ମ୍ୟାଚ ଜିତିବା ସହଜ ନ ଥିଲା। ଅଣସିଡ୍ ରିଚାର୍ଡ ଦ୍ୱିତୀୟ ଓ ତୃତୀୟ ସେଟ୍‌ରେ ନାଗାଲଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ନାଗାଲଙ୍କର ଚଳିତବର୍ଷ ଏହା ହେଉଛି ଦ୍ୱିତୀୟ ଚ୍ୟାଲେଞ୍ଜର ଟାଇଟଲ। ଗତ ଫେବୃଆରୀରେ ସେ ଚେନ୍ନାଇ ଓପନ ଜିତିଥିଲେ। ଏହି ୨୬ବର୍ଷୀୟ ଖେଳାଳି ବର୍ଷ ଆରମ୍ଭରେ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ମୁଖ୍ୟ ଡ୍ର'ରେ ପ୍ରବେଶ କରି ଚହଳ ସୃଷ୍ଟି କରିଥିଲେ।

**ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍**

## ଗ୍ରେଟ୍ ବ୍ରିଟେନଠାରୁ ଭାରତ ପରାଜିତ

**ଲଣ୍ଡନ, ୯।୬ :** ଆୟୋଜକ ବ୍ରିଟେନଠାରୁ ୩-୨ ଗୋଲରେ ପରାଜିତ ହୋଇ ଭାରତୀୟ ପୁରୁଷ ଦଳ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ୨୦୨୩-୨୪ରେ ଏହାର ଅଭିଯାନ ଶେଷ କରିଛି। ରବିବାର ଏହି ପରାଜୟ ଦ୍ୱାରା ଭାରତ ୧୬ଟି ଗେମ୍‌ରୁ ୨୪ ପଏଣ୍ଟ ଅର୍ଜନ କରିଛି। ଭାରତ ପକ୍ଷରୁ ସୁଖଜିତ ସିଂ (୧୯ତମ ମିନିଟ) ଓ ହରମନପ୍ରୀତ ସିଂ (୩୬ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ଗ୍ରେଟ୍ ବ୍ରିଟେନ ତରଫରୁ ଫିଲ୍ ରୋପର (୧ମ), ଜ୍ୟା ୱାଲର (୩୭ତମ) ଓ ଅଲାନ ଫରସିଥ୍ (୫୦ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥ କ୍ୱାର୍ଟର ଖେଳ ୧-୧ ଏବଂ ଦ୍ୱିତୀୟ କ୍ୱାର୍ଟର ଖେଳ ୨-୨ ସ୍ତରରେ ରହିଥିଲା।


# Classified Everyday
0674-2580101, 2549949


REAL ESTATE
SALE

Ready to move 4BHK flat (2050sqft.), Saubhagya Nagar, Near OUAT, Double parking, 6500 per sqft. 9439716901. D-75544

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Duplex sale at Bhubaneswar @ 57,00,000/-. Only contact- 9777433701, 9090545126.** D-75964

**Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309.** D-472

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Full body massage experience, good looking therapist @999 (Bhubaneswar). 9078484455.** D-426

Newly open Jyoti SPA positively health benefits (Expert therapist). 8458067955. D-76125

ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA special offer @ 999 Bapujinagar. 8018429809. D-76126

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

**Relax, Refresh your body, mind at Saikrupa Spa with best therapies. 8984068077.** D-416

**AFFIDAVIT**

I, Laxmi Dei, W/o-Pramod Kumar Pal resident of Old Bank Chowk, P.O./P.S.- Titilagarh, Dist.- Balangir, PIN- 767033, Odisha declare by this affidavit No.-1139, dated 07.06.2024 that now onwards I shall be known as Laxmi Pal for all future purposes. D-478

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କବିନ୍ଦ୍ର ସାମଲ**

ରଥଗଡ଼ା, ଦେବକନ୍ୟା ହୋଟେଲ ପାଖ
ଢେଙ୍କାନାଳ ଟାଉନ୍, ଜନ୍ମସ୍ଥାନ: କଳାଙ୍ଗ
ଆବିର୍ଭାବ: ୦୮।୦୪।୧୯୫୯
ତିରୋଧାନ: ୧୪।୦୬।୨୦୨୧ (ଉମା ଚତୁର୍ଥୀ ତିଥି)
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଚିର ସ୍ମରଣୀୟ ହୋଇ ରହିବ। ତୃତୀୟ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ କରି ମହାପ୍ରଭୁଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଆଶୀର୍ବାଦ ଭିକ୍ଷାରେ: ପତ୍ନୀ: ବୀଣାପାଣି, ପୁତ୍ର: ଜଗଦୀଶ ଓ ଆଶିଷ, ବୋହୂ: ସ୍ୱାତି ଓ ରୋଜାଲିନ, ଝିଅ: ସସ୍ମିତା, ନାତି ନାତୁଣୀ: ଶିବାଂଶ, ଶ୍ରେୟାନଭି, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୭୫୪୩୫

CLASSIFIED DISPLAY
MORE SPACE · SAME PRICE

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
**FREE ADMISSION & DEMO CLASSES**
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶୀତଳତାର ପାରମ୍ପରିକ ଉପାୟ



ନିକୁଞ୍ଜ ବିହାରୀ ସାହୁ

''ଖରାଦିନେ ମାଟି କାନ୍ଥ ଓ ନଡ଼ା ଛପର ଘରେ ବାସ କରିବା ଆରାମ ଦାୟକ। ମାଟି ଓ ନଡ଼ା ତାପର ଭଲ କୁପରିବାହୀ ପଦାର୍ଥ ହୋଇଥିବାରୁ ଏହାକୁ ଭେଦ କରି ବାହାରର ତାପ ସହଜରେ ଘର ଭିତରେ ପ୍ରବେଶ କରିପାରେ ନହିଁ। ସୁତରାଂ ଏଭଳି ଘର ଖରାଦିନେ ବେଶ ଥଣ୍ଡା ଓ ଆରାମଦାୟକ ଜଣାପଡ଼େ। ଅନ୍ୟପକ୍ଷରେ, ଟିଣ, ଆଜବେଷ୍ଟସ କିମ୍ବା କଙ୍କ୍ରିଟରେ ତିଆରି କୋଠାଘର ତାପର ଭଲ ସୁପରିବାହୀ ପଦାର୍ଥ ହୋଇ ଥିବାରୁ ଏଭଳି ଘର ଖରାଦିନେ ଗରମ ଓ ଅସ୍ୱସ୍ତିକର ଜଣାପଡେ। ଘରର ମୁଖ୍ୟ ଛାତ ତଳେ ବାଉଁଶବତା, ମାଟି, କାଠପଟା କିମ୍ବା ଥର୍ମୋକଲ ଭଳି ପଦାର୍ଥରେ ଅନ୍ୟ ଏକ ଛାତ (ଆଟୁ) ନିର୍ମାଣ କରିବା ଉଚିତ।''

ଋତୁଚକ୍ରର ପଟ ପରିବର୍ତ୍ତନରେ ଗ୍ରୀଷ୍ମ ଋତୁ ଆମ ପୁରପଲ୍ଲୀରେ ଏକ ଅନନ୍ୟ ଆଗମନୀ। ଧୂସର ଧରଣୀ, ଥୁଣ୍ଟା ବରଗଛ, ମଧ୍ୟାହ୍ନର ଅହେତୁକ ନୀରବତା, ଝିଙ୍କାରୀ କଣ୍ଠର ସକରୁଣ ବିଳାପ, ଗାଁ ତୋଟାର ସୁଶୀତଳ ଛାଇ, ପାଚିଲା ଆମ୍ବର ବାସ୍ନା, ଗାଁ ପୋଖରୀରେ ସାହି ପିଲାଙ୍କ ବୁଡାବୁଡି ଖେଳ, ସନ୍ଧ୍ୟାବେଳକୁ ନଦୀକୂଳର ମନଛୁଆଁ ପବନ ଓ ବିଳମ୍ବିତ ରାତ୍ରି ପ୍ରହର ଯାଏ ଗାଁ ମୁଣ୍ଡ ଖୋଲା ସ୍ଥାନରେ ଲୋକଙ୍କ ଏକାଠି ମେଳ ଇତ୍ୟାଦି ଘଟଣାର ସ୍ମୃତି ଏବେବି ଆମ ଗ୍ରାମ୍ୟ ଜୀବନରେ ଉଜ୍ଜୀବିତ। ମାତ୍ର ଘୋର ପରିତାପର ବିଷୟ ଯେ, ପୂର୍ବର ସେ ମଧୁର ଗ୍ରୀଷ୍ମଋତୁ ଏବେ ଆଉ ନାହିଁ। ଏଥର ଗ୍ରୀଷ୍ମ ଋତୁରେ ଆମ ରାଜ୍ୟରେ ତାପମାତ୍ରା ପ୍ରାୟ ୪୫ ଡିଗ୍ରୀ କିମ୍ବା ତା' ଉପରେ ରହିଥିଲା। ନିକଟରେ ପଶ୍ଚିମ ଓଡ଼ିଶାରେ ଅଂଶୁଘାତଜନିତ ମୃତ୍ୟୁ ଆଲୋଚନାର ଶିରୋନାମା ପାଲଟିଛି। ପାଖାପାଖିର ତାପମାତ୍ରା, ପ୍ରଚଣ୍ଡ ଗରମ, ଗୁଳୁଗୁଳି, ଅଂଶୁଘାତ ଓ ଝାଞ୍ଜି ପବନରେ ଅତିଷ୍ଠ ଆଜିର ସାଧାରଣ ଜନଜୀବନ। ଗରମରୁ ରକ୍ଷା ପାଇବା ପାଇଁ ଯେତେ ଯାହା କଲେ ସୁଦ୍ଧା ଫଳ ମିଳୁ ନାହିଁ।

ଖରାଦିନେ ମାଟି କାନ୍ଥ ଓ ନଡ଼ା ଛପର ଘରେ ବାସ କରିବା ଆରାମ ଦାୟକ। ମାଟି ଓ ନଡ଼ା ତାପର ଭଲ କୁପରିବାହୀ ପଦାର୍ଥ ହୋଇଥିବାରୁ ଏହାକୁ ଭେଦ କରି ବାହାରର ତାପ ସହଜରେ ଘର ଭିତରେ ପ୍ରବେଶ କରିପାରେ ନାହିଁ। ସୁତରାଂ ଏଭଳି ଘର ଖରାଦିନେ ବେଶ ଥଣ୍ଡା ଓ ଆରାମଦାୟକ ଜଣାପଡ଼େ। ଅନ୍ୟପକ୍ଷରେ, ଟିଣ, ଆଜବେଷ୍ଟସ କିମ୍ବା କଙ୍କ୍ରିଟରେ ତିଆରି କୋଠାଘର ତାପର ଭଲ ସୁପରିବାହୀ ପଦାର୍ଥ ହୋଇ ଥିବାରୁ ଏଭଳି ଘର ଖରାଦିନେ ଗରମ ଓ ଅସ୍ୱସ୍ତିକର ଜଣାପଡେ। ଘରର ମୁଖ୍ୟ ଛାତ ତଳେ ବାଉଁଶବତା, ମାଟି, କାଠପଟା କିମ୍ବା ଥର୍ମୋକଲ ଭଳି ପଦାର୍ଥରେ ଅନ୍ୟ ଏକ ଛାତ(ଆଟୁ) ନିର୍ମାଣ କରିବା ଉଚିତ। ଏହାଦ୍ୱାରା ଛାତ ଦେଇ ପ୍ରବେଶ କରୁଥିବା ତାପ ପ୍ରତିହତ ହୋଇ ଘରଟା ଟିକିଏ ଥଣ୍ଡା ଜଣା ପଡେ। ଖରା ସାମାନ୍ୟ ଟାଣ ହେବା ମାତ୍ରେ ଘରର କବାଟ, ଝରକା ସବୁ ବନ୍ଦ କରିଦେବା ଉଚିତ। ଘରର ଫାଙ୍କ ସ୍ଥାନ ସବୁ ଅଖାରେ ବୁଜି ଦେବା ଆବଶ୍ୟକ। ଏହାଦ୍ୱାରା ବାହାରର ବିକିରିତ ତାପରଶ୍ମି ଘର ଭିତରକୁ ପ୍ରବେଶ କରିପାରେ ନାହିଁ। ଘର ଭିତରେ ବାୟୁ ସଞ୍ଚାଳନ ପାଇଁ ପଙ୍ଖା ଚଳେଇବା ଉଚିତ।

ଖଟ, ଗଦି, ମଶିଣା, ବେଡସିଟ୍ ଆଦି ତାପର କୁପରିବାହୀ ବସ୍ତୁ ହୋଇ ଥିବାରୁ ଏସବୁ ସାମଗ୍ରୀ ବ୍ୟବହାର କଲେ ଶରୀରର ତାପ ସହଜରେ ବାହାରକୁ ସ୍ଥାନାନ୍ତରିତ ହୋଇପାରେ ନାହିଁ। ସୁତରାଂ ଖରାଦିନେ, ଏସବୁ ବ୍ୟବହାର ନ କରି ସିଧାସଳଖ ଭୂଇଁ ଉପରେ ଶୋଇଯିବା ଭଲ। ଏହାଦ୍ୱାରା ଶରୀରର ତାପ ଭୂଇଁକୁ ସ୍ଥାନାନ୍ତରିତ ହେବାରୁ ଥଣ୍ଡା ଓ ଆରାମ ଲଗେ। ମାଟିପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ। ଖରାଦିନେ ଫିଲଟରରୁ ପରିଷ୍କାର ପାଣି ନେଇ ମାଟି ପାତ୍ରରେ ଥଣ୍ଡା କରି ପିଇବା ଉଚିତ।





ଖରାଦିନେ ଜଳୀୟ ଅଂଶଯୁକ୍ତ ଖାଦ୍ୟ ଯେପରି ପଖାଳଭାତ, କାକୁଡି, ତରଭୁଜ, ଦହିପାଣି, ତାଳସଜ ଇତ୍ୟାଦି ଖାଇବା ଦରକାର। ଏହାଦ୍ୱାରା ଶରୀରର ଜଳୀୟ ପରିମାଣ ବୃଦ୍ଧି ପାଇଥାଏ। ସମୟକ୍ରମେ, ଏହି ଜଳୀୟ ଅଂଶ ଝାଳ ରୂପରେ ପଦାକୁ ନିଷ୍କ୍ରାନ୍ତ ହୁଏ। ଏହି ଝାଳର ବାଷ୍ପୀଭବନ ପ୍ରକ୍ରିୟା ଯୋଗୁ ହିଁ ଶୀତଳତା ସୃଷ୍ଟି ହୁଏ। ଅଧିକ ଗରମ ଲାଗିଲେ ଦେହରେ ପାଣି ବୋଳି ହୋଇ ପଙ୍ଖା ପବନରେ ଦଣ୍ଡେ ବସିଯିବା ଉଚିତ। ଏହାଦ୍ୱାରା ଶରୀରରୁ ପାଣିର ଦ୍ରୁତ ବାଷ୍ପୀଭବନ ଘଟି ଅଧିକ ଶୀତଳତା ସୃଷ୍ଟି ହୁଏ। ଚିକ୍କଣ ଧଳା ରଙ୍ଗ ମଳିନ କଳାରଙ୍ଗ ତୁଳନାରେ କମ ତାପ ଶୋଷଣ କରିଥାଏ। ସୁତରାଂ ଖରାଦିନେ ରଙ୍ଗ ବେରଙ୍ଗର ପୋଷାକ ପରିବର୍ତ୍ତେ ଧଳା ରଙ୍ଗର ପତଳା, ଚିକ୍କଣ ଓ ସଫା ପୋଷାକ (ଯେପରି ଧୋତି) ପରିଧାନ କରିବା ଉଚିତ। ପୁନଶ୍ଚ, ଘର ଭିତରେ ପଶୁଥିବା ତାପ ରଶ୍ମିକୁ ପ୍ରତିହତ କରିବା ପାଇଁ ଘର ବାହାର ପଟ କାନ୍ଥରେ ଚିକ୍କଣ ଧଳା ରଙ୍ଗ (ଯେପରି ଏନାମେଲ ରଙ୍ଗ) ବୋଳି ଦେବା ଉଚିତ। ଖରାଦିନେ ମାତ୍ର ଗୋଟିଏ ଓଳି ରୋଷେଇ କରି ଶୀଘ୍ର ତାପର ଉତ୍ସ ନିଆଁକୁ ଲିଭେଇ ଦେବା ଉଚିତ। ସେହି ଭାତକୁ ପଖାଳ କରି ଦିନସାରା ଖାଇବା ଭଲ।

ଖରାଦିନେ ସକାଳେ ଥରେ ଗାଧୋଇବା ବ୍ୟତୀତ ସନ୍ଧ୍ୟାବେଳେ ଆଉ ଥରେ ନଦୀ କିମ୍ବା ଗଡିଆ ପାଣିରେ ଭଲକରି ବୁଡି ସ୍ନାନ କରିବା ଉଚିତ। ଜଳରେ କିଛି ସମୟ ବୁଡ଼ି ରହିଲେ ଶରୀରରୁ ତାପ ପରିବହନ ଜରିଆରେ ଜଳକୁ ସ୍ଥାନାନ୍ତରିତ ହୁଏ। ପୁଣି ଗାଧୋଇବା ଦ୍ୱାରା ଦିନବେଳେ ଦେହରେ ଜମିଥିବା ମଇଳା ଧୋଇ ହୋଇଯିବା ଦ୍ୱାରା ଶରୀରର ସ୍ୱେଦଗ୍ରନ୍ଥୀସବୁ ଉନ୍ମୁକ୍ତ ହୋଇ ଯାଆନ୍ତି। ଫଳରେ ଶରୀରରୁ ଭଲ ଝାଳ ନିର୍ଗତ ହୁଏ, ଯାହା ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ଶୀତଳତା ସୃଷ୍ଟିକରେ। ଆହୁରି ମଧ୍ୟ ଗାଧୋଇ ସାରି ପଦାକୁ ଆସିଲେ, ଦେହରେ ଜମିଥିବା ଜଳ ଦ୍ରୁତ ବାଷ୍ପୀଭବନ ହେବାରୁ ଶରୀରକୁ ବେଶ୍ ଶୀତଳ ଓ ଆରାମ ଜଣାପଡେ। ଘର ଭିତରେ ପଶୁଥିବା ବିକିରିତ ତାପରଶ୍ମିକୁ ପ୍ରତିହତ କରିବା ନିମନ୍ତେ ଅଗଣାରେ ଓଦା ଅଖା କିମ୍ବା ବେଣାଚେରରେ ତିଆରି ମଶିଣା ଟାଙ୍ଗି ସେଥିରେ ସମୟ ସମୟରେ ପାଣି ସିଞ୍ଚନ କରିବା ଉଚିତ। ତାପ କୌଣସି ପଦାର୍ଥ ମଧ୍ୟରେ ତରଙ୍ଗ ରୂପରେ ସ୍ଥାନାନ୍ତରିତ ହୋଇଥାଏ। କଙ୍କ୍ରିଟ ମଧ୍ୟରେ ଏହି ତରଙ୍ଗର ଗତି ବାସ୍ତବପକ୍ଷରେ ଅତି ମନ୍ଥର ହୋଇ ଥିବାରୁ ଦିନବେଳେ ଗୃହୀତ ତାପ କୋଠାଘରର କଙ୍କ୍ରିଟ ଛାତ ଭେଦକରି ରାତି ସମୟରେ ଘର ଭିତରେ ପ୍ରବେଶ କରିଥାଏ। ଫଳରେ ରାତିବେଳେ ଏଭଳି ଘରେ ଶୀତଳତା ନିମନ୍ତେ ଯେତେ ଯାହା କଲେ ସୁଦ୍ଧା ଥଣ୍ଡା ମିଳେ ନାହିଁ। ଏଭଳି ଗରମରୁ ରକ୍ଷା ପାଇବା ପାଇଁ ହେଲେ ରାତି ସମୟରେ ଘର ଭିତରେ ନ ଶୋଇ ପଦାରେ ମୁକ୍ତ ଆକାଶ ତଳେ ଶୋଇଯିବା ବରଂ ଭଲ। ଗଛ ବିକିରିତ ତାପରଶ୍ମିକୁ ଶୋଷି ନେଉ ଥିବାରୁ ଘର ଚାରିପଟେ ଛାୟାପ୍ରଦ, ଝଙ୍କାଳିଆ ଗଛ ଲଗାଇବା ଭଲ।

ଶୀତଳତା ଆହରଣ ନିମନ୍ତେ ଏହିସବୁ ଉପାୟ ନିଶ୍ଚିତ, ଶସ୍ତା, ସୁଲଭ ତଥା ପାରମ୍ପରିକ ଭାବେ ଆମର ଅତି ପ୍ରିୟ। ଏସବୁ ପଦ୍ଧତି ମଧ୍ୟ ବିଜ୍ଞାନ ସମ୍ମତ, ପରିବେଶପ୍ରିୟ ଓ ପ୍ରଦୂଷଣ ବିହୀନ। ଏବେ ଶୀତଳତା ସୃଷ୍ଟି ନିମନ୍ତେ ଫ୍ରିଜ, କୁଲର୍, ଏସି ଆଦି ଅନେକ କୃତ୍ରିମ ଉପକରଣ ଉପଲବ୍ଧ ହୋଇଥିଲେ ହେଁ ସେଥିରୁ ଆହରିତ ଶୀତଳତା ବାସ୍ତବପକ୍ଷରେ ଥଣ୍ଡା ସୃଷ୍ଟି କରେ ନାହିଁ। ଏସବୁ ଉପକରଣ କେବଳ ଗୋଟିଏ ଜାଗାରୁ ଥଣ୍ଡା କାଢି ନେଇ ଅନ୍ୟ ଜାଗାରେ ଜମା କରନ୍ତି। ଯେପରି, ଫ୍ରିଜ ନିଜ ଭିତରୁ ଥଣ୍ଡା କାଢି ନେଇ ଘର ଭିତରେ ଜମା କରେ; ଫଳରେ ଘର ଭିତରଟା ଗରମ ଲାଗେ। ସୁତରାଂ ଏସବୁ ଉପକରଣରୁ ଚିରସ୍ଥାୟୀ ଥଣ୍ଡା ମିଳେ ନାହିଁ। ଏହି ପରିପ୍ରେକ୍ଷୀରେ ଶୀତଳତାର ସନ୍ଧାନ ଆମ ପାଇଁ ସତେ ଯେପରି ଅସରନ୍ତି ମୃଗତୃଷ୍ଣାର ଜଳ ପାଲଟି ଯାଇଛି। ସୁତରାଂ ଆଗାମୀ ଦିନରେ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ହେଲେ ଆମକୁ ବୋଧହୁଏ ଗାଁ ଗହଳିର ସେହି ପାରମ୍ପରିକ ପଦ୍ଧତିକୁ ପୁଣି ଫେରି ଯିବାକୁ ପଡିବ।

-ଏଜୁକେଶନ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## କାର୍ଯ୍ୟଦକ୍ଷତା ବୃଦ୍ଧି ଅନ୍ତରାଳେ...



ଜଣେ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଉପରେ ହିଁ ନିର୍ଭର କରିଥାଏ। କିନ୍ତୁ ଏହାକୁ ବୃଦ୍ଧି କରିବାର ଏକ ସହଜ ଉପାୟ ରହିଛି। ଟୋକିଓ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ କିଛି ସମୟ ପଢ଼ାପଢ଼ି କରନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତା ସେହି ଅନୁସାରେ ବୃଦ୍ଧି ପାଇଥାଏ। ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ କିଛି ମାସ ନିଜ ମନ ପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ ସେମାନଙ୍କର କାର୍ଯ୍ୟଦକ୍ଷତା ଉପରେ କିପରି ପଡୁଛି ତାହାକୁ ମନୋବିଜ୍ଞାନୀମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଇଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଷ୍ଟ୍ରୋକ୍ ଆଶଙ୍କା ଦୂର କରେ ମହୁ



ମହୁର ସ୍ୱାଦ କାହାକୁ ବା ଭଲ ନ ଲାଗେ। ପିଲାଠୁ ବୁଢ଼ା ସମସ୍ତଙ୍କର ଏହା ପ୍ରିୟ। ଏହାର ସ୍ୱାଦ ଯେମିତି, ଗୁଣ ବି ସେମିତି। ଏହାର ଔଷଧୀୟ ଗୁଣ ଆମକୁ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ। ଓଜନ କମାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଲେମ୍ବୁ ରସ ଓ ଏକ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ। ଏହାର ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ଶରୀରରେ ରକ୍ତ ସଂଚାଳନକୁ ସକ୍ରିୟ ରଖିଥାଏ। ଫଳରେ ହାର୍ଟ-ଆଟାକ୍, ଷ୍ଟ୍ରୋକ୍ ଓ କ୍ୟାନ୍ସର ଭଳି ଭୟଙ୍କର ରୋଗରୁ ଏହା ଆମକୁ ରକ୍ଷା କରିଥାଏ। ଉଚ୍ଚ ରକ୍ତଚାପ ବ୍ୟତୀତ ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ସାଧାରଣତଃ ଡାଇବେଟିସ ଥିବା ଲୋକମାନଙ୍କୁ ମିଠା ଜାତୀୟ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। କିନ୍ତୁ ମହୁ ସେମାନଙ୍କ ପାଇଁ ବେଶ୍ ଉପଯୋଗୀ। ରକ୍ତହୀନତା ସମସ୍ୟା ସହ ଜଡିତ ବ୍ୟକ୍ତିମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ। ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଆମେ ଲଗାଇ ପାରିବା। ଏହା ଆମ ମସ୍ତିଷ୍କକୁ ତୀକ୍ଷ୍ଣ କରିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ।

## ସକ୍ରିୟ ରହିବ ରକ୍ତ ସଞ୍ଚାଳନ



ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ତ୍ୱରାନ୍ୱିତ ହେବା ଦରକାର। ନ ହେଲେ ଏହାର ପ୍ରଭାବ ହୃତ୍‌ପିଣ୍ଡ ବା ହାର୍ଟ ଉପରେ ପଡ଼ିଥାଏ। ଏହି ରକ୍ତ ସଞ୍ଚାଳନର ଏକ ପ୍ରାକୃତିକ ଧାରା ରହିଛି। ଯଦି ଏହା ଆବଶ୍ୟକତାଠାରୁ ଅଧିକ କିମ୍ବା କମ୍ ବେଗରେ ସଞ୍ଚାଳିତ ହେଲା ତେବେ ତାହା ରକ୍ତଚାପଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖିବାର ଅନ୍ୟ ଏକ ଉପାୟ ଆପଣଙ୍କ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି? ନିକଟରେ ଏକ ସର୍ଭେ କରି ୟୁନିଭର୍ସିଟି ଅଫ କାଲିଫର୍ନିଆ ବିଶେଷଜ୍ଞମାନେଏ ବିଷୟରେ ଜାଣିପାରିଛନ୍ତି। ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ଗୀତ ଶୁଣନ୍ତି ତେବେ ତାଙ୍କର ରକ୍ତ ସଞ୍ଚାଳନ କେତେକାଂଶରେ ଠିକ୍ ରହିଥାଏ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ନିଜ ମନ ପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ସକ୍ରିୟ ରହିଥିବାର ଜଣାପଡିଥିଲା।

## ସନ୍ତୁଳିତ ରହିବ ୟୁରିକ ଏସିଡ୍



ଆମ ଶରୀରରେ ୟୁରିକ ଏସିଡ୍ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ଏହା କିଡ୍‌ନୀ ସମସ୍ୟା ପାଇଁ ପ୍ରମୁଖ କାରଣ ପାଲଟିଥାଏ। ଏହି ଏସିଡ୍ ପରିମାଣ କିପରି ଠିକ୍ ରହିବ ତାହାର ଏକ ସରଳ ତଥା ସହଜ ଉପାୟ ମଧ୍ୟ ରହିଛି। ବାସ୍, ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଆମେ ଖାଉଥିବା ଖାଦ୍ୟ ଯଥା ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍-ସି ଭରି ରହିଛି। ଅନ୍ୟପକ୍ଷରେ ଏହି ଭିଟାମିନ୍ ଶ୍ୱାସକ୍ରିୟାଜନିତ ସମସ୍ୟାରୁ ଉପଶମ ପାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡ଼ାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ।

## ଉପକାରୀ ଦହି



ଦହିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ପ୍ରତିଦିନ ଦହି ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଏ। ଏଥିରେ କ୍ୟାଲସିୟମ୍ ଓ ପଟାସିୟମ୍ ଭରପୂର ମାତ୍ରାରେ ରହିଛି। ଏହି ଦୁଇଟି ତତ୍ତ୍ୱ ଶରୀର ପାଇଁ ବେଶ୍ ଉପକାରୀ। ତେଣୁ ଆମେ ପ୍ରତିଦିନ ଆମ ଖାଦ୍ୟରେ ଦହିକୁ ସାମିଲ୍ କରିବା ନିହାତି ଦରକାର। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସନ୍ତୁଳିତ ରହିବା ନିହାତି ଦରକାର। ଦହି ଏଥିପାଇଁ କେତେକାଂଶରେ ସହାୟକ ହୋଇଥାଏ। ପ୍ରାୟ ୭୦ ପ୍ରତିଶତ ଶକ୍ତି ଆମେ ଦହିରୁ ହିଁ ପାଇଥାଉ। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରୋସିସ୍ ସମସ୍ୟାରୁ ଏହା କେତେକାଂଶରେ ରକ୍ଷା କରିଥାଏ। ପ୍ରତିଦିନ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ। ଏହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିଥାଏ। ବେଳେବେଳେ ଶରୀରରେ ହରମୋନ୍ ଅସନ୍ତୁଳିତ ଅବସ୍ଥାରେ ରହିଥାଏ। ଏହାକୁ ସନ୍ତୁଳିତ ରଖିବାରେ ଦହି କେତେକାଂଶରେ ସାହାଯ୍ୟ କରିଥାଏ। ତେଣୁ ଏହା କୋଲେଷ୍ଟରଲ୍‌କୁ ସନ୍ତୁଳିତ ରଖିବା ସହ ହାର୍ଟକୁ ମଧ୍ୟ ସୁସ୍ଥ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖେ। ଆପଣ ମେଦବହୁଳତା ପରି ସମସ୍ୟା ସହ ଜଡିତ କି ? ଯଦି ହଁ,ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଦହି ସାମିଲ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ମେଦବହୁଳତାକୁ ମଧ୍ୟ କମାଇବାରେ ଦହି ସାହାଯ୍ୟ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ଖାଇ ସାରିବା ପରେ ଆଦୌ ଥଣ୍ଡାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ କିମ୍ବା ପାନୀୟ ପିଅନ୍ତୁ ନାହିଁ। ଏପରିକି ଏହାପରେ ଚା', କଫି ପିଇବା ଅଭ୍ୟାସ ଥିଲେ ତାହାକୁ ମଧ୍ୟ ବର୍ଜନ କରନ୍ତୁ। କାରଣ ଏଗୁଡିକ ଖାଇଥିବା ଖାଦ୍ୟରେ ଥିବା ଭିଟାମିନ୍ ତତ୍ତ୍ୱକୁ ନଷ୍ଟ କରିଦିଏ।

➢ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। କାରଣ ଏଗୁଡିକରେ ପ୍ରଚୁର ଭିଟାମିନ୍ ଭରି ରହିଛି।

➢ସବୁବେଳେ ନିଜର ଓଜନ ପ୍ରତି ସତର୍କ ରୁହନ୍ତୁ। ଏଥିପାଇଁ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ବ୍ୟାୟାମ କରନ୍ତୁ।

➢ବିଳମ୍ବିତ ରାତି ପର୍ଯ୍ୟନ୍ତ ଟିଭି ଦେଖିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ନିଦ୍ରା ପ୍ରଭାବିତ ହୋଇଥାଏ।



➢ରାତିରେ ୦ଶୋଇବାକୁ ଯିବା ପୂର୍ବରୁ ଉଷୁମ ପାଣିରେ ଗୋଡ ଧୁଅନ୍ତୁ।

➢ପ୍ରତିଦିନ ସକାଳୁ ବିଛଣା ଛାଡ଼ିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହାଦ୍ୱାରା ଶୋଇବା ସମୟରେ ଶିଥିଳ ହୋଇଯାଇଥିବା ରକ୍ତ ସଞ୍ଚାଳନ ଠିକ୍ ସ୍ତରକୁ ଆସିଥାଏ।

➢ଖାଇବା ସମୟ ଭିତରେ ଅଧିକ ବ୍ୟବଧାନ ରଖନ୍ତୁ ନାହିଁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

➢ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଦରକାର। ତା'ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

## ସୁସ୍ଥ ଶରୀର ଓ ଖାଦ୍ୟ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟ ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କରିବା ସହ ଖାଦ୍ୟ ଖାଇଲେ ଭଲ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ ନ କରି କିମ୍ବା ଟିଭି ନ ଦେଖି ଖାଦ୍ୟ ସେବନରେ ମନୋନିବେଶ କରି ଏହାକୁ ପ୍ରଭୁଙ୍କ ପ୍ରସାଦ ସମ ସେବନ କରିବା ଉଚିତ। ଖାଇବାର ଏକ ଘଣ୍ଟା ପରେ ପାଣି ପିଇବା, ଥଣ୍ଡା ଜିନିଷ, ଆଇସକ୍ରିମ୍ ଆଦି ନ ଖାଇବା ଦ୍ୱାରା ପାଚନ ଭଲ ଭାବେ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡା ଆଦି ଗରିଷ୍ଠ ଭୋଜନ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଅନ୍ନ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ ତାହାକୁ ଅମ୍ଳ କୁହାଯାଏ। ଯାହାଦ୍ୱାରା ପ୍ରଥମେ ଗ୍ୟାସ୍ ତା'ପରେ ଏସିଡିଟି (ଅମ୍ଳ) ଅଲ୍‌ସର, ନାଳଝାଡ଼ା, ଆଣ୍ଠୁଗଣ୍ଠିବାତ, କୋଲେଷ୍ଟରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ପରି ଅନେକ ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁନ୍ ୧୦/୨୦୨୪ Bhubaneswar, Monday, June 10/ 2024

# ଭାରତର ଅବିଶ୍ୱସନୀୟ ବିଜୟ

**ନ୍ୟୁୟର୍କ, ୯।୬**

ଟାର୍ଗେଟ ଥିଲା ମାତ୍ର ୧୨୦ ରନ। ସମ୍ମୁଖରେ ଥିଲା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ। ଚାପ ସ୍ଥିତିରେ ଚମତ୍କାର ବୋଲିଂ କଲେ ଭାରତୀୟ ପେସ୍ ବାହିନୀ। ଏହାର ନେତୃତ୍ୱ ନେଲେ ଯଶପ୍ରୀତ୍ ବୁମ୍ରା। ଫଳରେ ଏକଦା ୨ ଉଇକେଟରେ ୭୩ ରନକରି ବିଜୟ ସ୍ଥିତିରେଥିବା ପାକିସ୍ତାନକୁ ୨୦ ଓଭରରେ ୧୧୩/୭ରେ ସୀମିତ ରଖି ଟି୨୦ ବିଶ୍ୱକପରେ ଅବିଶ୍ୱସନୀୟ ବିଜୟ ହାସଲ କଲା ଟିମ୍ ଇଣ୍ଡିଆ। ନ୍ୟୁୟର୍କର ନାସାଉ କାଉଣ୍ଟି ଗ୍ରାଉଣ୍ଡରେ ଉଡ଼ିଲା ଭାରତର ବିଜୟ ଧ୍ୱଜା। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ୧୯ ଓଭରରେ ୧୧୯ ରନରେ ଅଲ୍ଆଉଟ ହେବାରୁ ଚିନ୍ତାରେ ରହିଥିଲେ ଦର୍ଶକ ଓ ଟିମ୍ ମ୍ୟାନେଜମେଣ୍ଟ। ମାତ୍ର ବୋଲରଙ୍କ ଚମତ୍କାରିତା ମ୍ୟାଚର ମୋଡ଼ ବଦଳାଇ ଦେଇଥିଲା। ପାକିସ୍ତାନ ପକ୍ଷରୁ ମହମ୍ମଦ ରିଜୱାନ ସର୍ବାଧିକ ୩୧ ରନ କରିଥିଲେ। ଟପ୍ ଅର୍ଡରର ଆଉ ୪ ବ୍ୟାଟର ଭଲ ଆରମ୍ଭ କରି ଦୁଇଅଙ୍କ ସ୍ପର୍ଶ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଭାରତ ପକ୍ଷରୁ ମାତ୍ର ୧୪ ରନରେ ୩ ଉଇକେଟ ନେଇ ପାକିସ୍ତାନର ବଡ଼ ବିପର୍ଯ୍ୟୟ ଘଟାଇଥିଲେ ବୁମ୍ରା। ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ ଅର୍ଶଦୀପ ସିଂ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ ବିଜୟୀ ସ୍ପେଲ୍ ପାଇଁ ବୁମ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ସହ ଭାରତ ଗ୍ରୁପ୍ 'ଏ'ରେ ୨ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ପ୍ରଥମ ମ୍ୟାଚରେ ଦଳ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ ଆମେରିକାଠାରୁ ହାରିଥିବା ପାକିସ୍ତାନ ୨ ମ୍ୟାଚରୁ ୨ ପରାଜୟ ସହ ଆଶଙ୍କା ମଧ୍ୟରେ ରହିଛି।

ଟସ୍ ଜିତି ପାକିସ୍ତାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବର୍ଷା ଯୋଗୁ ମ୍ୟାଚ ପାଖାପାଖି ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଗୋଟିଏ ଓଭର ବୋଲିଂ ପରେ ଭାରତ ସ୍କୋର ୮ ଥିବାବେଳେ ପୁଣି ବର୍ଷା ହେବାରୁ ମ୍ୟାଚ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ଛାଡ଼ିବାପରେ ପିଚ୍ ପାକିସ୍ତାନ ବୋଲରଙ୍କୁ ସହାୟକ ହୋଇଥିଲା। ମାତ୍ର ୧୯ ରନରେ ୨ ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପାକିସ୍ତାନ ବିପକ୍ଷରେ ଚମତ୍କାର ରେକର୍ଡ ବହନ କରୁଥିବା ବିରାଟ କୋହଲି କିନ୍ତୁ ଏଠାରେ ୪ ରନ କରିଥିବାବେଳେ ନସିମ ଶାହାଙ୍କ ବଲ୍‌କୁ ପଏଣ୍ଟ ଉପରେ ମାରିବାକୁ ଯାଇ ଉସମାନ ଖାଁଙ୍କୁ କ୍ୟାଚ ଦେଇଥିଲେ। ଏହାର ପରବର୍ତ୍ତୀ ଓଭରରେ ଅଧିନାୟକ ରୋହିତ ଶର୍ମା (୧୩ ରନ)ଙ୍କୁ ପ୍ୟାଭିଲିୟନ ପଠାଇ ଭାରତ ଉପରେ ଚାପ ପ୍ରୟୋଗ କରିଥିଲା ପାକିସ୍ତାନ। ପାୱରପ୍ଲେ ୬ ଓଭରରେ ଭାରତ ୨ ଉଇକେଟ ହରାଇ ୫୦ ରନ କରିଥିଲା। ରିଷଭ ପନ୍ତ ଓ ଅକ୍ଷର ପଟେଲ ସତର୍କତାର ସହ ଖେଳି ଇନିଂସ ସମ୍ଭାଳିଥିଲେ। ମାତ୍ର ତୃତୀୟ ଉଇକେଟରେ ୩୯ ରନ ଯୋଗ ହେବାପରେ ଅକ୍ଷରଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ନସିମ ଶାହା। ବ୍ୟାଟିଂ କ୍ରମରେ ଉପରେ ଆସିଥିବା ଅକ୍ଷର ୨୦ ରନ କରିବାକୁ ସକ୍ଷମ ହୋଇଥିଲେ। ଖରାପ ଫର୍ମଦେଇ ଗତି କରୁଥିବା ସୂର୍ଯ୍ୟକୁମାର ଯାଦବ ମାତ୍ର ୭ ରନ କରିଥିଲେ ହେଁ ତାଙ୍କ ସହ ରିଷଭ ୫ମ ଉଇକେଟରେ ୨୨ ବଲ୍‌ରୁ ୩୧ ରନ ଯୋଡ଼ିଥିଲେ। ଶିବମ୍ ଦୁବେ ୩, ହାର୍ଦ୍ଦିକ ପାଣ୍ଡ୍ୟା ୭ ଏବଂ ରବୀନ୍ଦ୍ର ଜାଡେଜା ଡକ୍(୦)ରେ ଆଉଟ ହେବାରୁ ଭାରତ ପୂରା ୨୦ ଓଭର ଖେଳିପାରି ନ ଥିଲା। ଏକାଧିକଥର ଜୀବନଦାନ ପାଇଥିବା ରିଷଭ ସର୍ବାଧିକ ୪୨ ରନ କରିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ନସିମ ଶାହା ଓ ହାରିସ ରୌଫ ୩ଟି ଲେଖାଏ, ମହମ୍ମଦ ଅମିର ୨ଟି ଏବଂ ଶାହିନ ଶାହା ଆଫ୍ରିଦି ଗୋଟିଏ ଉଇକେଟ ନେଇଥିଲେ। ଅର୍ଶଦୀପ ସିଂ ରନ୍‌ଆଉଟ ହୋଇଥିଲେ।



ଯଶପ୍ରୀତ୍ ବୁମ୍ରା



ହାର୍ଦ୍ଦିକ ପାଣ୍ଡ୍ୟା


ନ୍ୟୁୟର୍କର ଓକୁଲସଠାରେ ବଡ଼ ସ୍କ୍ରିନ ମାଧ୍ୟମରେ ଭାରତ-ପାକିସ୍ତାନ ମ୍ୟାଚକୁ ଦର୍ଶକ ଉପଭୋଗ କରୁଛନ୍ତି।

## ଭାରତ-ପାକିସ୍ତାନ ମ୍ୟାଚ୍ ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ-କ-ରୌଫ୍-ବୋ-ଶାହିନ-୧୩
କୋହଲି-କ-ଉସ୍‌ମାନ୍-ବୋ-ନସିମ-୪
ରିଷଭ-କ-ବାବର-ବୋ-ଅମିର-୪୨
ଅକ୍ଷର-ବୋ-ନସିମ-୨୦
ସୂର୍ଯ୍ୟକୁମାର-କ-ଅମିର-ବୋ-ରୌଫ୍-୭
ଶିବମ-କ ଆଣ୍ଡ୍ ବୋ-ନସିମ-୩
ହାର୍ଦ୍ଦିକ-କ-ଇଫ୍‌ତିକର-ବୋ-ରୌଫ୍-୭
ଜାଡେଜା-କ-ଇମାଦ-ବୋ-ଅମିର-୦
ଅର୍ଶଦୀପ-ରନଆଉଟ-୯
ବୁମ୍ରା-କ-ଇମାଦ-ବୋ-ରୌଫ୍-୦
ସିରାଜ-ନଟଆଉଟ-୭
ଅତିରିକ୍ତ: ୭
ମୋଟ: (୧୯ ଓଭର/ଅଲଆଉଟ) ୧୧୯।
ଉଇକେଟ ପତନ: ୧/୧୨, ୨/୧୯, ୩/୫୮,୪/୮୯, ୫/୯୫, ୬/୯୬, ୭/୯୬, ୮/୧୧୨, ୯/୧୧୨, ୧୦/୧୧୯।

**ବୋଲିଂ (ପାକିସ୍ତାନ)**
ଶାହିନ ଆଫ୍ରିଦୀ ୪-୦-୨୯-୧
ନସିମ ଶାହା ୪-୦-୨୧-୩
ମହମ୍ମଦ ଆମିର ୪-୦-୨୩-୨
ଇଫତିକର ଅହମଦ ୧-୦-୭-୦
ଇମାଦ ୱାସିମ ୩-୦-୧୭-୦
ହାରିସ ରୌଫ୍ ୩-୦-୨୧-୩

**ପାକିସ୍ତାନ ଇନିଂସ**
ରିଜୱାନ-ବୋ-ବୁମ୍ରା-୩୧
ବାବର-କ-ସୂର୍ଯ୍ୟକୁମାର-ବୋ-ବୁମ୍ରା-୧୩
ଉସ୍‌ମାନ-ଏଲବିଡବ୍ଲ୍ୟୁ-ଅକ୍ଷର-୧୩
ଫଖର-କ-ପନ୍ତ-ବୋ-ପାଣ୍ଡ୍ୟା-୧୩
ଇମାଦ-ପନ୍ତ-ବୋ-ଅର୍ଶଦୀପ-୧୫
ଶଦାବ-କ-ପନ୍ତ-ବୋ-ପାଣ୍ଡ୍ୟା-୪
ଇଫ୍‌ତିକର-କ-ଅର୍ଶଦୀପ-ବୋ-ବୁମ୍ରା-୫
ଶାହିନ-ନଟ ଆଉଟ-୦
ନସିମ-ନଟଆଉଟ-୧୦
ଅତିରିକ୍ତ: ୯
ମୋଟ: (୨୦ ଓଭର/୭ ଉଇକେଟ)୧୧୩।
ଉଇକେଟ ପତନ: ୧/୨୬, ୨/୫୭, ୩/୭୩, ୪/୮୦, ୫/୮୮, ୬/୧୦୨, ୭/୧୦୨।

**ବୋଲିଂ (ଭାରତ)**
ଅର୍ଶଦୀପ ସିଂ ୪-୦-୩୧-୧
ମହମ୍ମଦ ସିରାଜ ୪-୦-୧୯-୦
ଯଶପ୍ରୀତ୍ ବୁମ୍ରା ୪-୦-୧୪-୩
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୨୪-୨
ରବୀନ୍ଦ୍ର ଜାଡେଜା ୨-୦-୧୦-୦
ଅକ୍ଷର ପଟେଲ ୨-୦-୧୧-୧

# ଅଲକାରାଜଙ୍କୁ ପ୍ରଥମ ଟାଇଟଲ୍

**ପ୍ୟାରିସ୍,୯।୬(ପି.ଟି.)**

ସ୍ପେନ୍‌ର କାର୍ଲୋସ୍ ଅଲକାରାଜ ଗାର୍ଫିଆ କ୍ୟାରିୟରର ତୃତୀୟ ତଥା ପ୍ରଥମ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ବିଜୟୀ ହୋଇଛନ୍ତି। ରବିବାର ଫାଇନାଲର ୫ ସେଟ୍ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଜର୍ମାନୀର ଆଲେକଜାଣ୍ଡର ଜେଭରେଭ୍‌ଙ୍କୁ ୬-୩, ୨-୬, ୫-୭, ୬-୧ ଓ ୬-୨ ସେଟରେ ପରାସ୍ତ କରିଥିଲେ। ସେହିପରି ଅନ୍ୟତମ ସ୍ପାନିଆର୍ଡ ତଥା କ୍ଲେ କୋର୍ଟର କିଙ୍ଗ ରାଫେଲ ନାଡାଲଙ୍କ ରେକର୍ଡ ଭାଙ୍ଗିଛନ୍ତି ଅଲକାରାଜ। ୨୧ ବର୍ଷୀୟ ଅଲକାରାଜ ସର୍ବକନିଷ୍ଠ ଖେଳାଳି ଭାବରେ ଫ୍ରେଞ୍ଚ ଓପନ ବିଜୟୀ ହୋଇଛନ୍ତି। ୨୨ ବର୍ଷ ୬ମାସରେ ନାଡାଲ ଫ୍ରେଞ୍ଚ ଓପନ ଜିତିଥିଲେ। ଫାଇନାଲ ମ୍ୟାଚ୍‌ଟି ସେମି ଫାଇନାଲର ଆକ୍ସନ ରିପ୍ଲେ ରହିଥିଲା। ଦୁଇ ସେଟ୍ ପଛୁଆ ରହି ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ ଅଲକାରାଜ। ପ୍ରଥମ ସେଟ୍‌କୁ ଅଲକାରାଜ ଜିତି ନେଇଥିଲେ। ତେବେ ଲଢୁଆ ପ୍ରଦର୍ଶନ କରି ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ନେଇଥିଲେ ଜେଭ୍‌ରେଭ୍। ମାତ୍ର ୨୧ ବର୍ଷୀୟ ଅଲକାରାଜ ଅନ୍ତିମ ଦୁଇ ସେଟରେ ଚମତ୍କାର ପ୍ରଦର୍ଶନ କରିବା ସହ ପ୍ରଥମ ଫ୍ରେଞ୍ଚ ଓପନ ବିଜୟୀ ହୋଇଥିଲେ। ପୂର୍ବରୁ ଅଲକାରାଜ ୨୦୨୨ରେ ୟୁଏସ୍ ଓପନ ଓ ୨୦୨୩ରେ ଫ୍ରେଞ୍ଚ ଓପନ ବିଜୟୀ ହୋଇଥିଲେ। ଗ୍ରାଣ୍ଡ ସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ଅଲକାରାଜ ନିଜ ଅପରାଜେୟ ରେକର୍ଡ ବଜାୟ ରଖିଛନ୍ତି। ୩ ଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ବେଳେ ସମସ୍ତ ଥର ବିଜୟୀ ହୋଇଛନ୍ତି। ଅନ୍ୟ ପକ୍ଷରେ ଜେଭ୍‌ରେଭ ଦ୍ୱିତୀୟ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରି ପରାଜିତ ହୋଇଛନ୍ତି। ୨୦୨୦ ୟୁଏସ୍ ଓପନ ଫାଇନାଲରେ ଡୋମିନିକ୍ ଥିମ୍‌ଙ୍କ ବିପକ୍ଷରେ ଦୁଇ ସେଟ୍‌ର ଅଗ୍ରଣୀ ହାସଲ କରି ପରାଜିତ ହୋଇଥିଲେ।


ଟ୍ରଫି ସହ କାର୍ଲୋସ୍ ଅଲକାରାଜ।

# ଗଫ୍‌ଙ୍କୁ ପ୍ରଥମ ଡବଲ୍ସ ଗ୍ରାଣ୍ଡସ୍ଲାମ

## ଫ୍ରେଞ୍ଚ୍ ଓପନ ଟେନିସ

**ପ୍ୟାରିସ୍, ୯।୬(ଏପି)**

କୋକୋ ଗଫ୍ ଫ୍ରେଞ୍ଚ୍ ଓପନ୍‌ରେ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଆମେରିକାର ଏହି ୨୦ ବର୍ଷୀୟା ଟେନିସ୍ ଖେଳାଳି ୟୁଏସ୍ ଓପନ ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ଏଠାରେ ଖେଳାଯାଇଥିବା ଫ୍ରେଞ୍ଚ୍ ଓପନ୍ ମହିଳା ଡବଲ୍ସ ଟାଇଟଲ ମୁକାବିଲାରେ ସେ ଓ ତାଙ୍କ ଚେକ୍‌ରିପବ୍ଲିକ୍ ପାର୍ଟନର କାଟରିନା ସିନିଆକୋଭା ରବିବାର ଫାଇନାଲରେ ଇଟାଲୀର ଜସ୍ମିନ୍ ପାଓଲିନି ଓ ସାରା ଇରାନୀଙ୍କୁ ୭-୬ (୫), ୬-୩ରେ ହରାଇ ଦେଇଛନ୍ତି। ଗଫ୍‌ଙ୍କର ଏହା ଥିଲା ତୃତୀୟ ମହିଳା ଡବଲ୍ସ ଫାଇନାଲ। ପୂର୍ବରୁ ସେ ୨୦୨୨ରେ ରୋଲାଣ୍ଡ ଗାରୋସ ଏବଂ ୨୦୨୧ ୟୁଏସ୍ ଓପନରେ ଚାମ୍ପିୟନଶିପ୍ ମ୍ୟାଚ୍‌ରେ ହାରିଯାଇଥିଲେ। ବିଜୟ ପରେ ଉଭୟ ଗଫ୍ ଓ ସିନିଆକୋଭା ଟ୍ରଫିକୁ ଚୁମ୍ବନ ଦେଇଥିଲେ। ପାଓଲିନି ମଧ୍ୟ ରୋଲାଣ୍ଡ ଗାରୋସଠାରେ ସିଙ୍ଗଲ୍ସ ଫାଇନାଲରେ ରନରଅପ୍ ହୋଇଛନ୍ତି। ଶନିବାର ଫାଇନାଲରେ ସେ ୪ଥର ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କଠାରୁ ହାରିଯାଇଛନ୍ତି। ସ୍ୱିଟେକ୍ ସିଙ୍ଗଲ୍ସ ସେମିଫାଇନାଲରେ ଗଫ୍‌ଙ୍କୁ ହରାଇ ଦେଇଥିଲେ।


ଟ୍ରଫି ସହ କୋକୋ ଗଫ୍ ଓ କାଟରିନା ସିନିଆକୋଭା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ